# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୧/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, August 11/2023 | Page 18 | ₹ 7.00

୪୯ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 257 | ମୂଲ୍ୟ ₹୭/-




## ରାଣୀ ସବ୍ ଜୁନିୟର ଦଳର କୋଚ୍

ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପାଲଙ୍କୁ ମହିଳା ସବ୍ ଜୁନିୟର ଦଳର କୋଚ୍ ଭାବରେ ନିଯୁକ୍ତି ମିଳିଛି।

୧୮

୧୬

## ୨ କୋଟିର କାର୍ କିଣିଲେ ଜ୍ୟାକ୍ଲିନ୍

ଅଭିନେତ୍ରୀ ଜ୍ୟାକ୍ଲିନ ଫର୍ନାଣ୍ଡିଜ୍ ନିକଟରେ ୨ କୋଟି ମୂଲ୍ୟର ଏକ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ ଆଇ୭ ଇଲେକ୍ଟ୍ରିକ୍ କାର୍ କିଣିଛନ୍ତି।





ରାୟଗଡ଼ା ଜିଲା ବିଷମକଟକ ବ୍ଲକ ବୃନ୍ଦାବାଡ଼ିଠାରେ ଗୁରୁବାର ଏକ ଆମ୍ବୁଲାନ୍ସକୁ ତପସ୍ୱିନୀ ଏକ୍ସପ୍ରେସ୍ ଧକ୍କା ଦେଇଛି। **(ଫଟୋ: ବିଭୂତି ଭୂଷଣ ନାୟକ) (ରିପୋର୍ଟ: ପୃଷ୍ଠା-୪)**

# ସିଜେଆଇଙ୍କ ସ୍ଥାନରେ କ୍ୟାବିନେଟ୍ ମନ୍ତ୍ରୀ

**ଆସନ୍ତା ଫେବୃୟାରୀ ୧୪ରେ ନିର୍ବାଚନ କମିଶନ (ଇସି) ଅନୁପ ଚନ୍ଦ୍ର ପାଣ୍ଡେ ୬୫ ବର୍ଷରେ ପଦାର୍ପଣ କରି ଅବସର ନେବା ପରେ ତାଙ୍କ ପଦବୀ ଖାଲିପଡ଼ିବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଖାଲି ହେବାକୁ ଥିବା ସେହି ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନପସନ୍ଦର ଜଣେ ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯିବ। ଫଳରେ ମୋଦି ସରକାର ଇଚ୍ଛା ମୁତାବକ ଲୋକ ସଭା ନିର୍ବାଚନ ପରିଚାଳନା କରାଇ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପୁନଃ ବିଜୟ ସୁନିଶ୍ଚିତ କରାଇପାରିବେ। ସମ୍ଭବତଃ ଏଭଳି ଲକ୍ଷ୍ୟ ରଖି କେନ୍ଦ୍ର ପକ୍ଷରୁ ଗୁରୁବାର ରାଜ୍ୟ ସଭାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ (ନିଯୁକ୍ତି ସର୍ତ୍ତ ଏବଂ କାର୍ଯ୍ୟକାଳ) ବିଧେୟକ, ୨୦୨୩ ଆଗତ କରାଯାଇଛି। ଏହି ବିବାଦୀୟ ବିଲ୍ ଉଭୟ ଗୃହରେ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଇସିମାନଙ୍କୁ ନିଯୁକ୍ତି ପ୍ରଦାନ କ୍ଷମତା ଏକପ୍ରକାର କେନ୍ଦ୍ର ହାତରେ କେନ୍ଦ୍ରୀଭୂତ ହୋଇ ରହିବ। ଏପରି ହେଲେ ଭବିଷ୍ୟତରେ ଦେଶବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନଗୁଡ଼ିକର ସ୍ୱଚ୍ଛତା ଓ ନିରପେକ୍ଷତା ରହିବ ନାହିଁ। ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଦେଇଥିବା ଏସମ୍ପର୍କିତ ରାୟକୁ କେନ୍ଦ୍ର ଅବଜ୍ଞା କରି ନିଜକୁ ସୁହାଇଲା ଭଳି ବିଲ୍ ଆଗତ କରିଥିବାରୁ ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ପୁଣି ମୁହାଁମୁହିଁ ହେବା ଆଶଙ୍କା ଉପୁଜିଛି।**

ନୂଆଦିଲ୍ଲୀ,୧୦।୮
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

■ ମୁଖ୍ୟ ନିର୍ବାଚନ କମିଶନର ନିଯୁକ୍ତି ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ଆଗତ

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଗୁରୁବାର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ରାଜ୍ୟ ସଭାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ (ନିଯୁକ୍ତି ସର୍ତ୍ତ ଏବଂ କାର୍ଯ୍ୟକାଳ) ବିଲ୍, ୨୦୨୩ ଆଗତ କରିଛନ୍ତି। ଅଦ୍ୟାବଧି ସିଇସିଙ୍କୁ ନିଯୁକ୍ତି ଦେଉଥିବା କମିଟିରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରହିଆସୁଥିବାବେଳେ ତାଙ୍କୁ ହଟାଇ ସେହି ସ୍ଥାନରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯିବା ନେଇ ଏଥିରେ ପ୍ରସ୍ତାବ ରହିଛି। ଏହି ବିବାଦୀୟ ବିଧେୟକ ଅନୁସାରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସମ୍ପର୍କିତ କମିଟିରେ ଅଧ୍ୟକ୍ଷତା କରିବେ। ବିରୋଧୀ ଦଳ ନେତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀ (ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ) ସିଇସି ତଥା ଅନ୍ୟ ଇସିମାନଙ୍କୁ ଚୟନ କରିବେ। ଦେଖିବାକୁ ଗଲେ ସିଜେଆଇଙ୍କ ପରିବର୍ତ୍ତେ କ୍ଷମତାସୀନ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ କମିଟିରେ ସାମିଲ କରାଗଲେ ନିର୍ବାଚନ ଆୟୋଗ ସରକାରଙ୍କ କ୍ରୀଡ଼ନକ ପାଲଟିଯିବେ। ସିଇସିଙ୍କ ସାମ୍ବିଧାନିକ କର୍ତ୍ତୃତ୍ୱ ହ୍ରାସ ପାଇଲେ ସେ କେନ୍ଦ୍ରକୁ ସୁହାଇଲା ଭଳି ଜଣେ ସରକାରୀ ଚାକିରିଆ ରୂପେ କାମ କରିପାରନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ଆଶଙ୍କା କରୁଛନ୍ତି। ଏହି କାରଣରୁ ରାଜ୍ୟ ସଭାରେ ବିଲ୍ ଆଗତ ହେବା ମାତ୍ରେ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ କରିଥିଲେ। କେନ୍ଦ୍ର ଏକ ସାମ୍ବିଧାନିକ ପୀଠଙ୍କ ରାୟକୁ ପଲଟାଇବାକୁ ଉଦ୍ୟମ କରୁଥିବା ବିରୋଧୀ ନେତା ଏବଂ ଆଇନଜ୍ଞମାନେ ଅଭିଯୋଗ ଆଣିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, କେନ୍ଦ୍ର ସରକାର ଚାହୁଁ ନ ଥିବା ସୁପ୍ରିମକୋର୍ଟଙ୍କ କୌଣସି ବି ରାୟକୁ ପଲଟାଇଦେବେ। ଏହି ବିପଜ୍ଜନକ କାର୍ଯ୍ୟ ନିର୍ବାଚନର ନିରପେକ୍ଷତାକୁ ପ୍ରଭାବିତ କରିପାରେ। ☞ପୃଷ୍ଠା-୪

# ଅଣ ଅନୁଦାନପ୍ରାପ୍ତ ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲ ପିଲାଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ

ଭୁବନେଶ୍ୱର,୧୦।୮ (ଅନିଲ ଦାସ)

■ ଆସନ୍ତା ଶିକ୍ଷାବର୍ଷରୁ ଏହା କାର୍ଯ୍ୟକାରୀ ହେବ
■ ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ

ରାଜ୍ୟର ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଭଳି ମାଗଣା ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ୫-ଟି ଉପକ୍ରମରେ ଏହି ଯୋଜନା ହାତକୁ ନିଆଯାଇଛି।

ଆସନ୍ତା ଶିକ୍ଷାବର୍ଷ(୨୦୨୪-୨୫)ରୁ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ମାଗଣା ପାଠ୍ୟପୁସ୍ତକ ରାଜ୍ୟ ସରକାର ଯୋଗାଇ ଦେବେ। ଏହା ଦ୍ୱାରା ରାଜ୍ୟର ୩୬୨୦ଟି ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୯ କୋଟି ୪୩ ଲକ୍ଷ ଟଙ୍କା ବାର୍ଷିକ ଖର୍ଚ୍ଚ କରିବେ।

ସୂଚନାଯୋଗ୍ୟ, ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲଗୁଡ଼ିକରେ ପାଠ ପଢୁଥିବା ପିଲାମାନେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ମଧ୍ୟ ପ୍ରତିପାଦନ କରି ଆସୁଛନ୍ତି। ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇବା ସହ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଗୁଜରାଟ ଆଦି ରାଜ୍ୟମାନଙ୍କରେ ଥିବା ଓଡ଼ିଆ ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଆସୁଛନ୍ତି।

**ଆଜିର ସମ୍ପାଦକୀୟ** ଲୋକଙ୍କୁ ଖାଇବାକୁ ଦିଅ

# ବିରୋଧୀ ବିନା ଆସ୍ଥା

■ ୨୦୨୪ରେ ପୁଣି ଫେରିବୁ: ପ୍ରଧାନମନ୍ତ୍ରୀ
■ କକ୍ଷତ୍ୟାଗ କଲେ ବିରୋଧୀ

ନୂଆଦିଲ୍ଲୀ,୧୦।୮ (ପି.ଟି.)

ଭାଜପା ଶାସିତ ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ହିଂସା ଓ ଯୌନହିଂସା ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ମୁହଁ ଖୋଲୁ ନ ଥିବା ଅଭିଯୋଗ ଆଣି ୨୬ ବିରୋଧୀ ଦଳକୁ ନେଇ ଗଠିତ 'ଇଣ୍ଡିଆ' ବ୍ଲକ୍ ପକ୍ଷରୁ ଗତ ଜୁଲାଇ ୨୬ରେ କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ଗୁରୁବାର ପ୍ରଧାନମନ୍ତ୍ରୀ ଏହା ଉପରେ ଲୋକ ସଭାରେ ନିଜ ବକ୍ତବ୍ୟ ରଖିବା ପରେ ସରକାର ଧ୍ୱନିମତରେ ଆସ୍ଥା ଜିତିଛନ୍ତି। ଫଳରେ ମୋଦି ସରକାରଙ୍କ ବିରୋଧରେ ଦ୍ୱିତୀୟ ଥର ପାଇଁ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ପ୍ରଥମ ୯୦ ମିନିଟ୍ ଭାଷଣରେ ମଣିପୁର ପ୍ରସଙ୍ଗ ଉଲ୍ଲେଖ କରି ନ ଥିବା ଦର୍ଶାଇ ବିରୋଧୀ କକ୍ଷତ୍ୟାଗ କରିଛନ୍ତି।

ଲୋକ ସଭାରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ଆରମ୍ଭରେ କହିଥିଲେ, ଭାଜପା ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ୨୦୨୪ ସାଧାରଣ ନିର୍ବାଚନରେ ବିଜୟର ନୂଆ ରେକର୍ଡ ସୃଷ୍ଟି କରିବେ। ଏହି ଅନାସ୍ଥା ପ୍ରସ୍ତାବ ୨୦୧୮ ଭଳି ଶାସକ ମେଣ୍ଟ ପାଇଁ ଶୁଭପ୍ରଦ



ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ହେବାକୁ ଯାଉଛି। ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ କୌଣସି ବିଷୟରେ ଆଲୋଚନା କରାଇ ଦେଉନାହାନ୍ତି। ଏପରି କି ଦେଶର ବିକାଶ ସମ୍ବନ୍ଧୀୟ ବିଲ୍‌ଗୁଡ଼ିକ ଉପରେ ମଧ୍ୟ ବିତର୍କରେ ବାଧା ସୃଷ୍ଟି କରୁଛନ୍ତି। ବିରୋଧୀଙ୍କ ପାଇଁ ଦେଶ ଅପେକ୍ଷା ଦଳ ବଡ଼ ହୋଇଥିବାରୁ ସେମାନେ ଲୋକଙ୍କ ସହ ବିଶ୍ୱାସଘାତ କରିଛନ୍ତି। ତେଣୁ ଦେଶବାସୀ ଆମ ଉପରେ ବାରମ୍ବାର ଆସ୍ଥା ପ୍ରକଟ କରୁଛନ୍ତି। ଭାରତର ବିକାଶ ଯାତ୍ରା ଜାରି ରହିଥିବାରୁ ଏହା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବାକୁ ଯାଉଛି। ଆମ ସରକାର ଦୁର୍ନୀତିମୁକ୍ତ ଶାସନକୁ ଗୁରୁତ୍ୱ ଦେଇଆସିଛି। କିନ୍ତୁ କଂଗ୍ରେସ କେନ୍ଦ୍ରରେ କ୍ଷମତାସୀନ ଥିବାବେଳେ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ପାକିସ୍ତାନର କଥାକୁ ବିଶ୍ୱାସ କରୁଥିଲା। ସୀମାରେ ମୁତୟନ ଭାରତୀୟ ଯବାନଙ୍କ ବୀରତ୍ୱ ଓ ପରାକ୍ରମକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲା। କଶ୍ମୀରରେ କଂଗ୍ରେସ ସାଧାରଣ ଜନତାଙ୍କୁ ବିଶ୍ୱାସକୁ ନ ନେଇ ବିଚ୍ଛିନ୍ନତାବାଦୀ ଏବଂ ପାକିସ୍ତାନୀ ପତାକାଧାରୀଙ୍କୁ ଗୁରୁତ୍ୱ ଦେଉଥିଲା। ଏହି କାରଣରୁ ଲୋକେ କଂଗ୍ରେସକୁ ବିଶ୍ୱାସ କରୁନାହାନ୍ତି। ବିରୋଧୀ ଦଳଗୁଡ଼ିକ ନିଜ ଅହଂକାର ଓ ଅନାସ୍ଥା ଭାବ ପାଇଁ ଉପହାସର ପାତ୍ର ହୋଇଛନ୍ତି। ବିଶ୍ୱ ଦରବାରରେ ଭାରତର ବିଶ୍ୱସନୀୟତା ଉଚ୍ଚତାର ନୂଆ ସୋପାନରେ ପହଞ୍ଚିଥିବାବେଳେ ସେମାନେ ଅଷ୍ଟ୍ରିଚ୍ ଭଳି ମାନସିକତାରେ ଆକ୍ରାନ୍ତ ହୋଇଛନ୍ତି। ବିରୋଧୀ ନେତାମାନେ ସରକାରୀ ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିଃ (ଏଚ୍ଏଏଲ୍) ଏବଂ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)କୁ ଟାର୍ଗେଟ କରୁଛନ୍ତି, ଯେତେବେଳେ କି ଏଭଳି ସଂସ୍ଥା ଲାଭରେ ରେକର୍ଡ ସୃଷ୍ଟି କରିଚାଲିଛନ୍ତି। ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଏହାର ପ୍ରଭାବ ଆଗାମୀ ୧,୦୦୦ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ ବୋଲି ପ୍ରଧାନମନ୍ତ୍ରୀ ନୀତି ଆୟୋଗ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କେତେକ ତଥ୍ୟର ଅବତାରଣା କରି ଦୃଢ଼ୋକ୍ତି ପ୍ରକାଶ ☞ପୃଷ୍ଠା-୪

# ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆର୍‌ବିଆଇ

ମୁମ୍ବାଇ,୧୦।୮

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କ୍ରମାଗତ ତୃତୀୟ ଥର ପାଇଁ ରେପୋ ରେଟ୍ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ରେପୋ ରେଟ୍ ହେଉଛି ସୁଧ ହାର, ଯେଉଁ ହାରେ ରିଜର୍ଭ ବ୍ୟାଙ୍କ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଋଣ ଦେଇଥାଏ। ଗୁରୁବାର ମୁଦ୍ରାନୀତି କମିଟି ବୈଠକରେ ସୁଧ ହାର ନୀତି ଅପରିବର୍ତ୍ତିତ ରଖିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ କହିଛନ୍ତି। ଭାରତର ଅର୍ଥନୀତି ଉପଯୁକ୍ତ ହାରରେ ଅଭିବୃଦ୍ଧି କରିବା ସହ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନରୁ ଭାରତ ଫାଇଦା ଉଠାଇଥିବା ସେ କହିଛନ୍ତି। ଅନ୍ୟ ପକ୍ଷରେ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକର ନଗଦ ଅନୁପାତରେ କ୍ୟାସ୍ ରିଜର୍ଭ ରେସିଓ (ସିଆର୍ଆର୍) ୧୦ ପ୍ରତିଶତ ବଢ଼ାଇଛି। ଯାହାଦ୍ୱାରା ବ୍ୟବସ୍ଥାରୁ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଉଠାଯାଇପାରିବ।

# ଏଲ୍‌ଓସିରେ ଭାରତର ପ୍ରଥମ ଡାକଘର





କେରନ,୧୦।୮ (ପି.ଟି.)

ଭାରତର ପ୍ରଥମ ଡାକଘର ଜମ୍ମୁ-କଶ୍ମୀରର କୁପୱାରା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅବସ୍ଥିତ। କିଷନଗଞ୍ଜ ନଦୀକୂଳରେ ଥିବା ଏହି ଡାକଘରର ପିନ୍ କୋଡ୍ ୧୯୩୨୨୪। ପାକ୍ ଅଧିକୃତ କଶ୍ମୀର ଏହାଠାରୁ ମାତ୍ର କେଇ ଫୁଟ୍ ଦୂରରେ ରହିଛି। ସୀମା ନିକଟରେ ହୋଇଥିବାରୁ ଏହା 'ଭାରତର ପ୍ରଥମ ଡାକଘର' ବୋଲି ସାଇନ୍‌ବୋର୍ଡରେ ଲେଖାଅଛି। ବାରମୁଲ୍ଲା ଡିଭିଜନ ପୋଷ୍ଟ ଅଫିସଗୁଡ଼ିକର ସୁପରିଣ୍ଟେଣ୍ଡେଣ୍ଟ ଥିବା ଅବଦୁଲ ହମିଦ କୁମାର କହିଛନ୍ତି, ପୂର୍ବରୁ ଏହା ଶେଷ ପୋଷ୍ଟ ଅଫିସ ଭାବେ ଜଣାଶୁଣା ଥିଲା, କାରଣ ସେଠାକୁ କୌଣସି ଆଦାନପ୍ରଦାନ ହୋଇପାରୁ ନ ଥିଲା। ଏହା ଏଲ୍‌ଓସି ନିକଟରେ ହୋଇଥିବାରୁ ପରେ ସୈନ୍ୟବାହିନୀ ଏହାର ନାଁ ପ୍ରଥମ ପୋଷ୍ଟ ଅଫିସ ରଖିଥିଲେ। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ ଭାରତ ସ୍ୱାଧୀନ ହେବା ଏବଂ ପାକିସ୍ତାନ ଗଠନ ହେବା ପୂର୍ବରୁ ସେଠାରେ ଡାକଘର ଚାଲୁଥିଲା। ଏପରିକି ୧୯୬୫ ଏବଂ ୧୯୭୧ ଯୁଦ୍ଧ ବେଳେ ମଧ୍ୟ ଉକ୍ତ ଡାକଘର ଚିଠିପତ୍ର ଆଦାନ ପ୍ରଦାନ ବନ୍ଦ କରି ନ ଥିଲା। ୧୯୯୦ରେ ଏଲ୍‌ଓସିରେ ପାକିସ୍ତାନୀ ସମର୍ଥିତ ଆତଙ୍କବାଦୀଙ୍କ ବାରମ୍ବାର ସୀମାପାର ସେଲ୍ ମାଡ଼ ସତ୍ତ୍ୱେ ଡାକଘର କେବେ ବନ୍ଦ ହୋଇ ନ ଥିଲା ବୋଲି ପୋଷ୍ଟମାଷ୍ଟର ଶାକିର ଭଟ୍ଟ କହିଛନ୍ତି। ୨୦୨୧ରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ପୂର୍ବରୁ ଚିଠିପତ୍ର ସଂଗ୍ରହ କରିବା ଓ ବାଣ୍ଟିବାକୁ ଯିବାରେ ବିପଦ ଥିଲା। ଏବେ ଆମେ ଶାନ୍ତି ଅନୁଭବ କରୁଛୁ ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ଫେରିଆସିବା ଚାହୁଁଛୁ ବୋଲି ଭଟ୍ଟ କହିଛନ୍ତି। ୧୯୯୩ରେ କେରନ ସେକ୍ଟରରେ ବନ୍ୟା ଯୋଗୁ ଡାକଘର ଧୋଇଯାଇଥିଲା। ଏହା ପରେ ପୋଷ୍ଟ ☞ପୃଷ୍ଠା-୪






ଅଷ୍ଟ୍ରେଲିଆର ସିଡ୍‌ନୀ ଉପକୂଳରେ ହେବାକୁ ଥିବା ମିଳିତ ସମରାଭ୍ୟାସ 'ମାଲାବାର ୨୦୨୩' ପାଇଁ ଭାରତୀୟ ନୌସେନାର ଫ୍ରଣ୍ଟଲାଇନ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ସହ୍ୟାଦ୍ରି ପହଞ୍ଚିଛି।

# ବିପିଏଲ୍ ଭତ୍ତା ପାଣ୍ଠି ଅନ୍ୟ ଯୋଜନାରେ ଖର୍ଚ୍ଚ

## ସିଏଜି ରିପୋର୍ଟ

**ନୂଆଦିଲ୍ଲୀ,୧୦।୮**

ଦାରିଦ୍ର୍ୟ ସୀମାରେଖା (ବିପିଏଲ୍) ତଳେ ଥିବା ପରିବାରଗୁଡ଼ିକୁ ଭତ୍ତା ଯୋଗାଇଦେବା ଲାଗି ଉଦ୍ଦିଷ୍ଟ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ର ବହୁ କୋଟି ଟଙ୍କାକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଇଛି। ଭାରତର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ (ସିଏଜି)ଙ୍କ ସଦ୍ୟ ରିପୋର୍ଟରୁ ଏହା ଜଣାପଡ଼ିଛି। ଏନ୍‌ଏସ୍‌ଏପି ୧୯୯୫ରେ କାର୍ଯ୍ୟକାରୀ ହୋଇଥିଲା। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ସହ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା।

୨୦୧୭-୧୮ରୁ ୨୦୨୦-୨୧ ମଧ୍ୟରେ ଏନ୍‌ଏସ୍‌ଏପିର ଅଡିଟ୍ ରିପୋର୍ଟ ଗତ ମଙ୍ଗଳବାର ଲୋକ ସଭାରେ ଉପସ୍ଥାପନ କରାଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ଏନ୍‌ଏସ୍‌ଏପି ଅଧୀନରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ୨.୮୩ କୋଟି ଟଙ୍କାକୁ ଅନ୍ୟ ଯୋଜନାର ପ୍ରଚାରରେ ବ୍ୟୟ କରାଯାଇଛି। ସେହିପରି ୫୭.୪୫ କୋଟି ଟଙ୍କା ୬ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଅନ୍ୟ ଯୋଜନା ଓ ଉଦ୍ଦେଶ୍ୟ ପାଇଁ ବ୍ୟୟ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ସମସ୍ତ କାର୍ଯ୍ୟକ୍ରମ ଓ ଯୋଜନାର ପ୍ରଚାର ପ୍ରସାର ଲାଗି ହୋର୍ଡିଂ ଜରିଆରେ ସେଗୁଡ଼ିକର ପ୍ରଚାର କରିବାକୁ ୨୦୧୭ ଜାନୁୟାରୀରେ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ପ୍ରତି ରାଜ୍ୟ ରାଜଧାନୀରେ ସର୍ବାଧିକ ୧୦ଟି ଲେଖାଏ ହୋର୍ଡିଂ ଲଗାଇବା ନିମନ୍ତେ ୨୦୧୭ ଜାନୁୟାରୀରେ ୩୯.୧୫ ଲକ୍ଷ ଟଙ୍କା ପ୍ରଶାସନିକ ମଞ୍ଜୁର ହୋଇଥିଲା। ସେହିବର୍ଷ ଅଗଷ୍ଟରେ ଗ୍ରାମ ସମୃଦ୍ଧି, ସ୍ୱଚ୍ଛ ଭାରତ ପଖୱାଡ଼ା ଏବଂ ଅନ୍ୟ ଯୋଜନାର ପ୍ରଚାର ଲାଗି ୨.୪୪ କୋଟି ବ୍ୟୟ ମଞ୍ଜୁରୀ ପାଇଥିଲା। ତେବେ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ ପ୍ରଚାର ବାବଦ ମଞ୍ଜୁରୀ ଅର୍ଥକୁ ଖର୍ଚ୍ଚ କରା ନ ଯାଇ ଏନ୍‌ଏସ୍‌ଏପି ପାଣ୍ଠିକୁ ବ୍ୟୟ କରାଯାଇଥିଲା। ଫଳରେ ଏନ୍‌ଏସ୍‌ଏପି ଯୋଜନା ସମ୍ପର୍କରେ ସଚେତନତା ଏବଂ ସୁବିଧା ସମ୍ପର୍କରେ ପ୍ରଚାର ହେବା ପାଇଁ ଥିବା ଏନ୍‌ଏସ୍‌ଏପିର ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଅର୍ଥ ସେହି କାର୍ଯ୍ୟରେ ଲାଗିପାରିଲା ନାହିଁ ବୋଲି ସିଏଜି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି, ଏନ୍‌ଏସ୍‌ଏପି ଯୋଜନାରେ ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀ ଚୟନ କରିବାରେ ବିଳମ୍ବ ହୋଇଥିଲା। ଫଳରେ ମାତ୍ର ୧୧ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୯୨,୬୦୨ ହିତାଧିକାରୀ ୬୧.୭୧ କୋଟି ଟଙ୍କା ଭତ୍ତା ପାଇଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩୬ ଜଣଙ୍କ ମୃତ୍ୟୁ

**ୱେଲୁକୁ, ୧୦।୮:** ଆମେରିକାର ମାଓ୍ୱାଇ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୩୬ ଜଣଙ୍କ ମୃତ୍ୟୁ ଘଟିଛି। ହାଓ୍ୱାଇ ଅଞ୍ଚଳର ହଜାର ହଜାର ଲୋକ ସେମାନଙ୍କୁ ଏହି ନିଆଁ ଦାଉରୁ ରକ୍ଷା କରିବା ପାଇଁ ଦୌଡ଼ିଥିଲେ। ଏକ କାର ପଛପଟରେ କୌଣସି କାରଣରୁ ନିଆଁ ଲାଗିଯାଇଥିବାବେଳେ ହଠାତ ଏହା ସହରରେ ବ୍ୟାପୀ ଯାଇଥିଲା। ଫଳରେ ସହର ଧୂଆଁମୟ ହୋଇଯାଇଥିଲା। ତେଣୁ ବାଧ୍ୟ ହୋଇ କିଛି ଲୋକ ପରିବାର ସହ ସେଠାରୁ ଅନ୍ୟ ସ୍ଥାନକୁ ପଳାୟନ କରିଥିଲେ। ସ୍ଥାନୀୟ ପ୍ରଶାସନର ସୂଚନାନୁସାରେ ଏହି ଅଗ୍ନିକାଣ୍ଡରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୭୧ଟି ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୨୦୧୮ରେ କାଲିଫର୍ନିଆରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୮୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ହଜାର ଘର କ୍ଷତିଗ୍ରସ୍ତ ହୋଇଥିଲା।

### ମହାରାଷ୍ଟ୍ରରେ ପୁଣି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**ମୁମ୍ବାଇ, ୧୦।୮:** ମହାରାଷ୍ଟ୍ରରେ ପୁଣି ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତ ଜଣକ ଗତ ମାସରୁ ସଂକ୍ରମିତ ଥିଲେ ବୋଲି ମୁମ୍ବାଇ ମହାନଗର ପାଳିକା ପକ୍ଷରୁ କୁହାଯାଇଛି। ମୃତକ ଜଣେ ୭୫ ବର୍ଷୀୟ ହୋଇଥିବାବେଳେ ଦୀର୍ଘବର୍ଷ ହେଲା ସେ ଯକୃତ ଜନିତ ରୋଗରେ ପୀଡିତ ଥିଲେ। ମୃତକ ଯଦିଓ କୋଭିଡ ସଂକ୍ରମିତ ଥିଲେ, ତେବେ ଏହି ସଂକ୍ରମଣରେ ତାଙ୍କ ମୃତ୍ୟୁ ଘଟି ନ ଥିବା ଡାକ୍ତର କହିଛନ୍ତି। ଜୁନ ଓ ଜୁଲାଇ ମାସରେ ରାଜ୍ୟରେ କରୋନା ସଂକ୍ରମଣ ଜନିତ ମୃତ୍ୟୁ ଘଟିନଥିଲା।

### ଶିନ୍ଦେଙ୍କୁ କଟାକ୍ଷ କରିବାରୁ ସାମ୍ବାଦିକଙ୍କୁ ଆକ୍ରମଣ

**ମୁମ୍ବାଇ, ୧୦।୮:** ମହାରାଷ୍ଟ୍ରର ଜଲଗାଁ ଜିଲ୍ଲାରେ ଜଣେ ସାମ୍ବାଦିକଙ୍କୁ କିଛି ସ୍ଥାନୀୟ ଲୋକ ଆକ୍ରମଣ କରିଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ବିଜୟ ଓ୍ୱାଡେଟିଓ୍ୱାର ଏବଂ ଶିବସେନା(ୟୁବିଟି) ଏମ୍‌ପି ସଞ୍ଜୟ ରାଉତ ସମାଲୋଚନା କରିବା ସହିତ ଘଟଣା ପଛରେ ସ୍ଥାନୀୟ ବିଧାୟକ କିଶୋର ପାଟିଲଙ୍କ ହାତ ରହିଛି ବୋଲି ଅଭିଯୋଗ କରିଛନ୍ତି। ସାମ୍ବାଦିକ ସନ୍ଦୀପ ମହାଜନ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ କଟାକ୍ଷ କରିଥିଲେ।

# ମଣିପୁରରେ ଆଉ ଏକ ଗଣବଳାତ୍କାର

## ଏତଲା ଦାଏର

**ଇମ୍ଫାଲ,୧୦।୮**

ମଣିପୁର ହିଂସା ବେଳେ ମେ' ୩ରେ ଚୁରାଚାନ୍ଦପୁରର ଜଣେ ୩୭ ବର୍ଷୀୟା ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ବିଷ୍ଣୁପୁର ମହିଳା ଥାନାରେ ଏତଲା ଦାଏର ହୋଇଥିବା ପୋଲିସ କହିଛି। ଉତ୍ତ୍ୟକ୍ତ ଲୋକେ ମହିଳାଙ୍କ ଘର ଜାଳିଦେବାରୁ ସେ ତାଙ୍କର ଦୁଇ ପୁଅ, ଝିଆରୀ ଏବଂ ନଣନ୍ଦଙ୍କ ସହ ପଳାଇଯାଉଥିବାବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଦଳେ ଲୋକ ଗୋଡ଼ାଇବାରୁ ମହିଳା ଜଣକ ତଳେ ପଡ଼ିଯାଇଥିଲେ। ଏହି ସମୟରେ ନଣନ୍ଦ ତାଙ୍କ ଦୁଇ ପୁଅ ଓ ଝିଆରିଙ୍କୁ ନେଇ ପଳାଇଯାଇଥିଲେ ବୋଲି ମହିଳା ଜଣକ କହିଛନ୍ତି। ହିଂସାବେଳେ ମହିଳାମାନଙ୍କ ପ୍ରତି କରାଯାଇଥିବା ବର୍ବର କାଣ୍ଡରେ ଗୋଟିଏ ପରେ ଗୋଟିଏ ଘଟଣା ପଦାକୁ ଆସିବାରେ ଲାଗିଛି। ନିଜର ଓ ପରିବାରର ସମ୍ମାନ ବଞ୍ଚାଇବା ପାଇଁ ମହିଳା ଜଣକ ଦୀର୍ଘଦିନ ନୀରବ ରହିଥିଲେ। ଏପରିକି ସେ ଆତ୍ମହତ୍ୟା କରିବାକୁ ଚାହିଁଥିଲେ ବୋଲି ଏତଲାରେ କହିଛନ୍ତି। ଏବେ ସେ ଘରଦ୍ୱାର ଛାଡ଼ିଥିବା ଲୋକମାନଙ୍କ ସହ ରିଲିଫ୍ କ୍ୟାମ୍ପରେ ରହିଛନ୍ତି। ତାଙ୍କ ଅଭିଯୋଗକ୍ରମେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# ଟମାଟୋ ଦର ନିୟନ୍ତ୍ରଣ ପାଇଁ ନେପାଳରୁ ଆମଦାନୀ ହେବ

**ନୂଆଦିଲ୍ଲୀ,୧୦।୮**



ଭାରତରେ ଉତ୍ପାଦନ କମ୍ ଯୋଗୁ ଟମାଟୋ ମୂଲ୍ୟ ଆକାଶଛୁଆଁ ହୋଇଛି। ଦର ନିୟନ୍ତ୍ରଣ ପାଇଁ ନେପାଳରୁ ଟମାଟୋ ଆମଦାନୀ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ପାର୍ଲାମେଣ୍ଟକୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନେପାଳରୁ ଆସୁଥିବା ଟମାଟୋ ଶୁକ୍ରବାର ବାରାଣସୀ, ଲକ୍ଷ୍ନୌ, କାନପୁର ଆଦି ଉତ୍ତର ଭାରତୀୟ ସହରରେ ପହଞ୍ଚିବ ବୋଲି ସେ କହିଛନ୍ତି। ୩ ମାସ ହେଲା ପାଇକାରୀ ବଜାରରେ ଟମାଟୋ କିଲୋ ପ୍ରତି ଦର ୧୪୦ ଟଙ୍କାରୁ ଅଧିକ ରହିଛି। କମ୍ ବର୍ଷା, ଅତ୍ୟଧିକ ଗ୍ରୀଷ୍ମ ଏବଂ ଭୂତାଣୁ ସଂକ୍ରମଣ ଯୋଗୁ ଏଥର ଟମାଟୋ ଉତ୍ପାଦନ କମିଥିବା ଚାଷୀମାନେ କହିଛନ୍ତି। ଟମାଟୋ ସହ ଖାଦ୍ୟଶସ୍ୟ, ଡାଲି ଦର ବଢ଼ିଥିବାରୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା ମୁଦ୍ରାନୀତି କମିଟି ବୈଠକରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

# ୨ଜି ମାମଲା: ୨୮ରୁ ଦିଲ୍ଲୀ ହାଇକୋର୍ଟରେ ଶୁଣାଣି




**ନୂଆଦିଲ୍ଲୀ,୧୦।୮**

୨ଜି ସ୍ପେକ୍ଟ୍ରମ୍ ଆବଣ୍ଟନ ଦୁର୍ନୀତି ମାମଲାରେ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା, କେତେକ ବ୍ୟବସାୟିକ ସଂସ୍ଥା ଏବଂ ଅନ୍ୟମାନଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଏହା ବିରୋଧରେ ସିବିଆଇ ଏବଂ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପକ୍ଷରୁ ଆବେଦନ କରାଯାଇଥିଲା। ଆସନ୍ତା ୨୮ ତାରିଖରୁ ଏହାର ଶୁଣାଣି ପ୍ରତିଦିନ କରାଯିବ ବୋଲି ଗୁରୁବାର ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ୨୦୧୭ ଡିସେମ୍ବରରେ ଏକ ସ୍ୱତନ୍ତ୍ର କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଥିଲେ। ଉକ୍ତ ରାୟ ବିରୋଧରେ ଇଡି ୨୦୧୮ ମାର୍ଚ୍ଚ ୧୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାର ଦିନକ ପରେ ସିବିଆଇ ମଧ୍ୟ ତଳକୋର୍ଟ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

# ନ୍ୟୁଜ୍‌କ୍ଲିକ୍ ମନିଲଣ୍ଡରିଂ: ଇଡି ତଦନ୍ତରେ ପ୍ରକାଶ କରାଟ

**ନୂଆଦିଲ୍ଲୀ,୧୦।୮**



ନ୍ୟୁଜ୍ ପୋର୍ଟାଲ 'ନ୍ୟୁଜକ୍ଲିକ୍'ର ମନିଲଣ୍ଡରିଂକୁ ନେଇ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିପିଆଇ(ଏମ୍)ର ବରିଷ୍ଠ ନେତା ପ୍ରକାଶ କରାଟଙ୍କୁ ଏଥିରେ ସାମିଲ କରିଛି। ଆମେରିକୀୟ ବିଲିୟନେୟାର ନେଭିଲ୍ ରୟ ସିଙ୍ଘମ୍ ଏବଂ କରାଟଙ୍କ ମଧ୍ୟରେ ବହୁ ଇମେଲ୍ ଆଦାନପ୍ରଦାନ ହୋଇଥିବା ଜଣାପଡ଼ିଛି। ନ୍ୟୁଜ୍ ପୋର୍ଟାଲ ଜରିଆରେ ଚାଇନାର ପ୍ରଚାର ପାଇଁ ସିଂଘମ୍ ବିପୁଳ ପରିମାଣରେ ପାଣ୍ଠି ପାଉଥିବା ଅଭିଯୋଗ ହୋଇଛି। ନ୍ୟୁଜ୍‌କ୍ଲିକ୍‌ରୁ ସାମାଜିକ କର୍ମୀ ତିସ୍ତା ସେତଲଭାଦଙ୍କ ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବାବେଳେ ସାମ୍ବାଦିକ ତଥା ଲେଖକ ପ୍ରଣୟ ଗୁହା ଠାକୁର୍ତ୍ତା, ନ୍ୟୁଜ୍‌କ୍ଲିକ୍‌ର କେତେଜଣ କର୍ମଚାରୀ ଏବଂ କେତେକ ସ୍ୱାଧୀନ ଗଣମାଧ୍ୟମର ବ୍ୟକ୍ତିବିଶେଷଙ୍କ ପାଖକୁ ୭୨ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଛି। ଇଡି ଏସବୁର ତଦନ୍ତ ଚଳାଇଛି। କେବଳ ସେତିକି ନୁହେଁ, ଜେଲ୍‌ରେ ଥିବା ସାମାଜିକ କର୍ମୀ ଗୌତମ ନଭଲେଖାଙ୍କୁ ବେତନ ବାବଦରେ ନ୍ୟୁଜ୍ କ୍ଲିକ୍ ୧୭.୦୮ ଲକ୍ଷ ଟଙ୍କା ଦେଇଥିବାବେଳେ ଶେୟାର ହୋଲ୍ଡର ଏବଂ ସିପିଆଇଏମ୍ ଆଇଟି ସେଲ୍ ସଦସ୍ୟ ବାପ୍ପାଦିତ୍ୟ ସିହ୍ନାଙ୍କୁ ୯୭.୩୨ ଲକ୍ଷ ଟଙ୍କା ଦିଆଯାଇଛି। ନ୍ୟୁଜ୍‌କ୍ଲିକ୍ ଭାରତ ବିରୋଧୀ ବାତାବରଣ ସୃଷ୍ଟି କରିବା ଲାଗି ବିପୁଳ ଅର୍ଥ ପାଉଥିଲା ବୋଲି ପାର୍ଲାମେଣ୍ଟରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ କହିଥିଲେ। କରାଟଙ୍କ ସହ ସିଙ୍ଘମ୍‌ଙ୍କର ଇ-ମେଲ୍ ଆଦାନପ୍ରଦାନ ଚାଲିଥିବା ସମ୍ପର୍କିତ ଦସ୍ତାବିଜ୍ ତାଙ୍କ ପାଖରେ ଥିବା ଦୁବେ ଜଣାଇଥିଲେ।

# ଉତ୍ତରାଖଣ୍ଡରେ ବର୍ଷା ବିପ୍ରାତ: ୯ ମୃତ



ଉତ୍ତରାଖଣ୍ଡର କାଶିପୁର ବନ୍ୟାଞ୍ଚଳରେ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି।

**ଡେରାଡୁନ, ୧୦।୮**

ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ମୁଷଳଧାରାରେ ବର୍ଷା ହୋଇଛି। ବର୍ଷା ବିପ୍ରାତ ଯୋଗୁଁ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବୁଧବାର ପରିସ୍ଥିତିର ସମୀକ୍ଷା କରିବା ସହ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଯୋଗୁଁ ଜଣେ ଲୋକ ନିଖୋଜ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଗୌରୀକୁଣ୍ଡ ଅଞ୍ଚଳରେ ବୁଧବାର ସକାଳେ ଭୂସ୍ଖଳନ ଘଟିବାରୁ ଗୋଟିଏ ପରିବାରର ଦୁଇ ସଦସ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୌରୀକୁଣ୍ଡ ଅଞ୍ଚଳରେ ଗତ ୫ ଦିନ ମଧ୍ୟରେ ଏହା ଦ୍ୱିତୀୟ ଭୂସ୍ଖଳନ ଜନିତ ଘଟଣା ବୋଲି ଜଣାପଡଛି। ଭୂସ୍ଖଳନ ଯୋଗୁ ଗୌରୀକୁଣ୍ଡ ଗାଁ ନିକଟରେ ହେଲିପେଡ କ୍ଷତିଗ୍ରସ୍ତ ହୋଇଛି। ସେହିପରି ରୁଦ୍ରପ୍ରୟାଗ ଜିଲ୍ଲାରେ ୪ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ନନ୍ଦନ ସିଂ ରାଜୱାର କହିଛନ୍ତି।




# ଅତୀତରେ ବାସୋପଯୋଗୀ ଥାଇପାରେ ମଙ୍ଗଳ

## ବୈଜ୍ଞାନିକଙ୍କ ମତ

**ନୂଆଦିଲ୍ଲୀ, ୧୦।୮**

ମଙ୍ଗଳ ଗ୍ରହରେ ଋତୁ ଚକ୍ର ଥିବାର ଅନୁମାନ କରାଯାଉଥିବାରୁ ଅତୀତରେ ଏହା ବାସପୋଯୋଗୀ ଥାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ମଙ୍ଗଳପୃଷ୍ଠରେ କାଦୁଅ ଚିହ୍ନ ଦେଖାଯାଇଥିବାରୁ ଅତୀତରେ ଏଠାରେ କିଛି ସମୟ ପାଇଁ ଜଳ ଦେଖାଯାଇଥିବା ଏବଂ ପରେ ଏହା ବାଷ୍ପୀଭୂତ ହୋଇଯାଇଥାଇପାରେ ବୋଲି ନାସା ପକ୍ଷରୁ କୁହାଯାଇଛି। ସେହିପରି ଏହି ପ୍ରକ୍ରିୟା କାଦୁଅ ଫାଟ ଦେଖାଯିବା ପର୍ଯ୍ୟନ୍ତ କ୍ରମାନ୍ୱୟରେ ଚାଲୁ ରହିଥାଇପାରେ ବୋଲି ଫ୍ରାନ୍ସ, ଆମେରିକା ଏବଂ କାନାଡାର ବୈଜ୍ଞାନିକମାନେ କହିଛନ୍ତି। ଏହି କାଦୁଅର ଅନୁସନ୍ଧାନରୁ ଜଣାପଡିଛି ଯେ, ଅତୀତରେ ମଙ୍ଗଳଗ୍ରହରେ ଜଳର ଉତ୍ସ ଥାଇପାରେ। ତେବେ ମଙ୍ଗଳଗ୍ରହ କିପରି ଥଣ୍ଡାରୁ ଶୁଷ୍କ ହେଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନି। ଏହି କାଦୁଅ ଫାଟଗୁଡିକ ଏକଥା ପ୍ରଦର୍ଶିତ କରିଛି, ଅତୀତରେ ଏଠାରେ ପ୍ରବଳ ଜଳୀୟ ବାଷ୍ପ



ରହିଥିଲା, ଯାହା ବିଷୟରେ ନିନା ଲାଞ୍ଜା ନାମକ ଜଣେ ବୈଜ୍ଞାନିକ ତାଙ୍କ ସର୍ଭେରେ ଦର୍ଶାଇଛନ୍ତି।

ପୃଥିବୀ ପୃଷ୍ଠରେ କାଦୁଅ ଫାଟଗୁଡିକ ସାଧାରଣତଃ ଇଂରାଜୀ ଅକ୍ଷର ଟି ସଦୃଶ ଦେଖାଯାଇଥାଏ, ଯଦିଓ ପରବର୍ତ୍ତୀ ସ୍ଥିତିରେ ଏହା ଇଂରାଜୀ ଅକ୍ଷର ୱାଇ ସଦୃଶ ହୋଇଥାଏ। ମଙ୍ଗଳପୃଷ୍ଠରେ ୱାଇ ସଦୃଶ କାଦୁଅ ଫାଟ ଦେଖାଯାଇଛି। ତେଣୁ ଏହି ଲାଲ ଗ୍ରହରେ ଅତୀତରେ ବର୍ଷା ଏବଂ ଗ୍ରୀଷ୍ମଋତୁ ଚକ୍ର ଥାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ଫାଟ ଗୁଡିକର ମାତ୍ର କେଇ ସେଣ୍ଟିମିଟର ଗଭୀର ରହିଛି, ତେଣୁ ଏହି ଓଦା ଶୁଖିଲା ଋତୁଚକ୍ର ମାତ୍ର କିଛିଦିନ ପର୍ଯ୍ୟନ୍ତ ହୋଇଥାଇପାରେ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି ଅନୁସନ୍ଧାନରୁ ଏକଥା ଜଣାପଡିଛି ଯେ, ଅତୀତରେ ମଙ୍ଗଳରେ ପୃଥିବୀପୃଷ୍ଠ ଭଳି ଓଦା ଜଳବାୟୁ ଥିଲା। ତେଣୁ ଏହି ଗ୍ରହର କିଛି ଅଂଶ ବାସପୋଯୋଗୀ ଥିଲା।

ଅପରପକ୍ଷେ ଜୀବନଧାରଣ ପାଇଁ ଆବଶ୍ୟକ ହେଉଥିବା ପୋଷକ, ଅଣୁଗୁଡିକ ଏଠାରେ ଥିଲା ବୋଲି ପାଟ୍ରିକ ଗାସଦା ନାମକ ଜଣେ ବୈଜ୍ଞାନିକ କହିଛନ୍ତି। ଓଦା ସମୟରେ ଅଣୁଗୁଡିକ ଏକାଠି ହେଉଥିବାବେଳେ ଶୁଷ୍କ ସମୟରେ ଏଗୁଡିକ ପରସ୍ପର ଠାରୁ ଅଲଗା ହୋଇଥାନ୍ତି। କିଛି ଅଞ୍ଚଳରେ ଯେତେବେଳେ ବାରମ୍ବାର ଏହି ପ୍ରକ୍ରିୟା ଚାଲିଥାଏ ସେତେବେଳେ ସେଠାରେ ଅଧିକ ଜଟିଳ ଅଣୁ ଗୁଡିକ ସୃଷ୍ଟି ହେବାର ସମ୍ଭାବନା ଥାଏ ବୋଲି ଗାସଦା କହିଛନ୍ତି। ଉପରୋକ୍ତ ଅନୁସନ୍ଧାନରୁ ଏକଥା ସ୍ପଷ୍ଟ ହୋଇଛି ଯେ ପୃଥିବୀ ପୃଷ୍ଠରେ ଜୀବନଧାରଣ ପାଇଁ ଯେଭଳି ଜଳବାୟୁ ଆବଶ୍ୟକ ଅତୀତରେ ଏଠାରେ ସେହିଭଳି ଜଳବାୟୁ ଥିଲା। ତେଣୁ ଅତୀତରେ ଏହି ଗ୍ରହର କିଛି ଅଂଶ ବାସପୋଯୋଗୀ ଥାଇପାରେ ବୋଲି କୁହାଯାଇଛି।




# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ଯୋଡ଼ା,୧୦।୮ (ମାନସ ମହାନ୍ତି)

ଦକ୍ଷିଣ-ପୂର୍ବ ରେଳପଥର କେନ୍ଦୁଝର ବିଲେଇପଦା ମୁର୍ଗା ମହାଦେବ ଷ୍ଟେଶନ ନିକଟସ୍ଥ କାଳିଆ ବେଡ଼ାଠାରେ ଗୁରୁବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି । ପ୍ରାୟ ଦୁଇ ଘଣ୍ଟିକା ସମୟରେ ବାଂଶପାଣି ରେଳ ସାଇଡିଂରୁ ଖଣିଜ ବୋଝେଇ କରି ଯାଉଥିବା ବେଳେ ଉକ୍ତ ସ୍ଥାନରେ କୌଣସି କାରଣରୁ ଟ୍ରାକ ଲାଇନ୍ ତଳକୁ ଖସି ଯାଇଥିଲା । ବିଭାଗୀୟ କର୍ମଚାରୀମାନେ ପହଞ୍ଚି ମରାମତି କରିବା ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା ।

# ବଜ୍ରପାତରେ ୨ଚାଷୀଙ୍କ ମୃତ୍ୟୁ, ଜଣେ ଗୁରୁତର

ବାହାନଗା, ୧୦।୮
(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଦୁଇଟି ଅଞ୍ଚଳରେ ଗୁରୁବାର ବଜ୍ରପାତ ହେବାରୁ ବିଲ କାମ କରୁଥିବା ୨ ଚାଷୀଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଚାଷୀ ଗୁରୁତର ହୋଇଛନ୍ତି । ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଗୋପାଳପୁର ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚାଷୀଙ୍କ ମୃତଦେହକୁ ଜବତ କରିଛି । ଏନେଇ ଥାନରେ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ମୃତକ ହେଲେ ବରିପଦା ପଞ୍ଚାୟତ ଓସଙ୍ଗ ଗ୍ରାମର ଉପେନ୍ଦ୍ର ମଲ୍ଲିକ (୫୬) ଓ ବଳରାମପୁର ଗ୍ରାମର ମଙ୍ଗ ମଲ୍ଲିକ (୬୩) । ଅପରାହ୍ନରେ ବିଲରେ ଧାନରୁଆ ଚାଲିଥିବା ବେଳେ ବଜ୍ରପାତ ହୋଇଥିଲା । ଉପେନ୍ଦ୍ର ଓ ମଙ୍ଗ ଗୁରୁତର ହୋଇ ବିଲରେ ପଡିଥିଲେ । ସେମାନଙ୍କୁ ଅନ୍ୟ ଚାଷୀମାନେ ଦେଖି ପରିବାର ଲୋକଙ୍କୁ ଖବର ଦେବା ସହିତ ଆମ୍ବୁଲାନ୍ସ ଯୋଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମର ବାସନ୍ତୀ ପାତ୍ର ବଜ୍ରପାତରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି ।

# ସିଏମ୍‌ସିର ପ୍ରଥମ ମେୟର ନିବେଦିତା ପ୍ରଧାନଙ୍କ ପରଲୋକ



କଟକ,୧୦।୮ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି)ର ପ୍ରଥମ ମେୟର, ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ ସୁଶ୍ରୀ ନିବେଦିତା ପ୍ରଧାନ(୬୦)ଙ୍କର ଗୁରୁବାର ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ । ସେ ନିମୋନିଆ ଏବଂ ସେପ୍ଟିସେମିୟା ରୋଗରେ ପୀଡ଼ିତ ଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ମାତାମଠ, ମଣିସାହୁ ଛକ, ବକ୍ସିବଜାର, ଦରଘା ବଜାର, ଚୌଧୁରୀବଜାର ଦେଇ ସିଏମ୍‌ସି କାର୍ଯ୍ୟାଳୟ, ଝୋଲାସାହି, ନିମସାହି, ସେମିନାରୀ ଛକ, ହରିପୁର, ଦୋଳମୁଣ୍ଡାଇ, ସଙ୍ଗମ ଟକିଜ୍ ନିକଟସ୍ଥ ବାସଭବନକୁ ନିଆଯାଇଥିଲା । ସେଠାରୁ ଦୋଳମୁଣ୍ଡାଇ ଓ ବାଦାମବାଡ଼ି ଛକ ଦେଇ ଖାନ୍‌ନଗର ଶ୍ମଶାନକୁ ନିଆଯାଇଥିଲା । ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଭାଇ ସତ୍ୟରଞ୍ଜନ ପ୍ରଧାନ ମୁଖାଗ୍ନି ଦେଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ, ଆତ୍ମୀୟ ସ୍ୱଜନଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା, ସ୍ଥାନୀୟ ମୁରବୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ । ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

୧୯୬୩ ଜୁଲାଇ ୭ରେ କଟକ ହରିପୁର ଅଞ୍ଚଳରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା କେନ୍ଦ୍ରାପଡ଼ାରେ ଚାକିରି କରୁଥିବାରୁ ସେଠାରେ ସେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ । ଏହାପରେ କଟକରେ ବ୍ୟବସାୟ ସହିତ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲେ । ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ କଟକ ସଦର ବିଧାୟିକା ଭାବେ କାର୍ଯ୍ୟ କରିଥିଲେ । ବିଧାୟିକା ପଦବୀରେ ଥାଇ ସେ ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସିଏମ୍‌ସି ମେୟର ଭାବେ କାର୍ଯ୍ୟ କରିଥିଲେ । ଆଜୀବନ ଅବିବାହିତ ଥିବା ଏହି ଦକ୍ଷ ନେତ୍ରୀ କୁନି ଅପା ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କର ପରିବାରରେ ଭଉଣୀ ସସ୍ମିତା ପ୍ରଧାନ, ମଧୁସ୍ମିତା ପ୍ରଧାନ ଓ ଭାଇ ସତ୍ୟରଞ୍ଜନ ପ୍ରଧାନ ଅଛନ୍ତି ।

# ଡିସିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

## ହୋଟେଲରୁ ଭଦ୍ରକ ଯୁବତୀଙ୍କ ମୃତଦେହ ମିଳିବା ଘଟଣା

■ ଏନ୍‌ଏଚ୍‌ଆର୍‌ସିରେ ଏତଲା

ଭୁବନେଶ୍ୱର,୧୦।୮
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ଏକ ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ଗୁରୁବାର ୬ଦିନ ବିତିଛି । ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିବାବେଳେ ସେ କାହିଁକି ଏଭଳି ନିଷ୍ପତ୍ତି ନେଲେ ଏହା ଉପରୁ ପରଦା ଉଠିପାରିନାହିଁ । ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଏହାକୁ ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ରୁଜୁ କରିଛନ୍ତି । ଏଥିସହ ଭୁବନେଶ୍ୱର ଡିସିପିଙ୍କୁ କମିଶନଙ୍କ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି । ଏହି ମାମଲାରେ ଠିକ ତଦନ୍ତ କରି ୧୫ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ନ୍ୟାୟ ପାଇଁ ଲଢ଼େଇ ପରିବାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ । ସେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏତଲା ଦେଇଛନ୍ତି । ଏହି ସମ୍ବେଦନଶୀଳ ଘଟଣାରେ କମିଶନଙ୍କ ଟିମ୍ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶୁଭଲକ୍ଷ୍ମୀଙ୍କ ପରିବାରକୁ ନ୍ୟାୟ ଦେବାକୁ ସେ ଏତଲାରେ ଦର୍ଶାଇଛନ୍ତି । ସେପଟେ ପୋଲିସ ଶୁଭଲକ୍ଷ୍ମୀଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ନେଇ ଅଧିକ ତଦନ୍ତ ଚଳାଇଛି । ୨ ମାସ ମଧ୍ୟରେ ଶୁଭଲକ୍ଷ୍ମୀ କେଉଁମାନଙ୍କ ସହ କଥା ହୋଇଥିଲେ, ତାହା ଜାଣିବାକୁ ପୋଲିସ ପ୍ରୟାସ କରିଛି । ପୋଲିସ ଶୁଭଲକ୍ଷ୍ମୀଙ୍କ ପୁରୁଷବନ୍ଧୁଙ୍କ ସମେତ ଏଯାବତ୍ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରି ତଦନ୍ତ ଚଳାଇଛି ।

# କନ୍‌ଷ୍ଟେବଲଙ୍କ ନାଁରେ ଯୁବତୀ ଅପହରଣ ଅଭିଯୋଗ

■ ଏତଲା ପରେ ତଦନ୍ତ ଜାରି
■ ପ୍ରାଥମିକ ତଦନ୍ତରେ ପ୍ରେମ ସମ୍ପର୍କ ଥିବା ସୂଚନା

ଯାଜପୁରଟାଉନ/ଯାଜପୁର ସଦର,୧୦।୮ (ପ୍ରଯଲ୍ଲା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ)

ଯାଜପୁର ସଦର ଥାନା କନଷ୍ଟେବଲ (ଆର୍ମ ପୋଲିସ) ରାମଚନ୍ଦ୍ର ମୁଦୟାଙ୍କ ନାମରେ ଯୁବତୀ ଅପହରଣ ଅଭିଯୋଗ ହୋଇଛି । ସେ ଉକ୍ତ ଥାନା ଅଞ୍ଚଳର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଅପହରଣ କରିଛନ୍ତି । ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ କନଷ୍ଟେବଲ ଫେରାର ଥିବାରୁ ପୋଲିସ ତାଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଅଭିଯୋଗ ମୁତାବକ, ଗତ ୫ ତାରିଖଠାରୁ ଯୁବତୀ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଏହାପରେ ଗତ ବୁଧବାର ଯୁବତୀଙ୍କ ବାପା ପୁନର୍ବାର ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅଙ୍କୁ ସଦର ଥାନାରେ କର୍ତ୍ତବ୍ୟରତ ପୋଲିସ କନଷ୍ଟେବଲ ରାମଚନ୍ଦ୍ର ଅପହରଣ କରିଛନ୍ତି । ଲିଖିତ ଅଭିଯୋଗ ପାଇବା ପରେ ଥାନାରେ ନଂ.୨୦୫/୨୩ରେ ଏକ ଅପହରଣ ମାମଲା ରୁଜୁ ହୋଇଛ । ଏସ୍‌ଆଇ ମନୋରଞ୍ଜନ ଦାସ ମାମଲାର ତଦନ୍ତ କରୁଛନ୍ତି । ବୁଧବାରଠାରୁ କନଷ୍ଟେବଲ ରାମଚନ୍ଦ୍ର ଥାନାକୁ ଆସି ନ ଥିବା ଜଣାପଡ଼ିଛି । ଅଭିଯୁକ୍ତ ରାମଚନ୍ଦ୍ର ବିବାହିତ ହୋଇଥିବାବେଳେ ତାଙ୍କର ୨ ସନ୍ତାନ ଅଛନ୍ତି । ସେ ପ୍ରାୟ ୮ବର୍ଷ ହେବ ଯାଜପୁର ସଦର ଥାନାରେ କାର୍ଯ୍ୟରତ ଅଛନ୍ତି । ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ବାପା କୋଦାଳ ମାଡ଼ରେ ପୁଅ ମୃତ

■ ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

ଉମରକୋଟ, ୧୦।୮
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବଙ୍ଗୀୟ ଖାଣ୍ଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବାପା କୋଦାଳ ମାଡ଼ରେ ପୁଅର ମୃତ୍ୟୁ ଘଟିଛି । ମୃତକ ହେଲେ ବିପୁଲ ରାୟଙ୍କ ପୁଅ ସମୀର(୨୫) । ଅଭିଯୁକ୍ତ ବିପୁଲ ଉମରକୋଟ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ସୂଚନାନୁଯାୟୀ, ସମୀର ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଗଣ୍ଡଗୋଳ କରନ୍ତି । ଏଥିପାଇଁ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା । ବୁଧବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ସମୀର ନିଶାସକ୍ତ ଅବସ୍ଥାରେ ଘରକୁ ଆସି ବିପୁଲଙ୍କ ସହ ଗଣ୍ଡଗୋଳ କରିଥିଲେ । ଏଥିରେ ବିପୁଲ ଅତିଷ୍ଠ ହୋଇ କୋଦାଳରେ ସମୀରଙ୍କ ମୁଣ୍ଡକୁ ଚୋଟ ମାରିଥିଲେ । ସମୀରଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ବିପୁଲ ଗ୍ରାମରୁ ପଳାଇଥିଲେ । ଖବରପାଇ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବିପୁଲଙ୍କୁ ଖାଣ୍ଡା, ଛଞ୍ଚାଣବେଡ଼ା ଓ କରଣ୍ଡିଆଗୁଡ଼ା ଗ୍ରାମରେ ଖୋଜାଖୋଜି କରିଥିଲେ । ବିପୁଲ କିନ୍ତୁ ଉମରକୋଟ ଥାନାକୁ ଯାଇ ଆତ୍ମସମର୍ପଣ କରିଦେଇଥିଲେ । ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଛନ୍ତି । ଉମରକୋଟ ଥାନାରେ ୨୦୫/୨୩ରେ ପୋଲିସ ମାମଲା ରୁଜୁ କରିଛି । ଅଭିଯୁକ୍ତ ବିପୁଲଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମିଶ୍ର ଘଟଣାର ତଦନ୍ତ କରୁଛନ୍ତି ।

# କୃମି ଔଷଧ ଖାଇ ୭ ଛାତ୍ରୀଛାତ୍ର ଅସୁସ୍ଥ

ରୂପସା(ବାଞ୍ଛାନିଧି ଦେ)/
ବସ୍ତା(ହରିଶଙ୍କର ପାଢୀ)୧୦।୮

ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଗୁଡିଖାଳ ବନବିହାରୀଲାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର କୃମି ଔଷଧ ଖାଇ ୭ମ ଶ୍ରେଣୀର ୭ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି । ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟର ୩୬୦ଜଣ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ କୃମିଔଷଧ ଦିଆଯାଇଥିଲା । ଔଷଧ ସେବନର ଅଳ୍ପ ସମୟ ମଧ୍ୟରେ ପାର୍ଶ୍ୱ ପ୍ରତିକ୍ରିୟା ଘଟି ସେମାନଙ୍କ ମଧ୍ୟରୁ ୭ଜଣଙ୍କର ମୁଣ୍ଡବିନ୍ଧା ସହ ବାନ୍ତି ଲାଗି ରହିବାରୁ ସେମାନେ ଅସୁସ୍ଥ ହୋଇପଡିଥିଲେ । ଅନ୍ୟ ଶିକ୍ଷକମାନେ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠରେ ସେମାନଙ୍କୁ ସାଲାଇନ ଓ ଆବଶ୍ୟକ ଔଷଧ ଦିଆଯାଇ ପର୍ଯ୍ୟବେକ୍ଷଣର ୨ ଘଣ୍ଟା ପରେ ସୁସ୍ଥ କରାଯାଇଥିଲା । ଛାତ୍ରୀଛାତ୍ର ଅସୁସ୍ଥ ହେବା ନେଇ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦେବବ୍ରତ ଜେନା କହନ୍ତି କୃମି ଔଷଧ ସେବନ ପରେ ବଦହଜମି ଯୋଗୁ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇପଡିଥିଲେ । ଏବେ ସେମାନେ ସୁସ୍ଥ ଅଛନ୍ତି । ଅସୁସ୍ଥ ୭ଜଣ ଛାତ୍ରୀଛାତ୍ରୀ ହେଲେ ସୁଦୀପ୍ତା ସାହୁ, ଦିବ୍ୟଭାରତୀ ମହାନ୍ତି, ସୁମିତ୍ରା ବେହେରା, କାବେରୀ ଦଳାଇ, ଜ୍ୟୋତ୍ସ୍ନା ବେହେରା, ପ୍ରତିମା ବେଜ ଓ ସୁଧାଂଶୁ ସେଠୀ । କୃମି ଔଷଧକୁ ରାତିରେ ଖାଦ୍ୟ ଖାଇବା ପରେ ପିଲାଙ୍କୁ ଖୁଆଇବା ଲାଗି ପରାମର୍ଶ ଦେଉଥିବା ବେଳେ ଏଠାରେ କିଭଳି ମଧ୍ୟାହ୍ନ ଭୋଜନ ପରେ ଦିଆଗଲା ସେନେଇ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# ଭଦ୍ରକ ଷ୍ଟେଶନରେ ଅଟକାଇଲେ ଟ୍ରେନ୍

■ ମେମୁ ଶୌଚାଳୟରେ ପାଣି ସମସ୍ୟା

ଭଦ୍ରକ,୧୦।୮(ସନାତନ ରାଉତ)

ଭଦ୍ରକ-ନୟାଗଡ଼ ମେମୁ ଟ୍ରେନ୍ ଶୌଚାଳୟରେ ପାଣି ସମସ୍ୟା । ନିୟମିତ ପାଣି ରହୁ ନ ଥିବା ଅଭିଯୋଗ କରି ପୂର୍ବତନ ବିଧାୟକ ନରେନ ପଲେଇ ଓ ତାଙ୍କ ସମର୍ଥକମାନେ ଗୁରୁବାର ଭଦ୍ରକ ଷ୍ଟେଶନରେ ଟ୍ରେନ୍‌କୁ ଅଟକାଇଥିଲେ । ଶୌଚାଳୟରେ ପାଣି ରହୁ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ଓ ଭଦ୍ରକ ଷ୍ଟେଶନ ମ୍ୟାନେଜରଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଣୁ ବାଧହୋଇ ନିୟମିତ ପାଣି ଯୋଗାଇଦେବା ଦାବିରେ ମେମୁ ଭଦ୍ରକରେ ପହଞ୍ଚିବା ପରେ ଟ୍ରେନ୍ ଅଟକାଇଥିଲେ ଥିଲେ ବୋଲି ପୂର୍ବତନ ବିଧାୟକ ପଲେଇ କହିଛନ୍ତି । ମେମୁ ଏହି ଷ୍ଟେଶନରୁ ସକାଳ ୫ଟା ୪୫ରେ ଛାଡ଼ିବା କଥା । ୨୦ ମିନିଟ୍ ରେଳରୋକୋ ପରେ ଷ୍ଟେଶନ ମ୍ୟାନେଜର ସୁବାସ ଚନ୍ଦ୍ର ସାହୁ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ୬ଟା ୫ରେ ଟ୍ରେନ୍ ଗଡ଼ିଥିଲା ।

# ୧୧ ଜିଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ

## ଲିମ୍ଫାଟିକ୍ ଫାଇଲେରିଆସିସ୍ ନିରାକରଣ

ଭୁବନେଶ୍ୱର, ୧୦।୮
(ଅସମାପିକା ସାହୁ)

ଲିମ୍ଫାଟିକ୍ ଫାଇଲେରିଆସିସ୍(ଗୋଦର ଗୋଡ) ନିରାକରଣ ପାଇଁ ଓଡ଼ିଶାର ୧୧ଟି ଜିଲାରେ ସାମୂହିକ ଔଷଧ ସେବନ (ଏମ୍‌ଡିଏ/ଆଇଡିଏ) କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଭର୍ଚୁଆଲରେ ଏହି ଅଭିଯାନକୁ ଉଦ୍‌ଘାଟନ କରିଛନ୍ତି । ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ଼, ଯାଜପୁର, ଗଞ୍ଜାମ, ଢେଙ୍କାନାଳ ଓ ସମ୍ବଲପୁର ଆଦି ଜିଲାରେ ଏହି ଅଭିଯାନ ଆରମ୍ଭ ହୋଇଛି । ଫାଇଲେରିଆସିସ୍ ନିରାକରଣ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରତ୍ୟେକ ହିତାଧିକାରୀ ଯେଭଳି ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏହିସବୁ ଜିଲାରେ ଏମ୍‌ଡିଏ ଅବସରରେ ରାଜ୍ୟରେ ପ୍ରଥମଥର ପାଇଁ ତିନୋଟି ଔଷଧ ଚିକିତ୍ସା (ଆଇଭରମେକ୍ଟିନ + ଡିଇସି + ଆଲ୍‌ବେଣ୍ଡାଜୋଲ୍)ର ବ୍ୟବହାର କରାଯିବ । ଏହି ଔଷଧଗୁଡ଼ିକ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀମାନେ ବୁଥ୍ ଜରିଆରେ ଘରକୁ ଘର, ଅଫିସ ଓ ସ୍କୁଲକୁ ଯାଇ ଔଷଧ ସେବନ କରାଇବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଔଷଧଗୁଡ଼ିକ କୌଣସି ପରିସ୍ଥିତିରେ ବଣ୍ଟନ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଅଭିଯାନ ସମୟରେ ଆଶାକର୍ମୀଙ୍କ ସମେତ ପ୍ରାୟ ୬୫,୬୪୬ଜଣ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ ପ୍ରତ୍ୟେକ ପରିବାର ନିକଟକୁ ଯାଇ ପ୍ରାୟ ୧.୮କୋଟି ଲୋକଙ୍କୁ ଔଷଧ ସେବନ ସୁନିଶ୍ଚିତ କରାଇବେ । ଏମ୍‌ଡିଏ ପର୍ଯ୍ୟାୟ ତଦାରଖ ନିମନ୍ତେ ପ୍ରାୟ ୬,୪୩୧ଜଣ ସୁପରଭାଇଜରଙ୍କୁ ମଧ୍ୟ ନିୟୋଜନ କରାଯାଇଛି । ଜିଲାପାଳମାନେ ନିଜେ ଏହି ଔଷଧ ସେବନ କରି ଉଦାହରଣ ସୃଷ୍ଟି କରିବାକୁ ମଧ୍ୟ ମନ୍ତ୍ରୀ ନିବେଦନ କରିଥିଲେ । ଏହି ଔଷଧଗୁଡ଼ିକ ନିରାପଦ ଏବଂ ଏହାକୁ କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସେବନ କରିବା ଉଚିତ ବୋଲି କୁହାଯାଇଛି ।

# ବାରମ୍ବାର ତାଗିଦ ସତ୍ତ୍ୱେ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷ ନିଜ ଜିଦ୍‌ରେ ଅଟଳ

## ବେଆଇନ୍‌ଭାବେ ରାସ୍ତାକୁ ଛାଡୁଛନ୍ତି ମଇଳା ପାଣି

ପିଡବ୍ଲୁଡି କର୍ତ୍ତୃପକ୍ଷ ଓ ସ୍ଥାନୀୟ ବାସିନ୍ଦାଙ୍କ ତାଗିଦ୍ ସତ୍ତ୍ୱେ ସୁଧୁରୁ ନାହିଁ ରଘୁନାଥପୁରସ୍ଥିତ ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟ । ବେଆଇନ୍ ଭାବେ ରାସ୍ତାକୁ ନର୍ଦ୍ଦମା ପାଣି ଓ କଠିନ ବର୍ଜ୍ୟ ଛାଡ଼ିବାରୁ ଡ୍ରେନ୍ ଚୋକ୍ ହୋଇ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିକଟରେ ପିଡବ୍ଲୁଡି ଡ୍ରେନ୍‌କୁ କଠିନ ବର୍ଜ୍ୟ ଓ ତରଳ ବର୍ଜ୍ୟ ନଛାଡ଼ିବାକୁ ରୟାଲ୍ ଲାଗୁନ୍ ରେସିଡେଣ୍ଟ୍ ୱେଲ୍‌ଫେୟାର୍ ଆସୋସିଏସନ୍‌ର ସେକ୍ରେଟେରୀଙ୍କୁ ଭୁବନେଶ୍ୱର ଆର୍‌ଆଣ୍ଡ୍‌ବି ଡିଭିଜନ୍ ନଂ-୩ ପକ୍ଷରୁ ଚିଠି ସଂଖ୍ୟା ୪୬୫୯ ତା ୦୭/୦୭/୨୦୨୩ ଦ୍ୱାରା ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା । ପିଡବ୍ଲୁଡି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରି ଉକ୍ତ ଆପାର୍ଟମେଣ୍ଟ ପକ୍ଷରୁ ନିୟମିତ ଭାବେ ଏକ ୯ ଇଞ୍ଚ ପାଇପ୍ ଯୋଗେ ପିଡବ୍ଲୁଡି ଡ୍ରେନ୍‌କୁ ଆବର୍ଜନା ନିଷ୍କାସନ କରାଯାଉଛି ।


OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.III
BHUBANESWAR
Letter No-4659 /Dt- 07/07/2023

To
The Secretary,
Royal Lagoon Resident Welfare Association,
Bhubaneswar

Sub:- Rain water drainage issue for inhabitants of Royal Lagoon Apartment Complex.
Ref:- Your Letter No. Nil Dt. 21.06.2023
Sir,
With reference to the above, it is to inform you that, the desilting of drain has been started at the above point. In this connection, it is to state that, the PWD drain is designed for drainage of the road side surface water only. The heavy quantity of drain water & sludge discharged from your apartment complex causes over flowing & chocking of the PWD drain.
Therefore you are requested to take steps for properly functioning of your treatment plants, so as not to release sludge & excess water to the PWD drain.

Yours faithfully
Superintending Engineer
Bhubaneswar (R&B) Division No.III, Bhubaneswar

No. 4660 /Dated. 07/07/2023
Copy forwarded to the Assistant Executive Engineer, Bhubaneswar (R&B) Sub-Division No.IV, Bhubaneswar for information and necessary action

Superintending Engineer,
Bhubaneswar (R&B) Division No.III, Bhubaneswar

ପିଡବ୍ଲୁଡି ଡ୍ରେନ୍‌ଟି ସରୁଆ ଏବଂ କେବଳ ବର୍ଷା ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ । ତା' ସତ୍ତ୍ୱେ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି । ଆପାର୍ଟମେଣ୍ଟ୍ ଓ ବାସିନ୍ଦା ମାନଙ୍କ ସଂଖ୍ୟା ହିସାବରେ ଏଠାରେ ଥିବା ଏସ୍‌ଟିପି ପ୍ଲାଣ୍ଟ୍‌ଟିର କ୍ଷମତା ବହୁତ୍ କମ୍ । ପିଡବ୍ଲୁଡି କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଆପାର୍ଟମେଣ୍ଟ୍ ପକ୍ଷରୁ ପିଡବ୍ଲୁଡି ଡ୍ରେନ୍‌କୁ ଖୋଲାଯାଇଥିବା ୯ଇଞ୍ଚ ବିଶିଷ୍ଟ ପାଇପ୍‌ଟିକୁ ହଟାଯାଉନାହିଁ ।

ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟର ଏଭଳି ଅନୈତିକ କାର୍ଯ୍ୟ ପାଇଁ ସ୍ଥାନୀୟ ରଘୁନାଥପୁର ବାସିନ୍ଦା ମଧ୍ୟ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଓ ଗ୍ରାମ ଭିତରେ ନର୍ଦ୍ଦମା ପାଣି କୃତ୍ରିମ ବନ୍ୟା ସୃଷ୍ଟି କରୁଛି । ତେଣୁ ଡ୍ରେନ୍‌କୁ ବନ୍ଦ କରିବା ବ୍ୟତୀତ ଗ୍ରାମବାସୀମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ବିଡିଏ ଆପ୍ରୁଭାଲ୍ ଅନୁସାରେ ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟକୁ ପିଡବ୍ଲୁଡି ଡ୍ରେନ୍‌କୁ ମଇଳା ଛାଡ଼ିବାକୁ ଅନୁମତି ଦିଆଯାଇ ନାହିଁ । ସେମାନେ ଆପାର୍ଟମେଣ୍ଟ୍‌ର ବର୍ଜ୍ୟ ବସ୍ତୁ ପରିଚାଳନା କରିବା ପାଇଁ ଉପାୟ ବାହାର ନକରି ସ୍ଥାନୀୟ ଲାଲ୍‌ଚାନ୍ଦ୍ ସୋରୁମ୍ ସାମ୍ନାରେ ମ୍ୟାନ୍‌ହୋଲ୍ ଖୋଳି, ଆବର୍ଜନା ଗଦା କରିବାକୁ ଚାହୁଁଛନ୍ତି । କିଛିଦିନ ତଳେ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷ ଲାଲ୍‌ଚାନ୍ଦ୍ ସାମ୍ନା ଡ୍ରେନ୍‌ର ସ୍ଲାବ୍‌କୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ ଓ ଲାଲ୍‌ଚାନ୍ଦ୍ ତରଫରୁ ପିଡବ୍ଲୁଡି ବିଭାଗର ଅନୁମତି କ୍ରମେ ପୁଣି ସ୍ଲାବ୍ ପକାଯାଇଥିଲା ।

ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ଦେଖିଲେ ମନେହେଉଛି, ସେମାନେ କେବଳ ଲାଲ୍‌ଚାନ୍ଦ୍ ଜ୍ୱେଲର୍ସ ସାମ୍ନାରେ ମ୍ୟାନ୍‌ହୋଲ୍ ଖୋଳି ଆବର୍ଜନା ଠୁଳ କରିବାକୁ ଚାହୁଁଛନ୍ତି । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡ଼ିବ । ଯେତେବେଳେ କି ଲାଲ୍‌ଚାନ୍ଦ୍ ସାମ୍ନା ଡ୍ରେନ୍‌ରେ କୌଣସି ପ୍ରକାର ବ୍ଲକେଜ୍ ନାହିଁ ଏବଂ ପାଣି ସୁରୁଖୁରୁରେ ଏପଟରୁ ସେପଟକୁ ପ୍ରବାହିତ ହେଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ଅଡୁଆ ଚାନ୍ଦିନୀ ରାତି**
**ଦାରୀକି ଅଡୁଆ ପୁଅ**
**ମାଳୀକି ଅଡୁଆ ଛେଳି, ବଳଦ**
**ଦୁଃଖୀକି ଅଡୁଆ ଝିଅ।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତିରେ ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡ଼ିଯିବାର ଭୟ ରହିଥାଏ । ଦାରୀ ବା ବିଟପୀ ନାରୀର ବୃତ୍ତି ପକ୍ଷେ ପୁଅ ପ୍ରତିବନ୍ଧକ ସାଜିଥାଏ। ଛେଳି ବଳଦ ଗଛଡାଳ ଖାଇଯାଉଥିବାରୁ ତାଙ୍କୁ ପାଳିବା ମାଳୀ ପକ୍ଷେ ଅସୁବିଧାଜନକ ହୋଇଥାଏ। ସେହିପରି ଦୁଃଖୀରଙ୍କୀ ବ୍ୟକ୍ତି ବଡ଼ ଦୁଃଖ କଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ଝିଅ ହେଲେ ତା'ର ବିବାହ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଲି ନ ଜାଣି**
**ବାଟର ଦୋଷ।**

ସିଧା ଚାଲି କରି ଯାଇପାରୁ ନ ଥିବା ବ୍ୟକ୍ତି ରାସ୍ତା ଖାଲ ଢିପ ତଥା ଅଙ୍କାବଙ୍କା ବା ଖରାପ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଏମ୍ ପ୍ଲାଣ୍ଟର ଠିକା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

## ମୃତଦେହ ଛାଡ଼ି ପଳାଇଲେ କମ୍ପାନୀ କର୍ମଚାରୀ

ପରଜଙ୍ଗ, ୧୦।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମରେ ପ୍ରତିଷ୍ଠିତ ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କାରଖାନାର ଜଣେ ଠିକା ଶ୍ରମିକଙ୍କ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲ୍ଲା ଜକେଇକଲା ଗ୍ରାମର କବି ଦେହୁରୀଙ୍କ ସାନପୁଅ ପପୁ ଦେହୁରୀ ଓରଫ ପୁଷ୍ପକ (୩୩)। ତେବେ ଶ୍ରମିକଙ୍କ ମୃତ୍ୟୁ ପରେ କମ୍ପାନୀ କର୍ମଚାରୀ ମୃତଦେହ ଛାଡ଼ି ପଳାଇଯିବା ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଖୋଜି ବାହାର କରିବାକୁ ମୃତକଙ୍କ ପରିବାର ଦାବି କରିଛନ୍ତି। ପ୍ରାଥମିକ ଭାବେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ଜଣାପଡ଼ିଛି, ପପୁ ଗୁରୁବାର କାରଖାନାରୁ ବାହାରି ଜାତୀୟ ରାଜପଥ ଆଡ଼କୁ ଚାଲି ଚାଲି ଆସୁଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ଲୋକଙ୍କ ସହାୟତା ଲୋଡ଼ିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ତାଙ୍କୁ କେନାଲ ପାଖରେ ଥିବା ଏକ ଦୋକାନରେ ଛାଡ଼ି ଦେଇଥିଲେ। ତେବେ ପପୁ ସେଠାରେ ଗୁରୁତର ହୋଇପଡ଼ିଥିଲେ। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ଦଦରାଘାଟି ଫାଣ୍ଡିକୁ ଅବଗତ କରାଇବା ପରେ ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ବାଇକ୍‌ରେ ପହଞ୍ଚିଥିଲେ। ପପୁ ଜିଏମ ଆଇରନ୍ ଆଣ୍ଡ ଷ୍ଟିଲ କାରଖାନାରେ କାମ କରୁଥିବା ଜଣାପଡ଼ିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ୨ ଜଣ କର୍ମଚାରୀ ପହଞ୍ଚି ଫାଣ୍ଡି ଅଧିକାରୀଙ୍କ ସହଯୋଗରେ ପପୁଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପପୁଙ୍କୁ ମୃତ ଘୋଷଣା କରିବା ପରେ ସମ୍ପୃକ୍ତ ୨ କର୍ମଚାରୀ ମୃତଦେହ ଛାଡ଼ି ପଳାଇଥିଲେ। ସୂଚନା ପାଇ ପରିବାର ଲୋକେ ପହଞ୍ଚିଥିଲେ। ପରିବାର ସଦସ୍ୟଙ୍କ କହିବା କଥା, ପପୁଙ୍କ ଶରୀରରେ ଆଘାତ ଚିହ୍ନ ରହିଛି। ତାଙ୍କୁ କମ୍ପାନୀରେ କେହି ଆକ୍ରମଣ କରିବା ପରେ ସେ କାରଖାନାରୁ ପ୍ରାଣବିକଳରେ ପଦାକୁ ଚାଲି ଆସିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ତେଣୁ କମ୍ପାନୀ କର୍ତ୍ତୃପକ୍ଷ ଏବଂ ତାଙ୍କ ସହକର୍ମୀଙ୍କୁ ତଦନ୍ତ ପରିସରଭୁକ୍ତ କରି ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ପପୁଙ୍କ ମୃତ୍ୟୁ କେଉଁ କାରଣରୁ ହେଲା, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଆମ୍ବୁଲାନ୍ସକୁ ଧକ୍କାଦେଲା ତପସ୍ୱିନୀ ଏକ୍ସପ୍ରେସ

ବିଷମକଟକ, ୧୦।୯ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ବୃନ୍ଦାବାଡ଼ିଠାରେ ଗୁରୁବାର ଅପରାହ୍ଣ ପ୍ରାୟ ୩ଟାରେ ଏକ ଆମ୍ବୁଲାନ୍ସକୁ ତପସ୍ୱିନୀ ଏକ୍ସପ୍ରେସ୍ ଧକ୍କା ଦେଇଛି। ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ଆମ୍ବୁଲାନ୍ସ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଦୁର୍ଘଟଣା ଯୋଗୁ ଗୋଟିଏ ଧାରଣାରେ ଦୀର୍ଘ ସମୟ ଧରି ରେଳ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ଲୋକେ ରେଳ ଧାରଣାରୁ ଆମ୍ବୁଲାନ୍ସକୁ ବାହାର କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଓଡ଼ିଶା ମୋ ପରିବାର ଆମ୍ବୁଲାନ୍ସ କଲ୍ୟାଣସିଂହପୁରଠାରୁ ଜଣେ ରୋଗୀକୁ ନେଇ ବିଷମକଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ଖାଲି ଗାଡ଼ି ନେଇ କଲ୍ୟାଣସିଂହପୁର ଫେରିବା ସମୟରେ ଆମ୍ବୁଲାନ୍ସ ଏକ ସବ୍‌ରାସ୍ତାରେ ଯିବା ପାଇଁ ଉଦ୍ୟମ କରିଥିଲା। ରେଳବାଇ ପକ୍ଷରୁ ପ୍ରବେଶ ନିଷେଧ ରେଳଲାଇନରେ ଆମ୍ବୁଲାନ୍ସ ପାରହୋଇ ଯିବା ସମୟରେ ଟ୍ରେନ ଧକ୍କାଦେବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି।

# ତିନି ଶିଶୁଙ୍କୁ ମନ୍ଦିର ଆଗରେ ଛାଡ଼ି ପଳାଇଲେ

ବଡ଼ବିଲ, ୧୦।୮ (ଦେବପ୍ରିୟ ରଣା)

## ନିଷ୍ଠୁର ହେଲେ ମା'ବାପା

- ଘରକୁ ଫେରିଲେ ହତ୍ୟା ଧମକ
- ଆଦିବାସୀ ବିକାଶ ସମିତିରେ ରଖାଯାଇଛି


ହରିହର ମନ୍ଦିର ପ୍ରାଙ୍ଗଣରେ ଥିବା ୩ ଶିଶୁ।

ସନ୍ତାନଟିଏ ପାଇବାକୁ ମା'ବାପା ବ୍ରତ ଉପବାସ, ମାନସିକ କରିବା ସହ ମନ୍ଦିର ସମ୍ମୁଖରେ ଅଧିଆ ପଡୁଛନ୍ତି। ହେଲେ ଏମିତି ବି ମା'–ବାପା ଅଛନ୍ତି ଯେଉଁମାନେ ନିଜ ପିଲାଙ୍କୁ ଅନାଥ କରିବାକୁ ପଛାଉନାହାନ୍ତି। ଏଭଳି ଏକ ଦୁଃଖଦ ଘଟଣା କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳରେ ଦେଖିବାକୁ ମିଳିଛି। ଜନ୍ମକଲା ମା'ବାପା ନିଜର ୩ ଶିଶୁଙ୍କୁ ବଡ଼ବିଲସ୍ଥିତ ହରିହର ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଛାଡ଼ିଦେଇ ପଳାଇଥିବା ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ ଶିଶୁଙ୍କ କ୍ରନ୍ଦନ ଶୁଣି ମନ୍ଦିରର କର୍ମଚାରୀ ସଞ୍ଜିତ ସେମାନଙ୍କ ପରିଚୟ ପଚାରି ବୁଝିଥିଲେ। ୩ ଶିଶୁଙ୍କ ମଧ୍ୟରୁ ୨ ଜଣ ୯ ଓ ୬ବର୍ଷର ଶିଶୁକନ୍ୟା ଏବଂ ୩ ବର୍ଷୀୟ ପୁତ୍ର ସନ୍ତାନ ରହିଛନ୍ତି। ସେମାନଙ୍କ ଘର ପାଲହଟିଂ ଅଞ୍ଚଳରେ କହିଥିବା ବେଳେ ସେମାନଙ୍କ ମା' ସତୀ ଏବଂ ବାପା ମୁନ୍ନା ସିଂ ସେମାନଙ୍କୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଛାଡ଼ିଦେଇ ପଳାଇଥିବା କହିଥିଲେ। ଗଲାବେଳେ ଶିଶୁମାନଙ୍କ ସହ ଏକ ଲୁଗା ଭର୍ତ୍ତି ବ୍ୟାଗ ମଧ୍ୟ ଛାଡ଼ିଯାଇଥିବା ଜଣାପଡ଼ିଛି। ଶିଶୁମାନଙ୍କୁ ନିଷ୍ଠୁରତାର ସହ ଘରକୁ ନ ଫେରିବାକୁ ତାଗିଦା କରିବା ସହ ଫେରିଲେ ହତ୍ୟା ଧମକ ଦେଇଥିବା ଶିଶୁମାନେ କହିଥିଲେ। ତେବେ ମନ୍ଦିର କର୍ମଚାରୀ ୩ ଶିଶୁଙ୍କୁ ମନ୍ଦିର ଭିତରକୁ ନେଇ ଖାଇବାକୁ ଦେଇ ସକାଳ ହେବା ପର୍ଯ୍ୟନ୍ତ ମା'ବାପାଙ୍କ ଆସିବା ନିମନ୍ତେ ଅପେକ୍ଷା କରିଥିଲେ। ଗୁରୁବାର ସକାଳେ କେହି ନେବାକୁ ନ ଆସିବାରୁ ମନ୍ଦିର କର୍ତ୍ତୃପକ୍ଷ ବଡ଼ବିଲ ପୋଲିସକୁ ଅବଗତ କରିଥିଲେ। ପୋଲିସ ପହଞ୍ଚି ୩ ଶିଶୁଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଚାଇଲ୍ଡ ଲାଇନକୁ ଖବର ଦେବା ସହ ନିଷ୍ଠୁର ମା'ବାପାଙ୍କୁ ଖୋଜାଖୋଜି ଆରମ୍ଭ କରିଥିବା ଜଣାପଡ଼ିଛି। ଏ ନେଇ ବଡ଼ବିଲ ଥାନା ଇନ୍ସପେକ୍ଟର ପ୍ରମୋଦିନୀ ସାହୁ କହିଛନ୍ତି, ପାଲହଟିଂରେ ସେହି ନାମଧାରୀ କେହି ବ୍ୟକ୍ତି ନ ଥିବା ଜଣାପଡ଼ିଛି। ଚାଇଲ୍ଡ ଲାଇନ୍‌କୁ ଶିଶୁମାନଙ୍କ ଉଦ୍ଧାର ନେଇ ଖବର ଦିଆଯାଇଛି। ସେମାନେ ଆସି ନ ଥିବାରୁ ଶିଶୁଙ୍କୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସେରେଣ୍ଡାସ୍ଥିତ ଆଦିବାସୀ ବିକାଶ ସମିତିରେ ଦିନକ ପାଇଁ ରଖାଯାଇଛି। ଶିଶୁମାନଙ୍କ ମା'ବାପାଙ୍କର କିଛି ଖୋଜ ଖବର ମିଳିପାରିନାହିଁ। ମା'ବାପାଙ୍କର କୌଣସି ପତ୍ତା ନ ମିଳିଲେ ଶୁକ୍ରବାର ସିଡବ୍ଲ୍ୟୁସି (ଚାଇଲ୍ଡ ୱେଲଫେୟାର କମିଟି)କୁ ହସ୍ତାନ୍ତର କରାଯିବ।

# ମଧ୍ୟାହ୍ନ ଭୋଜନରେ ବିସ୍କୁଟ


ମଧ୍ୟାହ୍ନଭୋଜନ ପାଇଁ ଥାଳିଧରି ବୁଲୁଛନ୍ତି ଛାତ୍ରୀଛାତ୍ର।

ଚମ୍ପୁଆ, ୧୦।୮ (ମହେଶ୍ୱର ଦାସ)

## ମହତାବ ଉଚ୍ଚ ବିଦ୍ୟାଳୟ

କେନ୍ଦୁଝର ଜିଲ୍ଲା ଚମ୍ପୁଆ ସଦର ମହକୁମାରେ ଥିବା ମହତାବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଖାଇବାକୁ ଦିଆଯାଇଛି। ବିନା ସୂଚନାରେ ପାଚିକା ଓ ସହାୟିକା ଷ୍ଟ୍ରାଇକ୍ କରିଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ ହୋଇପାରିନାହିଁ। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏହି ପୁରାତନ ଉଚ୍ଚ ବିଦ୍ୟାଳୟରେ ୩୬୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରତ୍ୟହ ସରକାରୀ ନିୟମ ଅନୁଯାୟୀ ମଧ୍ୟାହ୍ନଭୋଜନ ଦିଆଯାଉଥିଲା। ମାତ୍ର ଗୁରୁବାର ଖାଇବା ଛୁଟି ସମୟରେ ପିଲାମାନେ ନିଜ ଥାଳି ଧରି ରୋଷେଇ ଘରକୁ ଯିବା ବେଳକୁ ରୋଷେଇ ହୋଇ ନ ଥିବା ଜଣାପଡ଼ିଥିଲା। ଏ ବିଷୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁଙ୍କୁ ଜଣାଇଥିଲେ। ସେ ମଧ୍ୟାହ୍ନଭୋଜନ ଯୋଗାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଯୋଗାଯୋଗ କରିଥିଲେ। ପାଚିକା ଓ ସହାୟିକା ଷ୍ଟ୍ରାଇକ୍‌ରେ ଥିବାରୁ ରୋଷେଇ ବନ୍ଦ ହୋଇଛି ବୋଲି ଜାଣିବାକୁ ମିଳିଥିଲା। ପରେ ପିଲାମାନଙ୍କୁ ବିସ୍କୁଟ ମଗାଇ ଖାଇବାକୁ ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଇଁ କହିଛନ୍ତି, ପାଚିକା ଓ ସହାୟିକା ଷ୍ଟ୍ରାଇକ୍‌ରେ ରହିଥିବାରୁ ରୋଷେଇ ହୋଇନାହିଁ। ଏ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୂଚନା ଦିଆଯାଉ ନ ଥିବାରୁ କୌଣସି ବ୍ୟବସ୍ଥା ହୋଇପାରି ନ ଥିଲା। ତେଣୁ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ପ୍ରଦାନ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି।

# କୋର୍ଟରେ ଚାର୍ଜଶିଟ୍ ଦାଖଲ କଲା ଇଡି

## ମେଡିକାଲ କଲେଜରେ ନାମ ଲେଖା ଆଳରେ ୧୮.୫ ଲକ୍ଷ ଠକେଇ ମାମଲା

ଭୁବନେଶ୍ୱର, ୧୦।୮ (ସତ୍ୟଜିତ୍ ରାଉତ)

ହିମାଚଳ ପ୍ରଦେଶର ଜଣେ ଯୁବକଙ୍କୁ ମ୍ୟାନେଜମେଣ୍ଟ କୋଟାରେ ମେଡିକାଲ କଲେଜରେ ନାମ ଲେଖାଇବା ଆଳରେ ୧୮.୫ ଲକ୍ଷ ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଚଳାଇଛି। ତେବେ ଆର୍ଥିକ କାରବାର ଦିଗକୁ ନେଇ ଖୋଳତାଡ଼ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୁକ୍ତ ରଘୁନାଥ ବେହେରା, ତାଙ୍କ ଭାଇ ଭରତ ବେହେରା, ସୌମ୍ୟକାନ୍ତ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ବିଶ୍ୱକଳ୍ପନା ମହାନ୍ତିଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍ଏଲ୍)ରେ ଚାର୍ଜଶିଟ୍ ଦାଖଲ କରିଛି। ଏନେଇ ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହାପୂର୍ବରୁ ଅଭିଯୁକ୍ତଙ୍କ ୪୬ ଲକ୍ଷର ସମ୍ପତ୍ତି ବାଜ୍ୟାପ୍ତି କରିଥିଲା ଇଡି।

ସୂଚନାଯୋଗ୍ୟ, ହିମାଚଳ ପ୍ରଦେଶର ବିନୋଦ କୁମାର ତାଙ୍କ ପୁଅର ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦୧୫–୧୬ ମସିହାରେ ଅଭିଯୁକ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବେଙ୍ଗାଲୁରୁ କିମ୍ବା ଭୁବନେଶ୍ୱରର ଏକ ବଡ଼ ମେଡିକାଲ କଲେଜରେ ମ୍ୟାନେଜମେଣ୍ଟ କୋଟାରେ ନାମ ଲେଖାଇଦେବେ ବୋଲି ସେମାନେ କହିଥିଲେ। ଏଥିପାଇଁ ସେମାନେ ୧୮.୫ ଲକ୍ଷ ଟଙ୍କା ନେଇ ଠକେଇ କରିଥିଲେ। ଏ ନେଇ ୨୦୧୯ ଡିସେମ୍ବର ୧୬ରେ ବିନୋଦଙ୍କ ଏତଲାକ୍ରମେ କ୍ରାଇମବ୍ରାଞ୍ଚ ଏକ ମାମଲା (ନଂ.୧୯/୨୦୧୯) ରୁଜୁ କରି ତଦନ୍ତ କରିଥିଲା। ପୂର୍ବରୁ କ୍ରାଇମବ୍ରାଞ୍ଚ ରଘୁନାଥ ଓ ସୌମ୍ୟକାନ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ଶୁଭକାନ୍ତ ପତିଙ୍କୁ ଗତ ସପ୍ତାହରେ ପଶ୍ଚିମବଙ୍ଗରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଥିଲା। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତକୁ ଜାରି ରଖିଛି। ଠକେଇ ଟଙ୍କା କେଉଁମାନଙ୍କ ପାଖକୁ ଯାଇଛି, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହାକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଚଳାଇଛି।

# ଜରପଡ଼ା ଷ୍ଟେଶନର ବିକାଶ ଦାବି

ଛେଣ୍ଡିପଦା, ୧୦।୮ (ଅଜିତ ଧଳ)


ଡିଆର୍ଏମ୍‌ଙ୍କ ସହ ବିକାଶ ପରିଷଦ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଅନୁଗୋଳ ଜିଲ୍ଲା ଜରପଡା ଷ୍ଟେଶନ ଠାରେ ଗୁରୁବାର ଜରପଡା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଡିଆର୍ଏମ୍‌ଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଡିଆର୍ଏମ୍ ଭିନୀତ ସିଂ ଅପରାହ୍ଣରେ ଏକ ସ୍ୱତନ୍ତ୍ର ରେଳ ଯୋଗେ ମାନେଶ୍ୱରରୁ ଜରପଡା ପର୍ଯ୍ୟନ୍ତ ଥିବା ବିଭିନ୍ନ ଷ୍ଟେଶନ ପରିଦର୍ଶନ କରିଥିଲେ। ଡିଆର୍ଏମ୍‌ଙ୍କ ଜରପଡା ଷ୍ଟେଶନ ପରିଦର୍ଶନ ସମୟରେ ଜରପଡା ଆଞ୍ଚଳିକ ବିକାଶ ପରିଷଦ ସଭାପତି ନାରାୟଣ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ସହିତ ଜରପଡା ଷ୍ଟେଶନରେ ବଲାଙ୍ଗୀର ଇଣ୍ଟରସିଟି, ମେମୁ ଓ ଅନୁଗୋଳ ପର୍ଯ୍ୟନ୍ତ ଆସୁଥିବା ପାସେଞ୍ଜର ଟ୍ରେନ ରହଣି ପାଇଁ ଦାବି କରିଥିଲେ। ଏଥିସହିତ ଜରପଡା ଷ୍ଟେଶନର ବିକାଶ ପାଇଁ ଦାବି କରିଥିଲେ। ଏହି ଆଲୋଚନା ବେଳେ ଜରପଡା ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟ କହ୍ନେଇ ସାହୁ, ଜିତେନ୍ଦ୍ର ପ୍ରଧାନ, ଲିଟନ ସାହୁ, ଜୀବନାନନ୍ଦ ସାହୁ, ଭୋଲେଶ୍ୱର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ସିଜେଆଇଙ୍କ ସ୍ଥାନରେ...

କାରଣ ଶାସକ ଦଳର ଅନୁଗତ ନ ପାଳଟିଲେ ପୋଲ୍ ପ୍ୟାନେଲ୍‌ରେ ସ୍ଥାନ ମିଳି ନ ପାରେ। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି, ନିର୍ବାଚନ କମିଶନଙ୍କୁ ମୋଟାମୋଟି ଭାବେ ମୋଦିଙ୍କ ହାତରେ ସଖୀ କଣ୍ଢେଇ ସଜାଇବା ପାଇଁ ଏହି ବିଲ୍‌ରେ ଉଦ୍ୟମ କରାଯାଇଛି। ନିର୍ବାଚନ କମିଶନଙ୍କୁ ନିରପେକ୍ଷ କରିବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଅଣଦେଖା କରାଯିବା ଦୁର୍ଭାଗ୍ୟଜନକ। ଏହା ଏକ ଅସାମ୍ବିଧାନିକ, ଏକତରଫା ଏବଂ ଅନୁପଯୁକ୍ତ ବିଲ୍। ଏହାକୁ ଆମେ ସବୁ ମଞ୍ଚରେ ବିରୋଧ କରିବୁ ବୋଲି ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ବେଣୁଗୋପାଳ ପୋଷ୍ଟ କରିଛନ୍ତି। କଂଗ୍ରେସ ଏମ୍‌ପି ତଥା ଦଳୀୟ ହୁଇପ୍ ମାନିକମ୍ ଟାଗୋର କହିଛନ୍ତି, ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ବାଚନ କମିଶନଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଏହି ବିଲ୍ ଆଣିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ମତରେ ଦିଲ୍ଲୀ ସରକାରଙ୍କ କ୍ଷମତାକୁ ନେଇ ସୁପ୍ରିମକୋର୍ଟ ରାୟ ପରେ ମୋଦି ସରକାର ସାମ୍ବିଧାନିକ ପୀଠଙ୍କ ଏକ ରାୟକୁ ନିରସ୍ତ୍ର କରିଦେଇଛନ୍ତି। ଏବେ ସରକାର ସିଜେଆଇଙ୍କୁ ହଟାଇ ତାଙ୍କ ସ୍ଥାନରେ ମୋଦିଙ୍କ ପସନ୍ଦର ଜଣେ ମନ୍ତ୍ରୀଙ୍କୁ କମିଟିରେ ରଖିବାକୁ ଯାଉଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ପାର୍ଲାମେଣ୍ଟରେ ଏହି ବିଲ୍ ପାରିତ ହୋଇଗଲେ ମଧ୍ୟ ଏହା ଅସାମ୍ବିଧାନିକ ରୂପେ ପରିଗଣିତ ହେବ। ସୁପ୍ରିମକୋର୍ଟରେ ଏହା ଖାରଜ ହୋଇଯିବ।

ପ୍ରକାଶ ଯେ, ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଏକ ରାୟରେ କହିଥିଲେ, ସିଇସି ଏବଂ ଇସିମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ ଗଠିତ ଏକ ୩ ଜଣିଆ କମିଟି ଚୟନ କରିବ। କମିଟିର ପରାମର୍ଶକ୍ରମେ ରାଷ୍ଟ୍ରପତି ସେମାନଙ୍କୁ ନିଯୁକ୍ତି ଦେବେ। ଉକ୍ତ ପ୍ୟାନେଲରେ ଲୋକ ସଭାର ବିରୋଧୀ ଦଳ ନେତା ଏବଂ ସିଜେଆଇ ମଧ୍ୟ ରହିବେ। ଲୋକ ସଭାରେ ବିରୋଧୀ ଦଳ ନେତା ନ ଥିଲେ ସବୁଠୁ ବଡ଼ ବିରୋଧୀ ଦଳର ନେତାଙ୍କୁ ଏଥିରେ ସାମିଲ କରାଯିବ। ସିଇସି ଏବଂ ଇସିଙ୍କ ନିଯୁକ୍ତି ପାଇଁ ପାର୍ଲାମେଣ୍ଟରେ ନୂଆ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ଏହି ଧାରା ଚାଲିବ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠ ସ୍ପଷ୍ଟ କରିଥିଲେ। କିନ୍ତୁ କେନ୍ଦ୍ର ଏସମ୍ପର୍କିତ ଆଇନ ଆଣିବା ପରିବର୍ତ୍ତେ ସିଜେଆଇଙ୍କ ବଦଳରେ ଜଣେ ମନ୍ତ୍ରୀଙ୍କୁ ନିଯୁକ୍ତି ସମ୍ପର୍କିତ କମିଟିରେ ରଖିବାକୁ ଚାହୁଁଥିବାରୁ ବିପକ୍ଷ କଡ଼ା ବିରୋଧ କରିଛନ୍ତି।

## ବିରୋଧୀ ବିନା...

ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ନିଜ ଭାଷଣର ପ୍ରଥମ ୯୦ ମିନିଟରେ ମୋଦି ମଣିପୁର ସମ୍ପର୍କରେ କିଛି ନ କହିବାରୁ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ଏବଂ ଶିରୋମଣୀ ଅକାଳୀ ଦଳ (ଏସ୍ଏଡି) ସଦସ୍ୟମାନେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରି କକ୍ଷତ୍ୟାଗରେ ସାମିଲ ହୋଇଥିଲେ।

ପ୍ରଧାନମନ୍ତ୍ରୀ ଗୃହରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିବୃତି ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ସେ ମଣିପୁର ସ୍ଥିତି ଉପରେ କହିଥିଲେ, ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ମଣିପୁର ହେଉଛି ଉତ୍ତର ପୂର୍ବାଞ୍ଚଳର ହୃଦୟ। ସେଠାରେ ଶୀଘ୍ର ବିକଶର ପଥ ପୁଣି ପ୍ରଶସ୍ତ ହେବ। ମହିଳା ବିରୋଧୀ ଅପରାଧ ଘଟାଉଥିବା ବ୍ୟକ୍ତିମାନେ କଠୋର ଦଣ୍ଡ ପାଇବେ ବୋଲି ପ୍ରଧାନମନ୍ତ୍ରୀ ଗୃହକୁ ଆଶ୍ୱାସନା ଦେଇଥିଲେ।

## ଏଲ୍ଓସିରେ ଭାରତର...

ମାଷ୍ଟର ଭଟ୍ଟଙ୍କ ଘରେ ଡାକଘର ଚାଲିଥିଲା। ଏଥିପାଇଁ ସେ ଭଡ଼ା ନେଉ ନ ଥିଲେ ବୋଲି କହିଛନ୍ତି। ତାଙ୍କ ସହ ୩ ଜଣ ଡାକବାଲା କାମ କରୁଥିଲେ ଓ ବହୁ ଦୂର ପର୍ଯ୍ୟନ୍ତ ସେବା ଯୋଗାଉଥିଲେ। ତେବେ ନିର୍ଭରଯୋଗ୍ୟ ଯୋଗାଯୋଗ ସୁବିଧା ଅଭାବରୁ ଅନ୍ୟ ପୋଷ୍ଟ ଅଫିସ ଭଳି ଏହା ଅନ୍‌ଲାଇନ ସେବା ଯୋଗାଇପାରି ନାହିଁ। ଅନ୍ୟପକ୍ଷରେ କୁପୱାରାର ଡେପୁଟି କମିଶନର ଆୟୁଷି ସୁଦାନ କହିଛନ୍ତି, ଯୋଗାଯୋଗ ସମସ୍ୟାରେ ସୁଧାର ଆସୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ଅପ୍ଟିକାଲ ଫାଇବର କେବୁଲ କାମ ଶେଷ ହୋଇଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡ଼ି, ମୋଟର, ଧାର କରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ**
ରୋହିଣୀ ନକ୍ଷତ୍ରର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ମନରେ ଆଲୋଡ଼ନ ସୃଷ୍ଟି କରିବ। ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ପୁନର୍ବସୁ ନକ୍ଷତ୍ରର ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଚାପ ଯୋଗୁ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବ। ଆତ୍ମୀୟଙ୍କ ପାଇଁ ଯେଉଁ ଆଶା ନେଇ କାମ କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ,ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ପାରିବାରିକ ଅଶାନ୍ତି ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ମଘା ନକ୍ଷତ୍ର ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି କରିବେ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ଚିତ୍ରା ନକ୍ଷତ୍ରର ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆଶା ଓ ଅଭିଳାଷ ପୂରଣ ହେତୁ ମହିଳାମାନଙ୍କ ମନ ପ୍ରଫୁଲ୍ଲ ରହିବ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ସ୍ୱାତୀ ନକ୍ଷତ୍ର ମଧ୍ୟାହ୍ନରେ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା**
ଆଜି ଆକସ୍ମିକ ଭାବରେ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି।

**ଧନୁ**
ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ପୂର୍ବାଷାଢ଼ା ନକ୍ଷତ୍ରର ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା ଶୁଭଖବର ଆଜି ସକାଳୁ ସକାଳୁ ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**ମକର**
ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହେବ।

**କୁମ୍ଭ**
ଉଦ୍ଦେଶ୍ୟକୁ ଗୋପନ ରଖି ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବା ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଶତଭିଷା ନକ୍ଷତ୍ର ସମସ୍ୟା ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ମୀନ**
ପୂର୍ବଭାଦ୍ରପଦ୍ ନକ୍ଷତ୍ର କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ,ନତୁବା ହଜିଯାଇପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କିତ ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଶ୍ରାବଣ(ମଳ)କୃଷ୍ଣପକ୍ଷ ଏକାଦଶୀ ଶୁକ୍ରବାର, ଅଗଷ୍ଟ ୧୧ ତାରିଖ, ରାଶି ନକ୍ଷତ୍ର–ମୃଗଶିରା/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୯ ଗତେ ଘ.୦୬।୨୦ ମଧ୍ୟେ, ଘ. ୦୭।୧୧ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୧୦।୧୬ ଗତେ ଘ.୧୧।୫୧ ମଧ୍ୟେ ରାହୁକାଳ।





# ॥ स्कॉलर्स को जोहार ॥

## मरङ गोमके जयपाल सिंह मुंडा पारदेशीय छात्रवृत्ति एवं चेवनिंग मरङ गोमके जयपाल सिंह मुंडा छात्रवृत्ति

## 2023-2024



मुख्य अतिथि

**श्री हेमन्त सोरेन**
माननीय मुख्यमंत्री, झारखण्ड

विशिष्ट अतिथि

**श्री आलमगीर आलम**
माननीय मंत्री, ग्रामीण विकास, ग्रामीण कार्य एवं पंचायती राज विभाग

**श्री सत्यानंद भोक्ता**
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग

**श्री चंपई सोरेन**
माननीय मंत्री, अनुसूचित जनजाति, अनुसूचित जाति, पिछड़ा वर्ग कल्याण विभाग

**श्री हफीजुल हसन**
माननीय मंत्री, अल्पसंख्यक कल्याण, पर्यटन, कला- संस्कृति, खेलकूद एवं युवा कार्य विभाग

दिनांक : 11 अगस्त 2023 | समय : अपराह्न 03:00 बजे
स्थान : प्रोजेक्ट भवन सभागार, रांची

PR-304415 (Schedule Tribe, Schedule Caste, Minority and Backward Class Welfare Department) 2023-24

अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग, झारखण्ड सरकार

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଅଗଷ୍ଟ, ୨୦୨୩

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ ହେଲା – ତୁମର ଚରମ ନିଷ୍ଠାପରତା। **–ଶ୍ରୀମା**



# ଲୋକଙ୍କୁ ଖାଇବାକୁ ଦିଅ



ପିଟର ସିଙ୍ଗର

ଫେବୃୟାରୀ ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ଆକ୍ରମଣ ପରେ ୟୁକ୍ରେନ୍‌ର ବ୍ଲାକ୍ ସି ବା କୃଷ୍ଣସାଗରରେ ଥିବା ବନ୍ଦରଗୁଡ଼ିକରୁ ବାହାର ଦେଶକୁ ଖାଦ୍ୟଶସ୍ୟ ନେଇ ଯାଉଥିବା ପାଣିଜାହଜଗୁଡ଼ିକ ବନ୍ଦ ହୋଇଗଲା। ସେଗୁଡ଼ିକ ଯୁଦ୍ଧାସ୍ତ୍ର ନେଉଥିବା ସନ୍ଦେହରେ ରୁଷିଆ ସେନା ଆକ୍ରମଣର ଆଶଙ୍କାକରି ଏହା କରାଯାଇଥିଲା। ବିଶେଷକରି ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକୀୟ ଦେଶଗୁଡ଼ିକ ୟୁକ୍ରେନ୍‌ରୁ ଗହମ ଆମଦାନୀ କରିଥାନ୍ତି। ତେବେ ଯୁଦ୍ଧ ଯୋଗୁ ୟୁକ୍ରେନ୍‌ରୁ ସେହି ଦେଶଗୁଡ଼ିକୁ ଖାଦ୍ୟଶସ୍ୟ ବିଶେଷକରି ଗହମ ରପ୍ତାନି ପୂରା ବନ୍ଦ ହୋଇଗଲା। ଫଳରେ ସେଠାରେ ଗହମ ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇଲା ଓ ଦୁର୍ଭିକ୍ଷ ଆଶଙ୍କା ଦେଖାଦେଲା। ଫଳସ୍ୱରୂପ, ଜୁଲାଇ ୨୦୨୨ରେ ସୁରକ୍ଷିତ ସମୁଦ୍ର ପଥ ଦେଇ ୟୁକ୍ରେନ୍‌କୁ ଜାହାଜ ଯିବା ଆସିବା କରିବା ଲାଗି ରୁଷିଆ ରାଜି ହୋଇଥିଲା। କିନ୍ତୁ ଏଥିପାଇଁ ଏକ ସର୍ତ୍ତ ରଖିଥିଲା ଯେ, ତା' ଅଧିକାରୀମାନେ ଜାହାଜଗୁଡ଼ିକୁ ଯାଞ୍ଚ କରିପାରିବେ। ସେବେଠାରୁ ୧୧ ମାସ ହେଲା 'ବ୍ଲାକ୍ ସି ଗ୍ରେନ୍ ଇନିସିଏଟିଭ' କାର୍ଯ୍ୟ କରୁଥିଲା ଏବଂ ଏହି ସମୟ ମଧ୍ୟରେ ୟୁକ୍ରେନ୍ ୩୩ ମିଲିୟନ ଟନ୍ ଖାଦ୍ୟଶସ୍ୟ ରପ୍ତାନି କରିବା ଯୋଗୁ ବିଶ୍ୱରେ ଖାଦ୍ୟ ମୂଲ୍ୟ ପାଖାପାଖି ୨୦% ହ୍ରାସ ଘଟିଲା। ଜାତିସଂଘ ଅନୁଯାୟୀ ରପ୍ତାନି ହୋଇଥିବା ମୋଟ ଖାଦ୍ୟଶସ୍ୟର ୫୭% ବିକାଶଶୀଳ ଦେଶଗୁଡ଼ିକୁ ଯାଇଥିଲା।

ରୁଷିଆ ଏବେ ଚୁକ୍ତିରୁ ଓହରିଯାଇଛି। ଜୁଲାଇ ୧୭ରେ ଚୁକ୍ତି ଶେଷ ହେବ ବୋଲି ରୁଷିଆ ଯେତେବେଳେ ଘୋଷଣା କରିଥିଲା ସେତେବେଳେ ଖାଦ୍ୟଶସ୍ୟର ମୂଲ୍ୟ ୮% ବଢ଼ିଗଲା। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସତର୍କ କରିଦେଇଥିଲେ ଯେ, ଏବେ ଅନେକ ଲକ୍ଷ ଲୋକଙ୍କୁ କ୍ଷୁଧାର ସାମ୍ନା କରିବାକୁ ପଡ଼ିବ। ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଥିଲେ, ବିଶ୍ୱରେ ଖାଦ୍ୟ ଆବଶ୍ୟକ କରୁଥିବା ଲୋକମାନଙ୍କୁ ଏଥିରୁ ବଞ୍ଚିତ କରିବା ପାଇଁ ରୁଷିଆ ଦାୟୀ। ରୁଷିଆର ଆଚରଣ ମରୁଡ଼ି ପ୍ରପୀଡ଼ିତ ଦେଶଗୁଡ଼ିକର ଲୋକମାନଙ୍କ ପଛରୁ ଛୁରି ଭୁସିବା ସହ ସମାନ ବୋଲି କେନିଆ ସରକାର (ଏହି ଦେଶଗୁଡ଼ିକ ସହ ଏବେ କେନିଆ ସାମିଲ ହୋଇଛି) କହିଥିଲେ। ତେବେ ଚୁକ୍ତି ଶେଷ କରିବା ସହ ରୁଷିଆ ଘୋଷଣା କରିଛି ଯେ, କୌଣସି ପଣ୍ୟବାହୀ ଜାହାଜ ୟୁକ୍ରେନ୍ ବନ୍ଦର ଆଡ଼କୁ ଯଦି ଆସିବ ସେଥିରେ ଯୁଦ୍ଧାସ୍ତ୍ର କିମ୍ବା ସେନା ସାମଗ୍ରୀ ଆସୁଛି ବୋଲି ଧରିନେବ। ରପ୍ତାନିର ବିକଳ୍ପ ପଥ କୁହାଯାଉଥିବା ଡାନ୍ୟୁବ୍ ନଦୀରେ ଥିବା ୟୁକ୍ରେନ୍ ବନ୍ଦର ଉପରେ ରୁଷିଆ ଆକ୍ରମଣ କରିଛି। କେବଳ ଏତିକି ନୁହେଁ, ଓଡେଶାରେ ଥିବା ଶସ୍ୟଭଣ୍ଡାର ସ୍ଥଳୀଗୁଡ଼ିକୁ ଆକ୍ରମଣ କରି ଆନୁମାନିକ ୬୦,୦୦୦ ଟନ୍ ଖାଦ୍ୟଶସ୍ୟ ନଷ୍ଟ କରିଦେଇଛି।



ନିକଟରେ ସେଣ୍ଟ ପିଟର୍ସବର୍ଗରେ ରୁଷିଆ–ଆଫ୍ରିକା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଫ୍ରିକାରେ ସମ୍ଭାବ୍ୟ ଖାଦ୍ୟଶସ୍ୟ ଅଭାବକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ଏହାସହ ସେ ୬ଟି ଆଫ୍ରିକୀୟ ଦେଶକୁ ରୁଷିଆର ଖାଦ୍ୟଶସ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସମ୍ମିଳନୀରେ ସାମିଲ ଦେଶଗୁଡ଼ିକ ମଧ୍ୟରେ କେନିଆ ନ ଥିଲା। ପୁଟିନ୍ ଯେତିକି ପରିମାଣର ଖାଦ୍ୟଶସ୍ୟ ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି ତାହା ଚୁକ୍ତି ବଳବତ୍ତର ଥିବାବେଳେ ୟୁକ୍ରେନ୍‌ରୁ ରପ୍ତାନି ହେଉଥିବା ଖାଦ୍ୟଶସ୍ୟ ତୁଳନାରେ ୧% କମ୍।

ୟୁକ୍ରେନ୍ ବିରୋଧରେ ହୋଇଥିବା ଆକ୍ରୋଶର ଯୁଦ୍ଧକୁ ଆଗକୁ ବଢ଼ାଇ ୟୁକ୍ରେନ୍‌ର ଖାଦ୍ୟଶସ୍ୟ ରପ୍ତାନିରେ ବାଧା ଦେବା ରୁଷିଆ ପାଇଁ ଯୁକ୍ତିଯୁକ୍ତ କିମ୍ବା କ୍ଷମଣୀୟ ନୁହେଁ। କାରଣ ରୁଷିଆ ଭଲ ଭାବେ ଜାଣେ ଯେ, ଏଭଳି ଆକ୍ରମଣ ଶସ୍ୟ ମୂଲ୍ୟ ବୃଦ୍ଧି କରିବ ଏବଂ ଯୁଦ୍ଧଠାରୁ ଦୂରେଇ ରହିଥିବା ଦେଶଗୁଡ଼ିକରେ କ୍ଷୁଧା ବୃଦ୍ଧି କରିବ। ତଥାପି, ଗୁଟେରସ୍ ଏବଂ ବ୍ଲିଙ୍କେନ୍‌ଙ୍କ ଭଳି ନେତାଙ୍କ ମନ୍ତବ୍ୟ ମିଥ୍ୟା ଭାବନା ସୃଷ୍ଟି କରିବାର ଆଶଙ୍କା ରହିଛି ଯେ, ବିଶ୍ୱ ଏହାର ଲୋକଙ୍କୁ ଖାଇବାକୁ ଦେବା ପାଇଁ ୟୁକ୍ରେନ୍ ଉପରେ ନିର୍ଭର କରେ। ବାସ୍ତବତାକୁ ଦେଖିବା। ପ୍ରତିବର୍ଷ ବିଶ୍ୱରେ ୭୫୦ ମିଲିୟନ ଟନ୍ ଗହମ ଏବଂ ୧.୧ ବିଲିୟନ ଟନ୍ ମକା ଉତ୍ପାଦନ ହୁଏ। ଏହା ମଧ୍ୟରୁ ୨୦% ଗହମ(୧୫୦ ମିଲିୟନ ଟନ୍) ଏବଂ ୬୧% ମକା( ୬୭୧ ମିଲିୟନ ଟନ୍) ପ୍ରାଣୀମାନଙ୍କୁ 'କନ୍‌ସନଟ୍ରେଟେଡ୍ ଆନିମଲ୍ ଫିଡିଂ ଅପରେଶନ' ବା ସିଏଏଫ୍‌ଓଏସ୍ ଶିଳ୍ପଗୁଡ଼ିକରେ ଖାଇବାକୁ ଦିଆଯାଉଛି। ଏଥିରେ ବି ବିଶ୍ୱରେ ଉତ୍ପାଦିତ ସୋୟାବିନ୍‌ର ୭୭% ଉପଯୋଗ ହେଉଛି।

ଆମେ ଯେଉଁ ଖାଦ୍ୟ ଖାଇଥାଆନ୍ତେ ତାହାକୁ ପ୍ରାଣୀମାନଙ୍କୁ ଖାଇବାକୁ ଦେଉଥିବାବେଳେ ସେହି ପ୍ରାଣୀମାନଙ୍କଠାରେ ଶସ୍ୟ ତୁଳନାରେ କମ୍ କ୍ୟାଲୋରି ଓ ପ୍ରୋଟିନ୍ ପାଇଥାଉ। କାରଣ ପ୍ରାଣୀମାନେ ସେମାନଙ୍କ ଖାଦ୍ୟର ପୌଷ୍ଟିକ ତତ୍ତ୍ୱର ସିଂହଭାଗ ସେମାନଙ୍କ ଶରୀରକୁ ଉଷ୍ତ ରଖିବା, ଅସ୍ଥି ଓ ଅନ୍ୟ ଅଙ୍ଗର ବିକାଶରେ ବ୍ୟବହାର କରିଥାନ୍ତି, ଯାହାକୁ ଆମେ ଖାଇ ନ ଥାଉ। ଆମେରିକାରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, ମାଂସ ପାଇଁ ଗୋରୁମାନଙ୍କୁ ଖାଇବାକୁ ଦିଆଯାଉଥିବା ଶସ୍ୟ ଓ ସୋୟାକୁ ବିଚାରକୁ ନେଲେ ସେମାନଙ୍କ ମାଂସରେ ସେହି ଶସ୍ୟ ତୁଳନାରେ ୩% କମ୍ କ୍ୟାଲୋରି ଏବଂ ପ୍ରୋଟିନ୍ ରହୁଛି। ଘୁଷୁରିକୁ ଖାଇବାକୁ ଦେଲେ ୧୦% କମ୍ ଏବଂ କେବଳ କୁକୁଡ଼ାଙ୍କୁ ଖାଇବାକୁ ଦେଲେ ୨୧% ରହୁଛି। ଦେଖିବାକୁ ଗଲେ ଶସ୍ୟରୁ କ୍ୟାଲୋରି ଓ ପ୍ରୋଟିନ୍‌ରେ ପରିଣତ କରିବାରେ କୁକୁଡ଼ା ସବୁଠୁ ଆଗରେ ରହୁଛି। ଏହିସବୁ ତଥ୍ୟକୁ ବିଚାରକୁ ନେଲେ ଧରିନେବାକୁ ହେବ ଯେ, ସିଏଏଫ୍‌ଓଏସ୍‌ରେ ସମସ୍ତ ପ୍ରାଣୀଙ୍କଠାରୁ ମିଳୁଥିବା ହାରାହାରି ପୋଷକ ୨୦%(ନିଶ୍ଚିତ ଭାବେ ଏହାଠାରୁ କମ୍)। ଆମେ ସିଦ୍ଧାନ୍ତରେ ପହଞ୍ଚିପାରିବା ଯେ, ପ୍ରାଣୀମାନଙ୍କୁ ୧୫୦ ମିଲିୟନ ଟନ୍ ଗହମ ଓ ୬୭୧ ମିଲିୟନ ଟନ୍ ମକା ଖାଇବାକୁ ଦେବା ଅର୍ଥ ୧୨୦ ମିଲିୟନ ଟନ୍ ଗହମ ଓ ୫୩୭ ମିଲିୟନ ଟନ୍ ନଷ୍ଟ କରିବା। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ, ରୁଷିଆ ସହିତ ବ୍ଲାକ୍ ସି ଚୁକ୍ତି କାର୍ଯ୍ୟକାରୀ ହୋଇଥିବାବେଳେ ୟୁକ୍ରେନ୍ ରପ୍ତାନି କରୁଥିବା ୩୩ ମିଲିୟନ ଟନ୍ ଶସ୍ୟ ଏକ ମଧ୍ୟମ ପରିମାଣ ବୋଲି ବୁଝାପଡୁଛି।

ବିଶ୍ୱରେ ଯେଉଁ ଲୋକମାନଙ୍କ ପାଇଁ ଖାଦ୍ୟ ଜରୁରୀ ସେମାନଙ୍କୁ ସେଥିରୁ ବଞ୍ଚିତ କରିବାରେ ରୁଷିଆ ଦାୟୀ ବୋଲି ଯାହା ବ୍ଲିଙ୍କେନ୍ କହିଛନ୍ତି ତାହା ସତ। କିନ୍ତୁ ଆମେ ଏମିତି କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ଉଚିତ ନୁହେଁ ଯେ, ୟୁକ୍ରେନ୍‌ରୁ ଗହମ ନେଇ ଯାଉଥିବା ଜାହାଜ ଉପରେ ରୁଷିଆ ଆକ୍ରମଣ କରିବା ଭୟ ଯୋଗୁ ସୃଷ୍ଟି ହୋଇଥିବା ଖାଦ୍ୟାଭାବକୁ ରୁଷିଆକୁ ଛାଡ଼ିଦେଲେ ଅନ୍ୟ ଦେଶ ଦୂର କରିବାକୁ ଅସମର୍ଥ। କେବଳ ଆମେରିକା ସିଏଏଫ୍‌ଓଏସ୍‌ରେ ପ୍ରାଣୀସଂଖ୍ୟା ହ୍ରାସକଲେ ସେଥିରୁ ଯାହା ଶସ୍ୟ ବଳିବ ତାହାକୁ ରପ୍ତାନି କରି କେବଳ ୟୁକ୍ରେନ୍‌ର ରପ୍ତାନିଜନିତ କ୍ଷତିକୁ ରୋକାଯାଇପାରିବ। ଯଦି ସିଏଏଫ୍‌ଓଏସ୍‌ରୁ ଅଧିକାଂଶ ମାଂସ ଉତ୍ପାଦନ କରୁଥିବା ଅନ୍ୟ ଦେଶଗୁଡ଼ିକ ସମାନ ପନ୍ଥା ଆପଣାନ୍ତି ତା'ହେଲେ କାର୍ଯ୍ୟ ଆହୁରି ସହଜ ହୋଇଯିବ। ମାଂସ ଉପରେ ଟିକସ ଲଗାଇ ସରକାରଗୁଡ଼ିକ ସମଗ୍ର ବିଶ୍ୱରେ ଅଭାବୀ ଲୋକଙ୍କୁ ଖାଇବାକୁ ଦେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଶସ୍ୟ ବଳାଇପାରିବେ। ଏହି ପ୍ରକ୍ରିୟାରେ, ସେମାନେ ମଧ୍ୟ ସ୍ଥାନୀୟ ବାୟୁ ଏବଂ ଜଳ ପ୍ରଦୂଷଣ କମାଇବା ସହ ଗ୍ରୀନ୍ ହାଉସ–ଗ୍ୟାସ୍ ନିର୍ଗମନ ହ୍ରାସ କରି ସେମାନଙ୍କ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରିବେ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ**

# ଅଭିଭାବକଙ୍କ ମୁଣ୍ଡରେ ଚଡ଼କ



ଗଙ୍ଗାଧର ସାମଲ

ଜିଏସ୍‌ଟି ଲାଗିବା ଦିନଠାରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବଢ଼ିଥିବା ବେଳେ ଏଥିଲାଗି ଗରିବ ଓ ମଧ୍ୟବିତ୍ତ ସର୍ବାଧିକ ସମସ୍ୟା ଭୋଗୁଛନ୍ତି। ଗୋଟିଏ ପଟେ ଜିଏସ୍‌ଟି ପ୍ରଭାବରୁ ମୁଢ଼ି ଓ ଚୁଡ଼ା ବର୍ତ୍ତି ନ ଥିବା ବେଳେ ଶିକ୍ଷା କ୍ଷେତ୍ରରେ ମଧ ମହଙ୍ଗାମାଡ଼ ଅଭିଭାବକଙ୍କ ଉପରେ ବୋଝ ସଦୃଶ ହୋଇଛି। ସରକାର ସାଧାରଣ ପେନ୍, ପେନ୍‌ସିଲ, ଖାତା, ରବର, କାଗଜ, ଭଳି ବିଭିନ୍ନ ସାମଗ୍ରୀ ଉପରେ ୧୮% ଜିଏସ୍‌ଟି ଲଗାଇଥିବାରୁ ଏବେ ଏହାର ପ୍ରଭାବ ଶିକ୍ଷା ଉପରେ ପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାମାନଙ୍କର ନୋଟ୍ ବୁକ୍ ଯାହା ସେମାନଙ୍କ ଲାଗି ଅତି ଆବଶ୍ୟକ ସେଥିରେ ମଧ ୧୮% ଜିଏସ୍‌ଟି ଲଗାଯାଇଛି। ଏବେ ଲୋକମାନେ ମହଙ୍ଗାମାଡ଼ରେ ତ୍ରାହି ତ୍ରାହି ଡାକିଲେଣି। ଖାଦ୍ୟ, ବସ୍ତ୍ର ଓ ଶିକ୍ଷା ହେଉଛି ସାଧାରଣ ଲୋକର ଅତ୍ୟାବଶ୍ୟକ ଜିନିଷ। ଏହି ତିନୋଟି ଉପରେ ସରକାର ୫%ରୁ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଲଗାଇଛନ୍ତି। ଯାହାଫଳରେ ଏସବୁଥିରେ ଦରଦାମ୍ ଦୁଇଗୁଣା ପର୍ଯ୍ୟନ୍ତ ବଢ଼ିଯାଇଛି।

କେଜିରୁ ପିଜି ପର୍ଯ୍ୟନ୍ତ ପିଲାଙ୍କ ଅତି ଆବଶ୍ୟକ ପେନ୍‌ସିଲ ଦାମ୍ ମଧ ଦୁଇଗୁଣା ବଢ଼ିଛି। ପୂର୍ବରୁ ଏହାର ୧୦୦ପିସ୍‌ର ପ୍ୟାକେଟ୍ ପିଛା ୨୨୦ ଟଙ୍କାରେ ଆମେ କିଣୁଥିବାବେଳେ ଏବେ ଏହା ୩୬୦ଟଙ୍କା କିଣିବାକୁପଡୁଛି। ସେହିପରି କେଜିରେ ପଢୁଥିବା ପିଲାଙ୍କ ଛବିବହି ଉପରେ ମଧ ୧୨% ଟ୍ୟାକ୍ସ ଲାଗିଛି। ନୋଟ୍ ବୁକ୍ କଥା ନ କହିବା ଭଲ। କାଗଜ ଉପରେ ୧୨ରୁ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଲାଗିବା ପରେ ଏହା ମଧ ବେଶ୍ ମହଙ୍ଗା ହୋଇଯାଇଛି। ପୂର୍ବରୁ ଗୋଟିଏ ନୋଟ୍ ବୁକ୍ ୩୦ଟଙ୍କାରେ ବିକ୍ରି ହେଉଥିବା ବେଳେ ୨ରୁ ୩ବର୍ଷ ମଧ୍ୟରେ ଏହାର ଦାମ୍ ୫୦ଟଙ୍କାରେ ପହଞ୍ଚିଛି। ପେନ୍‌ସିଲ, କଟର ଓ ରବର ଉପରେ ମଧ ୧୨% ଟ୍ୟାକ୍ସ ଲାଗୁଛି ବୋଲି ଜଣେ ବ୍ୟବସାୟୀ କହିଛନ୍ତି। ତେବେ ଅଭିଭାବକଙ୍କ ମତରେ ପିଲା ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ପୂର୍ବରୁ ଖାତା, ବହି, ପେନ୍, ପେପର, ପେନ୍‌ସିଲ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଲାଗି ମାସିକ ୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏବେ ଅତିରିକ୍ତ ୧ ହଜାର ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ସବୁ ଦିଗରୁ ବିଚାର କଲେ ଦୁଇ କିମ୍ବା ତିନୋଟି ପିଲାଙ୍କ ପଢ଼ା ଖର୍ଚ୍ଚ ବହନ କରିବା ଏକ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ବୋଝ ପାଲଟିଯାଉଛି। ଆହୁରି ଅଧିକ ସନ୍ତାନ ଥିବା ପରିବାର କଥା ନ କହିବା ଭଲ। ପଢ଼ା ଖର୍ଚ୍ଚ ବହନ କରିବାରେ ଅକ୍ଷମତା ହିଁ ପିଲାଙ୍କ ସ୍କୁଲ ଛାଡ଼ିବାର ଏକ କାରଣ ବୋଲି କୁହାଯାଇପାରେ।

ନୋଟ୍ ବୁକ୍‌ଠାରୁ ଆରମ୍ଭ କରି ନିଜ ସ୍କୁଲର ସ୍ୱତନ୍ତ୍ର ବହି ପିଲାଙ୍କୁ ଯୋଗାଯାଉଛି। ଏହି ବାବଦରେ ୧୮% ପର୍ଯ୍ୟନ୍ତ ଅଧିକ ଟ୍ୟାକ୍ସ ପୈଠ କରିବାକୁ ପଡୁଛି। ସ୍କୁଲ ବସ୍‌ରେ ମଧ ପିଲାଙ୍କ ଯିବା ଆସିବା ଉପରେ ଟ୍ୟାକ୍ସ ଲାଗୁଛି। ସେହିପରି ପିଲାଙ୍କ କପଡ଼ା, ଜୋତା, ଟି–ଶାର୍ଟ କାନ୍‌ଭାସ ଜୋତା ଉପରେ ୧୨%ରୁ ୧୮% ଜିଏସ୍‌ଟି ଲାଗୁଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଅଭିଭାବକମାନେ ଗୋଟିଏ ପଟେ ପିଲାଙ୍କୁ ଭଲ ଶିକ୍ଷା ଦେଇ ମଣିଷ କରିବାକୁ ଚାହୁଁଥିବା ବେଳେ ଏବେ ସେମାନଙ୍କ ପାଠପଢ଼ା ଲାଗି ନିଜର ପେଟ କାଟି ସଞ୍ଚୟ କରିବାକୁ ପଡୁଛି। ଉଚ୍ଚଶିକ୍ଷାରେ ମଧ ସମାନ ଅବସ୍ଥା। ଯୁକ୍ତ୨ ପରେ ପିଲାଙ୍କ ମେଡିକାଲ, ଇଞ୍ଜିନିୟରିଂ କୋଚିଂ ଉପରେ ମଧ ୧୮% ଜିଏସ୍‌ଟି ଲାଗୁଛି। ପୂର୍ବରୁ ଏହା ୧୫% ଥିବାବେଳେ ପୁଣି ୩% ବଢ଼ିଛି। ସାଧାରଣତଃ ଗୋଟିଏ ଭଲ କୋଚିଂ ସେଣ୍ଟରରେ ପିଲା ପଢ଼ିବା ଲାଗି ପୂର୍ବରୁ ବାର୍ଷିକ ୧ଲକ୍ଷରୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିବାବେଳେ ଏବେ ଏଥିରେ ଅଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜିଏସ୍‌ଟି ଲାଗୁଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ଡାଲି, ଚାଉଳ, ତେଲ, ଲୁଣ ସହ ମେଡିସିନ ଦର ବଢ଼ିଥିବାବେଳେ ପାଠପଢ଼ା ସାମଗ୍ରୀ ଓ ବିଭିନ୍ନ ମ୍ୟାନେଜମେଣ୍ଟ କୋର୍ସ ଉପରେ ଜିଏସ୍‌ଟି ଲାଗିବା ଦ୍ୱାରା ସର୍ବାଧିକ ମଧ୍ୟବିତ୍ତବର୍ଗର ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ କମ୍ପ୍ୟୁଟର ଓ ଲାପଟପ୍ ଉପରେ ମଧ ୧୮ରୁ ୨୮% ଟ୍ୟାକ୍ସ ପୈଠ କରିବାକୁ ପଡୁଛି। ସରକାର ଏଗୁଡ଼ିକୁ ବିଚାର କରିବା କଥା। ସାଧାରଣତଃ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟିକୁ ବାଦ୍ ଦେବା ଦରକାର।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ:୯୪୩୭୨୨୬୬୪୭**

## ଏଇ ଭାରତରେ

ଜେଜେଙ୍କ ସ୍ୱପ୍ନ ପୂରଣ କରିବା ଲାଗି ସାଇ ବିଗ୍ନେଶ ତାଙ୍କ ଘରକୁ ବିକ୍ରି କରିଦେଇ ପ୍ରାଣୀମାନଙ୍କୁ ଉଦ୍ଧାର କରୁଛନ୍ତି। ୨୨ ବର୍ଷୀୟ ସାଇ ତାମିଲନାଡୁର ତିରୁଭାଲୁରରେ ଆନିମଲ କେୟାର ଟ୍ରଷ୍ଟ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ୨୫୦ ପ୍ରାଣୀଙ୍କୁ ଉଦ୍ଧାର କରି ତାଙ୍କ ନିଜସ୍ୱ ପ୍ରାଣୀ ଅଭୟାରଣ୍ୟରେ ରଖିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୮୦ କୁକର, ୨୫ ଛେଳି,୧୧୬ ଗାଈ, ମଇଁଷି ଓ ଷଣ୍ଢ, ୪ ଘୁଷୁରି ,୨ ଘୋଡ଼ା ଏବଂ ଆଉ କିଛି ପ୍ରାଣୀ। ସାଇଙ୍କ ପିଲାଦିନ କଟିଥିଲା ଚେନ୍ନାଇରେ। ସେ ବହୁ ସମୟ ତାଙ୍କ ଜେଜେବାପା ଓ ପୋଷାକୁକୁର ସହ ଖେଳନ୍ତି। କିନ୍ତୁ ସେହି କୁକୁରଟି କ୍ୟାନ୍‌ସରରେ ମରିଯିବା ପରେ ବୁଲାକୁକୁରଙ୍କୁ ଖାଇବାକୁ ଦେଇ ସେମାନଙ୍କ ସହ ସମୟ କଟାଇବା ଲାଗି ତାଙ୍କ ଜେଜେ କହିଥିଲେ। ପରେ ସେ ତାଙ୍କ ଅଞ୍ଚଳରେ ବୁଲାପ୍ରାଣୀଙ୍କୁ ଖାଦ୍ୟ ଓ ଚିକିତ୍ସା ଯୋଗାଇବା ଆରମ୍ଭ କରିଦେଲେ। ଏବେ ସେ ଗୋରୁ, କୁକୁର, ଛେଳି, ଘୁଷୁରି ଓ ଘୋଡାଙ୍କୁ ଉଦ୍ଧାର କରି ରଖିଛନ୍ତି। ଆରମ୍ଭରୁ ତାଙ୍କ ଜେଜେବାପା ଏହି କାର୍ଯ୍ୟ ଲାଗି ମାସକୁ ସାଇଙ୍କୁ ୩୦,୦୦୦ ଟଙ୍କା ଦେଉଥିଲେ। ଏବେ ପ୍ରାଣୀ ଉଦ୍ୟାନରେ ଥିବା ଖାଦ୍ୟ ଓ ଚିକିତ୍ସା ବାବଦରେ ଦିନକୁ ସେ ଏବେ ୧୮,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏପରିକି ଏହି ଖର୍ଚ୍ଚ ବହନ କରିବା ଲାଗି ସେ ତାଙ୍କ ପୈତୃକ ସମ୍ପତ୍ତି ବି ବିକ୍ରି କରିଦେଇଛନ୍ତି। ପ୍ରତିଦିନ ଜଣେ ପ୍ରାଣୀ ଚିକିତ୍ସକ ଆସି ଏମାନଙ୍କୁ ପରୀକ୍ଷା ବି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୧ ଅଗଷ୍ଟ ୧୯୯୮

- ଲଇକେରାସ୍ଥିତ 'ୱାଇଡ' ମହିଳା ତାମିଲକେନ୍ଦ୍ରର ୨ କର୍ମୀଙ୍କ ପ୍ରତି ହୋଇଥିବା ଗଣଧର୍ଷଣ ଘଟଣାର ସିବିଆଇ ତଦନ୍ତ ଦାବି କରି ଓଡ଼ିଶା ନାରୀ ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।
- ଜଷ୍ଟିସ୍ ପି.ବି. ସାୱନ୍ତ ପ୍ରେସ କାଉନସିଲର ଅଫ୍ ଇଣ୍ଡିଆ (ପିସିଆଇ)ର ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ।
- ଜାର ଏସ୍. ସାଲାମସ୍ଥିତ ଆମେରିକା ଦୂତାବାସ ଉପରେ କାର୍ ବୋମା ଆକ୍ରମଣ କରିଥିବା ଘଟଣାରେ ୩ ଇରାନୀ ଉଗ୍ରପନ୍ଥୀ ଗିରଫ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 1 | |
| | | | 9 | 3 | | | | |
| 5 | | | | 8 | 4 | | | |
| | | | | | | | 9 | |
| 6 | 9 | 1 | 2 | | | 7 | | |
| 2 | | | | 1 | | 5 | | |
| | 5 | | 3 | 4 | | | | |
| | 1 | 6 | | | | | | 4 |
| | 2 | | 6 | | | 8 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 6 | 2 | 5 | 4 | 9 | 7 | 8 |
| 4 | 8 | 5 | 7 | 9 | 1 | 2 | 6 | 3 |
| 2 | 9 | 7 | 3 | 6 | 8 | 4 | 1 | 5 |
| 8 | 2 | 1 | 6 | 4 | 7 | 3 | 5 | 9 |
| 6 | 7 | 9 | 5 | 2 | 3 | 8 | 4 | 1 |
| 5 | 4 | 3 | 1 | 8 | 9 | 6 | 2 | 7 |
| 3 | 1 | 8 | 4 | 7 | 2 | 5 | 9 | 6 |
| 9 | 6 | 4 | 8 | 1 | 5 | 7 | 3 | 2 |
| 7 | 5 | 2 | 9 | 3 | 6 | 1 | 8 | 4 |

ଗତକାଲିର ଉତ୍ତର

# କାହା ଟଙ୍କା ଓ କେଉଁଠୁ ଆସୁଛି



ଡ. ସନ୍ତୋଷ କୁମାର ମହାପାତ୍ର

କିଛିଦିନ ତଳେ ଆମକୁ ହଠାତ୍ ଫୋନ କରି ଜଣେ ପାଠକ ପଚାରିଲେ ଯେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ କ'ଣ ଗତ ୯ ବର୍ଷରେ ୧୮.୮୩ ଲକ୍ଷ କୋଟି ଟଙ୍କା ଦେଇଛନ୍ତି। ଆମେ ଆଶ୍ଚର୍ଯ୍ୟ ହୋଇ ପଚାରିଲୁ କିଏ ଆପଣଙ୍କୁ ଏ କଥା କହିଲା ? ସେ କହିଲେ ଏକଥା ଖବରକାଗଜରେ ବାହାରିଛି। ଆମେ କହିଲୁ ଗତ ୯ ବର୍ଷର ଓଡ଼ିଶା ସରକାରଙ୍କ ମୋଟ ବଜେଟ ବ୍ୟୟ ଅଟକଳ ମିଶାଇଲେ ୧୮ ଲକ୍ଷ କୋଟି ଟଙ୍କା ହେବ ନାହିଁ। ଆମେ ଠିକ୍ ତଥ୍ୟ ଜାଣିବା ପାଇଁ ଓଡ଼ିଶା ସରକାରଙ୍କ ଗତ ୯ ବର୍ଷର ବଜେଟ (୨୦୧୪–୧୫ରୁ ୨୦୨୨–୨୩) ଅଧ୍ୟୟନ କଲୁ, ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତିରେ ରାଜ୍ୟର ନିଜର ଟିକସ ରାଜସ୍ୱ, ଅଣଟିକସ ରାଜସ୍ୱ, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ, କେନ୍ଦ୍ରୀୟ ଅନୁଦାନ ସମ୍ମିଶ୍ରଣ ଅଟେ। କେନ୍ଦ୍ର ଚାହିଁଲେ ବି ମନଇଚ୍ଛା ଦେଇପାରିବ ନାହିଁ। ଏଣୁ ଗତ ୯ ବର୍ଷରେ ଓଡ଼ିଶାର ବଜେଟ ପରିମାଣ ମିଶାଇଲେ ୧୦ ଲକ୍ଷ ୬୪ ହଜାର ୫୭୬ କୋଟି ଟଙ୍କା ହୋଇଥିଲାବେଳେ କେନ୍ଦ୍ର ଦେଇଛି ୪,୬୧,୮୮୪ କୋଟି ଟଙ୍କା। ସେଥିରେ କେନ୍ଦ୍ରୀୟ ଅନୁଦାନ ବାବଦରେ ୧୮୭୫୩୪.୩୭ କୋଟି ଟଙ୍କା ଥିଲାବେଳେ, କେନ୍ଦ୍ରୀୟ ପାଣ୍ଠି ହସ୍ତାନ୍ତର ବାବଦରେ ୨୭୪୩୪୯.୮୪ କୋଟି ଟଙ୍କା ମିଳିଛି।

ସେ ଦ୍ୱିତୀୟ ପ୍ରଶ୍ନ କରିଥିଲେ ପୂର୍ବ ଉପା ସରକାରଙ୍କ ୧୦ବର୍ଷରେ ମାତ୍ର୨.୯୩ ଲକ୍ଷ କୋଟି ଟଙ୍କା ମିଳିଥିଲା। ଆମେ ତାଙ୍କୁ ଓଲଟି ପ୍ରଶ୍ନ କଲୁ ପୂର୍ବ ବାଜପେୟୀ ସରକାରଠାରୁ ଉପା ସରକାରଙ୍କ ଅମଳରେ ହାରାହାରି ବାର୍ଷିକ ଅଧିକ ଆସିଥିଲା ନା ନାହିଁ ? ସେମିତି ବାଜପେୟୀ ସରକାର ଅମଳରେ ତା'ର ପୂର୍ବ ସରକାରଠାରୁ ମଧ ଅଧିକ ଆସିଥିଲା ନା ନାହିଁ। ଏକଥା ସତ୍ୟ ଯେ ପୂର୍ବ ଉପା ସରକାର ତୁଳନାରେ ନାମାଙ୍କନ ମୂଲ୍ୟରେ ଅଧିକ ଦେଇଛନ୍ତି। କିନ୍ତୁ ଏମିତି କ'ଣ ନାମାଙ୍କନ ମୂଲ୍ୟରେ ତୁଳନା କରାଯାଏ। ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ବିଚାର କରାଯାଏ। ଏବର୍ଷ ୧୦୦୦ଟଙ୍କାରେ ଜଣେ ଯେଉଁ ଜିନିଷ କିଣିବ, ସେହି ଜିନିଷ ଆଗାମୀ ବର୍ଷରେ କ'ଣ ସେହି ୧୦୦୦ ଟଙ୍କାରେ କିଣିହେବ। ୧୦ ବର୍ଷ ତଳେ ଗୋଟିଏ ଘର କଲେ କେତେ ଟଙ୍କା ପଡୁଥିଲା ଏବଂ ବର୍ତ୍ତମାନ କେତେ ପଡୁଛି ? ଆମେ ସ୍କୁଲରେ ପଢୁଥିଲାବେଳେ ଖାସି ମାଂସ କିଲୋ ୫ ଟଙ୍କା ଥିଲା କିନ୍ତୁ ବର୍ତ୍ତମାନ ୭୦୦ ଟଙ୍କାରୁ ଅଧିକ। ୧୯୮୬–୮୮ରେ ରେଭେନ୍ସାରେ ପିଜି କଲାବେଳେ ମାସିକ ୫୦୦ ଟଙ୍କାରେ ସବୁ ଖର୍ଚ୍ଚ ଯାଇ ବଳୁଥିଲା। କିନ୍ତୁ ଏବେ ସ୍କୁଲରେ ନାଁ ଲେଖିଲା ବେଳକୁ ୫୦, ୦୦୦ ଦରକାର। ୧୯୪୭ରେ କେନ୍ଦ୍ର ସରକାରଙ୍କର ବଜେଟ ବ୍ୟୟ ଅଟକଳ ୧୯୭.୩୯ କୋଟି ଟଙ୍କା ଥିଲାବେଳେ ୧୯୮୦–୮୧ରେ ୩୪,୪୪୬ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୨–୨୩ରେ ୩୯.୪୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏସବୁର ବୃଦ୍ଧି ମୁଦ୍ରାସ୍ଫୀତିକୁ ନେଇ ବିଚାର କରାଯାଏ ବା ଦେଶର ଜିଡିପି ଅନୁସାରେ ବା ଅନ୍ୟ ଦେଶ ତୁଳନାରେ ବିଚାର କରାଯାଏ, ଯାହା ସରକାର କରୁନାହାନ୍ତି। ପୁନଶ୍ଚ କେନ୍ଦ୍ର ସରକାରଙ୍କ ବଜେଟ ଆକାର ଜିଡିପି ଅନୁସାରେ ବୃଦ୍ଧିପାଉ ନାହିଁ ବରଂ ହ୍ରାସ ପାଉଛି ଏବଂ ଅନ୍ୟ ଦେଶ ତୁଳନାରେ ଭାରତରେ ଏହା ବହୁତ କମ୍ ମଧ। ଏଣୁ ଅଧିକା କେମିତି ଦେଲେ ?

ପୁନଶ୍ଚ ୨୦୧୪–୧୫ରେ ଓଡ଼ିଶା ବଜେଟ ବ୍ୟୟବରାଦ ୬୦, ୨୩୨.୬୪ କୋଟି ଟଙ୍କା ହୋଇଥିଲା ବେଳେ କେନ୍ଦ୍ରୀୟ ଅନୁଦାନ



୧୩୩୨୬.୨୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୧୫୯୦୩.୮୮ କୋଟି ଟଙ୍କା ମିଶି ମୋଟ୨୯୨୩୦ .୧୫ କୋଟି ଟଙ୍କା ଓଡ଼ିଶା ପାଇଥିଲା। ୨୦୨୩–୨୪ରେ ଓଡ଼ିଶା ବଜେଟ ମୋଟ ବ୍ୟୟ ଅଟକଳ ୨ଲକ୍ଷ ୩୦ ହଜାର କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ, କେନ୍ଦ୍ରୀୟ ଅନୁଦାନ ୩୨୭୪୮. ୮୨ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୪୬୨୫୧.୧୮ କୋଟି ଟଙ୍କା ମିଶି ମୋଟ ୭୯,୦୦୦ କୋଟି ଟଙ୍କା ଓଡ଼ିଶା ପାଇବ। ଏହାର ଅର୍ଥ ଓଡ଼ିଶାର ବଜେଟ ଅଟକଳରେ ଉପା ସରକାର ଅମଳର ଶେଷ ବର୍ଷରେ କେନ୍ଦ୍ରର ଅଂଶ ୪୮.୫୨% ଥିଲାବେଳେ ମୋଦି ସରକାରଙ୍କର ୨୦୨୩–୨୪ରେ ଏହା ୩୪.୩୪%କୁ ଖସି ଆସିଛି। ପୁନଶ୍ଚ କେନ୍ଦ୍ର ରାଜ୍ୟକୁ ଦୟାକରି ଦିଏନାହିଁ। ଏହା ଆମ ସଂଘୀୟ ବ୍ୟବସ୍ଥାର ଏକ ଅଂଶ। ସମ୍ବିଧାନର ଧାରା ୨୭୦ ଅନୁଯାୟୀ କେନ୍ଦ୍ର ଯେଉଁ ଟିକସ ଆଦାୟ କରିଥାଏ, ତାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ କରାଯାଇଥାଏ। ଉଲ୍ଲେଖଯୋଗ୍ୟ ଯେ ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ, ରାଜ୍ୟଗୁଡ଼ିକ ୬୨%ରୁ ଅଧିକ ଖର୍ଚ୍ଚ ଦାୟିତ୍ୱ ବହନ କଲାବେଳେ ରାଜସ୍ୱ ଆଦାୟ କରିବାର କ୍ଷମତା ମାତ୍ର ୩୭%। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ହାତରେ ରାଜସ୍ୱ ସଂଗ୍ରହ କ୍ଷମତାର ୬୩% ଥିଲାବେଳେ ମାତ୍ର ୩୮% ଖର୍ଚ୍ଚ ବହନ କରିଥାନ୍ତି। ପୁନଶ୍ଚ ଜିଏସ୍‌ଟି କାର୍ଯ୍ୟକାରୀ ହେବାପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ ହୋଇଛି। ସମ୍ବିଧାନର ଧାରା ୨୭୯ ଅନୁଯାୟୀ କେନ୍ଦ୍ରର ବିଭାଜିତ ପାଣ୍ଠିରେ କେନ୍ଦ୍ର ସେସ୍ ଏବଂ ସର୍‌ଚାର୍ଜ ବାବଦରେ ଯେଉଁ ସମ୍ବଳ ପାଇଥାଏ, ସେଥିରେ ଯୋଗ ହୋଇ ନ ଥାଏ। ଏଣୁ ଚତୁରତାର ସହିତ, କେନ୍ଦ୍ର ବର୍ଷ ବର୍ଷ ଧରି ସେସ୍ ଏବଂ ସର୍‌ଚାର୍ଜ ମାଧ୍ୟମରେ ଅତିରିକ୍ତ ରାଜସ୍ୱ ସଂଗ୍ରହ କରିଆସୁଛି।

ଯଦି ଆମ ଓଡ଼ିଶା କଥା ବିଚାର କରିବା ତେବେ ପ୍ରତି ଅର୍ଥ ଆୟୋଗ ସୁପାରିସ ଅନୁଯାୟୀ ଓଡ଼ିଶାର ଅଂଶ ମୋଟ ବିଭାଜିତ ପାଣ୍ଠିରେ ହ୍ରାସ ପାଇଛି। ଦ୍ୱାଦଶ ଅର୍ଥ କମିଶନ ଅନୁଯାୟୀ ଓଡ଼ିଶାର ଅଂଶ ୫.୧୬ % ଥିଲା। ଏହା ତ୍ରୟୋଦଶ ଅର୍ଥ କମିଶନ ୪.୭୭%, ଚତୁର୍ଦ୍ଦଶ ଅର୍ଥ କମିଶନ ୪.୬୪% ଏବଂ ପଞ୍ଚଦଶ ଅର୍ଥ କମିଶନ ରିପୋର୍ଟରେ ୪.୬୨%କୁ ହ୍ରାସପାଇଛି। ଏଣୁ ଓଡ଼ିଶା ଏହି ସରକାର ଅମଳରେ ଅଧିକ ପାଇ ନାହିଁ।

ପୁନଶ୍ଚ କେନ୍ଦ୍ର ବା ରାଜ୍ୟ ସରକାର ଯାହା ଦେଉଛନ୍ତି; କେନ୍ଦ୍ର ରାଜ୍ୟକୁ ଯାହା ଦେଉଛି ତାହା ଲୋକଙ୍କଠାରୁ ଟିକସ ବାବଦରେ ଆଦାୟ ହେଉଛି। ଏଣୁ ଟିକସଦାତାଙ୍କ ଅର୍ଥରେ ବ୍ୟୟ କରି ଶାସକ ଶ୍ରେଣୀ ସେହି ଟିକସଦାତାଙ୍କ ଅର୍ଥରେ ଅଯଥାରେ ପୁଣି କାହିଁକି ବାହାବା ନେବାପାଇଁ ପ୍ରଚାର କରୁଛନ୍ତି ? ଯିଏ ଶାସନ କରୁନା କାହିଁକି ବଜେଟ ଆକାର ନାମାଙ୍କନ ମୂଲ୍ୟରେ ବୃଦ୍ଧିପାଇବ ଏବଂ ସରକାର ବ୍ୟୟ କରିବାକୁ ବାଧ୍ୟ। କିନ୍ତୁ ଟଙ୍କାଟିଏ ବ୍ୟୟ କଲେବି କ'ଣ ପ୍ରଚାର ଆବଶ୍ୟକ ? ପୂର୍ବରୁ ଟିକସର ବୋଝ ଧନୀଙ୍କ ଉପରେ ପଡୁଥିଲାବେଳେ ବର୍ତ୍ତମାନ ବେଶି ପରୋକ୍ଷ କର ବୃଦ୍ଧି ଯୋଗୁ ଗରିବଙ୍କ ଉପରେ ପଡୁଛି। ଧନୀମାନେ ଟିକସ ଭୂସ୍ୱର୍ଗରେ ତାଙ୍କ କଳା ଟଙ୍କା ରଖି ଟିକସ ଫାଙ୍କିଲାବେଳେ, ସାଧାରଣ ଲୋକ ଜିଏସ୍‌ଟି, ପେଟ୍ରୋଲିୟମ ସାମଗ୍ରୀ ଉପରେ ଅହେତୁକ ଟିକସ ଏପରିକି କଷ୍ଟାର୍ଜିତ ସଞ୍ଚୟର ସୁଧ ଓ ବୀମା ପ୍ରିମିୟମ ଉପରେ ଟିକସ ଦେବାକୁ ପଡୁଛି। ଆଜି ଗରିବ ଅବହେଳିତ ଓ ଧନୀଙ୍କ ପାଇଁ ଅମୃତବେଳା ଆସିଛି।

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### କଳିଙ୍ଗ ବିହାରରେ ପାର୍କ ନିର୍ମାଣ ହେଉ

ମହାଶୟ,

ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ସ୍ୱାସ୍ଥ୍ୟ। ବିଶେଷ କରି ଶିଶୁ, କିଶୋର ଏବଂ ବୟସ୍କମାନେ ବିଭିନ୍ନ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି। ଯୋଗ, ପ୍ରାଣାୟାମ ଏବଂ ପ୍ରାତଃ ଭ୍ରମଣ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ରାଜପଥ କଡ଼ରେ ବିଡିଏ ଦ୍ୱାରା ୧୯୯୪ରେ ସ୍ଥାପିତ କଳିଙ୍ଗ ବିହାର ଏକ ଆବାସିକ କଲୋନୀ। ଅଧୁନା ଏହି କଲୋନୀରେ ବହୁ ବରିଷ୍ଠ ନାଗରିକଙ୍କ ସମେତ ପ୍ରାୟ ପନ୍ଦର ହଜାର ଲୋକ ବାସ କରୁଛନ୍ତି। ପାର୍କ ଅଭାବରୁ ବରିଷ୍ଠ ନାଗରିକ ତଥା ପିଲାମାନେ ଖେଳିବା ବୁଲିବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡିଏ, ମହାନଗର ନିଗମକୁ ନିବେଦନ ଏହି ଆବାସିକ କଲୋନୀରେ ଏକ କମ୍ୟୁନିଟି ସେଣ୍ଟର ଓ ସକାଳ ସାନ୍ଧ୍ୟ ଭ୍ରମଣ ଲାଗି ଏକ ପାର୍କ ନିର୍ମାଣ କରାଯାଉ।

**–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସତ୍ୟର ପ୍ରକାଶ ଆଶେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୨୯ ଦିନରେ ୫୦.୧୬ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର



**ପାରାଦୀପ,୧୦।୮(ଶରତ ରାଉତ)**

**ପାରାଦୀପ ବନ୍ଦର**

## ପୂର୍ବ ବର୍ଷ ତୁଳନାରେ ୬୫% ଅଭିବୃଦ୍ଧି

ପାରାଦୀପ ବନ୍ଦର ଚଳିତ ଆର୍ôଥିକବର୍ଷର ମାତ୍ର ୧୨୯ ଦିନ ମଧ୍ୟରେ ରେକର୍ଡ ୫୦.୧୬ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର କରିଛି। ଏହା ପୂର୍ବ ବର୍ଷ ତୁଳନାରେ ୬୫% ଅଭିବୃଦ୍ଧି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତବର୍ଷ ଏତିକି ପଣ୍ୟ କାରବାର ପାଇଁ ୧୪୦ ଦିନ ଲାଗିଥିଲା। ଚଳିତବର୍ଷ ଅଗଷ୍ଟ ୮ ସୁଦ୍ଧା ଏହି ଲକ୍ଷ୍ୟ ହାସଲ ହୋଇଛି। ଏହି ସମୟ ମଧ୍ୟରେ ୯୪୨ ପଣ୍ୟବାହୀ ଜାହାଜ ବନ୍ଦର ମଧ୍ୟରେ ପଣ୍ୟ ବୋଝେଇ ଖଲାସ କରିଛି। ପାରାଦୀପ ବନ୍ଦରର ଏପରି ସଫଳତା ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ବନ୍ଦର କର୍ମଚାରୀ, ଶ୍ରମିକ, ବ୍ୟବହାରକାରୀ ସଂସ୍ଥା ପ୍ରମୁଖଙ୍କୁ ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ କୃତଜ୍ଞତା ଜଣାଇଛନ୍ତି।

# ପବିତ୍ରମୋହନଙ୍କ ନାମରେ ନାମିତ ହେବ ତାଳଚେର ମେଡିକାଲ କଲେଜ

**ଅନୁଗୋଳ,୧୦।୮ (ଅମିତ କୁମାର ସାମଲ)/ ତାଳଚେର, (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମିତ ନୂତନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ)ର ନାମ ପରିବର୍ତ୍ତନ ହେବ। ଏହାକୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ କରାଯିବାକୁ ଗୁରୁବାର ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ନଂ. ୨୦୧୩୫/ ୧୦।୮।୨୦୨୩ରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

# ବର୍ଷା ନାହିଁ, ଘାରିଲାଣି ମରୁଡ଼ି ଚିନ୍ତା

**ଭୁବନେଶ୍ୱର,୧୦।୮(ଅନିଲ ଦାସ)**

**୧୧ ଜିଲାରେ ନିଅଣ୍ଟିଆ**

ଆସନ୍ତା ୨୦ ତାରିଖ ଯାଏ ରାଜ୍ୟକୁ ବଡ଼ ବର୍ଷାର କୌଣସି ସୂଚନା ନାହିଁ। ଏହି ଖବର ଚାଷୀଙ୍କ ହୋସ ଉଡ଼ାଇ ଦେଇଛି। ଚାଷ କେମିତି ହେବ ସେଇ ଚିନ୍ତାରେ ଚାଷୀ। ରାଜ୍ୟର ୧୧ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲାଣି। ନବରଙ୍ଗପୁର, ରାୟଗଡ଼ା, କେନ୍ଦ୍ରାପଡ଼ା, ଗଞ୍ଜାମ, କଳାହାଣ୍ଡି, ପୁରୀ, କଟକ, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା ଏବଂ ଦେବଗଡ଼ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ନିଅଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପାଣିପାଗ ବିଭାଗ ହିସାବ ଅନୁସାରେ ରାଜ୍ୟରେ ଜୁନ୍ ପହିଲାରୁ ଅଗଷ୍ଟ ୧୦ ତାରିଖ ମଧ୍ୟରେ ୬୪୬.୨ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୬୪୪.୯ ମିଲିମିଟର ହୋଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେବଳ ବାଲେଶ୍ୱର ଜିଲାରେ ୯୪.୮ ମିଲିମିଟର ବର୍ଷା ହୋଇଥିବା ବେଳେ ଅନ୍ୟ ସ୍ଥାନରେ ପାଗ ଶୁଖିଲା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବର୍ଷା ହେବାର କୋଣସି ସୂଚନା ନାହିଁ।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ଜଗତ୍‌ସିଂହପୁର, ୧୦।୮ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୮ରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହି ଥାନା ଅଞ୍ଚଳର ରଞ୍ଜନ କୁମାର ନାୟକଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ଦିଆଯିବାକୁ ଥିବା ୩ ଲକ୍ଷ ଟଙ୍କା ମଧ୍ୟରୁ ପୂର୍ବରୁ ୧.୫ ଲକ୍ଷ ଦିଆଯାଇଥିଲା। ଅବଶିଷ୍ଟ ୧.୫ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୧୮ରେ ପୀଡ଼ିତା ବାନ୍ତି କରିବାରୁ ତାଙ୍କ ମା’ ଘଟଣା ବିଷୟରେ ପଚାରିଥିଲେ। ଏହାପରେ ସତ ପଦାକୁ ଆସିଥିଲା। ତାଙ୍କୁ ଅଭିଯୁକ୍ତ ବାରମ୍ବାର ବଳାତ୍କାର କରିଥିବା ପୀଡ଼ିତା କହିଥିଲେ ।

# ପ୍ରଥମ ପର୍ଯ୍ୟାୟ ଡାକ୍ତରୀ ନାମଲେଖା ସରିଲା

## ୪୫୨ ସିଟ୍ ଖାଲି, ୧୪ରୁ ୨ୟ ପର୍ଯ୍ୟାୟ ପଞ୍ଜିକରଣ

**ଭୁବନେଶ୍ୱର, ୧୦।୮(ଅସମାପିକା ସାହୁ)**

ରାଜ୍ୟରେ ଥିବା ୧୬ଟି ମେଡିକାଲ କଲେଜରେ ୨୦୨୩ ଶିକ୍ଷାବର୍ଷ ଲାଗି ନାମଲେଖା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଏଫ୍‌ଏମ୍ ଏମ୍‌ସିଏଚ୍ ବାଲେଶ୍ୱରରେ ସବୁ ସିଟ୍ ପୂରଣ ହୋଇଥିବାବେଳେ ଅନ୍ୟ ମେଡିକାଲ କଲେଜରେ ମୋଟ ୪୫୨ଟି ସିଟ୍ ଖାଲି ରହିଛି। ବିବି ଏମ୍‌ସିଏଚ୍ ବଲାଙ୍ଗୀରରେ ୪ଟି, ହାଇଟେକ ଡେଣ୍ଟାଲ କଲେଜରେ ୯୭, ହାଇଟେକ ଏମ୍‌ସିଏଚ୍‌ରେ ୫୨, ଏମ୍‌କେସିଜି ଏମ୍‌ସିଏଚ୍‌ରେ ୨୪, ପିଆର୍‌ଏମ୍ ଏମ୍‌ସିଏଚ୍‌ରେ ୮, ଏସ୍‌ସିବି ଡେଣ୍ଟାଲ କଲେଜରେ ୨୭, ଏସ୍‌ସିବି ଏମ୍‌ସିଏଚ୍‌ରେ ୮୮, ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍‌ରେ ୧୦, ଭିମ୍‌ସାର୍‌ରେ ୧୬ ଓ ହାଇଟେକ୍ ଏମ୍‌ସିଏଚ୍‌ରେ ୫୧ଟି ସିଟ୍ ଖାଲି ରହିଛି। ଏବେ ଖାଲି ପଡିଥିବା ଏହି ୪୫୨ଟି ସିଟ୍ ପୂରଣ ଲାଗି ଦ୍ୱିତୀୟ ପର୍ଯ୍ୟାୟ କାଉନ୍‌ସେଲିଂ ପାଇଁ ଆସନ୍ତା ୧୪ରୁ ୨୮ତାରିଖ ମଧ୍ୟରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକା କଲେଜ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

**ବାଲିଚନ୍ଦ୍ରପୁର,୧୦।୮(ଗିରିଜା ପ୍ରସାଦ ସାହୁ)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଅପରାହ୍ନରେ ମହାବିଦ୍ୟାଳୟରୁ ଫେରୁଥିବା ସମୟରେ ବେଲବଣ ପଡ଼ିଆ ନିକଟରେ ବାଇକ୍ ଧରି ଅପେକ୍ଷା କରିଥିବା ଜଣେ ଦୁର୍ବୃତ୍ତ ତାଙ୍କୁ ରାସ୍ତା କଡ଼ ବଣମଧ୍ୟକୁ ନେଇ ମାଡ଼ମାରିବା ସହ ବଳାତ୍କାର କରିଛନ୍ତି। ନାବାଳିକା ଫେରୁଥିବାବେଳେ ମୁହଁରେ କପଡ଼ାବାନ୍ଧି ଅପେକ୍ଷା କରିଥିବା ଦୁର୍ବୃତ୍ତ ନାବାଳିକାଙ୍କ ସାଇକେଲକୁ ଗୋଇଠା ମାରିବା ଦ୍ୱାରା ନାବାଳିକା ପଡ଼ି ଯାଇଥିଲେ। ପରେ ତାଙ୍କୁ ଘୋସାରି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଲୋକେ ଘଟଣାସ୍ଥଳକୁ ଆସୁଥିବା ଦେଖି ଦୁର୍ବୃତ୍ତ ନିଜ ବାଇକ୍ ଯୋଗେ ଚମ୍ପଟ ମାରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ସମ୍ପର୍କରେ ଅବଗତ ହେବା ପରେ ଝିଅକୁ ଉଦ୍ଧାର କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ନାବାଳିକାଙ୍କ ବୟାନ ନେବା ସହ ରାସ୍ତା କଡ଼ରେ ଥିବା ଏକ ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କ ଫଟୋ ନେଇ ତଦନ୍ତ ଜାରି ରଖିଛି। କେତେଜଣ ଲୋକଙ୍କ ସୂଚନା ମୁତାବକ, ଦୁର୍ବୃତ୍ତ ସେହି ସମୟ ପୂର୍ବରୁ ଅନ୍ୟ ଦୁଇ ଝିଅଙ୍କୁ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଝିଅ ଦୁଇ ଜଣ କାନ୍ଦିବୋବାଇ ଭୟଭିତ ହୋଇ ପଳାଇଯାଇଥିଲେ।

# ‘ଭୂମି ସମ୍ମାନ’ ପାଇଥିବା ୧୯ ଜିଲାକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୮(ଅନିଲ ଦାସ)**

**ଲ୍ୟାଣ୍ଡ ରେକର୍ଡ ଡିଜିଟାଇଜେଶନରେ ସଫଳତା**

**■ ଚଳିତ ଆର୍ଥିକ ବର୍ଷରେ ସମସ୍ତ ଜିଲାର ଲ୍ୟାଣ୍ଡ ରେକର୍ଡ ଡିଜିଟାଇଜେଶନ ଶେଷ ହେବ: ମୁଖ୍ୟମନ୍ତ୍ରୀ**

ଲ୍ୟାଣ୍ଡ ରେକର୍ଡକୁ କମ୍ପ୍ୟୁଟରୀକରଣ କରିବାରେ ଶତ ପ୍ରତିଶତ ସଫଳତା ହାସଲ କରି ‘ଭୂମି ସମ୍ମାନ’ ପାଇଥିବା ରାଜ୍ୟର ୧୯ ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ନିକଟରେ ଡିଜିଟାଲ ଲ୍ୟାଣ୍ଡ ରେକର୍ଡ କମ୍ପ୍ୟୁଟରୀକରଣରେ ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାରୁ ଉକ୍ତ ଜିଲାଗୁଡ଼ିକୁ ରାଷ୍ଟ୍ରପତି ଭୂମି ସମ୍ମାନରେ ସମ୍ମାନିତ କରିଥିଲେ। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବୌଦ୍ଧ, ବରଗଡ଼, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା ଏବଂ ସମ୍ବଲପୁର। ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉକ୍ତ ଜିଲାଗୁଡ଼ିକର ଜିଲାପାଳଙ୍କୁ ସମ୍ମାନିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଲ୍ୟାଣ୍ଡ ରେକର୍ଡ ୧୦୦ ପ୍ରତିଶତ ଡିଜିଟାଲ କରିଥିବା ଦେଶର ୬୮ ଜିଲା ମଧ୍ୟରୁ ଓଡ଼ିଶାର ୧୯ ଜିଲା ସଫଳତା ଅର୍ଜନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ଜିଲାଗୁଡ଼ିକର ରାଜସ୍ୱ ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷରେ ଅନ୍ୟ ଜିଲାଗୁଡ଼ିକରେ ଲ୍ୟାଣ୍ଡ ରେକର୍ଡ ୧୦୦ ପ୍ରତିଶତ ଡିଜିଟାଇଜେଶନ କରାଯିବ ବୋଲି ସେ କହିଛନ୍ତି। ୫-ଟି, ମୋ ସରକାର ଭଳି ଅଭିନବ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଏକମାତ୍ର ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ଅଧିକାଂଶ ଲୋକ ଇ-ଗଭର୍ନାନ୍ସ ଜରିଆରେ ବିଭିନ୍ନ ସେବା ପାଇପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜମିବାଡ଼ିକୁ ନେଇ ଥିବା ବିଭିନ୍ନ ବିବାଦ ସମାଧାନ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗ ଦେଇ କହିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମକୁ ଡିଜିଟାଇଜେଶନ କରିବାରେ ଓଡ଼ିଶା ଶତ ପ୍ରତିଶତ ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଛନ୍ତି, ରାଜସ୍ୱ ପ୍ରଶାସନ ରାଜ୍ୟର ଭିତ୍ତିଭୂମି ଏବଂ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




# ରତ୍ନଭଣ୍ଡାର ଅଳଙ୍କାରକୁ ନେଇ ବଢୁଛି ଦ୍ୱନ୍ଦ୍ୱ

## ଅଡୁଆରେ ସରକାର, ଶ୍ରୀମନ୍ଦିର ପ୍ରଶାସନ

- ହାଇକୋର୍ଟ ସତ୍ୟପାଠରେ ଭୁଲ ତଥ୍ୟ ଦିଆଯାଇଥିବା ଅଭିଯୋଗ
- ୧୯୭୮ ମସିହାର ଗଣତି ତାଲିକାରେ ରହିଛି ଭିନ୍ନ ତଥ୍ୟ
- ସତ୍ୟ ସାମ୍ନାକୁ ଆଣିବାକୁ ଦାବି କଲା ଶ୍ରୀଜଗନ୍ନାଥ ସେନା

ପୁରୀ, ୧୦।୮(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଅଡୁଆ ବଢିବାରେ ଲାଗିଛି। ଭିତର ରତ୍ନଭଣ୍ଡାର ଖୋଲିବା ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନେକ ଦିନ ହେବ ଦାବି କରାଯାଇଆସୁଛି। ଏବେ କୋର୍ଟରେ ଦିଆଯାଇଥିବା ଅଳଙ୍କାର ଜନିତ ସତ୍ୟପାଠକୁ ନେଇ ପୁଣି କାଠଗଡ଼ାରେ ରାଜ୍ୟ ସରକାର। ଶ୍ରୀମନ୍ଦିର ପ୍ରଶାସନର ସତ୍ୟପାଠକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ୧୯୭୮ ମସିହାର ରତ୍ନଭଣ୍ଡାର ଗଣତିମଣତି ତାଲିକାକୁ ବର୍ତ୍ତମାନ ସତ୍ୟପାଠ ଆକାରରେ ଶ୍ରୀମନ୍ଦିର ପ୍ରଶାସନ ଦର୍ଶାଇଥିବା ବେଳେ ଏଥିରେ ତାଳମେଳ ରହୁ ନ ଥିବା ଗୁରୁବାର ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି। ଭିତର ରତ୍ନଭଣ୍ଡାରରେ କେତେ ପରିମାଣର ସୁନା, ରୁପା, ହୀରା, ମୋତି ଓ ମାଣିକ୍ୟ ଅଛି ତାକୁ ସାର୍ବଜନୀନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କ ଡବଲ ଷ୍ଟାଣ୍ଡାର୍ଡ ନୀତି ଏବେ ସାମ୍ନାକୁ ଆସିଛି। ୧୯୭୮ ମସିହାରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ରିପୋର୍ଟକୁ ସତ୍ୟପାଠ



ଆକାରରେ ଦର୍ଶାଇ ଏବେ ଅଡୁଆ ସୂତାରେ ଛନ୍ଦି ହୋଇଛନ୍ତି ଉଭୟ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ। ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ହୋଇଥିଲା। ଯେଉଁଥିରେ ବାହାର, ଭିତର ଓ ଚଳନ୍ତି ରତ୍ନଭଣ୍ଡାରର ଅଳଙ୍କାର ମିଶାଇ ତାଲିକା ହୋଇଥିଲା। ୧୨ହଜାର ୮୩୧ ଭରି ସୁନା ଓ ୨୨ହଜାର ୧୫୩ ଭରି ରୁପା ରହିଥିବା ଦର୍ଶାଯାଇଥିଲା। ତେବେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ସୁନା ଓ ରୁପାକୁ କିଲୋଗ୍ରାମ ଆକାରରେ ସତ୍ୟପାଠରେ ଦର୍ଶାଯାଇଛି। ତେବେ ସତ୍ୟପାଠରେ ଦର୍ଶାଯାଇଥିବା ରିପୋର୍ଟରେ ୭୫ କିଲୋଗ୍ରାମ ରୁପା କମ୍ ରହିଛି। ୧୨୮୩୧ ଭରି ସୁନାର ସମୁଦାୟ ଓଜନ ହେଉଛି ୧୪୯ କିଲୋଗ୍ରାମ ୬୦୯ ଗ୍ରାମ୍। ସେହିପରି ୨୨୧୫୩ ଭରି ରୁପାର ଓଜନ ହେଉଛି ୨୫୮ କିଲୋଗ୍ରାମ ୩୦ ଗ୍ରାମ। ୨୦୧୮ ମସିହାରେ ବିଧାନସଭାରେ ଆଇନମନ୍ତ୍ରୀ ରତ୍ନଭଣ୍ଡାର ଅଳଙ୍କାର ନେଇ ସମାନ ଉତ୍ତର ରଖିଥିଲେ। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସତ୍ୟପାଠରେ ଦର୍ଶାଯାଇଛି ଯେ, ରତ୍ନଭଣ୍ଡାର ଭିତରେ ୧୪୯ କିଲୋ ସୁନା ଓ ୧୮୩ କିଲୋ ରୁପା ରହିଛି। ଯଦି ବିଧାନସଭାରେ ଏବଂ ୧୯୭୮ ମସିହା ତାଲିକା ଅନୁସାରେ ୨୨୧୫୩ ଭରି ରୁପା ଯାହାର ଓଜନ ୨୫୮ କିଲୋ ରତ୍ନଭଣ୍ଡାରରେ ରହିଛି, ତେବେ ସତ୍ୟପାଠରେ ଏହାକୁ କିଭଳି ୧୮୩ କିଲୋ ଦର୍ଶାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୭୫ କିଲୋ ରୁପା କୁଆଡ଼େ ଗଲା ତାହାର ଉତ୍ତର ସରକାର ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ରତ୍ନଭଣ୍ଡାର ରୁପାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଏନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର ହାଇକୋର୍ଟରେ ଦେଇଥିବା ରତ୍ନଭଣ୍ଡାରର ତଥ୍ୟ ମିଛ ବୋଲି ଜଣାପଡ଼ିଛି। ରତ୍ନଭଣ୍ଡାର ମାମଲାରେ ସରକାର ହାଇକୋର୍ଟରେ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତା'ର ବିପରୀତ ତଥ୍ୟ ବିଧାନସଭାରେ ଉପସ୍ଥାପନ କରିଥିଲେ। ୨୦୧୮ ମସିହାରେ ବିଧାନସଭାରେ ତତ୍କାଳୀନ ଆଇନମନ୍ତ୍ରୀ ରତ୍ନଭଣ୍ଡାର ସମ୍ପର୍କିତ ଅଳଙ୍କାରର ତଥ୍ୟ ଏବଂ କିଛିଦିନ ତଳେ ରାଜ୍ୟ ସରକାର ହାଇକୋର୍ଟରେ ଦେଇଥିବା ସତ୍ୟପାଠରେ ତାଳମେଳ ନାହିଁ। ଦିଆଯାଇଥିବା ସତ୍ୟପାଠରେ ୭୫ କିଲୋ ରୁପା କମ୍ ଥିବା ଦର୍ଶାଯାଇଛି, ଯାହା ସରକାରଙ୍କ ମିଥ୍ୟାକୁ ପଦାରେ ପକାଉଛି। ରତ୍ନଭଣ୍ଡାର ନ ଖୋଲି ସରକାର କିପରି ସତ୍ୟପାଠ ଦାଖଲ କଲେ ଏବଂ ଅଳଙ୍କାର ସୁରକ୍ଷିତ ଅଛି ବୋଲି କିଭଳି କହୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସରକାର ରତ୍ନଭଣ୍ଡାର ଖୋଲିବାକୁ କାହିଁକି ଭୟ କରୁଛନ୍ତି ତାହା ବୁଝାପଡୁନାହିଁ। ୧୯୭୮ରେ ଶେଷ ଥର ପାଇଁ ରତ୍ନଭଣ୍ଡାର ଖୋଲାଯାଇଥିଲା। ଦୀର୍ଘ ୪୫ ବର୍ଷ ହେବ ରତ୍ନଭଣ୍ଡାର ଖୋଲାଯାଇନାହିଁ। ତେଣୁ ରତ୍ନଭଣ୍ଡାର ଓ ଅଳଙ୍କାର ସୁରକ୍ଷିତ ଅଛି ବୋଲି ସରକାର କିପରି ଜାଣିଲେ। ରତ୍ନଭଣ୍ଡାର ସୁରକ୍ଷିତ ନାହିଁ ବୋଲି ଏଏସ୍ଆଇ କହୁଛି। ସେହିପରି ଗଜପତି ମହାରାଜା, ଶଙ୍କରାଚାର୍ଯ୍ୟ ରତ୍ନଭଣ୍ଡାର ଖୋଲିବା ପାଇଁ ମତ ରଖିଥିଲେ। ସମସ୍ତେ ଚାହୁଁଛନ୍ତି ସତ୍ୟ ସାମ୍ନାକୁ ଆସୁ। ମାତ୍ର ସରକାର ଜାଣିଶୁଣି ରତ୍ନଭଣ୍ଡାର ଖୋଲୁନାହାନ୍ତି। କାରଣ ରତ୍ନଭଣ୍ଡାର ଖୋଲାଗଲେ ସତ୍ୟ ସାମ୍ନାକୁ ଆସିବ ଏବଂ ସରକାର ଫସିଯିବେ। ତେଣୁ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏ ନେଇ ହାଇକୋର୍ଟରେ ଜଣାପଡ଼ିବ। ୨୦୨୪ ରଥଯାତ୍ରା ସମୟରେ କାହିଁକି ରତ୍ନଭଣ୍ଡାର ଖୋଲାଯିବ, ଏବେ କାହିଁକି ନୁହେଁ ବୋଲି ପଟ୍ଟନାୟକ ପ୍ରଶ୍ନ କରିବା ସହ ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ସରକାର ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି।

## ସଂକ୍ଷେପରେ

### ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକଙ୍କ ପଦୋନ୍ନତି ମାନଦଣ୍ଡରେ କୋହଳ

ଭୁବନେଶ୍ୱର, ୧୦।୮(ଅସମାପିକା ସାହୁ) ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକଙ୍କ ଚାକିରିରେ ପଦୋନ୍ନତି ମାନଦଣ୍ଡକୁ ରାଜ୍ୟ ସରକାର କୋହଳ କରିଛନ୍ତି। ପୂର୍ବରୁ ପଦୋନ୍ନତି ପାଇଁ ୧୦ ବର୍ଷ ସମୟସୀମା ଥିଲା। ଏବେ ଏହାକୁ ୫ ବର୍ଷ କରାଯାଇଛି। ଅର୍ଥାତ୍ ୫ ବର୍ଷ ଅଭିଜ୍ଞତା ହାସଲ ପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକଙ୍କୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ କିମ୍ବା ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ(ଟିଇ ଆଣ୍ଡ୍ ଏସ୍ସିଇଆର୍ଟି)ର ସହକାରୀ ନିର୍ଦ୍ଦେଶକ ର୍ୟାଙ୍କ୍କୁ ପଦୋନ୍ନତି ପାଇବେ। ଏନେଇ ବହୁ ବିଚାରବିମର୍ଶ ପରେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଖୁବ୍ଶୀଘ୍ର ଏହା ଲାଗୁ କରାଯିବ ବୋଲି ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କୁଆଖାଇରୁ ଜଣେ ଛାତ୍ରଙ୍କ ମୃତଦେହ ମିଳିଲା

#### ମହାନଦୀରେ ୨ ଛାତ୍ର ବୁଡ଼ିଯିବା ଘଟଣା

ବାରଙ୍ଗ,(ଲିଙ୍ଗରାଜ ରାଉତ)/ ବାଲିଅନ୍ତା,୧୦।୮(ନୀଳମାଧବ ସାହୁ)– ନରାଜ ପାଖ ମହାନଦୀରେ ମଙ୍ଗଳବାର ବୁଡି ନିଖୋଜ ହୋଇଥିବା ୨ଜଣ ଛାତ୍ରଙ୍କ ମଧ୍ୟରୁ ଜଣକର ମୃତଦେହ ଗୁରୁବାର ବାଲିଅନ୍ତା ଅନ୍ତର୍ଗତ କୁଆଖାଇରୁ ଜବତ ହୋଇଛି। ସେ ହେଉଛନ୍ତି କଟକ ମଙ୍ଗଳାବାଗ ଅଞ୍ଚଳର ଆଦିତ୍ୟ ଅଭିଷେକ ମଲ୍ଲିକ। ପ୍ରକାଶ ଯେ ସକାଳେ ବାଲିଅନ୍ତା ଥାନା ଅଧୀନ କୁଆଖାଇ ନଦୀରେ ଗୋଟିଏ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ଅଗ୍ନିଶମବାହିନୀ ପହଞ୍ଚି କୁଆଖାଇ ନଦୀରୁ ମୃତଦେହକୁ ଜବତ କରି ବାଲିଅନ୍ତା ଥାନାକୁ ସୂଚନା ଦେଇଥିଲେ। ପୋଲିସଠାରୁ ଖବରପାଇ ବାରଙ୍ଗ ପୋଲିସ ନରାଜରେ ନିଖୋଜ ହୋଇଥିବା ଛାତ୍ରଙ୍କ ପରିବାରକୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇଥିଲା। ସେଠାରେ ମିଳିଥିବା ମୃତଦେହଟି ନିଖୋଜ ଆଦିତ୍ୟଙ୍କର ବୋଲି ତାଙ୍କ ବାପା ଚିହ୍ନଟ କରିବା ପରେ ବାଲିଅନ୍ତା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ମେଡିକାଲ ପଠାଇଥିଲେ। ଅନ୍ୟପଟେ ଏବେ ବି ଦେବପ୍ରିୟ ନିଖୋଜ ଥିବାବେଳେ ମହାନଦୀର ବିଭିନ୍ନ ଶାଖାନଦୀରେ ଏନ୍ଡିଆର୍ଏଫ୍ ଓ ଓଡ୍ରାଫ ଟିମ୍ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ସୂଚନାଥାଉ କି, ଆଦିତ୍ୟ ତା'ର ଅନ୍ୟ ୭ଜଣ ସାଙ୍ଗ ସହ ମଙ୍ଗଳବାର ମହାନଦୀରେ ଗାଧୋଇବା ପାଇଁ ନରାଜ ସିଦ୍ଧେଶ୍ୱର ମୁଣ୍ଡିଆତଳକୁ ଆସିଥିଲେ। ସେଠାରେ ଆଦିତ୍ୟ ଓ ଦେଉଳସାହିର ଦେବପ୍ରିୟ ଚୌଧୁରୀ ଗାଧୋଇବାକୁ ଯାଇଥିବାବେଳେ ବୁଡିଯାଇ ଥିଲେ।ଖବରପାଇ ଦମକଳ ବାହିନୀ ଓ ଏନ୍ଡିଆର୍ଏଫ୍ ଟିମ ଆସି ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳିପାରି ନ ଥିଲା।




ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ କଲ୍‌ଚରାଲ ହେରିଟେଜ୍ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ 'ନମାମି ସୁରୋମଣି'ରେ ପଣ୍ଡିତ ଅନୁପ ଜଲୋଟା ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ–ମୌସମ ନନ୍ଦ)

## ଦେବୀଦ୍ୱାରରେ ନିଖୋଜ, କୁଆଖାଇରୁ ମୃତଦେହ ଜବତ

ବାରଙ୍ଗ,୧୦।୮(ଲିଙ୍ଗରାଜ ରାଉତ)

ବାଙ୍କୀସ୍ଥିତ ଦେବୀଦ୍ୱାରଠାରେ ମହାନଦୀରେ ବୁଡ଼ିଯାଇଥିବା ଜଣେ ଯୁବକଙ୍କ ମୃତଦେହ ଗୁରୁବାର ସକାଳେ ବାରଙ୍ଗସ୍ଥିତ କୁଆଖାଇ ବ୍ରିଜ୍ତଳୁ ଜବତ ହୋଇଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗ୍ରାମର ହିମାଂଶୁ ଭୂଷଣ ମହାପାତ୍ର(୪୧)। ସୂଚନା ଅନୁଯାୟୀ, ମଙ୍ଗଳବାର ଦେବୀଦ୍ୱାରସ୍ଥିତ ମହାନଦୀରେ ହିମାଂଶୁ ଗାଧୋଉ ଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଭାସିଯାଇଥିଲେ। ନଦୀରେ ପାଣିର ସ୍ରୋତ ଥିବାରୁ ସେ ଭାସିଯାଇଥିଲା। ଖବରପାଇ ପରିବାର ଲୋକ ଓ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଗୁରୁବାର ସକାଳେ ନରଣପୁର ବାଲିଘାଟ ପାଖ କୁଆଖାଇ ନଦୀପଠାରେ ଏକ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ବାରଙ୍ଗ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନିଖୋଜ ହିମାଂଶୁଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗୟଳବାଙ୍କରୁ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଚିହ୍ନଟ କରିଥିଲେ। ଏ ନେଇ ପୋଲିସ ନଂ.୭/୨୩ରେ ଏକ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନକଲି ଇନ୍ସ୍ୟୁରାନ୍ସ ବଣ୍ଡ୍ ଦେଇ ୧.୨୫ ଲକ୍ଷ ଠକେଇ

### କମ୍ପାନୀ ଏରିଆ ମ୍ୟାନେଜର ଗିରଫ

ଭୁବନେଶ୍ୱର,୧୦।୮ (ସୂର୍ଯ୍ୟକାନ୍ତ ବେହେରା)

ନକଲି ଗାଡି ଇନ୍ସ୍ୟୁରାନ୍ସ ବଣ୍ଡ୍ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ୨୫ ହଜାର ଟଙ୍କା ଠକିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଏକ କମ୍ପାନୀର ଏରିଆ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ପୁରୀ ଜିଲାର ସଂକଳ୍ପ ସୂର୍ଯ୍ୟ ପ୍ରକାଶ ମିଶ୍ର। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ଅନିଲ ନର୍ନୋଲିଆ ତାଙ୍କ ୨ଟି ଟ୍ରକ୍କୁ ବିକ୍ରି କରିବା ପାଇଁ ଚାହିଁଥିଲେ। ଏଥିପାଇଁ କରିବା ପୂର୍ବରୁ ପୁନଃ ଇନସ୍ୟୁରାନ୍ସ କରାଇବା ଲାଗି ସେ ମହେନ୍ଦ୍ର ଫାଇନାନ୍ସ ବ୍ରୋକର୍ସ ଲିମିଟେଡ୍ କମ୍ପାନୀର ଏରିଆ ମ୍ୟାନେଜର ଭାବେ କାର୍ଯ୍ୟରତ ଅଭିଯୁକ୍ତ ସୂର୍ଯ୍ୟପ୍ରକାଶଙ୍କୁ ଫୋନ–ପେ' ଜରିଆରେ ପର୍ଯ୍ୟାୟକ୍ରମେ ୧ ଲକ୍ଷ ୨୫ ହଜାର ଟଙ୍କା ଦେଇଥିଲେ । ଏହାପରେ ଅଭିଯୁକ୍ତ ଉକ୍ତ ଦୁଇଟି ଟ୍ରକର ଇନ୍ସ୍ୟୁରାନ୍ସ ବଣ୍ଡ୍ ଅନିଲଙ୍କୁ ପ୍ରଦାନ କରିଥିଲେ। ହେଲେ ଗାଡିର ମାଲିକାନା ପରିବର୍ତ୍ତନ କରିବା ସମୟରେ ଇନ୍ସ୍ୟୁରାନ୍ସ ବଣ୍ଡ୍ ୨ଟି ନକଲି ଜାଣିବା ପରେ ସେ ଏନେଇ ମହେନ୍ଦ୍ର ଫାଇନାନ୍ସ ବ୍ରୋକର୍ସ ଲିମିଟେଡ୍ କମ୍ପାନୀର କ୍ଲଷ୍ଟର ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ କ୍ଲଷ୍ଟର ମ୍ୟାନେଜର ଘଟଣାର ସତ୍ୟାସତ ଯାଞ୍ଚ କରିବାରୁ ଅଭିଯୁକ୍ତ ଉକ୍ତ ଗାଡି ମାଲିକଙ୍କୁ ନକଲି ଇନ୍ସ୍ୟୁରାନ୍ସ ବଣ୍ଡ୍ ତିଆରି କରି ଦେଇଥିବା ଜଣାପଡିଥିଲା। ତେଣୁ ଏନେଇ ସେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

## ଓଡ଼ିଆରେ ଦେଖିପାରିବେ 'ଜେଙ୍ଗାବୁରୁ କର୍ସ'

### ଓଡ଼ିଶାରେ ଶୁଟିଂର ଅନୁଭୂତି ବଖାଣିଲେ ଅଭିନେତା, ଅଭିନେତ୍ରୀ

### ସିରିଜ୍‌ରେ ଅଭିନୟ କରିଛନ୍ତି ଅନେକ ଓଡ଼ିଆ କଳାକାର

ଭୁବନେଶ୍ୱର,୧୦।୮(ଶର୍ମିଷ୍ଠା ପାଣିଗ୍ରାହୀ)

ୱେବ୍‌ସିରିଜ୍ 'ଜେଙ୍ଗାବୁରୁ କର୍ସ' ବୁଧବାର ସୋନି ଲାଇଭ୍‌ରେ ପ୍ରସାରିତ ହୋଇଛି। ଏହା ଓଡ଼ିଶାରେ ଶୁଟିଂ ହୋଇଥିବାବେଳେ କାହାଣୀର ନିର୍ଦ୍ଦେଶକ ହେଉଛନ୍ତି ନୀଳମାଧବ ପଣ୍ଡା। ଏହା ହେଉଛି ଭାରତର ପ୍ରଥମ କ୍ଲାଏ–ଫାଇ ଥ୍ରୀଲର ସିରିଜ। ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ପ୍ରସ୍ତୁତ ଏହି ସିରିଜ୍ ଓଡ଼ିଆରେ ରିଲିଜ୍ ହେବ। ବିଶେଷକରି ମନୁଷ୍ୟର ଲୋଭ କିଭଳି ପ୍ରାକୃତିକ ସମ୍ପଦକୁ ନଷ୍ଟ କରି ଦେଉଛି ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ମୁଖ୍ୟ ସମସ୍ୟାରେ ପରିଗଣିତ ହେଉଛି ତାହା ଏହି ସିରିଜ ମାଧ୍ୟମରେ ଦର୍ଶାଯାଇଛି। ତେବେ ଏହି ସିରିଜ୍‌ରେ ଫରିଆ ଅବଦୁଲ୍ଲା, ଏମ୍ ନାସିର୍ ଓଡ଼ିଶାରେ ଶୁଟିଂ ସମୟରେ ଅନୁଭୂତିକୁ ବଖାଣିଛନ୍ତି। ରବୀଚନ୍ଦ୍ରନ୍ ରାଓ ଚରିତ୍ରରେ ଅଭିନୟ କରିଥିବା ବରିଷ୍ଠ ଅଭିନେତା ନାସିର୍ କହିଛନ୍ତି, 'ଏହି ଶୁଟିଂ ପାଇଁ ଓଡିଶା ଗସ୍ତ ମୋତେ ଭାରତର କେନ୍ଦ୍ରକୁ ନେଇଥିଲା। ସେଠାରେ ମୁଁ ଖୁବ୍ ରୋମାଞ୍ଚିତ ହୋଇଥିଲି। ଯେତେବେଳେ ଆମେ ସେଠାରେ ଶୁଟିଂ କରିଥିଲୁ ସେତେବେଳେ




ମୁଁ ଅନୁଭବ କରିଥିଲି କାହିଁକି ଓଡିଶାକୁ ଭାରତର ସର୍ବୋତ୍ତମ ଲୁକ୍କାୟିତ ରହସ୍ୟ ବୋଲି କୁହାଯାଏ। ପ୍ରକୃତିର କୋଳରେ ରହିବା ପରି ଅନଭୁବ ହୋଇଥିଲା। ମୋର ଓଡିଶା ସମ୍ପର୍କରେ ସ୍ୱଳ୍ପ ଜ୍ଞାନ ଥିଲା, କିନ୍ତୁ ସେଠାରେ ରହିବା ପରେ, ସ୍ଥାନୀୟ ଲୋକଙ୍କ ସହ ସମୟ ବିତାଇବା ପରେ ମୁଁ ସେମାନଙ୍କର କଳା ଓ ସଂସ୍କୃତି ସହ ପରିଚିତ ହୋଇଥିଲି। ଲୋକମାନେ ଖୁବ୍ ସରଳ ଓ ନମ୍ରତାରେ ପରିପୂର୍ଣ୍ଣ। ସେହିପରି ସିରିଜ୍‌ରେ ପ୍ରିୟମ୍ବଦା ଦାସଙ୍କ ଚରିତ୍ରରେ ଅଭିନୟ କରିଥିବା ତାଙ୍କର ସହ ଅଭିନେତ୍ରୀ ଫାରିଆ କହିଛନ୍ତି, ଜଙ୍ଗଲ ଓ ଜନବସତି ଅଞ୍ଚଳରେ ରହି ମୁଁ ଓଡିଶାର ଲୋକଙ୍କ ଜୀବନଶୈଳୀର ସରଳତା ସହ ଜଡିତ ହୋଇପାରିଥିଲି। ଏହା ମୋର ମସ୍ତିଷ୍କ ଓ ଶରୀର ପାଇଁ ଡିଟକ୍ସ ଭଳି ଥିଲା। ଏହି ସରିଜ୍ ଓଡ଼ିଆ ଭାଷାରେ ମଧ୍ୟ ଆସୁଛି, ଯାହାଦ୍ୱାରା ଓଡ଼ିଶାର ସମସ୍ତ ଲୋକ ଏହି ସିରିଜ୍‌କୁ ଦେଖିବା ସହ ଏହାର ଉଦ୍ଦେଶ୍ୟକୁ ବୁଝିପାରିବେ। ଏହି ସିରିଜ୍‌ରେ ବାହାର କଳାକାରମାନେ ପ୍ରମୁଖ ଭୂମିକାରେ ଥିବା ବେଳେ ଓଡ଼ିଶାର କିଛି କଳାକାର ଅଭିନୟ କରିବାର ସୁଯୋଗପାଇଛନ୍ତି। ଅଭିନେତା ହର ରଥ, ଶକ୍ତି ବରାଳ, ଉଦିତ ଗୁରୁ, ସତ୍ୟରଞ୍ଜନ, ନାଟ୍ୟକାର ମନୋଜ ପଟ୍ଟନାୟକ, ଅଭିନେତ୍ରୀ ରେହା ରଶମ୍ ବରୀ, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି।

---

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିକୁ



@ପ୍ରଶାନ୍ତ



@ଜୟଶ୍ରୀ



@ ଶିବାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

---

## ୧୨ରେ ଆଦିତ୍ୟ ମେମୋରିଆଲ କୁଇଜ୍ ପ୍ରତିଯୋଗିତା




ଭୁବନେଶ୍ୱର, ୧୦।୮(ଅସମାପିକା ସାହୁ)

ଲୟୋଲା ସ୍କୁଲ ଏବଂ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ତ୍ରୟୋଦଶ ଆଦିତ୍ୟ ମେମୋରିଆଲ କୁଇଜ ପ୍ରତିଯୋଗିତା ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ। ଗୁରୁବାର ସୁଦ୍ଧା ଏଥିରେ ଓଡ଼ିଶାର ୨୦ଟି ଓ ରାଜ୍ୟ ବାହାରୁ ୭ଟି ସ୍କୁଲ ଅଂଶଗ୍ରହଣ କରିବାକୁ ପଞ୍ଜୀକରଣ କରିସାରିଲେଣି। ଉକ୍ତ ଦିନ ସକାଳ ୮ଟାରୁ ୯ଟା ମଧ୍ୟରେ ବି ଅନ୍‌ସ୍ପଟ୍ ପଞ୍ଜୀକରଣ କରାଯାଇପାରିବ। ତେବେ ଏହି ପଞ୍ଜୀକରଣ ଦେୟମୁକ୍ତ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କୁଇଜ ପ୍ରତିଯୋଗିତାରେ ଅଧିକରୁ ଅଧିକ ସ୍କୁଲ ଅଂଶଗ୍ରହଣ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଲୟୋଲା ସ୍କୁଲର ପୂର୍ବତନ ଛାତ୍ର ଆଦିତ୍ୟ ସାହୁଙ୍କର ୨୦୧୦ ଏପ୍ରିଲ ୧୮ରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ଭୁବନେଶ୍ୱରର ଏକ୍ସଆଇଏମ୍ୟୁ ଅଡିଟୋରିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଜେତାଙ୍କ ପାଇଁ ଅର୍ଥରାଶି ପୁରସ୍କାରର ବ୍ୟବସ୍ଥା ରହିଛି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ସୂଚନା ପାଇଁ www.loyal–abbsr.edu.in ୱେବ୍‌ସାଇଟ୍‌କୁ ଯାଇ ଦେଖିପାରିବେ। ଏହି ସମ୍ମିଳନୀରେ ଲୟୋଲା ସ୍କୁଲ ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ, ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଆଦିତ୍ୟଙ୍କ ବାପା ମିହିର କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ, ୨ ଭାଇ ଗିରଫ

ବେଗୁନିଆ,୧୦।୮ (ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଗୋଟିଏ ପରିବାରର ୩ଜଣ ଆହତ ହୋଇଥିଲେ। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗୁରୁବାର ଗିରଫ କରି ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ସେମାନେ ହେଲେ ଗୋଟିଏ ପରିବାରର ୨ ଭାଇ ସ୍ନେହାଶିଷ ଏବଂ ଦେବାଶିଷ। ଏ ନେଇ ଥାନାରେ ୨ଟି ପୃଥକ୍ ମାମଲା ନଂ ୨୮୮,୨୮୯/୨୩ ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ ଗ୍ରାମର ଲକ୍ଷ୍ମୀଧର ରଣବିଜୁଳି ଏବଂ ଦାମୋଦର ପାଇକରାୟ ଉଭୟ ପରିବାର ମଧ୍ୟରେ ଗତ କିଛିଦିନ ହେଲା ବିବାଦ ଲାଗି ରହିଛି। ଏହା ଉଗ୍ରରୂପ ଧାରଣ କରି ବୁଧବାର ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଲକ୍ଷ୍ମୀଧରଙ୍କ ଦୁଇ ପୁଅ ସ୍ନେହାଶିଷ ଏବଂ ଦେବାଶିଷ କୌଣସି କାରଣକୁ ନେଇ ଦାମୋଦରଙ୍କ ପୁଅକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏଥିରେ ଦାମୋଦର ଏବଂ ସ୍ତ୍ରୀ ବିରୋଧ କରିବାରୁ ଦୁଇ ଭାଇ ମିଶି କାଠ ଫାଳିଆରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଉଭୟ ପରିବାର ୩ଜଣ ଗୁରୁତର ଆହତ ହୋଇଥିଲେ। ଆହତ ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ଅପହୃତା ନାବାଳିକା ବ୍ରହ୍ମପୁରରୁ ଉଦ୍ଧାର, ଯୁବକ ଗିରଫ

ବାଲୁଗାଁ,୧୦।୮ (ସଂଗ୍ରାମ ପାଇକରାୟ)

ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ବାଲୁଗାଁ ପୋଲିସ ଅପହୃତାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଅପହରଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଜହ୍ନିକୁଦା ଗ୍ରାମର ଦାଶରଥୀ ତରେଇଙ୍କ ପୁଅ କାଲୁ ତରେଇ(୨୫)। ପୋଲିସ୍ ଉଭୟଙ୍କୁ ଡାକ୍ତରୀମାଇନା କରିବାପରେ ଗୁରୁବାର ନଂ.୧୭୪/୨୩ରେ ଏକ ମାମଲା ରୁଜୁ କରିବା ସହ କାଲୁଙ୍କୁ ପୋକ୍ସୋ ଆଇନ ଅନୁଯାୟୀ ଭୁବନେଶ୍ୱର କୋର୍ଟକୁ ଚାଲାଣ କରିଛନ୍ତି। ପ୍ରକାଶ ଯେ, କୃଷ୍ଣପ୍ରସାଦ ଅଞ୍ଚଳର ଜଣେ ନାବାଳିକା ବଡ଼କୁଳସ୍ଥିତ ନିଜ ମାମୁ ଘରେ ରହୁଥିଲେ। ଗତ ୩୦ତାରିଖରେ କାଲୁ ଉକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲା। ନାବାଳିକାଙ୍କ ଘରେ ବହୁ ଖୋଜାଖୋଜି ସତ୍ତ୍ୱେ ଝିଅର ସନ୍ଧାନ ପାଇ ନ ଥିଲେ। ଏ ନେଇ ୧ତାରିଖରେ ଝିଅର ମାଆ ବାଲୁଗାଁ ଥାନାରେ ଝିଅକୁ କେହି ଦୁର୍ବୃତ୍ତ ଅପହରଣ କରିନେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଝିଅର ମୋବାଇଲକୁ ଅନୁଧ୍ୟାନ କରି ଝିଅକୁ ବ୍ରହ୍ମପୁରରୁ ଉଦ୍ଧାର କରିବା ସହ ଅପହରଣକାରୀ କାଲୁଙ୍କୁ ଗିରଫ କରିଥିଲେ।

### ବାଇକ୍ ସହ ମଦ ଜବତ, ୩ ଗିରଫ

ବାଲୁଗାଁ,୧୦।୮ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ଦେଶୀ ଓ ବିଦେଶୀ ମଦ ଦୈନିକ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ବାଲୁଗାଁର ବଡ଼କୁଳ ବଜାରରେ ବେଆଇନ ଭାବେ ମଦ କାରବାର ହେଉଥିବା ବିଶେଷ ସୂତ୍ରରୁ ବାଲୁଗାଁ ଅବକାରୀ ବିଭାଗ ଅଧିକାରୀ ବି.ମନୋଜ କୁମାର ଖବରପାଇ ସଦଳବଳ ନିକଟସ୍ଥ ବଡ଼କୁଳ ବଜାରରେ ଗୁରୁବାର ଚଢ଼ାଉ କରିଥିଲେ। ଏହି ସମୟରେ ବଡ଼କୁଳ ବଜାରରେ ବିକ୍ରି କରୁଥିବା କୃଷ୍ଣମୋହନ ସାହୁ(୫୦)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୫ଲିଟର ମଦ ଜବତ କରିଥିଲେ। ସେହିପରି ନିକଟସ୍ଥ ସୁବୁଦ୍ଧିପାଟଣା ଗ୍ରାମଛକଠାରୁ ମନୋଜ ଶବର(୨୦)ଙ୍କଠାରୁ ୯୦ଲିଟର ଓ ବଳଭଦ୍ର ଶବର(୨୦)ଙ୍କଠାରୁ ୪୦ଲିଟର ଦେଶୀ ମଦ ଓ ଏକ ବାଇକ୍‌କୁ ଜବତ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଛି। ଏ ନେଇ ବିଭାଗୀୟ କେଶ ନଂ.୮୧,୮୨ ଓ ୮୩/୨୩ରେ ୩ଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟକୁ ପଠାଇ ଦିଆଯାଇଛି।

# ଖୋଲୁଛି ପ୍ରକାଶଙ୍କ କଳା ସାମ୍ରାଜ୍ୟ ଗୁମର

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)



ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ଫେସ୍‌ବୁକ୍ ଆଇଡି।


ପ୍ରକାଶ ଚନ୍ଦ୍ର।

**ରାଜନୈତିକ ଛତ୍ରଛାୟା ତଳେ ପାଉଥିଲେ ବଳ**

- ଶାସକ ଦଳରେ କମ୍ପନ, ସାଧାରଣରେ ବିଭିନ୍ନ ଚର୍ଚ୍ଚା
- ପ୍ରକାଶଙ୍କୁ ରିମାଣ୍ଡରେ ନେବ କମିଶନରେଟ ପୋଲିସ
- କାର୍ବାଇଡ୍ ବନ୍ଧୁକ ବ୍ୟବହାର ପଛର ରହସ୍ୟ

ପୂର୍ବତନ ଖୋର୍ଦ୍ଧା ବ୍ଲକ ବିଜେଡି ସଭାପତି ପ୍ରକାଶ ରାଉତରାୟଙ୍କ କଳା ସାମ୍ରାଜ୍ୟର କାହାଣୀ ଧୀରେ ଧୀରେ ଖୋଲୁଛି। ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ୪ଜଣଙ୍କୁ ସୋମବାର ଭୁବନେଶ୍ୱର କମିଶନରେଟ ପୋଲିସ କଳିଙ୍ଗବିହାରରୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଦୁର୍ଗାପୁରର ପ୍ରକାଶ ରହିଥିଲେ। କମିଶନରେଟ ପୋଲିସ ତାଙ୍କୁ ଗିରଫ କରିବା ପରେ ଖୋର୍ଦ୍ଧା ଗୁରୁଜଙ୍ଗ ଓ ଦୁର୍ଗାପୁରସ୍ଥିତ ବାସଭବନ ସମେତ କ୍ରଶରରେ ଚଢ଼ାଉ କରିଥିଲା। ଏହି ସମୟରେ ସେ ବେଆଇନ ଭାବେ ରଖିଥିବା ୯ ଏମ୍‌ଏମ୍‌ର କାର୍ବାଇଡ୍ ବନ୍ଧୁକ ଓ ନଗଦ ୧୯ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ପ୍ରକାଶ ଫେସ୍‌ବୁକ ଆକାଉଣ୍ଟରେ ନିଜକୁ ବିଜେଡି ବ୍ଲକ ସଭାପତି ବୋଲି ଦର୍ଶାଇଛନ୍ତି। ସେ ରାଜନୈତିକ ଛତ୍ରଛାୟା ତଳେ ନିଜ କଳା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ବ୍ଲକ ବିଜେଡି ସଭାପତିରୁ ରାତାରାତି ଖଣିମାଫିଆ ପାଲଟି ଯାଇଥିଲେ। ଏତେଦିନ ଧରି ତାଙ୍କ ପ୍ରତି ପ୍ରଶାସନ ଏବଂ ପୋଲିସ କାହିଁକି ଆଖି ବୁଜି ଦେଇଥିଲା ତାହା ଏବେ ପ୍ରଶ୍ନ ପାଲଟିଛି।

ପ୍ରକାଶ ଅତ୍ୟାଧୁନିକ ବନ୍ଧୁକ ରଖିବା ପଛରେ କ'ଣ ରହସ୍ୟ ରହିଛି ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲିଛି। ସାଧାରଣତଃ ମାଓବାଦୀମାନେ ଅଟୋମେଟିକ କାର୍ବାଇଡ ବନ୍ଧୁକ ବ୍ୟବହାର କରନ୍ତି। ପ୍ରକାଶ ଏଭଳି ବନ୍ଧୁକ ବ୍ୟବହାର ପଛରେ ବଡ ଆପରାଧିକ ପୃଷ୍ଠଭୂମି ରହିଥିବା କମିଶନରେଟ ପୋଲିସ ସୂଚନା ପାଇଛି। ପୋଲିସ ହାତରେ କିଛି ସୁରାକ ମଧ୍ୟ ଲାଗିଛି। ନିଜକୁ ବିଜେଡି ନେତା ବୋଲାଉଥିବା ପ୍ରକାଶଙ୍କର ଦଳର ବଡ଼ ବଡ଼ ନେତାଙ୍କ ସହ ସମ୍ପର୍କ ରହିଥିବା ଚର୍ଚ୍ଚା ହେଉଛି। ସେ କାହା ଛତ୍ରଛାୟା ତଳେ ରହି ଏହି କଳା ସାମ୍ରାଜ୍ୟ ଚଳାଉଥିଲେ ଏବେ ତାହାକୁ ନେଇ ଉଠିଛି ପ୍ରଶ୍ନ। ଖୋର୍ଦ୍ଧାରେ ବେଆଇନ ଖଣି ଖାଦାନରେ ତାଙ୍କର ସଂପୃକ୍ତି ରହିଥିବା ଜଣାପଡିଛି। ସଦର ଥାନା ଅଧୀନ ଛତ୍ରମା ଛକରେ ଥିବା ପ୍ରକାଶଙ୍କ କ୍ରଶର ୟୁନିଟ ଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ଏକର ଏକର ଜମିକୁ ବେଆଇନ ଭାବେ ଜବରଦଖଲରେ ରଖି ସେ ସେଠାରେ କ୍ରଶର ଚଳାଉଥିଲେ। ସେ ୫ ଏକର ଜମି ଅକ୍ତିଆର କରି ରଖିଥିବା ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି। ପ୍ରକାଶଙ୍କ କଳା କାରନାମା ସମ୍ପର୍କରେ ପୋଲିସ ପାଖରେ କିପରି କୌଣସି ଖବର ନ ଥିଲା ତାହା ପ୍ରଶ୍ନବାଚୀ ହୋଇଛି। ତାଙ୍କଠାରୁ ଜବତ ହୋଇଥିବା କାର୍ବାଇଡ ବନ୍ଧୁକରେ କୌଣସି ନମ୍ବର ମାର୍କିଂ ନ ଥିବା ଜଣାପଡ଼ିଛି। ଏହାର ଅଧିକ ଯାଞ୍ଚ ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯିବ ବୋଲି ଭୁବନେଶ୍ୱର ଡିସିପି କହିଥିଲେ। ଏଥିସହିତ ସେମାନଙ୍କ ଅପରାଧିକ ପୃଷ୍ଠଭୂମି ଉପରେ ଅଧିକ ତନାଘନା ପାଇଁ କମିଶନରେଟ ପୋଲିସ ୪ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିବ। ପ୍ରକାଶଙ୍କ ଗିରଫ ପରେ ବିଜେଡି ନେତାଙ୍କ ମଧ୍ୟରେ ଛନକା ପଶିଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି, ପ୍ରକାଶ ବେଆଇନ ଖଣି ଖାଦନରେ ସମ୍ପୃକ୍ତ। ସେ ତ କେରାଣ୍ଡି ମାତ୍ର, ସମୁଦ୍ରରେ ଅନେକ ତିମି ରହିଛନ୍ତି। ସେମାନେ ଧରାହେଲେ ଅସଲ ଗୁମର ଖୋଲିଯିବ। ଅନ୍ୟପକ୍ଷରେ ବିଧାୟକ ମିତ୍ର କାହା ଉପରକୁ ଅଙ୍ଗୁଳି ଉଠାଇଛନ୍ତି, ତାହା ସାଧାରଣରେ ଚର୍ଚ୍ଚା ପାଲଟିଛି। ବରିଷ୍ଠ ଆଇନଜୀବୀ ବାବୁ ଦାସ କହିଛନ୍ତି, ବେଆଇନ ଖଣି ଚୋରା ଚାଲାଣରେ ସଂପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ପଥର ବ୍ଲାଷ୍ଟିଙ୍ଗ ଅନୁମତି ଦିଆଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲଘୁ ଖଣିଜ ଲୁଟ ଚାଲିଛି। ସବୁ କିଛି ପ୍ରୋତ୍ସାହନରେ ହେଉଛି। ଏହାର ପର୍ଦ୍ଦାଫାସ ହେଲେ ସବୁ ଗୁମର ଖୋଲିଯିବ।

## ଗୁଣବତ୍ତା ଶିକ୍ଷା ଉପରେ ଗୁରୁତ୍ୱ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସଦସ୍ୟ।

**ନୂଆଦିଲ୍ଲୀରେ ଏମ୍‌ପିଙ୍କୁ ଭେଟିଲା ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ**

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ରାଜ୍ୟ ଶାଖାର କର୍ମକର୍ତ୍ତା ନୂଆଦିଲ୍ଲୀରେ ଏମ୍‌ପିମାନଙ୍କୁ ଭେଟି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଦେଶର ସାମ୍ପ୍ରତିକ ସ୍ଥିତିରେ ଆବଶ୍ୟକ ମୁତାବକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ, ନୂତନ ଶିକ୍ଷାନୀତି–୨୦୨୦ର ସଫଳ ରୂପାୟନ, ଗୁଣବତ୍ତାପୂର୍ଣ୍ଣ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ସହିତ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି ନେଇ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ।

ପ୍ରକାଶ ଥାଉକି, ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ୧୯୯୩ରୁ ଭାରତର ପ୍ରତ୍ୟେକ ରାଜ୍ୟରେ ପ୍ରାଥମିକ ସ୍ତରଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷାକ୍ଷେତ୍ରରେ ରାଷ୍ଟ୍ର ହିତରେ ଶିକ୍ଷା, ଶିକ୍ଷା ହିତରେ ଶିକ୍ଷକ ଓ ଶିକ୍ଷକ ହିତରେ ସମାଜ ନାରା ନେଇ ନିରବଚ୍ଛିନ୍ନ କାର୍ଯ୍ୟ କରି ଆସୁଛି। ପ୍ରତିବର୍ଷ ଜାନୁୟାରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଠାରୁ ୨୩ ତାରିଖ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥି ପର୍ଯ୍ୟନ୍ତ ମହାସଂଘ ଆନୁକୂଲ୍ୟରେ ଶିକ୍ଷକମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ଉଦ୍ଦେଶ୍ୟରେ କର୍ତ୍ତବ୍ୟବୋଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଜାଣି ସାଂସଦମାନେ ଏହାର ପ୍ରଶଂସା କରିଥିଲେ। ଡ. ନିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ନିଳୁରାମ ଜେନା ଏବଂ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସାମିଲ ହୋଇଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସରମାନଙ୍କ ସହ ଏହି କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।



ଗୁରୁବାର ବିଭିନ୍ନ ଦାବି ନେଇ ଖୋର୍ଦ୍ଧା ସିଆଇଟିୟୁ ଶାଖାର କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଗମ୍ଭାରୀମୁଣ୍ଡା(ଦିଲୀପ ସ୍ୱାଇଁ)

**ଉତ୍ତ୍ୟକ୍ତ ଲୋକଙ୍କ ଟାୟାର ଜାଳି ରାସ୍ତାରୋକୋ**

ଖୋର୍ଦ୍ଧା ଜିଲା ସୁନାଖଳା ନାଚୁଣୀ ପୋଲିସ ଥାନା ନିକଟସ୍ଥ କଉଡ଼ି ଖଣି ଛକଠାରେ ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ବାଇକ୍ ଆରୋହୀ ସମେତ ୨ଜଣ ଗୁରୁତର ହୋଇଛନ୍ତି। ୨ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଉଥିବାରୁ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଖବରପାଇ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭରଙ୍କୁ ଅଟକ ରଖିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଉକ୍ତ ଛକର ନିର୍ମାଣ କାର୍ଯ୍ୟ ତୁରନ୍ତ କରିବାକୁ ପଦକ୍ଷେପ ନେବାର ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ପ୍ରତ୍ୟାହୃତ ହେବ ନାହିଁ ବୋଲି ସମସ୍ତେ ଅଡି ବସିଛନ୍ତି।

ସୂଚନା ଅନୁଯାୟୀ, ଏକ ଟ୍ରକ୍ ବ୍ରହ୍ମପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ କଉଡ଼ି ଖଣି ଛକଠାରେ ଆଗରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ୨ଜଣ ଯୁବକ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ମେଡିକାଲ ପଠାଇଥିବା ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ଏପରିକି ଉକ୍ତ ଛକଠାରେ ଗତ କିଛିଦିନ ହେବ ବାରମ୍ବାର ଦୁର୍ଘଟଣା ହେଉଥିବାବେଳେ ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଏପରି ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।


ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତ ରୋକୋ କରୁଛନ୍ତି।

## ୨୨୧୪ ଅଙ୍ଗନୱାଡି କେନ୍ଦ୍ର, ୧୪୫୬ ସ୍କୁଲରେ ଦିଆଯିବ

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

**କୃମିନାଶକ ଔଷଧ ସେବନର ଶୁଭାରମ୍ଭ**

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲଠାରେ ଗୁରୁବାର ଖୋର୍ଦ୍ଧା ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାର ଶୁଭାରମ୍ଭ କରିଥିଲେ। ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଶ୍ୱମୋହନ ମିଶ୍ର, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନାୟକ କହିଲେ ଯେ, ଏହି ବଟିକା ଖାଇଲେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଖାଲି ପାଦରେ ବାହାରେ ଖେଳିବା, ହାତ ନ ଧୋଇ ଖାଇବା, ଖୋଲା ଜାଗାରେ ମଳତ୍ୟାଗ କରିବା, ଅପରିଷ୍କାର ପରିବେଶ କୃମି ସଂକ୍ରମଣର ମୁଖ୍ୟ କାରଣ। ଜିଲାରେ ମୋଟ ୨୨୧୪ ଅଙ୍ଗନୱାଡ଼ି କେନ୍ଦ୍ର ଓ ୧୪୫୬ ବିଦ୍ୟାଳୟରେ କୃମିନାଶ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଏଥିରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ୩,୧୩,୮୪୦ ଜଣ ପିଲା ଏବଂ ୨୬,୦୩୧ଜଣ ୨୦–୨୪ ବର୍ଷର ପ୍ରଜନନ ମହିଳାଙ୍କୁ ବଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମ ପରିଚାଳନା ପାଇଁ ୧୨୭୧ ଆଶାକର୍ମୀ, ୨୩୭୭ ଅଙ୍ଗନୱାଡ଼ି କର୍ମୀ, ୧୪୫୬ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଡା. ରଘୁନାଥ ନାୟକ କୃମିର ପ୍ରକାର ଭେଦ, କୃମି ସଂକ୍ରମଣ ପ୍ରଭାବରେ ରକ୍ତହୀନତା, ଖାଦ୍ୟସାର ଅଭାବ, ଭୋକ ନ ଲାଗିବା, ଓଜନ ହ୍ରାସ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଜିଲା ଶିକ୍ଷା ଅଧିକାରୀ ତରାଇ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁପସ୍ଥିତ ଥିବା ପିଲାମାନେ ଚଳିତ ମାସ ୧୭ ତାରିଖରେ ଏହି ବଟିକା ଖାଇବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ଡିପିଏଚ୍‌ସିଓ ପ୍ରସନ୍ନ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ଡିପିଏମ୍ ପ୍ରକାଶ କୁମାର ବାନାର୍ଜୀ, ଡିପିଏଚ୍‌ଓ ଡାକ୍ତର ପ୍ରଶାନ୍ତ କୁମାର ଦାସ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ଛାତ୍ରଙ୍କୁ କୃମିନାଶ ଔଷଧ ପ୍ରଦାନ କରୁଛନ୍ତି।

## ସିଆଇଟିୟୁ ପକ୍ଷରୁ ବିକ୍ଷୋଭ

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

ସିଆଇଟିୟୁ ଆହ୍ୱାନରେ ଗୁରୁବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆବସ୍‌ଷ୍ଟାଣ୍ଡରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ। ଶ୍ରମିକଙ୍କ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର, ଅବସରକାଳୀନ ଭତ୍ତା ମାସିକ ୧୦ହଜାର ଟଙ୍କା, ଚାକିରି ସ୍ଥାୟିତ୍ୱ କରିବା, ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର, ପାଚିକାଙ୍କ ବକେୟା ପ୍ରାପ୍ୟ ଦେବା, ଦରଦାମ୍ ବୃଦ୍ଧି ସହ ଦେଶରେ ବିଭେଦକାରୀ ରାଜନୀତି ବନ୍ଦ କରିବା, ସାମ୍ପ୍ରଦାୟିକ ଦଙ୍ଗା ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସିଆଇଟିୟୁ ସଭାପତି ସୁରେଶ ଚନ୍ଦ୍ର ରାଉତରାୟ, ଉପସଭାପତି ପୁଷ୍ପା ଦାସ, ସମ୍ପାଦକ ଶୈଳେଶ ବଳିଆରସିଂହ, ଗିରିଶ ଚନ୍ଦ୍ର ମହାରଣା, ଅନନ୍ତ ମଙ୍ଗରାଜ, ସାରଙ୍ଗଧର ବେହେରା ପ୍ରମୁଖ ଥିଲେ।

## ଆଫ୍ରିକାରୁ ଫେରିଲା ବଳରାମଙ୍କ ମୃତଦେହ

**ପୈତୃକ ଗାଁକୁ ଯିବା ପାଇଁ ସହାୟତାର ହାତ ବଢାଇଲା ଓଡ଼ିଶା ମୋ ପରିବାର**

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)

ମୃତଦେହକୁ ନିଜ ପରିବାର ନିକଟକୁ ପହଞ୍ଚାଇବାରେ ପୁଣି ସହଯୋଗର ହାତ ବଢାଇଛି ଓଡ଼ିଶା ମୋ ପରିବାର। ଗଞ୍ଜାମ ଖଲ୍ଲିକୋଟ ସହରର ବାସିନ୍ଦା ବଳରାମ ପ୍ରଧାନ ୧ବର୍ଷ ପୂର୍ବରୁ ଆଫ୍ରିକାସ୍ଥିତ ଇଥିଓପିଆରେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୪ରେ ବଳରାମ କାମ କରୁଥିବା ସମୟରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ୫ ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ପରିବାର ବର୍ଗ ଭାଙ୍ଗି ପଡିଥିବାବେଳେ ଶେଷଥର ତାଙ୍କୁ ଦେଖିବାକୁ ବ୍ୟାକୁଳ ହୋଇଥିଲେ। ଇଥିଓପିଆରୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ କମ୍ପାନୀ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ତେବେ ଭୁବନେଶ୍ୱରରୁ ଖଲ୍ଲିକୋଟସ୍ଥିତ ନିଜ ଗ୍ରାମକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ପରିବାରବର୍ଗ ସ୍ଥାନୀୟ ବିଧାୟକ ସୂର୍ଯ୍ୟମଣି ବୈଦ୍ୟଙ୍କ ସହାୟତା ଲୋଡ଼ିଥିଲେ। ବିଧାୟକ ଓଡ଼ିଶା ମୋ ପରିବାରକୁ ଜଣାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ମୃତଦେହ ବିମାନବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରଯାଇ ତାଙ୍କ ପୈତୃକ ଘରକୁ ନିଆଯାଇଥିଲା। ଏଥିରେ ବିଜୁ ଜନତା ଦଳର ସମ୍ପାଦକ ଦୁର୍ଗା ସାମନ୍ତରାୟ, ସୁବାସ ପାତ୍ର, ମୀରା ପରିଡ଼ା ଏବଂ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ମୋ ପରିବାର ସଦସ୍ୟମାନେ ବଳରାମଙ୍କ ମୃତଦେହକୁ ଗ୍ରାମକୁ ଆଣିଛନ୍ତି।

## ଜାଲ୍ ସାର୍ଟିଫିକେଟ ମାମଲା: ଆଉ ୨ ଗିରଫ

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

- ଏନ୍‌ଆଇଓଏସ୍ ନାଁରେ ଜାଲ୍ ସାର୍ଟିଫିକେଟ ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କାରେ ବିକ୍ରି କରୁଥିଲେ
- ୨ ଲାପ୍‌ଟପ୍, ୩ ମୋବାଇଲ, ଡକ୍ୟୁମେଣ୍ଟ ଜବତ

ଜନୈକ ଛାତ୍ରଙ୍କୁ ଯୁକ୍ତ୨ ଜାଲ୍ ସାର୍ଟିଫିକେଟ ଦେବା ଘଟଣାରେ ସଦର ପୋଲିସ ପୂର୍ବରୁ ମାଷ୍ଟରମାଇଣ୍ଡ କାଇପଦର କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ତପନ ପୃଷ୍ଟିଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍ତ୍ତିକ ବରିହା(୨୯) ଓ ମହମ୍ମଦ ସାଜିଦ୍ ହୁସେନ(୩୩)। କାର୍ତ୍ତିକଙ୍କ ନିଜ ଘର ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଜଗନ୍ନାଥ ବିହାରରେ ରହୁଥିଲେ। ସେହିପରି ମହମ୍ମଦ ସାଜିଦ୍‌ଙ୍କ ଘର ଖୋର୍ଦ୍ଧା ଜିଲା ଜଟଣୀ ରାମଚନ୍ଦ୍ରପୁରରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ ପ୍ଲାଜାରେ ରହୁଥିଲେ। ଏହାକୁ ମିଶାଇ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି। ସେମାନଙ୍କଠାରୁ ପୋଲିସ ୩ଟି ମୋବାଇଲ, ୨ଟି ଲାପ୍‌ଟପ୍, ସମ୍ପୃକ୍ତ ଅନୁଷ୍ଠାନରେ ଛପାଯାଇଥିବା ରସିଦ ବୁକ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ଜାତୀୟ ମୁକ୍ତ ବିଦ୍ୟାଳୟ (ଏନ୍‌ଆଇଓଏସ୍) ନାଁରେ ନକଲି ମାଟ୍ରିକ ଏବଂ ଯୁକ୍ତ୨ ସାର୍ଟିଫିକେଟ ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କାରେ ବିକ୍ରି କରୁଥିଲେ। ତପନ ଗିରଫ ହେବା ପରେ ଏହି ର୍‍ୟାକେଟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଦଧିମାଛଗାଡ଼ିଆ ଅଞ୍ଚଳର ଅଭିଷେକ କୁମାର ସାମନ୍ତରାୟ କାଇପଦର କଲେଜରେ ଯୁକ୍ତ୨ରେ ଅଧ୍ୟୟନ କରୁଥିଲେ। ପରୀକ୍ଷାରେ ଫେଲ୍ ହେବା ପରେ ତାଙ୍କୁ ପାସ୍ ସାର୍ଟିଫିକେଟ ଯୋଗାଇ ଦେବା ପାଇଁ ଅଧ୍ୟାପକ ତପନ କହିଥିଲେ। ଜାତୀୟ ମୁକ୍ତ ବିଦ୍ୟାଳୟରୁ ଯୁକ୍ତ୨ କଳା ପାସ୍ ସାର୍ଟିଫିକେଟ ଦେବା ପାଇଁ ଅଭିଷେକଙ୍କଠାରୁ ତପନ ଦୁଇଟି ପର୍ଯ୍ୟାୟରେ ୩୩ ହଜାର ଟଙ୍କା ନେଇଥିଲେ। ତେବେ ତପନ ତାଙ୍କୁ ଦେଇଥିବା ସାର୍ଟିଫିକେଟ ନକଲି ବୋଲି ଅଭିଷେକ ଜାଣିବାକୁ ପାଇଥିଲେ। ଏନେଇ ସେ ଗତ ୩ ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଥାନାରେ ଏକ ମାମଲା (ନଂ. ୨୨୧/୨୩) ରୁଜୁ କରି ଘଟଣାର ଛାନ୍‌ଭିନ ଆରମ୍ଭ କରିଥିଲା। ୫ ତାରିଖରେ ଏହି ଘଟଣାରେ ତପନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ଗିରଫ ୨ ଅଭିଯୁକ୍ତ।




୧୦।୮।୨୦୨୩

| | |
|---|---|
| ୬,୩୩,୦୮୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୧୦।୮ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ଗୁରୁବାର ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ବଢି ଦ୍ୱିତୀୟ ଭୋଗମଣ୍ଡପ ପରେ ଭକ୍ତମାନେ ଭିତର କାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ତେବେ ଏହି ସମୟରେ ଜୟବିଜୟ ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସମସ୍ତ ନୀତିକୁ ବନ୍ଦ କରାଯାଇ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଦର୍ଶନ ବନ୍ଦ ରଖାଯିବା ସହ ଦ୍ୱାର ବନ୍ଦ କରାଯାଇ ମହାସ୍ନାନ ନୀତି ଆରମ୍ଭ କରାଯାଇଥିଲା। ଅପରାହ୍ନ ୫ଟା ୫୫ରେ ମହାସ୍ନାନ ପୂଜା ସରିଥିଲା। ପରେ ୬ଟା ୫ରେ ମଇଲମ, ୬ଟା ୧୫ରେ ବେଶ ଶେଷ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବା ସହ ଭକ୍ତମାନଙ୍କ ଦର୍ଶନ ଆରମ୍ଭ ହୋଇଥିଲା।

### ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ

ଗୋପ, ୧୦।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତ ଅଧୀନ ବୟାଳିଶ ବାଟି ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅଜୟ ଭୋଇ(୫୨)। ପ୍ରକାଶ ଯେ, ଅଜୟ ଅତ୍ୟଧିକ ଗରମ ଯୋଗୁ ଘର ବାରଣ୍ଡାରେ ଶୋଇଥିବାବେଳେ ଭୋର ସମୟରେ ଗୋଟିଏ ସାପ ତାଙ୍କ ହାତ ଆଙ୍ଗୁଠିକୁ କାମୁଡ଼ି ଦେବାରୁ ସେ ନିଦ ବାଉଳାରେ ଫୋପାଡି ଦେଇଥିଲେ। ମାତ୍ର ସାପଟି ହାତ ଆଙ୍ଗୁଠିକୁ କାମୁଡ଼ି ଧରିଥିବାରୁ ତାଙ୍କ ନିଦ ଭାଙ୍ଗି ଯାଇଥିଲା। ପରେ ପରିବାର ସଦସ୍ୟ ତାଙ୍କୁ ସଙ୍ଗେ ସଙ୍ଗେ ଝଡ଼ାଫୁଙ୍କା କରିବାକୁ ନେଇଥିଲେ। ମାତ୍ର ସେଥିରେ ବିଫଳ ହେବାରୁ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା କରି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଜୟ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଏରବଙ୍ଗ ପଞ୍ଚାୟତ ସରପଞ୍ଚ ରଶ୍ମିରେଖା ଦାସ ଓ ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ପାରିବାରିକ କଳହକୁ ନେଇ ହତ୍ୟା ଘଟଣା: ୨ ଗିରଫ

ପୁରୀ, ୧୦।୮ (ଅଜିତ ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମାଳିଯାଗା ଉପର ମାଳିସାହି ତାତାମ୍ବରୀ ଆଖଡ଼ା ମଠ ନିକଟରେ ପାରିବାରିକ କଳହକୁ ନେଇ ଘଟିଥିବା ହତ୍ୟା ଘଟଣାରେ ଗୁରୁବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ କୁମ୍ଭାରପଡ଼ା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ କୁମ୍ଭାରପଡ଼ା ଥାନା ଅଧିକାରୀ ଜୟଦୀପ ମହାନ୍ତି କହିଛନ୍ତି, ବୁଧବାର ଅପରାହ୍ନରେ ପୁରୀ ମାଳିଯାଗା ନିକଟରେ ନୃସିଂହ ମହାନ୍ତି ନିଜ ସ୍ତ୍ରୀ, ଶାଶୁ, ଦେଢ଼ଶାଶୁ, ସଢୁ ଏବଂ ପୁତୁରାଙ୍କୁ ବିଭିନ୍ନ ଧାରୁଆ ଅସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ୪ଜଣ ଆହତ ହେବା ସହ ଘଟଣାସ୍ଥଳରେ ପୁତୁରା ସୌମ୍ୟରଞ୍ଜନ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ନୃସିଂହ ମହାନ୍ତି ଓରଫ ପୋଡା ସୋନୁ ଏବଂ ତାଙ୍କ ଭାଇ କାଶୀନାଥ ମହାପାତ୍ରକୁ ପୋଲିସ ଗିରଫ କରିଛି। ୨୦୧୦ ମସିହାରେ ନୃସିଂହ ନନ୍ଦିନୀ ମହାନ୍ତିଙ୍କୁ ପ୍ରେମ ବିବାହ କରିଥିଲେ। ମାତ୍ର ବିବାହର କିଛି ବର୍ଷ ପରେ ମତାନ୍ତର ଘଟିଥିଲା। ପରେ ଏ ନେଇ



ଗିରଫ ୨ ଅଭିଯୁକ୍ତ ।



ଜବତ ମାରଣାସ୍ତ୍ର ।

କେସ୍ ଚାଲିଥିଲା। କିଛି ବର୍ଷ ହେବ ନନ୍ଦିନୀ ତାଙ୍କୁ ଛାଡ଼ି ବାପଘରେ ଆସି ରହୁଥିଲେ। ଅଭିଯୁକ୍ତ ନୃସିଂହ ବୁଧବାର ସକାଳେ ନନ୍ଦିନୀଙ୍କ ଘରକୁ ଆସି ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ଏପରିକି ମାରିଦେବା ପାଇଁ ଧମକ ଦେଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ବଡ ବଡ ଇଟା ତାଙ୍କ ଉପରକୁ ପକାଇ ପଳାଇଥିଲେ। ଏହି ଘଟଣାକୁ ନେଇ ନନ୍ଦିନୀଙ୍କ ଭଉଣୀ, ଭିଣୋଇ, ଭାଇ, ପୁତୁରା, ବୋଉ ନୃସିଂହଙ୍କ ଘରକୁ ଯାଇଥିଲେ। ତେବେ ଏଥିରେ ଉତ୍ୟକ୍ତ ହୋଇ ନୃସିଂହ ଅପରାହ୍ନ ୨ଟାରେ ଏକ ଧାରୁଆ ଛୁରି, ଲୁହାରଡ୍, ହାତୁଡି ଧରି ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ

**ଛୁରି, ଲୁହାରଡ୍, ହାତୁଡ଼ି ଜବତ**

- ନୃସିଂହଙ୍କ ନାମରେ ରହିଛି ୫ ମାମଲା
- ଅଭିଯୁକ୍ତ ଦ୍ୱୟଙ୍କୁ ରିମାଣ୍ଡରେ ଆଣିପାରେ ପୋଲିସ

ସୌମ୍ୟଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ଅନ୍ୟମାନେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସୌମ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଗୁରୁତର ଆହତ ହୋଇଥିବା ୪ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ କୁମ୍ଭାରପଡ଼ା ପୋଲିସ ୧୭୧/୨୩ରେ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ କରି ସମଗରା ଠାରେ ଲୁଚିଥିବା ଅଭିଯୁକ୍ତ ନୃସିଂହ ଓ ତାଙ୍କୁ ସହଯୋଗ କରିଥିବା କାଶୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ହୋଇଥିବା ମାରଣାସ୍ତ୍ର ଜବତ ହୋଇଛି। ପୂର୍ବରୁ ନୃସିଂହଙ୍କ ନାମରେ ୫ଟି ମାମଲା ରହିଛି। ଦରକାର ପଡିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ବୋଲି ସିଟି ଡିଏସ୍‌ପି କହିଛନ୍ତି।

# ସାକ୍ଷୀଗୋପାଳ ମନ୍ଦିର ଉନ୍ନୟନ ପାଇଁ ୮୨ ଲକ୍ଷ

ସାକ୍ଷୀଗୋପାଳ, ୧୦।୮ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରର ଉନ୍ନତି ପାଇଁ ରାଜ୍ୟ ସରକାର ୮୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏ ନେଇ ଗୁରୁବାର ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ଉମାକାନ୍ତ ସାମନ୍ତ ରାୟଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ତହସିଲଦାର ଜୟନ୍ତ କୁମାର ଜୟ ସିଂ, ବିଡିଓ ଲୋଚନ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମିତ ଗଜେନ୍ଦ୍ର, ସହକାରୀ ଯନ୍ତ୍ରୀ ବିଶ୍ୱମୋହନ ପଟ୍ଟନାୟକ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ରହି ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସରକାର ପ୍ରଦାନ କରିଥିବା ଏହି ଅନୁଦାନ ଅର୍ଥରେ ମନ୍ଦିର ପ୍ରାଚୀର ଓ ତୁଳସୀ ବଗିଚା ପ୍ରାଚୀର ମରାମତି, ବାହାର ବେଢାରେ ଫେବର ବ୍ଲକ ପକାଯିବ। ଏଥିସହ ଦୁଇଟି ରୋଷ ଘର, ଦୁଇଟି ପାଣିଟାଙ୍କି, ବିଦ୍ୟୁତକରଣ, ମନ୍ଦିର ପରିସରରେ ଅବସ୍ଥିତ ଶ୍ରୀ ଶ୍ରୀ ଐଶାନେଶ୍ୱର ଦେବଙ୍କ ମନ୍ଦିର ନବୀକରଣ ଓ ମନ୍ଦିର ସୁପରଭାଇଜରଙ୍କ କାର୍ଯ୍ୟାଳୟ ମରାମତି ସମେତ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ସଦାଶିବ ମିଶ୍ରଙ୍କ କବିତା ସଂକଳନ ଲୋକାର୍ପିତ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କବିତା ସଂକଳନ 'ଜୀବନ ଯମୁନା'ର ଲୋକାର୍ପଣ କରୁଛନ୍ତି ।

ପୁରୀ, ୧୦।୮ (ଅଜିତ ମହାନ୍ତି): କବି, କଥାକର ତଥା ସୁଲେଖାର ସମ୍ପାଦକ ସଦାଶିବ ମିଶ୍ରଙ୍କ ଦ୍ୱିତୀୟ କବିତା ସଂକଳନ 'କବିତା ଜୀବନ ଯମୁନା'ର ପୁରୀ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ପୂର୍ବରୁ ମିଶ୍ରଙ୍କର ତିନିଟି ଗଳ୍ପ ସଂକଳନ, ବୋଉ ଉପନ୍ୟାସ, ତିନିଟି ଶିଶୁ ସଂକଳନ, ଜୀବନୀ ମୋ ଜୀବନର ଅଭୁଲା କଥା ଏବଂ ଫୁଲ ପ୍ରକାଶିତ ହୋଇଥିଲା। କବିତା ସଂକଳନ ଲୋକାର୍ପଣ ଅବସରରେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକଙ୍କ ସମେତ ଉମାକାନ୍ତ ମହାପାତ୍ର, ସୁରେଶ ପଟ୍ଟନାୟକ, ବିଜୟାଲକ୍ଷ୍ମୀ ଦାଶ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।



ଆସନ୍ତା ସ୍ୱାଧୀନତା ଦିବସ ପାଇଁ ପୁରୀ ବନାଟି ଆସୋସିଏଶନ ପକ୍ଷରୁ ବନାଟି ପ୍ରଦର୍ଶନ ରିହର୍ସାଲ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର)

## କେନାଲରେ ଆସୁନି ପାଣି, ଚିନ୍ତାରେ ଚାଷୀ

ଡେଲାଙ୍ଗ, ୧୦।୮ (ରଶ୍ମିରଞ୍ଜନ ପ୍ରଧାନ)

ଚାଷୀଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଜଳସେଚନ (କେନାଲ) ବ୍ୟବସ୍ଥା କରାଯାଇଛି। ହେଲେ ଚଳିତବର୍ଷ ଡେଲାଙ୍ଗ ବ୍ଲକର ବୁଆଲି, ସାଦପଡ଼ା, ପୋଷଲ, ମାଛପଡ଼ା, ଡେଲାଙ୍ଗ ମାଇନର ସହିତ ଡେଲାଙ୍ଗ ବ୍ଲକର ବିଭିନ୍ନ କେନାଲରେ ପାଣି ନ ଆସିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡିଛି। ଏହି ମୌଜାର ଚାଷୀଙ୍କଠାରୁ ରାଜସ୍ୱ ବିଭାଗ ଜଳକର ଆଦାୟ କରୁଥିବାବେଳେ ଚାଷୀ ପାଣି ପାଉ ନ ଥିବା ଅଭିଯୋଗ ହୋଇଛି। ଏହା ସହିତ ଜଳକର ଛାଡ଼ କରିବା, ଚାଷରଣ ଛାଡ଼ କରିବା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଲିଖିତ ଅଭିଯୋଗ ତହସିଲଦାର ନିବେଦିତା ପରିଡ଼ାଙ୍କୁ ବେରବୋଇ ମୌଜାର ଚାଷୀ ପ୍ରଦାନ କରିଥିଲେ। ସୂଚନାଥାଉ କି, ବୁଆଲି ମାଇନରରେ ପାଣି ନ ଆସିବାରୁ ବେରବୋଇ ମୌଜାରେ ଚାଷୀ ଏବେ ଚିନ୍ତାରେ ଅଛନ୍ତି। ଚଳିତବର୍ଷ ସ୍ୱଳ୍ପ ବର୍ଷା ଯୋଗୁ କେନାଲ ପାଣିକୁ ଭରସା କରି ଚାଷୀ ଚାଷକାମ ଆରମ୍ଭ କରିଥିଲେ। କେତେକ ଚାଷଜମିରେ ତଳିଘେରା ପାଣି ଅଭାବରୁ ଜଳି ଯାଇଥିବାବେଳେ ଅନେକଙ୍କ ବୁଣାଧାନ କ୍ଷେତ ଶୁଖିଲା ପଡ଼ିଛି। ସ୍ଥାନୀୟ ଚାଷୀ ସରିତ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା, ଦୀପ୍ତି ସ୍ୱାଇଁ, ଅକ୍ଷୟ ବେହେରା, ପ୍ରଭାକର ବେହେରା ପ୍ରମୁଖ ଚାଷୀ ତହସିଲ ସମ୍ମୁଖରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି।

# ନିମାପଡ଼ା ପୋଲିସ ପକ୍ଷରୁ ୨୦ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା

ନିମାପଡ଼ା, ୧୦।୮ (ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ଅପରାଧ ଦମନ ପାଇଁ ନିମାପଡ଼ା ପୋଲିସ ପକ୍ଷରୁ ଇତିମଧ୍ୟରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ନିମାପଡ଼ା ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ବାମଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୈନିକ ୨୦ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିବାବେଳେ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି। ପୁରୀ ଏସ୍‌ପି ଡ. କନ୍‌ୱାର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ବାମଦେବ ସ୍ୱାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଚୋରା ମାଦକ ଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତ୍ୟାହୃତ କରାଯିବା, ରାତିରେ ବିଭିନ୍ନ ଗାଡ଼ିମୋଟର ଯାଞ୍ଚ କରାଯିବା, ଫେରାର ଆସାମୀଙ୍କୁ ଗିରଫ କରାଯିବା, ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯିବା, ଆଇନଶୃଙ୍ଖଳା ବ୍ୟବସ୍ଥାର ଉନ୍ନତି, ଟ୍ରାଫିକ୍ ନିୟନ୍ତ୍ରଣ ଦିଗରେ ନିମାପଡ଼ା ଥାନା ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ମୁଖ୍ୟତଃ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବା ଦିଗରେ ପୋଲିସ ପକ୍ଷରୁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ପୋଲିସର ଏଭଳି ପଦକ୍ଷେପ, କଠୋର ଆଭିମୁଖ୍ୟ ଯୋଗୁ ଗତ କିଛି ଦିନ ହେଲା ନିମାପଡ଼ା ଥାନା ଅଞ୍ଚଳରେ ଆପରାଧିକ ଘଟଣା ହ୍ରାସ ପାଇଥିବା ପୋଲିସ କହିଛି। ପୋଲିସ, ସାଧାରଣ ଜନତାଙ୍କ ବନ୍ଧୁ, ସାଧାରଣ ଲୋକ ଓ ପୋଲିସ ମଧ୍ୟରେ ସୁସମ୍ପର୍କ, ଉତ୍ତମ ବୁଝାମଣା ରହିଲେ, ବିଭିନ୍ନ କ୍ଷେତ୍ରରେ ଜନସାଧାରଣ ପୋଲିସକୁ ସାହାଯ୍ୟ ସହଯୋଗର ହାତ ବଢାଇଲେ, ସ୍ଥାନୀୟ ଥାନା ଅଞ୍ଚଳରେ ବହୁଳ ଭାବେ ଅପରାଧ ନିୟନ୍ତ୍ରଣ ହୋଇପାରିବା ସହ ଆଇନଶୃଙ୍ଖଳା ପରିସ୍ଥିତିରେ ଅଧିକ ଉନ୍ନତି ଓ ସୁଧାର ଆସିପାରିବ ବୋଲି ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଆସ୍ଥା ପ୍ରକଟ କରିଛନ୍ତି।

# ଦାରିଦ୍ର୍ୟ ଦୂରୀକରଣ, ଦୀର୍ଘସ୍ଥାୟୀ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପିପିଲି, ୧୦।୮ (ପ୍ରଭାତ ମହାପାତ୍ର/ଦୁର୍ଗା ମାଧବ ମିଶ୍ର)

ପିପିଲି ପଞ୍ଚାୟତ ସମିତିରେ ଦାରିଦ୍ର୍ୟ ଦୂରୀକରଣ ଓ ଦୀର୍ଘସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ ନିମନ୍ତେ ଏକ ୪ ଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ୨୫ ପଞ୍ଚାୟତର ପ୍ରାୟ ୨୮୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ସରପଞ୍ଚ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପିଇଓ, ପ୍ରାଣୀମିତ୍ର, ବିଆର୍‌ସିସି, ସିଆର୍‌ସିସି, ବ୍ୟାଙ୍କ ମିତ୍ର, ଜିଆର୍‌ଏସ୍ ଓ ଏଲ୍‌ଏମ୍ ପ୍ରମୁଖ ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟତଃ ପଞ୍ଚାୟତ ଅଧିନିୟମ ୧୯୪ ଧାରା ୭୧ ଅନୁଯାୟୀ, ପଞ୍ଚାୟତଗୁଡ଼ିକ ନିଜସ୍ୱ ଆୟ ବୃଦ୍ଧି କରିପାରିବେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟରେ ୯ଟି କ୍ଷେତ୍ର ପ୍ରସ୍ତୁତ କରାଯାଇଛି। କୌଣସି ବ୍ୟକ୍ତି ଯେପରି ଏଥିରୁ ବାଦ୍ ପଡିବେନି ତାହା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଦାରିଦ୍ର୍ୟ, କ୍ଷୁଧାମୁକ୍ତ ହେବା, ଭବିଷ୍ୟତ ପିଢ଼ି ନିମନ୍ତେ ପ୍ରାକୃତିକ ସମ୍ପଦ ଓ ଜଳବାୟୁ ସୁରକ୍ଷା କରିବା, ବିକାଶ ସହିତ ଶାନ୍ତିକୁ ସୁନିଶ୍ଚିତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, ଉନ୍ନତି ଓ ରକ୍ଷଣାବେକ୍ଷଣ ସହ ନିୟମିତ ଗ୍ରାମସଭା, ବାଲସଭା ଏବଂ ମହିଳା ସଭା ଆଲୋଚନା କରିବାକୁ ସମସ୍ତ ପ୍ରତିନିଧି ସଂକଳ୍ପ କରିଥିଲେ। ପିପିଲି ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ ଓ ଉପାଧକ୍ଷ ପ୍ରଫୁଲ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବିଡିଓ ରଶ୍ମିତା ନାଥ, ଅତିରିକ୍ତ ବିଡିଓ ଶୈଳବାଳା ତ୍ରିପାଠୀ, ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଗାୟତ୍ରୀ ପଣ୍ଡା, ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମର ଶିବ ନାରାୟଣ ରଥ ପ୍ରମୁଖ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦେଇଥିଲେ। ଶିବିରକୁ ମକର କେତନ ପାତ୍ର (ଏଫ୍‌ଆଇସି), ତୃପ୍ତି ବଡ଼ଜେନା (ପିଏମ୍‌ଡି), ବନଜାକାନ୍ତ ମାହାରୀ (ଡିପିଏମ୍) ପ୍ରମୁଖ ପରିଦର୍ଶନ କରିଥିଲେ। ପିପିଲି ମାତୃଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ଓ ବିଲିପଡ଼ା ଓମ୍ ଶିରିଡ଼ି ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜଳପାନ ବଣ୍ଟନ ହୋଇଥିଲା। ଶିବିରକୁ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଗାୟତ୍ରୀ ପଣ୍ଡା ପରିଚାଳନା କରିଥିଲେ।

# ୧୫କିମି ଦୂରରୁ ଆସି ଗାଁରେ ଚିଠି ବାଣ୍ଟିବେ ଡାକ ପିଅନ

କଣାସ, ୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଲୋକାପାଳ ଗ୍ରାମଟି ୧୯୬୫ ମସିହାରୁ ହଳଦିଆପଡ଼ା ଶାଖା ଡାକଘର ଅଧୀନରେ ଥିଲା। ହଳଦିଆପଡ଼ାଠାରୁ ଲୋକାପାଳ ଗ୍ରାମର ଦୂରତା ୨୫ ଫୁଟ ଓ ହଳଦିଆପଡ଼ା ଶାଖା ଡାକଘରଠାରୁ ଲୋକାପାଳ ଗ୍ରାମର ଦୂରତା ୫୦ ଫୁଟ। ଏବେ ୩ ମାସ ହେଲା ଅଁଳାଯୋଡି ଗ୍ରାମରେ ଏକ ନୂଆ ଶାଖା ଡାକଘର ଖୋଲିଛି। ଯେଉଁ ଡାକଘର ସହିତ ଲୋକପାଳ ଗ୍ରାମକୁ ସଂଯୁକ୍ତ କରାଯାଇଛି। ଲୋକପାଳ ଗ୍ରାମଠାରୁ ଅଁଳାଯୋଡି ଗ୍ରାମର ଦୂରତା

**ଡାକ ବିଭାଗର ଅଜବ ନୀତି**

୧୫ କି.ମି.। ଫଳରେ ଡାକପିଅନ ୧୫ କି.ମି. ଦୂରରୁ ଆସି ଗାଁରେ ଚିଠି ବାଣ୍ଟିବେ। ଅଁଳାଯୋଡି ଶାଖା ଡାକଘରଟି କଣାସ ସବ୍‌ପୋଷ୍ଟ ଅଫିସ ଅଧୀନରେ ରହିଛି। ହଳଦିଆପଡ଼ା ଓ ଗଡ଼ସାନପୁଟ ଶାଖା ଡାକଘର ଦୁଇଟି ବାଜପୁର ସବ୍‌ପୋଷ୍ଟ ଅଫିସ ଅଧୀନରେ ରହିଛି। ତୁରନ୍ତ ଏହି ଡାକଘର ଦୁଇଟିକୁ କଣାସ ସବ୍‌ପୋଷ୍ଟ ଅଫିସ ସହିତ ସଂଯୁକ୍ତ କରିବା ସଙ୍ଗେ ସଙ୍ଗେ ଲୋକାପାଳ ଗ୍ରାମକୁ ପୁନର୍ବାର ପୂର୍ବପରି ହଳଦିଆପଡ଼ା ଶାଖା ଡାକଘର ଅଧୀନରେ ରଖିବାକୁ ଦାବି ହେଉଛି।

# ରାସ୍ତା କାମରେ ହେଉଛି ଅନିୟମିତତା

ପୁରୀ, ୧୦।୮ (ଅଜିତ୍ ମହାନ୍ତି):

ପୁରୀ ସହରର ବିଭିନ୍ନ ସାହିରେ ରାସ୍ତା କାମରେ ପେଭର୍ ବ୍ଲକ୍ ଇଟା ବ୍ୟବହୃତ ହେଉଛି। ତେବେ ଏହି କାର୍ଯ୍ୟରେ ଅନିୟମିତତା ଓ ନିମ୍ନମାନର ହେଉଥିବା ନେଇ ଜିଲାପାଳଙ୍କୁ ଜଣାଇବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୟୁଥ୍ ୱିଙ୍ଗ୍ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛି। ଏଭଳି ଅନିୟମିତତା ପ୍ରତିବାଦରେ ଆସନ୍ତା ୧୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କୁହାଯାଇଛି।

ଏଏପି ଜିଲା ସଭାପତି ଅଂଶୁମାନ ଶତପଥୀ, ଜିଲା ଯୁବସମ୍ପାଦକ ଜନ୍ମେଞ୍ଜୟ ଜେନା, ଜିଲା ଯୁବ ଉପସଭାପତି ସୁଧାଂଶୁ ଶେଖର ଏବଂ ପୂର୍ବତନ ଜିଲା ଯୁବ ସାଧାରଣ ସମ୍ପାଦକ ସୁନୀଲ କୁମାର ଜେନା ଉପସ୍ଥିତ ରହି

**୧୪ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଏଏପି**

କହିଥିଲେ କି, ପୁରୀର ଅଧିକାଂଶ ରାସ୍ତା କାମ ଏବେ ପେଭର୍‌ବ୍ଲକ୍ ଇଟା ଦ୍ୱାରା ନିର୍ମାଣ ହେଉଛି। ପେଭର୍ ବ୍ଲକ୍ ଇଟା ସାଧାରଣତଃ ବର୍ଷାଜଳ ନଷ୍ଟ ନ ହେବା ଏବଂ ଭୂତଳ ଜଳ ବଢିବା ପାଇଁ ଏକ ପ୍ରୟାସ। କିନ୍ତୁ ପୁରୀର ଅଧିକାଂଶ ରାସ୍ତା ବର୍ତ୍ତମାନ ପୂର୍ବ ସିମେଣ୍ଟ ରାସ୍ତା ନ ଖୋଳି ତାରି ଉପରେ ନିର୍ମାଣ ହେଉଛି, ଯାହା ବେଆଇନ। ଆମ୍ ଆଦ୍‌ମୀ ପାର୍ଟି ଏଭଳି ବେଆଇନ ନିର୍ମାଣକୁ ବିରୋଧ କରି ଜିଲାପାଳ ଏଥିପ୍ରତି ଧ୍ୟାନ ଦେଇ ଠିକ୍ କାମ ପାଇଁ ନିର୍ଦ୍ଦେଶ ଦେବାକୁ ପୂର୍ବରୁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ନିମ୍ନମାନର କାମ ଯୋଗୁ ରାସ୍ତା ଖରାପ ହେଇଗଲାଣି।



ଖବରଦାତା ସମ୍ମିଳନୀରେ ଏଏପି ୟୁଥ୍ ୱିଙ୍ଗ୍‌ର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

# 'ମେରି ମାଟି ମେରି ଦେଶ୍'ରେ ଦେଶପ୍ରେମର ଝଲକ

ପୁରୀ, ୧୦।୮ (ଅଜିତ୍ ମହାନ୍ତି):

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଗୁରୁବାର ପୁରୀର ରଙ୍ଗଶାଳା ପକ୍ଷରୁ ସମଗରାର ୩ଟି ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ ସହ ଅମୃତ ମହୋତ୍ସବ ପାଳନ କରାଯାଇଛି। ଏକ ଅମୃତ କଳସରେ ତ୍ରିରଙ୍ଗା ପତାକା ପୋତାଯାଇଥିବା ସ୍ଥାନରୁ ମୁଠାଏ ମୁଠାଏ ମାଟି ସଂଗ୍ରହ କରି ଅମୃତ କଳସରେ ରଖାଯାଇ ଶପଥ ନିଆଯାଇଥିଲା। ଭାରତକୁ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବାକୁ ସହାୟତା, ଦାସତ୍ୱ ସୁଲଭ ମନୋଭାବ ପରିହାର, ଦେଶର ଐତିହ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରିବା, ସଂହତି, ଐତିହ୍ୟ ଏବଂ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟ କରିବା, ଦେଶ ପ୍ରତିରକ୍ଷାରେ ନିୟୋଜିତ ବ୍ୟକ୍ତିଙ୍କ ପ୍ରତି ସମ୍ମାନବୋଧ ପ୍ରଦର୍ଶନ ଏବଂ ୨୦୪୭ ମସିହା ବେଳକୁ ଉନ୍ନତ ଭାରତ ବର୍ଷ ଗଠନ ସ୍ୱପ୍ନକୁ ସାକାର କରିବାକୁ ରଙ୍ଗଶାଳାର ସଦସ୍ୟମାନେ ଶପଥ ନେଇଥିଲେ। ପରେ ରଙ୍ଗଶାଳା




ଆଜାଦିକା ଅମୃତ ମହୋତ୍ସବ ଅବସରରେ ସମଗରାଠାରେ ରଙ୍ଗଶାଳା ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ନିର୍ଦ୍ଦେଶକ ବିକ୍ରମ ସାହୁଙ୍କ ନିର୍ଦ୍ଦେଶନରେ ଲଘୁ ନାଟକ 'ମେରା ମାଟି ମେରା ଦେଶ୍' ପରିବେଷଣ କରାଯାଇଥିଲା। ଏଥିରେ ଦେବାଶିଷ ସିଂ, ଆଶିଷ ବେହେରା, ଓମ୍ ପ୍ରକାଶ ଦାସ୍, ଅମିତ୍ ନାୟକ, ସୂର୍ଯ୍ୟକାନ୍ତ ବେହେରା, ସୌରଭ ନାୟକ, ରମେଶ ଦାସ, ମଧୁସ୍ମିତା ଦାସ, ଚିନ୍ମୟୀ ଦେବୀମୁର୍ମୁ, ପ୍ରିୟଙ୍କା ସ୍ୱାଇଁ, ଶ୍ରାବଣୀ ନାୟକ ଅଭିନୟ କରିଥିଲେ। ପରେ ଜନସାଧାରଣଙ୍କ ମଧ୍ୟରେ ଛୋଟ ଜାତୀୟ ପତାକା ବଣ୍ଟାଯାଇଥିଲା। ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୩, ୧୪, ୧୫ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଘରେ ଜାତୀୟ ପତାକା ଲଗାଇ ଭାରତ ସ୍ୱାଧୀନତାର ଏହି ଅମୃତ କାଳକୁ ସମସ୍ତେ ପାଳନ କରିବା ପାଇଁ ସେମାନଙ୍କୁ କୁହାଯାଇଥିଲା। ଶ୍ୟାମସୁନ୍ଦର ମହାପାତ୍ର ଏବଂ ଗଦାଧର ପ୍ରଧାନଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସମଗରା ଗ୍ରାମବାସୀ ସହଯୋଗ କରିଥିଲେ।

**ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ**

ପୁରୀ: ଶ୍ରୀମନ୍ଦିରରେ ଗୁରୁବାର ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ମଧାହ୍ନ ଧୂପ ବଢ଼ି ଦ୍ୱିତୀୟ ଭୋଗମଣ୍ଡପ ପରେ ଭକ୍ତମାନେ ଭିତର କାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ତେବେ ଏହି ସମୟରେ ଜୟବିଜୟ ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସମସ୍ତ ନୀତିକୁ ବନ୍ଦ କରାଯାଇ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଦର୍ଶନ ବନ୍ଦ ରଖାଯିବା ସହ ଦ୍ୱାର ବନ୍ଦ କରାଯାଇ ମହାସ୍ନାନ ନୀତି ଆରମ୍ଭ କରାଯାଇଥିଲା। ଅପରାହ୍ନ ୫ଟା ୫୫ରେ ମହାସ୍ନାନ ପୂଜା ସରିଥିଲା।



## ସଂକ୍ଷେପରେ

### ଓଡ଼ିଆ ଉପନ୍ୟାସ ଲେଖନୀକୁ ନୂଆ ଦିଗ ଦେଇଥିଲେ ଗଣେଶ୍ୱର ମିଶ୍ର

ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଲେଖକ ଗଣେଶ୍ୱର ମିଶ୍ରଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ବୁଧବାର ଜୟ ଭାରତ ସେଣ୍ଟରରେ ସତୀର୍ଥ ପକ୍ଷରୁ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଥିଲେ, ଗଣେଶ୍ୱର ମିଶ୍ର ଯଦିଓ ଇଂଲିଶ ସାହିତ୍ୟ ପଢ଼ାଉଥିଲେ ତଥାପି ସେ ଓଡ଼ିଆ ସାହିତ୍ୟର ଗଭୀରକୁ ଯାଇଥିଲେ। ଓଡ଼ିଆ ସାହିତ୍ୟକୁ ଭଲ ଭାବେ ବୁଝିଥିଲେ। ଫକୀର ମୋହନ ସେନାପତି ଓ ଗୋପୀନାଥ ମହାନ୍ତିଙ୍କ ପରେ ଗଣେଶ୍ୱର ମିଶ୍ର ଓଡ଼ିଆ ଉପନ୍ୟାସ ଲେଖନୀକୁ ନୂଆ ଦିଗ ଦେଇଥିଲେ। ଆୟୋଜିତ ଗଣେଶ୍ୱର ମିଶ୍ର ସ୍ମାରକୀ ବକ୍ତୃତାରେ 'ସାହିତ୍ୟ ଓ ସାମ୍ବାଦିକତା' ଶୀର୍ଷକରେ ଅତିଥି ଭାବେ ଅନୁବାଦକ ଓ ଗବେଷକ ଅସିତ ମହାନ୍ତି ଯୋଗଦେଇ କହିଥିଲେ ସ୍ୱର୍ଗତ ମିଶ୍ରଙ୍କ ଲେଖନୀରେ ସାହିତ୍ୟ ଓ ସାମ୍ବାଦିକତାର ମିଶ୍ରଣ ଥିଲା। ସାମ୍ବାଦିକତା ଚକ୍ଷୁରେ ସେ ଯାହା ଅବଲୋକନ କରୁଥିଲେ ତାହା ତାଙ୍କ ଲେଖାରେ ପ୍ରତିଫଳିତ ହେଉଥିଲା। ତାଙ୍କ ସହ ଦୀର୍ଘବର୍ଷର ସମ୍ପର୍କକୁ ନେଇ ଅନୁବାଦକ ସୁଭାଷ ଶତପଥୀ କହିଥିଲେ, ମିଶ୍ରଙ୍କ କଥା ବହୁ ଛାତ୍ରୀଛାତ୍ରଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି। ସେହିଭଳି ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଥିଲେ, ମିଶ୍ର ଡକ୍ୟୁମେଣ୍ଟେସନରେ ବିଶ୍ୱାସ କରୁଥିଲେ ଏବଂ ଏଥିପ୍ରତି ଅନ୍ୟମାନଙ୍କୁ ଅନୁପ୍ରାଣିତ କରୁଥିଲେ। କଥାକାର ବିରାଜ ମୋହନ ଦାସ ଧନ୍ୟବାଦ ଦେଇଥିଲେ।

### ରେଳ ଧାରଣାରୁ କ୍ଷତାକ୍ତ ବ୍ୟକ୍ତି ଉଦ୍ଧାର

ଜଟଣୀ, ୧୦।୮ (ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ଷ୍ଟେସନର ରେଳଧରଣା କଡ଼ରୁ ଗୁରୁବାର ରାତିରେ ଜଣେ କ୍ଷତାକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସେ ହେଲେ ନିରାକାରପୁର ଥାନା ନାନପଡ଼ା ଗ୍ରାମର କୈଳାସ ସେନାପତି। ରାତି ପାଖାପାଖି ୯ଟାରେ ଖୋର୍ଦ୍ଧାରୋଡ଼ସ୍ଥିତ ମାଛମାର୍କେଟ ନିକଟ ରେଳଧାରଣାରେ କୈଳାସ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ବ୍ୟବସାୟୀ ଦେଖିଥିଲେ। ସେ ନିରାକାରପୁରରୁ ଭୁବନେଶ୍ୱର କାମ ପାଇଁ ଟ୍ରେନରେ ଯାଉଥିଲେ। ଟ୍ରେନରୁ ପଡ଼ିଯାଇଥିବା ଅନୁମାନ କରାଯାଉଥିବାବେଳେ ବାମ ହାତ କୁହୁଣିଠାରୁ କଟି ଦେହରୁ ଅଲଗା ହୋଇ ଯାଇଥିଲା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗି ଫାଟି ଯାଇଛି। କେତେଜଣ ସାମାଜିକ କର୍ମୀ ଘରୋଇ ଆମ୍ବୁଲାନ୍ସ ସହାୟତାରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ନନ୍ଦନବିହାର ସ୍କାଏଟେକ୍ ଭିଲ୍ଲାରେ ଅଗ୍ନିକାଣ୍ଡ

## ବାପା, ମା', ଶିଶୁପୁତ୍ର ଆହତ ଅବସ୍ଥାରେ ଉଦ୍ଧାର

ଭୁବନେଶ୍ୱର,୧୦।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ସ୍କାଏଟେକ୍ ଭିଲ୍ଲାରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଏକ ୩ ମହଲା ବିଶିଷ୍ଟ କୋଠାର ୨ଟି ରୁମ୍‌ରେ ସମସ୍ତ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିବାବେଳେ ନିଆଁ ଓ ନିଆଁରେ ଫସି ରହିଥିବା ମା'ବାପା ସହ ୬ବର୍ଷ ବୟସର ଶିଶୁପୁତ୍ରଙ୍କୁ ଆହତ ଅବସ୍ଥାରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ ଘଟିଥିବା କୋଠାଟି ଜଣେ ବାର୍ ମାଲିକଙ୍କର ବୋଲି ଜଣାପଡ଼ିଛି। କୋଠାର ତଳ ମହଲାରେ ଡ୍ରାଇଭର ରହୁଥିବାବେଳେ ପ୍ରଥମ ମହଲାରେ ମାଲିକ ଦମ୍ପତି ଓ ତାଙ୍କ ୬ ବର୍ଷର ପୁଅ ଶୋଇଥିଲେ। ଭୋର୍ ସାଢେ ୫ଟାରେ ତଳ ମହଲାରେ ପ୍ରବଳ ଧୂଆଁ ବାହାରିବାରୁ ଡ୍ରାଇଭର ମାଲିକଙ୍କୁ ଡାକ ପକାଇଥିଲେ। କ୍ଷଣିକ ଭିତରେ ନିଆଁ ତଳମହଲାରୁ ଉପର ମହଲାକୁ ବ୍ୟାପିଯାଇଥିଲା। ବାର ମାଲିକ ଦ୍ୱିତୀୟ ମହଲାରେ ପଶିରହିଥିବାବେଳେ ତାଙ୍କ ସ୍ତ୍ରୀ ଶିଶୁପୁତ୍ରକୁ ଧରି ୨ୟ ମହଲାକୁ ପଳାଇଥିଲେ। ହେଲେ ସେଠାରେ ନିଆଁ ବ୍ୟାପିଯାଇଥିବା ଦେଖି ବାଥରୁମ ଭିତରକୁ ପଶିଯାଇ କବାଟ ବନ୍ଦ କରିଦେଇଥିଲେ। ତେବେ ନିଆଁ ଯୋଗୁ ଉଭୟ ମା' ଓ ଶିଶୁ ଶ୍ୱାସକ୍ରିୟାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମା' ବାଥରୁମ୍ ଝରକା ବାଟେ ଉଦ୍ଧାର କରିବାକୁ ଚିତ୍କାର କରିଥିଲେ। ଡ୍ରାଇଭର ୧୧୨କୁ କଲ୍ କରିବା ସହ ସ୍ଥାନୀୟ ଲୋକଙ୍କୁ ଡାକି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଖବର ପାଇ ଅଗ୍ନିଶମ ବାହାନୀର ୨ଟି ଟିମ୍ ତୁରନ୍ତ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିବା ସହ ଫସି ରହିଥିବା ବାର୍ ମାଲିକ, ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ରଙ୍କୁ ସିଡ଼ି ଦ୍ୱାରା ଉଦ୍ଧାର କରିବାରେ ସଫଳ ହୋଇଥିଲେ।




ନିଆଁ ଲାଗିଥିବା ଘର ଭିତରୁ ଅଗ୍ନିଶମ ବାହିନୀ ପରିବାର ସଦସ୍ୟଙ୍କୁ ଉଦ୍ଧାର କରୁଛି।



ପାଣି ପକାଇ ନିଆଁ ଲିଭାଯାଉଛି। (ମନୋରଞ୍ଜନ ମିଶ୍ର)

# ଆଫ୍ରିକାରୁ ଫେରିଲା ବଳରାମଙ୍କ ମୃତଦେହ

## ପୈତୃକ ଗାଁକୁ ଯିବା ପାଇଁ ସହାୟତାର ହାତ ବଢ଼ାଇଲା ଓଡ଼ିଶା ମୋ ପରିବାର

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)

ମୃତଦେହକୁ ନିଜ ପରିବାର ନିକଟକୁ ପହଞ୍ଚାଇବାରେ ପୁଣି ସହଯୋଗର ହାତ ବଢ଼ାଇଛି ଓଡ଼ିଶା ମୋ ପରିବାର। ଗଞ୍ଜାମ ଖଲ୍ଲିକୋଟ ସହରର ବାସିନ୍ଦା ବଳରାମ ପ୍ରଧାନ ୧ବର୍ଷ ପୂର୍ବରୁ ଆଫ୍ରିକାସ୍ଥିତ ଇଥିଓପିଆରେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୪ରେ ବଳରାମ କାମ କରୁଥିବା ସମୟରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ୫ ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ପରିବାର ବର୍ଗ ଭାଙ୍ଗି ପଡ଼ିଥିବାବେଳେ ଶେଷଥର ତାଙ୍କୁ ଦେଖିବାକୁ ବ୍ୟାକୁଳ ହୋଇଥିଲେ। ଇଥିଓପିଆରୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ କମ୍ପାନୀ ଆବଶ୍ୟକ ବ୍ୟବସ୍ଥା କରିଥିଲା। ତେବେ ଭୁବନେଶ୍ୱରରୁ ଖଲ୍ଲିକୋଟସ୍ଥିତ ନିଜ ଗ୍ରାମକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ପରିବାରବର୍ଗ ସ୍ଥାନୀୟ ବିଧାୟକ ସୂର୍ଯ୍ୟମଣି ବୈଦ୍ୟଙ୍କ ସହାୟତା ଲୋଡ଼ିଥିଲେ। ବିଧାୟକ ଓଡ଼ିଶା ମୋ ପରିବାରକୁ ଜଣାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ମୃତଦେହ ବିମାନବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରଯାଇ ତାଙ୍କ ପୈତୃକ ଘରକୁ ନିଆଯାଇଥିଲା। ଏଥିରେ ବିଜୁ ଜନତା ଦଳର ସମ୍ପାଦକ ଦୁର୍ଗା ସାମନ୍ତରାୟ, ସୁବାସ ପାତ୍ର, ମୀରା ପରିଡ଼ା ଏବଂ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ନିଜ ଘରବାଡ଼ିରେ ଚାରାରୋପଣ ପାଇଁ ପରାମର୍ଶ



ବାଲିଅନ୍ତା, ୧୦।୮ (ନୀଳମାଧବ ସାହୁ)

ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଗୁରୁବାର ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଅରିଙ୍ଗଳସ୍ଥଳ ଜଟେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ବଇଁଚୁଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ। ବିଧାୟକ ଏହି ୩ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କରିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରି ବୁଝିଥିଲେ। ବଇଁଚୁଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ନାନା ଅସୁବିଧା ହେଉଥିବା ସରପଞ୍ଚ ରଶ୍ମିତା ସାହୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପ୍ରତି ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଯାଇ ଶିକ୍ଷକ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଢାଲି କହିଥିଲେ। ବିଧାୟକ ୩ଟି ବିଦ୍ୟାଳୟ ପରିସରରେ ନଡିଆ ଚାରାରୋପଣ କରିଥିଲେ। ପରେ ବିଧାୟକ ଢାଲି ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ନିଜ ଘରବାଡ଼ିରେ ଚାରାରୋପଣ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ ଢାଲି ନବମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆନ୍ତଃ ବିଦ୍ୟାଳୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା




ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ପାଇଥିବା ଡିପିଏସ୍ କଳିଙ୍ଗର ଛାତ୍ରୀଛାତ୍ର। (ଫଟୋ: ବିକାଶ ନାୟକ)

## ଡିପିଏସ୍ କଳିଙ୍ଗ ପ୍ରଥମ

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଆନ୍ତଃ ବିଦ୍ୟାଳୟ ଦଳଗତ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୧୫ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ଦିଲ୍ଲୀ ପବ୍ଲିକ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଓ ବିଜେଇଏମ୍ ସ୍କୁଲ ଦ୍ୱିତୀୟ ଏବଂ ପୋଖରିପୁଟ ଡିଏଭି ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଶାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି। ପ୍ରତିଯୋଗିତାରେ ବିଚାରକ ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓଡ଼ିଶୀ ଭୋକାଲ୍ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପି. କେ. ଦାସ ଏବଂ ହିନ୍ଦୁସ୍ଥାନୀ ଭୋକାଲ୍ ସଙ୍ଗୀତ ବିଶାରଦ ଚନ୍ଦନ କୁମାର ଜେନା ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର ଯୋଗଦେଇ ପିଲାଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବନା ଜାଗ୍ରତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ପରିଚାଳକ ପ୍ରତାପ କୁମାର ଜେନା ପିଲାଙ୍କ ଆନୁଷଙ୍ଗିକ ଗୁଣର ବିକାଶ ନିମନ୍ତେ ତଥା ଜାତୀୟତାବୋଧରେ ଉଦ୍‌ବୋଧିତ ହେବାକୁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟ ଉପାଧକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ଶିବାନୀ ପଟ୍ଟନାୟକ, ସ୍ମିତା ମହାନ୍ତି, ସୁଚରିତା ଦାସ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

# ସଂସ୍କୃତି ବିଭାଗ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଅଗଷ୍ଟକ୍ରାନ୍ତି ଦିବସ ଓ ବିଶ୍ୱ ଜନଜାତି ଦିବସ ଅବସରରେ ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବଡଗଡ଼ସ୍ଥିତ ଶହୀଦ ପଦ୍ମନାଭ ଛୋଟରାୟ, ମ୍ୟୁଜିୟମ ଛକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ, ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁ, ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରସ୍ଥ ଶହୀଦ ସ୍ମୃତିସ୍ତମ୍ଭ, ୟୁନିଟ-୯ସ୍ଥିତ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା, କଳିଙ୍ଗ ହସ୍ପିଟାଲ ନିକଟସ୍ଥ ଶହୀଦ ଲକ୍ଷ୍ମଣ ନାଏକ, ସ୍ୱଭାବ କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ), ଭଗବାନ ବିର୍ସା ମୁଣ୍ଡା, ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁ, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ବିଧାୟକ ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ରୁବିନା ପରିଡ଼ା, ପ୍ରଦୀପ୍ତ ପରିଡ଼ା, ରୀତା ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ବ୍ରଜବନ୍ଧୁ ପରିଡ଼ା, ପ୍ରତାପ ଜେନା, ଯତୀନ୍ଦ୍ର ମୋହନ ଛୋଟରାୟ, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ବିଜୟ କୁମାର ତ୍ରିପାଠୀ, ଶିକ୍ଷାବିତ କାମଦେବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଶହୀଦଙ୍କ ଉତ୍ତରାଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା।



ଗଣେଶ ପୂଜା ପରିପ୍ରେକ୍ଷୀରେ ଭୁବନେଶ୍ୱର ଭୌମନଗରଠାରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ତିଆରିରେ ନିମଗ୍ନ ଜଣେ କାରିଗର। (ଫଟୋ-ବିକାଶ ନାୟକ)

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୦।୮ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ପାତ୍ରପଡ଼ା ଅଞ୍ଚଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଉକ୍ତ ଅଞ୍ଚଳର ରାଜେଶ ରାଉତରାୟ(୨୮)। ଖବର ପାଇ ପୋଲିସ ମୃତଦେହକୁ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ରାକେଶ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ସେ କାହିଁକି ଏଭଳି ଚରମ ପଦକ୍ଷେପ ନେଲେ ତାହାର ତଦନ୍ତ ଚଳାଇଛି ପୋଲିସ। ସୂଚନାନୁସାରେ, ରାଜେଶ ଜଣେ କଣ୍ଟ୍ରାକ୍ଟର ପାଖରେ ରହି କାମ କରୁଥିଲେ। ଯେତିକି ଟଙ୍କା ଆଣୁଥିଲେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇପଡୁଥିଲା। ହେଲେ ଘର ନିର୍ମାଣ କରି ସେ ଧାର କରଜରେ ବୁଡି ଯାଇଥିଲେ। ଯେଉଁଥିପାଇଁ ସବୁ ବେଳେ ଚିନ୍ତାରେ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ସେ ଶୋଇଥିବା ଘରେ ଫ୍ୟାନରେ ଝୁଲି ପଡିଥିଲେ। ସକାଳେ ସେ କବାଟ ନ ଖୋଲିବାରୁ ପରିବାର ଲୋକେ ଭାଙ୍ଗି ଘଟଣା ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ।

# ଶନିବାରଠାରୁ ମେଗା ଅଡିଶନ ଓ ଗାଲା ରାଉଣ୍ଡ୍



ଜୀ ସାର୍ଥକ ପ୍ରସାରିତ 'ସାରେଗାମାପା ଲିଟିଲ ଚାମ୍ପସ୍' କାର୍ଯ୍ୟକ୍ରମ।

## 'ସାରେଗାମାପା ଲିଟିଲ ଚାମ୍ପସ - ଆଜି ଛୋଟ କାଲି ଉସ୍ତାଦ'

ଭୁବନେଶ୍ୱର,୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ ସାର୍ଥକ ପ୍ରସାରିତ 'ସାରେଗାମାପା ଲିଟିଲ ଚାମ୍ପସ - ଆଜି ଛୋଟ କାଲି ଉସ୍ତାଦ'ର ମେଗା ଅଡିଶନ ସହ ଗାଲା ରାଉଣ୍ଡ୍ ଆସନ୍ତା ଶନିବାର ଆରମ୍ଭ ହେବାକୁ ଯାଉଛି। ମେଗା ଅଡିଶନ ରାଉଣ୍ଡ୍‌ରେ ଭଲ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଗାଲା ରାଉଣ୍ଡ୍‌କୁ ଯିବେ। ପୁଣି ସେମାନଙ୍କ ମଧ୍ୟରୁ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଫାଇନାଲ ରାଉଣ୍ଡ୍‌କୁ ଯିବେ। ଏହି ମେଗା ଅଡିଶନ ଓ ଗାଲା ରାଉଣ୍ଡ୍ କେବଳ ପ୍ରତିଯୋଗୀଙ୍କ ପାଇଁ ନୁହେଁ, ବିଚାରକଙ୍କୁ ଚୟନ କରିବା ବି ସହଜ ହେବ ନାହିଁ। କାରଣ ସମସ୍ତ ପ୍ରତିଯୋଗୀଙ୍କ ପ୍ରଦର୍ଶନ ବହୁତ ଉଚ୍ଚକୋଟିର ହୋଇଥିବାରୁ ପ୍ରତିଯୋଗିତା ଅତ୍ୟନ୍ତ ମନମୁଗ୍ଧକର ହେବ। ମେଗା ଅଡିଶନରୁ ଗାଲା ରାଉଣ୍ଡ୍‌କୁ କେବଳ ୧୬ଜଣ ପ୍ରତିଯୋଗୀଙ୍କୁ ମନୋନୀତ ହେବାର ନିୟମ ରହିଛି। ହେଲେ ଏମାନଙ୍କୁ ବାଛିବା ବିଚାରକମଣ୍ଡଳୀ ପାଇଁ ଚିନ୍ତାର ବିଷୟ ପାଲଟିବ। ଏହାର ପ୍ରତ୍ୟେକ ଏପିସୋଡ୍ ବହୁତ ଦର୍ଶନୀୟ ହେବ। ତେଣୁ ଜୀ ସାର୍ଥକ ସହ ଯୋଡି ହୋଇ ରୁହନ୍ତୁ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି। ଏଥର ଗାଲା ରାଉଣ୍ଡ ପ୍ରତିଯୋଗୀଙ୍କ ପାଇଁ ଅଛନ୍ତି ଦୁଇଜଣ ମେଣ୍ଟର। ସାରେଗାମାପା ଲିଟିଲ ଚାମ୍ପ ୨୦୨୧ର ବିଜେତା ଦେବାଂଶୀ ଦାସ ଓ ସାରେଗାମାପା ଲିଟିଲ ଚାମ୍ପ ୨୦୧୬ର ବିଜେତା ପ୍ରଭୁପାଦ ମହାନ୍ତି। ଏହି ଦୁଇ ଜଣଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଗାଲା ଓ ଫାଇନାଲ ରାଉଣ୍ଡ୍ ପାଇଁ ସଙ୍ଗୀତ ଅଭ୍ୟାସ କରିବେ।

# ଆଦିବାସୀଙ୍କ ଜୀବନଶୈଳୀରେ ଉନ୍ନତିକୁ ଗୁରୁତ୍ୱ

## ବିଶ୍ୱ ନୃତତ୍ତ୍ୱ କଂଗ୍ରେସ

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

ଆଦିବାସୀ ଏକ ଭିନ୍ନ ସାମାଜିକ ଓ ସାଂସ୍କୃତିକ ଗୋଷ୍ଠୀ। ଭବିଷ୍ୟତ ପିଢ଼ି ପାଇଁ ସେମାନଙ୍କ ସଂସ୍କୃତି ଓ ପରମ୍ପରା ଅନନ୍ୟ ପରିଚୟ। ତେଣୁ ସାମାଜିକ ନ୍ୟାୟ ଅନୁଯାୟୀ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଦରକାର। ଆଦିବାସୀଙ୍କ ଜୀବନଶୈଳୀରେ ଉନ୍ନତି ଓ ରୋଜଗାର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରକାଶ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଆୟୋଜିତ ବିଶ୍ୱ ନୃତତ୍ତ୍ୱ କଂଗ୍ରେସରେ ଯୋଗଦେଇ କୁଳପତି କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କର ସମାଜରେ ସମାନ ସୁଯୋଗ ପାଇବାର ଅଧିକାର ରହିଛି। ସାମାଜିକ ନ୍ୟାୟ ମଧ୍ୟରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ପରିବେଶ, ଶିକ୍ଷା, ବାସଗୃହ ଇତ୍ୟାଦି ଅନ୍ତର୍ଭୁକ୍ତ। ତେଣୁ ସାମାଜିକ ନ୍ୟାୟ ଆଧାରରେ ସମାନତା ଆଣିବା ଜରୁରୀ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁଳପତି ପ୍ରକାଶ କରିଥିଲେ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ 'ସାର୍ବଜନୀନ କ୍ଷେତ୍ରରେ ନୃତତ୍ତ୍ୱ: ସ୍ୱଦେଶୀତା, ସାମାଜିକ ନ୍ୟାୟ, ସ୍ଥିରତା ଏବଂ ବିଶ୍ୱ ଶାନ୍ତି' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ୟୁନିସେଫ୍‌ର ବରିଷ୍ଠ ଉପଦେଷ୍ଟା ଅଖିଳ ବିହାରୀ ଓତା, ୟୁଆଇଏଫ୍‌ର ବରିଷ୍ଠ ସଦସ୍ୟ ପ୍ରଫେସର ଏସ୍. ଗ୍ରେଗୋରୀ ପ୍ରମୁଖ ରାଜ୍ୟରେ ଆଦିବାସୀଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା ନିଆରା ବୋଲି ବର୍ଣ୍ଣନା କରିବା ସହିତ ସେମାନଙ୍କ ସୁରକ୍ଷା, ଜମିଜଙ୍ଗଲ ଅଧିକାର ଆଦି ଉପରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଦେବେନ୍ଦ୍ର କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁଇଟି ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇଥିବା ପ୍ରତିନିଧିମାନେ ସେମାନଙ୍କ ସାରଗର୍ଭକ ସନ୍ଦର୍ଭ ଉପସ୍ଥାପନ କରିଥିଲେ।



ଭୁବନେଶ୍ୱରସ୍ଥିତ ରିଜିଓନାଲ୍ ମ୍ୟୁଜିୟମ୍ ଅଫ୍ ନ୍ୟାଚୁରାଲ୍ ହିଷ୍ଟ୍ରିର ୧୯ତମ ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।



ମ୍ୟୁଜିୟମ୍ ବୁଲି ଦେଖୁଥିବା ଏକ ପରିବାର।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୬ କୋର୍ଟ ଚାଲାଣ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଟାଙ୍ଗର ସାହିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଘଟଣାରେ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ରଗଡିପଡ଼ା ଗ୍ରାମର ପ୍ରକାଶ ନାଏକ, ସୁବାସ ବେହେରା, ସୁମନ ବେହେରା, ଟିଟୁନା ବେହେରା, ବୁଲୁ ବେହେରା ଓ ବେଲଦା ଗ୍ରାମର ପବିତ୍ର ସାମଲ। ବୁଧବାର ପୂର୍ବାହ୍ନରେ ରମେଶ ରାଉତ ନାମକ ଯୁବକ ଟାଙ୍ଗର ସାହିଠାରେ ଛିଡା ହୋଇଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ରମେଶଙ୍କ ପୁତୁରା ରିଙ୍କୁ ରାଉତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୯/୨୩) ରୁଜୁ କରିଥିଲା।

# ହାଇକୋର୍ଟରେ ପିଟିଶନ ଖାରଜ

କଟକ,୧୦।୮ (କାର୍ତ୍ତିକ ସାହୁ)

### ବାରବାଟୀ ଷ୍ଟେଡିୟମ କମ୍ପ୍ଲେକ୍ସରେ ମିଶନ ଶକ୍ତି କାର୍ଯ୍ୟାଳୟ ମାମଲା



ବାରବାଟୀ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ମିଶନ ଶକ୍ତି କାର୍ଯ୍ୟାଳୟ ପ୍ରତିଷ୍ଠାକୁ ବିରୋଧ କରି ଆଗତ ପିଟିଶନ୍ ହାଇକୋର୍ଟରେ ଗୁରୁବାର ଖାରଜ ହୋଇଛି । ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ପ୍ରଦୀପ ପଟ୍ଟନାୟକଙ୍କ ପକ୍ଷରୁ ଆଗତ ପିଟିଶନ୍‌ର ଶୁଣାଣି କରି ତାହାକୁ ଖାରଜ କରିଛନ୍ତି। ଅପରପକ୍ଷରେ ଆବେଦନକାରୀ ପଟ୍ଟନାୟକ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କ୍ରୀଡ଼ାର ବିକାଶ ପାଇଁ ଉର୍ଦ୍ଦିଷ୍ଟ ବାରବାଟୀ ଷ୍ଟାଡିୟମ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ଜିଲାପାଳ ବେଆଇନ ଭାବେ ମିଶନ ଶକ୍ତି କାର୍ଯ୍ୟାଳୟ ପ୍ରତିଷ୍ଠା କରିଥିଲେ। ରାଜ୍ୟ ସରକାର ଏହାକୁ କ୍ରୀଡ଼ା ପାଇଁ ବ୍ୟବହାର ନ କରି ବ୍ୟବସାୟିକ କାର୍ଯ୍ୟରେ ଲଗାଉଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍ ପରିସରରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟାଳୟ ଖୋଲାକୁ ଆବେଦନକାରୀ ବିରୋଧ କରିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ମହିଳାଙ୍କ ନିମନ୍ତେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ସେହିପରି ବାରବାଟୀ ପ୍ୟାଲେସ୍‌ର ନବୀକରଣ ନିମନ୍ତେ ଗତ ମେ' ମାସରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ଏହି ପ୍ରକ୍ରିୟାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ କରିଥିଲେ। କ୍ରୀଡ଼ାର ବିକାଶ ପାଇଁ ବ୍ୟବହୃତ ହେବା ସ୍ଥାନକୁ ରାଜ୍ୟ ସରକାର ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ବୋଲି ସେ ଦର୍ଶାଇଥିଲେ। ଏହି ମାମଲାରେ ହାଇକୋର୍ଟ ପ୍ରାଥମିକ ଶୁଣାଣି କରି ରାଜ୍ୟ ସରକାରଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ନିମନ୍ତେ ଆଦେଶ ଦେଇଥିଲେ। ଏଥିସହିତ ବାରବାଟୀ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ମିଶନ ଶକ୍ତି ମାର୍କେଟ ନିର୍ମାଣ ସମ୍ପର୍କିତ ଟେଣ୍ଡର ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।




ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଓ ପକ୍କାଘର ଯୋଗାଇ ଦେବା ଦାବି ନେଇ ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ

କଟକ,୧୦।୮ (କାର୍ତ୍ତିକ ସାହୁ)

ମହିଳାଙ୍କୁ ବଳାତ୍କାର କରିବା ମାମଲାରେ କଟକ ଜିଲା ଦୌରାଜଜ୍ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମାହାଙ୍ଗା ଥାନା ଅଞ୍ଚଳର ଦିଲୀପ ନାଥ। ୨୦୧୬ ସେପ୍ଟେମ୍ବର ୧୬ରେ ମାହାଙ୍ଗା ଥାନା ଅଞ୍ଚଳ ମହିଳା ଜଣଙ୍କ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ମାତ୍ର ସାକ୍ଷ୍ୟ ଦେବା ପୂର୍ବରୁ ପୀଡ଼ିତାଙ୍କ ମୃତ୍ୟୁ ହୋଇଥିଲା। ୧୦ ଜଣ ସାକ୍ଷୀ ଓ ୧୨ଟି ପ୍ରମାଣ ଆଧାରରେ ଅଦାଲତ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

### କାଠଯୋଡ଼ିରୁ ଗଳିତ ମୃତଦେହ ଜବତ

କଟକ ସଦର,୧୦।୮(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ମିର୍ଜାଇପୁର ବାଲିଘାଟ ନିକଟ କାଠଯୋଡି ନଦୀରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳର ହେମନ୍ତ ବରୁଆ(୨୭)। ସେ ଭୁବନେଶ୍ୱରରେ ରହୁଥିଲେ। ଗତ ୭ ତାରିଖରେ କଟକ ପୁରୀଘାଟ ଅଞ୍ଚଳକୁ କୌଣସି କାର୍ଯ୍ୟରେ ଆସି ଆଉ ଘରକୁ ଫେରି ନ ଥିଲେ। କାଠଯୋଡ଼ି ନଦୀରେ ଭାସି ଯାଇଥିବା ଖବରପାଇ ତାଙ୍କ ଭାଇ ବିଜୟ ବରୁଆ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଗୁରୁବାର ସକାଳେ ନଦୀ ବାଲିରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ୪୨ ମୌଜା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୩) ରୁଜୁ ହୋଇଛି। ଅପରପକ୍ଷରେ ମୃତ୍ୟୁର କାରଣ ଜାଣିବା ପାଇଁ ପୁରୀଘାଟ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କଟକ ସଦର,୧୦।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଫୁରି ଗ୍ରାମର ଲାବଣ୍ୟବତୀ ଭୂୟାଁ(୯୦)ଙ୍କର ବୁଧବାର ପରଲୋକ



ହୋଇଯାଇଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ତ୍ରିଲୋଚନ ଭୂୟାଁ ମୁଖାଗ୍ନି ଦେଇଥିଲେ। ପୁତ୍ର ସଂଗ୍ରାମ ଓ ଉମାକାନ୍ତଙ୍କ ସମେତ ଆତ୍ମୀୟସ୍ୱଜନ ଅନ୍ତିମ ସଂସ୍କାର ସମୟରେ ଉପସ୍ଥିତ ଥିଲେ।

# 'ଶିକ୍ଷା ସଫଳତାର ମାପକାଠି'




କାର୍ଯ୍ୟକ୍ରମରେ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ ଓ ଅନ୍ୟ ଅତିଥିବୃନ୍ଦ।

କଟକ,୧୦।୮(ସୁପ୍ରିୟା ପ୍ରିୟଦର୍ଶିନୀ)

### ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍ ଲୋକାର୍ପିତ

କଟକସ୍ଥିତ ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍ ଗୁରୁବାର ଲୋକାର୍ପିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ ଏହାକୁ ଲୋକାର୍ପଣ କରି କହିଥିଲେ, ଛାତ୍ରୀଛାତ୍ରମାନେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଏହି ସ୍ମାର୍ଟ କ୍ଲାସ୍‌ରୁମ୍ ସହାୟକ ହୋଇପାରିବ। ଶିକ୍ଷା ହିଁ ସଫଳତାର ମାପକାଠି। ତେଣୁ ଛାତ୍ରୀଛାତ୍ରମାନେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରନ୍ତୁ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ର, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ରାମାଶିଷ ହାଜରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ ମାନପତ୍ର ପାଠ ଓ ଶିକ୍ଷକ ନନ୍ଦନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦ୍ରଭାନୁ ଶତପଥୀଙ୍କର ପ୍ରଦତ୍ତ ଅର୍ଥରେ ଏହି ସ୍ମାର୍ଟ କ୍ଲାସ୍‌ରୁମ୍ ନିର୍ମାଣ କରାଯାଇଛି।

# ଅବସରପ୍ରାପ୍ତ ଅଧ୍ୟକ୍ଷାଙ୍କୁ ନିଯୁକ୍ତି ନିମନ୍ତେ ମସୁଧା

କଟକ,୧୦।୮ (କାର୍ତ୍ତିକ ସାହୁ)

### କଟକ କଲେଜରେ ଅତିଥି ଅଧ୍ୟାପକ ସାକ୍ଷାତକାର ବାତିଲକୁ ନେଇ ଅସନ୍ତୋଷ

ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ଅତିଥି ଅଧ୍ୟାପିକା ନିଯୁକ୍ତି ନିମନ୍ତେ ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାକ୍ଷାତକାର ଗତ ୬ ତାରିଖରେ ହୋଇଥିଲା। ବାଣିଜ୍ୟ, ଇତିହାସ, ଫିଲୋଶଫି, ଗୃହବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ଅତିଥି ଅଧ୍ୟାପକ ନିଯୁକ୍ତି ନିମନ୍ତେ ୱାକ୍ ଇନ୍ ଇଣ୍ଟରଭ୍ୟୁ ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା। ସେହି ଅନୁସାରେ ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀମାନେ ସକାଳ ୯ଟାରୁ ଯାଇ ଅପେକ୍ଷା କରିଥିଲେ। ଗୃହବିଜ୍ଞାନ ବ୍ୟତୀତ ଅନ୍ୟ ବିଷୟରେ ସାକ୍ଷାତକାର କରାଗଲା। କିନ୍ତୁ ଦୁଃଖର ବିଷୟ ଗୃହବିଜ୍ଞାନ ବିଷୟର ଆଶାୟୀ ପ୍ରାର୍ଥିନୀମାନେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟାହ୍ନ ୧୨ଟାରେ ସାକ୍ଷାତକାର ବାତିଲ ନେଇ ଘୋଷଣା କରାଗଲା। ଏହାଦ୍ୱାରା ଆଶାୟୀମାନେ ନିରାଶାରେ ଫେରିବାକୁ ବାଧ୍ୟହେଲେ। ଅପରପକ୍ଷରେ ଏହି କଲେଜର ଜଣେ ଅବସରପ୍ରାପ୍ତ ଅଧ୍ୟକ୍ଷାଙ୍କୁ ନିଯୁକ୍ତି ଦିଆଯିବା ନିମନ୍ତେ ମସୁଧା ଚାଲିଥିବା ଚର୍ଚ୍ଚା ହେବା ପରେ ଆଶାୟୀମାନେ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ସେମାନେ ଏନେଇ କଲେଜଠାରୁ ସ୍ପଷ୍ଟୀକରଣ ଲୋଡ଼ିବା ନଚେତ୍ ଆଇନ୍‌ର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି। ଏନେଇ ଅଧ୍ୟକ୍ଷା ଡ. ପ୍ରଣତୀ ପଟ୍ଟନାୟକଙ୍କୁ ପଚାରିବାରୁ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ।

# ଚୋରି ଅଭିଯୁକ୍ତ ଗିରଫ

ମଙ୍ଗୁଳି-ଜଗତପୁର,୧୦।୮(ମାନସ ସାମଲ)

ଚୋରି ଅଭିଯୋଗରେ ଜଗତପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା କିଶନନଗର ଧରିଣା ଗ୍ରାମର ପଙ୍କଜ କୁମାର ସାହୁ। ତାଙ୍କ ନିକଟରୁ ଚୋରି ସ୍କୁଟି, ମୋବାଇଲ ଓ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ, ଜଗତପୁର ପଶ୍ଚିମକଛର ପୀତବାସ ନାୟକଙ୍କ ପୁତୁରା ସବ୍ୟସାଚୀ ଶୁକ୍ରବାର ସକାଳେ ସ୍କୁଟିରେ ବହୁଗ୍ରାମ କଲେଜ ଯାଉଥିଲେ। ବାଟରେ ଏକ ମାଙ୍କଡ଼ ସ୍କୁଟି ଆଗକୁ ଚାଲି ଆସିବାରୁ ସେ ଭାରସାମ୍ୟ ହରାଇ ତଳେ ପଡିବା ସହ ଚେତାଶୂନ୍ୟ ହୋଇଯାଇଥିଲା। ସେହି ସମୟରେ ଅଭିଯୁକ୍ତ ଜଣଙ୍କ ସବ୍ୟସାଚୀଙ୍କ ସମ୍ପର୍କୀୟ କହି ସାହାଯ୍ୟ କରିବା ବାହାନାରେ ତାଙ୍କ ମୋବାଇଲ, ଟଙ୍କା ଓ ସ୍କୁଟି ନେଇଯାଇ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସହାୟତାରେ ମେଡିକାଲ ପଠାଇ ଦେଇଥିଲେ। ସବ୍ୟସାଚୀଙ୍କ ଚେତା ଫେରିବା ପରେ ସେ ତାଙ୍କ ଜିନିଷ ପାଇ ନ ଥିଲେ। ଏ ନେଇ ପୀତବାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୯୨/୨୩) ରୁଜୁ କରିଥିଲା।

# ପ୍ରଥମେ ଚୌଦ୍ୱାରରେ ଶିଳ୍ପ ପ୍ରତିଷ୍ଠା କର

ମଙ୍ଗୁଳି-ଜଗତପୁର,୧୦।୮ (ମାନସ ସାମଲ)

ଚୌଦ୍ୱାର ପୌରପାଳିକା ୧୧ନଂ. ୱାର୍ଡ ଅଧୀନ ଗୋପବନ୍ଧୁ ହାଇସ୍କୁଲ ପଡିଆରେ ମଙ୍ଗଳବାର ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ କହିଥିଲେ, ଓଟିଏମ୍ ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପାଇଁ ଦୁଇଟି ବଡ଼ କମ୍ପାନୀ ସହ ଆଲୋଚନା ସରିଛି। ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଏଠାରେ ନୂତନ କାରଖାନା ପାଇଁ ଶିଳାନ୍ୟାସ କରିବେ ଓ ଏ ସମ୍ପର୍କରେ ନିଜେ ଆସି ଘୋଷଣା କରିବେ। ଏଥିପାଇଁ ଅଞ୍ଚଳବାସୀଙ୍କ ନିଷ୍ଠାପର ସହଯୋଗ ଜରୁରୀ ବୋଲି ପାଣ୍ଡିଆନ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ନାପସନ୍ଦ କରାଯାଇଛି। ଏ ନେଇ ଗୁରୁବାର ଗାନ୍ଧୀଛକସ୍ଥିତ ଏକ ହୋଟେଲ ପରିସରରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ତଥା ଆଇନଜୀବୀ ପ୍ରମୋଦ କୁମାର ସାହୁ କହିଛନ୍ତି, ଚୌଦ୍ୱାରରେ ଉପଯୁକ୍ତ ଭିତ୍ତିଭୂମି ଥାଇ ମଧ୍ୟ ସରକାର ଓଟିଏମ୍ ପରି ଅନ୍ୟ ଦୁଇଟି କମ୍ପାନୀ ଏପର୍ଯ୍ୟନ୍ତ ଖୋଲିପାରୁନାହାନ୍ତି। କିଛି ମାସ ହେବ ହାଇକୋର୍ଟଙ୍କ ହସ୍ତକ୍ଷେପ ଦ୍ୱାରା ଶ୍ରମିକମାନେ ବକେୟା ପ୍ରାପ୍ୟ ପାଇପାରିଛନ୍ତି। ସେଥିମଧ୍ୟରୁ ଏବେ ବି ୭୦୦ କର୍ମଚାରୀଙ୍କ ଠିକଣା ମିଳିପାରିନାହିଁ କି ସମସ୍ତ କର୍ମଚାରୀ ପିଏଫ୍ ଟଙ୍କା ପାଇନାହାନ୍ତି। ଏଭଳି ସମୟରେ ରାଜ୍ୟ ସରକାର କମ୍ପାନୀ ଜାଗାରେ କମ୍ପାନୀ ଖୋଲନ୍ତୁ। ପରେ ଖାଲି ସ୍ଥାନ ବିଷୟରେ ଚିନ୍ତା କରିବେ। ଯଦି ରାଜ୍ୟ ସରକାର କମ୍ପାନୀ ନ କରି ଲୋକଙ୍କୁ ହଇରାଣ କରନ୍ତି, ତା'ହେଲେ ଭାଜପା ଜନସାଧାରଣଙ୍କ ହକ୍ ପାଇଁ ଜୋର୍‌ଦାର ଆନ୍ଦୋଳନ କରିବ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଇନ୍ଦ୍ରାଣୀପାଟଣା ସରପଞ୍ଚଙ୍କ ପ୍ରତିନିଧି ବିନୟ ମଲ୍ଲିକ, ବସନ୍ତ ଦାସ, ପୂର୍ବତନ କଟକ ଜିଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ସାମନ୍ତରାୟ, କାଞ୍ଚନବାଳା ପ୍ରତାପଦେବ, ପୂର୍ବତନ ଚୌଦ୍ୱାର ମଣ୍ଡଳ ଭାଜପା ସଭାପତି ଅକ୍ଷୟ ଭୂୟାଁ, ରାବଣା ରେଡ୍ଡୀ, ଯୁବ ସଙ୍ଗଠକ ବିବେକ ସାମଲ, ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଚକ୍ଷଣ ରାଜନୀତିଜ୍ଞ ଥିଲେ ଆଇନଜୀବୀ ଶ୍ରୀରାମଚନ୍ଦ୍ର ଦାଶ

କଟକ,୧୦।୮ (କାର୍ତ୍ତିକ ସାହୁ)

ଆଇନ୍‌ଜୀବୀ ଡ. ଶ୍ରୀରାମଚନ୍ଦ୍ର ଦାଶ ଜଣେ ବିଚକ୍ଷଣ ରାଜନୀତିଜ୍ଞ ଓ ଭଲ ମଣିଷ ଥିଲେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ବକ୍ତାମାନେ ଏ ସମ୍ପର୍କରେ କହିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର ଯୋଗଦେଇ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରତିବର୍ଷ ଏକ ଆଇନ୍ ବକ୍ତୃତାମାଳା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାର୍ ଆସୋସିଏଶନ୍‌ର ସଭାପତି ଧରଣୀଧର ନାୟକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି କମିଟି ପକ୍ଷରୁ ବିଜୟ କୁମାର ପଟ୍ଟନାୟକ, ବଂଶୀଧର ଶତପଥୀ, ବାର ଆସୋସିଏଶନ୍ ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ, ସହସମ୍ପାଦକ ଦେବାଶିଷ ସ୍ୱାଇଁ ଓ ବିଭୁପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ବଂଶୀଧର ଶତପଥୀ ଧନ୍ୟବାଦ ଦେଇଥିଲେ।

# ଜାତୀୟ କୃମିନାଶ ଦିବସ ପାଳିତ

କଟକ,୧୦।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଜାତୀୟ କୃମିନାଶ ଦିବସ ପାଳନ ଅବସରରେ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ମକରନ୍ଦ ବେଉରା ଜଣେ ଶିଶୁକୁ ଆଲବେଣ୍ଡାଜୋଲ ଔଷଧ ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାର ୨୭୦୦ ବିଦ୍ୟାଳୟ, ୩୪୪୧ ଅଙ୍ଗନୱାଡି କେନ୍ଦ୍ର ଓ ୪୦୪ ଉପକେନ୍ଦ୍ରରେ ଏହି ଔଷଧ ବିନା ମୂଲ୍ୟରେ ବଣ୍ଟନ କରାଯାଉଛି। ୧ରୁ ୫ ବର୍ଷର ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ର ଏବଂ ୬ରୁ ୧୯ ବର୍ଷର ଯୁବକଙ୍କୁ ବିଦ୍ୟାଳୟରେ କୃମିନାଶକ ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ୨୦ରୁ ୨୪ ବର୍ଷ ବୟସ୍କା ଗର୍ଭବତୀ ଏବଂ ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ବ୍ୟତୀତ ଅନ୍ୟସମସ୍ତଙ୍କୁ କୃମିନାଶକ ଔଷଧ ସେବନ ପାଇଁ କୁହାଯାଇଛି। ଯେଉଁମାନେ ଔଷଧ ସେବନ କରି ପାରିନାହାନ୍ତି, ସେମାନେ ଆସନ୍ତା ୧୭ ତାରିଖରେ ଏହି ଔଷଧ ସେବନ କରିବାର ସୁଯୋଗ ପାଇପାରିବେ। ଚଳିତବର୍ଷ ଜିଲାରେ ମୋଟ ୧୦ ଲକ୍ଷ ୧୧ ହଜାର ୩୬୮ ଜଣଙ୍କୁ କୃମିନାଶକ ଔଷଧ ସେବନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ବଟକୃଷ୍ଣ ମହଲା, ଅତିରିକ୍ତ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ପାତ୍ର, ସନ୍ଧ୍ୟାରାଣୀ ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ମନ୍ଦାକିନୀ ବେହେରା, ଜିଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ସାହୁ, ଜିଲା ବିତ୍ତୀୟ ପରିଚାଳକ ଆଶୁତୋଷ ଜେନା ପ୍ରମୁଖ ଯୋଗଦେଇ ଜାତୀୟ କୃମିନାଶ ଦିବସ ଉପଲକ୍ଷେ ପୋଷ୍ଟର ଉନ୍ମୋଚନ କରିଥିଲେ।

# ମଶାରି ଟାଣି ଶୋଇଲେ ଡେଙ୍ଗୁରୁ ରକ୍ଷା ମିଳିବ

କଟକ,୧୦।୮(କାର୍ତ୍ତିକ ସାହୁ)




କଟକ କ୍ଲବ ଆନେକ୍ସ-୧୦ଠାରେ ଆୟୋଜିତ ବୈଠକରେ ରସିକା ବାହାଦୁର ଓ ଅନ୍ୟମାନେ।

### ଇନରହ୍ୱିଲ୍ ଜିଲା ୩୨୬ ଅଧ୍ୟକ୍ଷାଙ୍କ ପରିଦର୍ଶନ

ଇନରହ୍ୱିଲ୍ ଜିଲା ୩୨୬ର ଅଧ୍ୟକ୍ଷା ରସିକା ବାହାଦୁର ଗୁରୁବାର କଟକ ଇନ୍‌ରହ୍ୱିଲ୍ କ୍ଲବ୍ ପରିଦର୍ଶନ କରିଛନ୍ତି। କ୍ଲବ ସଭାପତି ଲୋରାମିତ୍ରା ରଥ ଓ ସମ୍ପାଦିକା ମମତା ପଣ୍ଡା ତାଙ୍କୁ ପୋଲିସ କଲୋନୀସ୍ଥିତ ହାପି ସ୍କୁଲକୁ ନେଇ ସେଠାରେ କ୍ଲବ୍‌ପକ୍ଷରୁ କରାଯାଉଥିବା ଉନ୍ନୟନ କାର୍ଯ୍ୟ ବୁଲି ଦେଖାଇଥିଲେ। ୨୦୧୬ରେ କ୍ଲବ୍ ପକ୍ଷରୁ ଏହି ସ୍କୁଲର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଥିଲା। ଅଧ୍ୟକ୍ଷା ବାହାଦୁର ସେଠାରେ ପ୍ରଥମ ଶ୍ରେଣୀ ପିଲାମାନଙ୍କୁ ସ୍କୁଲବ୍ୟାଗ ବିତରଣ କରିଥିଲେ। କୁନି ଛାତ୍ରୀଛାତ୍ରମାନେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେଠାରୁ ଅଧ୍ୟକ୍ଷା ବାହାଦୁର ବରିଷ୍ଠ ନାଗରିକ ଆବାସ ଶ୍ରଦ୍ଧା ଓ ସାଧନା କେନ୍ଦ୍ର ଯାଇ ଅନ୍ତେବାସୀଙ୍କ ସହ କଥୋପକଥନ କରିଥିଲେ। ସେଠାକାର ପରିବେଶ ବୁଲି ଦେଖିବା ସହ ଅନ୍ତେବାସୀମାନଙ୍କୁ ମଶାରି ବଣ୍ଟନ କରିଥିଲେ। ମଶାରି ଟାଣି ଶୋଇଲେ ଡେଙ୍ଗୁରୁ ରକ୍ଷା ମିଳିବ ବୋଲି ଅଧ୍ୟକ୍ଷା ଅନ୍ତେବାସୀମାନଙ୍କୁ ବୁଝାଇଥିଲେ। ତତ୍‌ପରେ କଟକ କ୍ଲବ ଆନେକ୍ସ-୧୦ଠାରେ ଆୟୋଜିତ ବୈଠକରେ ଅଧ୍ୟକ୍ଷା ଯୋଗଦେଇଥିଲେ। ସମାଜସେବାରେ ଅଧିକରୁ ଅଧିକ ନିୟୋଜିତ ହେବା ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ଶନ୍ ହଲରେ ଆଇନଜୀବୀ ଗୌରାଙ୍ଗ ବିହାରୀ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କ ଫଟୋଚିତ୍ର ନିକଟରେ ଉପସ୍ଥିତ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ଅନ୍ୟମାନେ।




ବକ୍ସିବଜାର ଖଲାସୀ ଲେନସ୍ଥିତ ଲାୟନ୍ସ କ୍ଲବ ଅଫ୍ କଟକ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଗୁରୁବାର ଅନୁଷ୍ଠିତ ପର୍ଲ ଆନିଭର୍ସାରୀ ପାଳନରେ ଯୋଗଦେଇଥିବା ଅତିଥିବୃନ୍ଦ।




ଜଗତ୍‌ପୁର ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ସୁଧାର ଆଣିବା ଦାବି ନେଇ ସିପିଆଇ ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ସଦସ୍ୟମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ସାହିତ୍ୟର ଅବଦାନ ଶୀର୍ଷକ ଆଲୋଚନାଚକ୍ର, ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ବାଣୀବିହାର। ପୂର୍ବାହ୍ନ ୧୦ଟା।
- ବର୍ଷା ପବ୍ଲିକେଶନ ପକ୍ଷରୁ ବର୍ଷା ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।

# ଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି

ପୁରୁଣା ଭୁବନେଶ୍ୱର,୧୦।୮ (ସୁବାସ ଚନ୍ଦ୍ର ପ୍ରଧାନ)

ରାଜ୍ୟ ସରକାରଙ୍କ ଦ୍ୱାରା ୨୪ଘଣ୍ଟିଆ ଶୁଦ୍ଧ ପାନୀୟ ଜଳ ଯୋଗାଣରେ ବ୍ୟତିକ୍ରମ ନେଇ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଛି। ସାମନ୍ତରାପୁରସ୍ଥିତ କାର୍ଯ୍ୟାଳୟଠାରେ ପହଞ୍ଚି ମଞ୍ଚର ସଦସ୍ୟମାନେ ଲିଖିତ ଅଭିଯୋଗରେ ସମସ୍ୟା ନେଇ ଜଣାଇଥିଲେ। ଅଭିଯୋଗ ମୁତାବକ, ଜଳଯୋଗାଣ ସମୟ ନିର୍ଘଣ୍ଟରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ରହୁ ନାହିଁ। ଯେଉଁ ଜଳ ଉପଭୋକ୍ତାଙ୍କ ପାଖକୁ ଆସୁଛି ତାହା ଅପରିଷ୍କାର, ଦୁର୍ଗନ୍ଧଯୁକ୍ତ ପାନୀୟ ଜଳ ବ୍ୟବହାର ଯୋଗ୍ୟ ନୁହେଁ। ଏହାର ବ୍ୟବହାର ଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ରୋଗର କାରଣ ପାଲଟିଛି। ନନ୍ଦକୃଷ୍ଣ ନଗର, ସାମନ୍ତରାପୁର, ଶ୍ରୀରାମ ନଗର, ଗ୍ୟାରେଜ ଛକ, ଚିଲି ପୋଖରୀ, ଶାସନ ପଡ଼ିଆ, ଲିଙ୍ଗରାଜ ମନ୍ଦିର ଏରିଆ, ଭୀମଟାଙ୍ଗୀ, ପୁନାମାଗେଟ ଆଦି ଅଞ୍ଚଳରୁ ଉପଭୋକ୍ତାମାନେ ନିଜ ନିଜ ଟ୍ୟାପରୁ ବାହାରୁଥିବା ପାଣି ଧରି ସମସ୍ୟା ମଞ୍ଚ ପାଖରେ ଉପସ୍ଥାପନ କରିଥିଲେ। ବୁଧବାର ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକଙ୍କ ନେତୃତ୍ୱରେ ପ୍ରତି ଅଞ୍ଚଳରୁ ଜଣେ ଲେଖାଏ ଉପଭୋକ୍ତାଙ୍କ ସହ ସୁଲେତା ସାହାଣି, ସରୋଜ ମିଶ୍ର, ବିନୋଦିନୀ ସେନାପତି, ସଞ୍ଜୁଲତା ପଟ୍ଟନାୟକ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଏହି ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ତୁରନ୍ତ ଯୋଗାଣ ହେଉଥିବା ଜଳର ମାନକୁ ବିଶୋଧନ ପ୍ରକ୍ରିୟା ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ମଞ୍ଚ ଦାବି କରିଛି।

# 'ମିଳିମିଶି ଭୁବନେଶ୍ୱରକୁ ସ୍ୱଚ୍ଛତା ଶୀର୍ଷରେ ପହଞ୍ଚାଇବା'

### ସମସ୍ତ ଏସ୍‌ଏଚ୍‌ଜିଙ୍କୁ ସାମିଲ କରିବାକୁ ଏଏଲ୍‌ଏଫ୍‌ଙ୍କୁ ପରାମର୍ଶ

### ସକାରାତ୍ମକ ଭୋଟିଂ ପାଇଁ ସହରବାସୀଙ୍କୁ ଅପିଲ କଲେ ମେୟର

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)


ବୈଠକରେ ବିଏମ୍‌ସି ମେୟର ସୁଲୋଚନା ଦାସ।

ଭୁବନେଶ୍ୱରକୁ ସବୁ ଦିଗରୁ ସରସ ସୁନ୍ଦର ସହ ୧ନମ୍ବର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅହରହ ଉଦ୍ୟମ ଜାରି ରହିଛି। ରାସ୍ତା, ଡ୍ରେନ, ପାର୍କ ଉନ୍ନତିକରଣ ଓ ନିର୍ମାଣ, ପରିମଳ ଆଦି ପ୍ରତ୍ୟେକ କ୍ଷେତ୍ରରେ ଟିମ୍ ବିଏମ୍‌ସି ଦିନ ରାତି କାମ କରୁଛି। ତେଣୁ ବିଏମ୍‌ସିର ଏଭଳି ପ୍ରୟାସକୁ ସଫଳ କରାଇବା ସହ ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସିକୁ ପଜିଟିଭ୍ ଫିଡ୍‌ବ୍ୟାକ୍ ବା ସକରାତ୍ମକ ଭାବେ ଭୋଟିଂ କରିବାକୁ ମେୟର ସୁଲୋଚନା ଦାସ ଅପିଲ କରିଛନ୍ତି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ସହରବାସୀଙ୍କୁ ଅପିଲ କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ଭୋଟିଂ ଅବଧି ଶେଷ ହୋଇ ଆସୁଥିବାବେଳେ ଅଧିକରୁ ଅଧିକ ଭୋଟ ହାତେଇବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମେୟର ସୁଲୋଚନା ଦାସ ମିଳିମିଶି ସ୍ୱଚ୍ଛ ସର୍ବେକ୍ଷଣକୁ ଜୋର୍‌ଦାର କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସମସ୍ତ ଏସ୍‌ଏଚ୍‌ଜିଙ୍କୁ ସାମିଲ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଯୋଡିବାକୁ ମହାସଂଘ (ଏଏଲ୍‌ଏଫ୍)ଙ୍କୁ ପରାମର୍ଶ ଦିଆଯାଇଥିଲା। କ୍ୟୁଆର୍ କୋଡ୍ ସ୍କାନ କରି କିପରି ସ୍ୱଚ୍ଛ ସର୍ବକ୍ଷେଣରେ ମାତ୍ରାଧିକ ଲୋକଙ୍କୁ ଯୋଡି ହେବ ସେ ସମ୍ପର୍କରେ ମହାସଂଘ ସଦସ୍ୟମାନଙ୍କୁ ବୁଝାଯାଇ ଥିଲା। ଏଏଲ୍‌ଏଫ୍ ସଦସ୍ୟାମାନେ ପ୍ରତ୍ୟେକ ଏସ୍‌ଏଚ୍‌ଜିର ସଦସ୍ୟାଙ୍କୁ ଏଥିରେ ସାମିଲ କରିବା ସହ ଲୋକଙ୍କୁ ସ୍ୱଚ୍ଛ ସର୍ବେକ୍ଷଣ ଅନ୍ତର୍ଗତ ସିଟିଜେନ୍ ଫିଡ୍‌ବ୍ୟାକ୍‌ରେ ଭୁବନେଶ୍ୱର ସପକ୍ଷରେ ମତଦେବାକୁ ଅନୁରୋଧ କରାଯାଇଥିଲା। ଏଥିସହ ଉପସ୍ଥିତ ୨୫୦ ଜଣ ଏଏଲ୍‌ଏଫ୍ ସଦସ୍ୟା ପ୍ରତ୍ୟେକେ ୧୦୦ଟି ଲେଖାଏ ମତଦାନ କରାଇବାକୁ ମେୟର କହିଥିଲେ।

ସୂଚନାଯୋଗ୍ୟ, ବିଏମ୍‌ସି ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମହିଳାଙ୍କର ବିଶେଷ ଯୋଗଦାନ ଭୁବନେଶ୍ୱରକୁ ସାରା ଦେଶରେ ଗୌରବାନ୍ୱିତ କରିଛି। ଅତିଶୀଘ୍ର ବିଏମ୍‌ସିର ପ୍ରତ୍ୟେକ ୱାର୍ଡରେ ୧୦ଜଣ ଲେଖାଏ ସ୍ୱଚ୍ଛସାଥୀ କାର୍ଯ୍ୟ କରିବେ। ତେଣୁ, ସ୍ୱଚ୍ଛତାର ଗୁଣାତ୍ମକମାନ ବୃଦ୍ଧିରେ ମହିଳାଙ୍କ ଯୋଗଦାନ ଥିବାରୁ ସର୍ବେକ୍ଷଣ ପ୍ରକ୍ରିୟାରେ ଭୁବନେଶ୍ୱର ପାଇଁ ନିଜର ମତଦେଇ ଦେଶର ଅଗ୍ରଣୀ ସହର ଭାବେ ପରିଚୟ କରାଇବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଏଥିରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ଉପବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ଏସବିଏ ସେଲ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲା ସଭାପତିଙ୍କ କାର୍ଯ୍ୟକଳାପକୁ ବିରୋଧ



ବାଲିପାଟଣା,୧୦।୮ (ଅଭିମନ୍ୟୁ ନାୟକ)

ଜୟଦେବ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳରେ ଫାଟ ସୃଷ୍ଟି ହୋଇଛି। ଜିଲା ବିଜେଡି ସଭାପତି ଗୋଟିଏ ଗୋଷ୍ଠୀକୁ ଦଳର କୌଣସି କାର୍ଯ୍ୟକ୍ରମରେ ସାମିଲ କରୁ ନ ଥିବା ସେମାନେ ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତତ୍‌ସହିତ ଦଳର ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଭିଡିଓ କନଫରେନ୍ସ ଯୋଗେ ଅସନ୍ତୁଷ୍ଟ ନେତାମାନେ ଅଭିଯୋଗ କରିଛନ୍ତି। ଗୁରୁବାର ଜୟଦେବ ନିର୍ବାଚନମଣ୍ଡଳୀର ୨୭ଜଣ ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ୩୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ବାଲିପାଟଣା ଓ ହିରାପୁରସ୍ଥିତ ଗଡକଣ୍ଟ ଗୁଣିଆଠାରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ଯାଇ ଜିଲା ପର୍ଯ୍ୟବେକ୍ଷକ ଜେନାଙ୍କୁ ଭେଟି ୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମେ ଯେଉଁଦିନଠାରୁ ଜିଲା ସଭାପତି ଭାବେ ବିଭୂତି ଭୂଷଣ ବଳବନ୍ତରାୟ ଦାୟିତ୍ୱ ବହନ କଲେ ସେହିଦିନଠାରୁ ନିର୍ବାଚନମଣ୍ଡଳୀରେ ସମସ୍ୟା ଦେଖାଦେଇଛି। ଦଳ ତରଫରୁ କେତେଜଣ ବିଜେଡି ନେତା, ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନଙ୍କୁ ଅଣଦେଖା କରାଯାଉଛି। ୨୦୧୯ ନିର୍ବାଚନ ବେଳେ ଯେଉଁମାନେ ଦଳ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଦେଇ ଲଢୁଥିଲେ ବର୍ତ୍ତମାନ ସେହିମାନଙ୍କୁ ଦଳ ଅଧିକ ପ୍ରାଧାନ୍ୟ ଦେଉଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସମସ୍ତ କାର୍ଯ୍ୟକୁ ଆମ ସଂଗଠନ ମାଧ୍ୟମରେ ପ୍ରସ୍ତୁତି କରାଯାଉଛି, ହେଲେ ଉକ୍ତ ୨୭ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଣଦେଖା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଗକୁ ସେମାନଙ୍କୁ ଏହିଭଳି ଅଣଦେଖା କରା ନ ଯିବାକୁ ନିବେଦନ କରିଛନ୍ତି। ଏନେଇ ୧୩ ତାରିଖରେ ଆଲୋଚନା କରାଯିବାକୁ ଅଭିଯୋଗକାରୀଙ୍କୁ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ସାହିତ୍ୟର ଯଥେଷ୍ଟ ଅବଦାନ ଥିଲା

ଭୁବନେଶ୍ୱର,୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)



'ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ସାହିତ୍ୟର ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ।

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଗୁରୁବାର 'ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ସାହିତ୍ୟର ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଆରମ୍ଭ ହୋଇଯାଇଛି। ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଲେ, ସେତେବେଳେ ଓଡ଼ିଶାରେ ଆଜି ପରି ସାକ୍ଷରତା ନ ଥିବାରୁ ଜାତୀୟ କବି ବୀରକିଶୋର ଦାସଙ୍କ କବିତାକୁ ଲୋକେ ହାର୍‌ମୋନିୟମ ଧରି ଗାଉଥିଲେ।

ସମ୍ମାନିତ ଅତିଥି ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ସାହିତ୍ୟର ଯଥେଷ୍ଟ ଅବଦାନ ଥିବା କହିବା ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ.କେ.ଶ୍ରୀନିବାସ ରାଓ ଓଡ଼ିଶାରେ ନାରୀ ଲେଖକ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆବାହକ ଡ.ଗୌରହରି ଦାସ କହିଲେ, ସାହିତ୍ୟ ଚିରକାଳ ସଂଗ୍ରାମର ବାର୍ତ୍ତାବହ ଓ ପରିବର୍ତ୍ତନର ଭାଷ୍ୟକାର ଭାବେ ଭୂମିକା ନିର୍ବାହ କରିଆସିଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସଂଯୋଜକ ଡ.ରମେଶଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ଡ. ନିବେଦିତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବେଳେ ବିଶ୍ୱବିଦ୍ୟାଳୟ କୁଳସଚିବ କାହ୍ନୁଚରଣ ଧୀର ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣଚନ୍ଦ୍ର ପ୍ରଧାନ, ଶୁକମୁନି ବେହେରେ ଓ ଲୋହିତାକ୍ଷ ଯୋଶୀ ପ୍ରବନ୍ଧ ପାଠ କରିଥିଲେ। ୨ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଆଲୋଚନାଚକ୍ରରେ ଓଡ଼ିଆ ଗୀତ ଓ କବିତା, ଓଡ଼ିଆ ନାଟକ, ଓଡ଼ିଆ ଗଳ୍ପ, ଓଡ଼ିଆ ପ୍ରବନ୍ଧ ଓ ପତ୍ରପତ୍ରିକା ଆଦି ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶା ଲାଇବ୍ରେରୀ ଏକାଡେମୀର ବାର୍ଷିକୋତ୍ସବରେ ଆଲୋଚନାଚକ୍ର

ବାଲକାଟୀ,୧୦।୮ (ମନୋଜ ମଣ୍ଡଳ)

ଓଡ଼ିଶା ଲାଇବ୍ରେରୀ ଏକାଡେମୀର ଅଷ୍ଟମ ବାର୍ଷିକ ଉତ୍ସବ ଓ ପାଠାଗାର ଦିବସ ଉପଲକ୍ଷେ ୧୩ ତାରିଖରେ ସିଫାଠାରେ 'ବିୟଣ୍ଡ ବୁକ୍‌ସ-ଲାଇବ୍ରେରୀ ଇନ୍ ଦ ଏଆଇ ଏରାରି ଡିଫାଇନିଂ ରୋଲ୍‌ସ ଆଣ୍ଡ ସର୍ଭିସେସ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହେବ। ଓଡ଼ିଶା ଲାଇବ୍ରେରୀ ଏକାଡେମୀ ଓ ସେଣ୍ଟ୍ରାଲ ଲାଇବ୍ରେରୀ, ଆଇଆଇଟି ଭୁବନେଶ୍ୱର ପକ୍ଷରୁ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପାଠାଗାର ପରିସର ମଧ୍ୟରେ ଏଆଇ ଟେକ୍ନୋଲୋଜୀକରଣ ଓ ଡିଜିଟାଲ ଯୁଗରେ ଏହି ପରିବର୍ତ୍ତନ କିପରି ସେମାନଙ୍କ ଭୂମିକାକୁ ପୁନଃ ପରିଭାଷିତ କରୁଛି ସେ ବିଷୟରେ ଆଲୋଚନା ହେବ। ପାଠାଗାର ବିଜ୍ଞାନ ଗବେଷକ, ଶିକ୍ଷାବିତ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହ ରଖୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ଏକ ଗତିଶୀଳ ଓ ଜ୍ଞାନ ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ।

# ଶାନ୍ତିସ୍ତୂପ ଧଉଳି ପାଇଁ ଆମେ ବିଶ୍ୱରେ ପରିଚିତ



### ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଜନ୍ମଦିନ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୧୦।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଶାନ୍ତିସ୍ତୁପ ଧଉଳି ପାଇଁ ଆମେ ଆଜି ବିଶ୍ୱରେ ପରିଚିତ। ଦୟାନଦୀ ଅବବାହିକାରେ ଘଟିଯାଇଥିବା କଳିଙ୍ଗ ଯୁଦ୍ଧ ପାଇଁ ବିଶ୍ୱ ଇତିହାସରେ ଓଡ଼ିଶା ଲିପିବଦ୍ଧ ହୋଇଛି ବୋଲି ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ଗୁରୁବାର ନୂଆଗାଁସ୍ଥିତ ମ୍ୟୁନିସିପାଲିଟି ରୋଡ୍‌ରେ ବିଧାୟକ ରାଉତରାୟଙ୍କ ଜନ୍ମଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସଂଳାପକାର ରଜନୀ ରଞ୍ଜନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। କବି ଅକ୍ଷୟ ସ୍ୱାଇଁ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଖବରଦାତା ମାଧବ ବେହେରା, ହରିହର ମୁଦୁଲି, ବାସୁଦେବ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ସଭାପତି ବୃନ୍ଦାବନ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅରୁଣ ପୁରୋହିତ ଧନ୍ୟବାଦ ଦେଇଥିଲେ।

# ଖୋଲୁଛି ପ୍ରକାଶଙ୍କ କଳା ସାମ୍ରାଜ୍ୟ ଗୁମର

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

ପୂର୍ବତନ ଖୋର୍ଦ୍ଧା ବ୍ଲକ ବିଜେଡି ସଭାପତି ପ୍ରକାଶ ରାଉତରାୟଙ୍କ କଳା ସାମ୍ରାଜ୍ୟର କାହାଣୀ ଧୀରେ ଧୀରେ ଖୋଲୁଛି। ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ୪ଜଣଙ୍କୁ ସୋମବାର ଭୁବନେଶ୍ୱର କମିଶନରେଟ ପୋଲିସ କଳିଙ୍ଗବିହାରରୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଦୁର୍ଗାପୁରର ପ୍ରକାଶ ରହିଥିଲେ। କମିଶନରେଟ ପୋଲିସ ତାଙ୍କୁ ଗିରଫ କରିବା ପରେ ଖୋର୍ଦ୍ଧା ଗୁରୁଜଙ୍ଗ ଓ ଦୁର୍ଗାପୁରସ୍ଥିତ ବାସଭବନ ସମେତ କ୍ରଶରରେ ଚଢ଼ାଉ କରିଥିଲା। ଏହି ସମୟରେ ସେ ବେଆଇନ ଭାବେ ରଖିଥିବା ୯ ଏମ୍‌ଏମ୍‌ର କାର୍ବାଇଡ୍ ବନ୍ଧୁକ ଓ ନଗଦ ୧୯ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ପ୍ରକାଶ ଫେସ୍‌ବୁକ ଆକାଉଣ୍ଟରେ ନିଜକୁ ବିଜେଡି ବ୍ଲକ ସଭାପତି ବୋଲି ଦର୍ଶାଇଛନ୍ତି। ସେ ରାଜନୈତିକ ଛତ୍ରଛାୟା ତଳେ ନିଜ କଳା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ବ୍ଲକ ବିଜେଡି ସଭାପତିରୁ ରାତାରାତି ଖଣିମାଫିଆ ପାଲଟି ଯାଇଥିଲେ। ଏତେଦିନ ଧରି ତାଙ୍କ ପ୍ରତି ପ୍ରଶାସନ ଏବଂ ପୋଲିସ କାହିଁକି ଆଖି ବୁଜି ଦେଇଥିଲା ତାହା ଏବେ ପ୍ରଶ୍ନ ପାଲଟିଛି।

ପ୍ରକାଶ ଅତ୍ୟାଧୁନିକ ବନ୍ଧୁକ ରଖିବା ପଛରେ କ'ଣ ରହସ୍ୟ ରହିଛି ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲିଛି। ସାଧାରଣତଃ ମାଓବାଦୀମାନେ ଅଟୋମେଟିକ କାର୍ବାଇଡ ବନ୍ଧୁକ ବ୍ୟବହାର କରନ୍ତି। ପ୍ରକାଶ ଏଭଳି ବନ୍ଧୁକ ବ୍ୟବହାର ପଛରେ ବଡ ଆପରାଧିକ ପୃଷ୍ଠଭୂମି ରହିଥିବା କମିଶନରେଟ ପୋଲିସ ସୂଚନା ପାଇଛି। ପୋଲିସ ହାତରେ କିଛି ସୁରାକ ମଧ୍ୟ ଲାଗିଛି। ନିଜକୁ ବିଜେଡି ନେତା ବୋଲାଉଥିବା ପ୍ରକାଶଙ୍କର ଦଳର ବଡ଼ ବଡ଼ ନେତାଙ୍କ ସହ ସମ୍ପର୍କ ରହିଥିବା ଚର୍ଚ୍ଚା ହେଉଛି। ସେ କାହା ଛତ୍ରଛାୟା ତଳେ ରହି ଏହି କଳା ସାମ୍ରାଜ୍ୟ ଚଳାଉଥିଲେ ଏବେ ତାହାକୁ ନେଇ ଉଠିଛି ପ୍ରଶ୍ନ। ଖୋର୍ଦ୍ଧାରେ ବେଆଇନ ଖଣି ଖାଦାନରେ ତାଙ୍କର ସଂପୃକ୍ତି ରହିଥିବା ଜଣାପଡିଛି। ସଦର ଥାନା ଅଧୀନ ଛତ୍ରମା ଛକରେ ଥିବା ପ୍ରକାଶଙ୍କ କ୍ରଶର ୟୁନିଟ ଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ଏକର ଏକର ଜମିକୁ ବେଆଇନ ଭାବେ ଜବରଦଖଲରେ ରଖି ସେ ସେଠାରେ କ୍ରଶର ଚଳାଉଥିଲେ। ସେ ୫ ଏକର ଜମି ଅକ୍ତିକାର କରି ରଖିଥିବା ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି। ପ୍ରକାଶଙ୍କ କଳା କାରନାମା ସମ୍ପର୍କରେ ପୋଲିସ ପାଖରେ କିପରି କୌଣସି ଖବର ନ ଥିଲା ତାହା ପ୍ରଶ୍ନବାଚୀ ହୋଇଛି। ତାଙ୍କଠାରୁ ଜବତ ହୋଇଥିବା କାର୍ବାଇଡ ବନ୍ଧୁକରେ କୌଣସି ନମ୍ବର ମାର୍କି ନ ଥିବା ଜଣାପଡ଼ିଛି।

ଏହାର ଅଧିକ ଯାଞ୍ଚ ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯିବ ବୋଲି ଭୁବନେଶ୍ୱର ଡିସିପି କହିଥିଲେ। ଏଥିସହିତ ସେମାନଙ୍କ ଅପରାଧିକ ପୃଷ୍ଠଭୂମି ଉପରେ ଅଧିକ ତନାଘନା ପାଇଁ କମିଶନରେଟ ପୋଲିସ ୪ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିବ। ପ୍ରକାଶଙ୍କ ଗିରଫ ପରେ ବିଜେଡି ନେତାଙ୍କ ମଧ୍ୟରେ ଛନକା ପଶିଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି, ପ୍ରକାଶ ବେଆଇନ ଖଣି ଖାଦନରେ ସମ୍ପୃକ୍ତ। ସେ ତ କେରାଣ୍ଡି ମାତ୍ର, ସମୁଦ୍ରରେ ଅନେକ ତିମି ରହିଛନ୍ତି। ସେମାନେ ଧରାହେଲେ ଅସଲ ଗୁମର ଖୋଲିଯିବ। ଅନ୍ୟପକ୍ଷରେ ବିଧାୟକ ମିତ୍ର କାହା ଉପରକୁ ଅଙ୍ଗୁଳି ଉଠାଇଛନ୍ତି, ତାହା ସାଧାରଣରେ ଚର୍ଚ୍ଚା ପାଲଟିଛି। ବରିଷ୍ଠ ଆଇନଜୀବୀ ବାବୁ ଦାସ କହିଛନ୍ତି, ବେଆଇନ ଖଣି ଚୋରା ଚାଲାଣରେ ସଂପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ପଥର ବ୍ଲାଷ୍ଟିଙ୍ଗ ଅନୁମତି ଦିଆଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲଘୁ ଖଣିଜ ଲୁଟ ଚାଲିଛି। ସବୁ କିଛି ପ୍ରୋତ୍ସାହନରେ ହେଉଛି। ଏହାର ପର୍ଦ୍ଦାଫାସ ହେଲେ ସବୁ ଗୁମର ଖୋଲିଯିବ।

# ପୂର୍ବତନ ବିଧାୟକ କୈଳାସ କୁଲେସିକାଙ୍କୁ ବିରୋଧ

କୋରାପୁଟ,୧୦।୮ (ଅମିତାଭ ବେହେରା)

ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କଂଗ୍ରେସ ଦଳରୁ ଯାଇ ବିଜେଡିରେ ମିଶିଥିବା କୈଳାସ କୁଲେସିକାଙ୍କୁ ନେଇ ଲକ୍ଷ୍ମୀପୁର ବ୍ଲକ ବିଜେଡି ଯୁବ ସଭାପତି ରଞ୍ଜନ କୁମାର ଖରା ଗୁରୁବାର କୋରାପୁଟ ପ୍ରେସ୍ କ୍ଲବ୍‌ଠାରେ ବର୍ଷିଛନ୍ତି। ଗୁରୁବାର ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୈଳାସ ଜଣେ ଆମଦାନୀ ନେତା। ସେ କଂଗ୍ରେସ ଛାଡି ବିଜେଡିରେ ମିଶିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସମସ୍ତ ୭ଟି ଜିଲା ପରିଷଦ ବିଜେଡି ଦଖଲକୁ ନେବ ବୋଲି ଖରା କହିଥିଲେ । ଯଦି ସମସ୍ତ ବିଜେଡି ପ୍ରାର୍ଥୀ ବିଜୟୀ ନ ହେବେ ତା' ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ପ୍ରକାଶ କରିଥିଲେ । ମାତ୍ର ତାଙ୍କ ଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ୭ଟି ଜିଲା ପରିଷଦ ଆସନରୁ କେବଳ ୨ଟିରେ ବିଜେଡି ବିଜୟୀ ହୋଇଥିଲା। ସେତେବେଳେ କୁଲେସିକାଙ୍କ ପାଇଁ ଦଳ ପରାଜୟବରଣ କରିଥିଲା ବୋଲି ଖରା ଅଭିଯୋଗ କରିଛନ୍ତି। ଏନେଇ କୁଲେସିକାଙ୍କ ମତାମତ ନେବାକୁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କ ମୋବାଇଲ ଫୋନ ସୁଇଚଅଫ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# ବସ୍ତିରେ ଖୋଲିଲା ପାଠାଗାର

### ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବାକୁ କମିଶନରେଟ ପୋଲିସର ପ୍ରୟାସ

ଭୁବନେଶ୍ୱର,୧୦।୮ (ସୂର୍ଯ୍ୟକାନ୍ତ ବେହେରା)



ବସ୍ତି ପିଲାଙ୍କ ସହ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନେ।

ବସ୍ତିକୁ ଚାଲ ଅଭିଯାନ କ୍ରମରେ କମିଶନରେଟ ପୋଲିସ ପକ୍ଷରୁ ଆଉଏକ ପଦକ୍ଷେପ ନିଆଯାଇଛି। ବସ୍ତି ପିଲାଙ୍କୁ ବହି ପଢିବା ପ୍ରତି ଉତ୍ସାହିତ କରାଇବା ସହ ଶିଶୁଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରରେ 'ବସ୍ତି ପାଠାଗାର' ଖୋଲାଯାଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଇଷାଣେଶ୍ୱର ବସ୍ତିଠାରେ 'ବସ୍ତି ପାଠାଗାର'କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପାଠାଗାରରେ ବିଭିନ୍ନ ଗପ ଓ ଗୀତ ବହି, କମିକ୍ସ, ବିଶିଷ୍ଟ ଲେଖକ ଲେଖିକାଙ୍କ ଦ୍ୱାରା ଲିଖିତ ବହି ଆଦି ସ୍ଥାନ ପାଇଛି। ଆଗାମୀ ଦିନରେ ଏହି ପାଠାଗାରରେ ଅଧିକରୁ ଅଧିକ ବହି ରଖାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଭୁବନେଶର ଡିସିପି ପ୍ରତୀକ ସିଂହ, ବକୁଳ ଫାଉଣ୍ଡେଶନର ସଂସ୍ଥାପକ ସୁଜିତ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ସ୍ଥାନୀୟ ବସ୍ତିର କୁନିକୁନି ପିଲାମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, 'ବସ୍ତିକୁ ଚାଲ ଅଭିଯାନ' କ୍ରମରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ନେଇ ଅନେକ ସମୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବସ୍ତି ପିଲାମାନଙ୍କୁ ନେଇ ନାଚ, ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଉଛି। ଏହାସହ ପିଲାଙ୍କ ଉଜ୍ଜଳ ଭବିଷ୍ୟତ ତଥା ଶିକ୍ଷା କ୍ଷେତ୍ରରେ ପଥ ସୁଗମ କରିବା ନିମନ୍ତେ ସେମାନଙ୍କୁ ନିୟମିତ ଭାବେ ବିଭିନ୍ନ ପାଠାଗାର ଓ ପଠାଣି ସାମନ୍ତ ଅଡିଟୋରିୟମ ଭଳି ଶିକ୍ଷା କୈନ୍ଦ୍ରିକ ସ୍ଥାନ ଆଦି ପରିଦର୍ଶନ କରାଯାଉଛି।

# କେନ୍ଦ୍ର ସରକାର ୯ବର୍ଷ ଧରି ଘୃଣା, ହିଂସା ପ୍ରସାର କରିଛନ୍ତି

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)


ସମ୍ମିଳନୀରେ ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ବିଜୟ ମହାଜନ ଓ ଅନ୍ୟ ଅତିଥିମାନେ।

### ଓଡ଼ିଶାରେ ଭାରତ ଯୋଡ଼ୋ ଅଭିଯାନ ସମ୍ମିଳନୀ

- ଗଠିତ ହେଲା ରାଜ୍ୟ କମିଟି
- ଅକ୍ଟୋବରରେ ରାଜ୍ୟସ୍ତରୀୟ ସମ୍ମିଳନୀ

ଜନ ଆନ୍ଦୋଳନ କର୍ମୀ ତଥା ସାମାଜିକ କର୍ମୀଙ୍କୁ ନେଇ ଯୋଗେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତ ଯୋଡୋ ଅଭିଯାନର ରାଜ୍ୟ ସମ୍ମିଳନୀ ଗୁରୁବାର ଲୋହିଆ ଏକାଡେମୀ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ବିଜୟ ମହାଜନ କହିଲେ, ବିଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଘୃଣା ଓ ହିଂସା ପ୍ରସାର କରିବା ବ୍ୟତୀତ ଲୋକଙ୍କ ମଙ୍ଗଳ କାର୍ଯ୍ୟ କରିବା ଦେଖାଯାଇ ନାହିଁ। ମଣିପୁରଠାରୁ ଆରମ୍ଭ କରି ହରିୟାଣା ଯାଏ ଯୋଜନାବଦ୍ଧ ଭାବରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରାଯାଉଛି। ଭାରତର ମୂଳ ଆତ୍ମାକୁ ବଞ୍ଚାଇବା ତଥା ଭାରତକୁ ଯୋଡି ରଖିବା ପ୍ରତିଟି ଭାରତୀୟଙ୍କ କର୍ତ୍ତବ୍ୟ। ଭାରତର ଧର୍ମ ନିରପେକ୍ଷତା ବ୍ୟବସ୍ଥାକୁ ବଞ୍ଚାଇ ରଖି ବେରୋଜଗାରି ଓ ଦରଦାମ ବୃଦ୍ଧି ବିରୋଧରେ ଓଡ଼ିଶାର ସାଧାରଣ ଜନତାଙ୍କୁ ସଂଗଠିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଓଡ଼ିଶାର ପ୍ରତିଟି ନିର୍ବାଚନମଣ୍ଡଳୀରେ କାର୍ଯ୍ୟକୁ ସଙ୍ଗଠିତ କରାଯିବ ବୋଲି ମହାଜନ ମତ ରଖିଥିଲେ। ଏଥିସହ କେନ୍ଦ୍ର ସରକାର ଦେଶରେ ହିନ୍ଦୁରାଷ୍ଟ୍ର ପ୍ରତିଷ୍ଠା ଆଳରେ ଏକଛତ୍ରବାଦ ସ୍ଥାପନ ଓ ଜାତୀୟ ପତାକା, ଜାତୀୟ ସଙ୍ଗୀତ, ସମ୍ବିଧାନକୁ ବଦଳାଇ ଦେଶର ମୂଳଭିତ୍ତିକୁ ଧ୍ୱଂସ କରିଦେବା ପାଇଁ ଷଡଯନ୍ତ୍ର ଚଳାଇଛି। ଏଥିସହ ଓଡିଶା ସରକାର ଅନ୍ଧ ଭାବେ ଏହାକୁ ସମର୍ଥନ କରି ଏଥିରେ ଭାଗୀଦାରି ହେଉଥିବାବେଳେ ଏହା ବିରୋଧରେ ଓଡିଶାବାସୀଙ୍କୁ ଅବଗତ କରାଯିବ ବୋଲି ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବି ଦାସ, ବାଘାମ୍ବର ପଟ୍ଟନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏଥିସହ ଅକ୍ଟୋବର୧୧ ଜୟପ୍ରକାଶ ଜୟନ୍ତୀରେ ୧୦ ହଜାର ଲୋକଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଅଭିଯାନର ରାଜ୍ୟ କମିଟି ଗଠନ କରାଯାଇ ଜୟନ୍ତ କୁମାର ଦାସ, ସୁଧାଂଶୁ ଶେଖର ଦେଓ, ମାନସ ପଟ୍ଟନାୟକ, ଅଜୟ କୁମାର ପତି, ସଂଗ୍ରାମ କିଶୋର ମାଝୀ, ପ୍ରମେଶ ମହାନ୍ତି, ଦେବପ୍ରସାଦ ରାଉତ, ସୁଦର୍ଶନ ଛୋଟରାୟ, ସଙ୍ଘମିତ୍ରା ଜେନା, ପ୍ରଦ୍ୟୁମ୍ନ ନାଏକ, ନମିତା ମଞ୍ଜରୀ ସାହୁ, ଶ୍ରୀଚରଣ ବେହେରା, ଦୁର୍ଗାଚରଣ ବାରିକ, ଦେବାଶିଷ ସେଠୀ, ରାବେୟା ବେଗମ, ପଦ୍ମଲୋଚନ ମହାପାତ୍ରଙ୍କୁ ସଂଯୋଜନା ସମିତିରେ ଗ୍ରହଣ କରାଯାଇଥିଲା।

## ସଂକ୍ଷେପରେ

### ଘର ଗ୍ରୀଲ୍ ଭାଙ୍ଗି ଟଙ୍କା, ସୁନା ଚୋରି

ସାଲେପୁର, ୧୦।୮ (ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମରେ ଗୁରୁବାର ଦିନ ଦ୍ୱିପ୍ରହରରେ ଚୋରି ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଗ୍ରାମର ଶରତ କୁମାର ଦ୍ୱିବେଦୀଙ୍କ ଉପର ଘର ଗ୍ରୀଲ୍ ଭାଙ୍ଗି ଘରେ ଥିବା ଗଡ୍‌ରେଜ୍‌ରୁ ୨୦ ହଜାର ଟଙ୍କା ଓ ସୁନାରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶରତ ଓ ତାଙ୍କ ସ୍ତ୍ରୀ ଘରେ ରହୁ ନ ଥିବାବେଳେ ତାଙ୍କ ତଳ ଘର ଭଡ଼ା ଦିଆଯାଇଥିଲା। ଭଡ଼ାରେ ରହୁଥିବା ପରିବାର ନ ଥିବାର ସୁଯୋଗ ନେଇ ଅପରାହ୍ନ ପ୍ରାୟ ୧ଟା୩୦ରେ କେହି ଦୁର୍ବୃତ୍ତ ଘରର ଗ୍ରୀଲ୍ ଭାଙ୍ଗି ଚୋରି କରିଥିଲେ। ଭଡ଼ାରେ ରହୁଥିବା ପରିବାର ଫେରି ଏକଥା ଜାଣିବା ପରେ ସାଲେପୁର ପୋଲିସ ଓ ଘର ମାଲିକଙ୍କ ଜ୍ୱାଇଁଙ୍କୁ ଖବର ଦେଇଥିଲେ। ଏନେଇ ଘର ମାଲିକଙ୍କ ଜ୍ୱାଇଁ ଶମ୍ଭୁପୁର ଗ୍ରାମର ଜ୍ଞାନରଞ୍ଜନ ତ୍ରିପାଠୀ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ସାମାଜିକ କର୍ମୀ ସତ୍ୟନାରାୟଣଙ୍କ ପରଲୋକ

ମାହାଙ୍ଗା, ୧୦।୮ (ଯଯାତି ସିଂହ) ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଅନ୍ତର୍ଗତ କୁଣ୍ଡି ଗ୍ରାମର ସତ୍ୟନାରାୟଣ ମହାପାତ୍ର (୫୫)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମେଳାପୀ ଓ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ମାନସ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ରୂପାକର ସ୍ୱାଇଁ, ଅକ୍ଷୟ କୁମାର ଗୁରୁ, ଜୟନ୍ତ ବିଶ୍ୱାଳ, ସେକ ଲତିଫର ରହେମନ,ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ପ୍ରଶାନ୍ତ ପଟ୍ଟନାୟକ,ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି,ସେକ ଲାଲା, ମିହିର ପାତ୍ର , ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ,ଦୀପକ ସାହୁ, ରମେଶ ଚନ୍ଦ୍ର ସାହୁ, ଅଶୋକ ଦାଶ, ପ୍ରକାଶ ନାୟକ, ଅମିୟ ନାୟକ, ତାପସ ବିଶ୍ୱାଳ, ଶରତ ରାଉତ, ଗୋପାଳକୃଷ୍ଣ ମହାନ୍ତି, ରିଆଜୁଲ ହୋଦା,ଅନନ୍ତ ଚରଣ ବାଗ, ନରେନ୍ଦ୍ର ରାଉତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି ।

### ରେଭେନ୍‌ଶାରେ ଆଲୋଚନଚକ୍ର ବିକାଶଧାରାର ପୁନଃ ସମୀକ୍ଷା ଆବଶ୍ୟକ

କଟକ, ୧୦।୮ (ସୁପ୍ରିୟା ପ୍ରିୟଦର୍ଶିନୀ) ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ବିନାଶକାରୀ ବିକାଶ ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକାସ୍ଥିତ ୟେଲ ବିଶ୍ୱବିଦ୍ୟାଳୟର ଗବେଷିକା ଐଶ୍ୱରୀୟା କାଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଏବେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ଦୃଷ୍ଟିରେ ରଖି ବିକାଶ ଧାରାକୁ ପୁନଃ ସମୀକ୍ଷା କରିବା ଆବଶ୍ୟକ। ବିକାଶ ଏବଂ ପରିବେଶ ଦୁଇଟି ବିପରୀତ ମୁଖି ଧାରା। ପ୍ରାକୃତିକ ସମ୍ପଦର ବିନାଶ, ପରିବେଶ ପ୍ରଦୂଷଣ ଏବଂ ପରିବେଶ ସନ୍ତୁଳନର ଅବକ୍ଷୟ ପାଇଁ ଆଜି ମୂଲ୍ୟବୋଧ ବିହୀନ ବିକାଶ ହିଁ ଦାୟୀ ବୋଲି ସେ କହିଥିଲେ। ଏଥିରେ ସମାଜ ଶାସ୍ତ୍ରର ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଓ ଆଲୋଚନାଚକ୍ରର ଆବାହକ ଜେମ୍‌ସ କିଣ୍ଡୋ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ମନୋସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ଦାସ, ଡ. ଈଶ୍ୱର ଚନ୍ଦ୍ର ନାୟକ, ଡ. ଜ୍ଞାନରଞ୍ଜନ ପୃଷ୍ଟି, ଡ. ରୋଷିନା ୟୁସୁଫି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଇଜ୍ୟୋତି ଜେନା, ରୋହିତ କୁମାର ଦାସଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କୁ ତାଲା ପକାଇଲେ ଗ୍ରାମବାସୀ

ତିଗିରିଆ, ୧୦।୮ (ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତସ୍ଥିତ ବନମାଳୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁରୁବାର ମଦ୍ୟପାନ କରି ଛାତ୍ରୀଛାତ୍ରଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଭୟଭିତ କରାଇଛନ୍ତି। ଏକଥା ଗ୍ରାମବାସୀ ଜାଣିବା ପରେ ବିଦ୍ୟାଳୟରେ ତାଙ୍କୁ ତାଲା ପକାଇ ଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ଅନ୍ୟ ଜନସାଧାରଣଙ୍କ ବୁଝାଶୁଝା ପରେ ଘଟଣାର ସମାଧାନ ହୋଇଥିବା ଜଣାପଡିଛି।

ସୂଚନା ମୁତାବକ, ବନମାଳୀପୁର ପ୍ରାଥମିକ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିବା

**ମଦ ପିଇ ଗାଳିଗୁଲଜ କରୁଥିବା ଅଭିଯୋଗ**



ବିଶ୍ୱଭୂଷଣ ସାମନ୍ତରାୟ ଗୁରୁବାର ବିଦ୍ୟାଳୟକୁ ମଦ୍ୟପାନ କରି ଆସିଥିଲେ। ମଦ ନିଶାରେ ବିଦ୍ୟାଳୟ ପରିସରରେ ଖସି ପଡ଼ିଥିଲେ। ପରେ ଶିକ୍ଷାର୍ଥୀଙ୍କୁ ଖରାପ ବ୍ୟବହାର କରିବା ସହିତ ଗାଳିଗୁଲଜ କରି ଭୟଭୀତ କରିଥିଲେ। ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କଠାରୁ ସୂଚନା ପାଇ ସ୍ଥାନୀୟ ଜନସାଧାରଣ ବିଦ୍ୟାଳୟ ପରିସରକୁ ଆସି ପ୍ରଧାନଶିକ୍ଷକ ମଦ ନିଶାରେ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ।

କୁନିକୁନି ପିଲା ପଢୁଥିବା ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଏପରି ମାତାଲ ଅବସ୍ଥା ଦେଖି ଜନସାଧାରଣ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପରେ ଏହାକୁ ନେଇ ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାସହ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟର ଅଫିସରେ ଉତ୍ତ୍ୟକ୍ତ ଜନସାଧାରଣ ଓ ଅଭିଭାବକ ତାଲା ପକାଇ ଦେଇଥିଲେ। ସ୍ଥାନୀୟ ଜନ ପ୍ରତିନିଧି ପହଞ୍ଚି ଘଟଣାର ସମାଧାନ କରିବା ସହ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଜନସାଧାରଣଙ୍କ କବଳରୁ ରକ୍ଷା କରିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତାଙ୍କୁ ପଚାରିବାରୁ ସେ କହିଛନ୍ତି, ସାମନ୍ତରାୟଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ ସହ ପ୍ରଧାନଶିକ୍ଷକ ପଦବୀରୁ ହଟାଇ ଦିଆଯାଇଛି। ଶୁକ୍ରବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ କୁଆଡ଼େ ଆଇଆଇସି ଅଛନ୍ତି। ତେଣୁ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ସେ ମଦ ନିଶାରେ କହୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସେ ମଦ ନିଶାରେ ନିଜର ଶାର୍ଟ ଖୋଲି ବୁଲୁଥିଲେ।

# କୃମିନାଶକ ବଟିକା ଖାଇ ୭ ଛାତ୍ରୀଛାତ୍ର ଅସୁସ୍ଥ



ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଛାତ୍ରୀମାନେ ।

ମାହାଙ୍ଗା, ୧୦।୮ (ଯଯାତି ସିଂହ) ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ପଞ୍ଚାୟତସ୍ଥିତ ନନ୍ଦକିଶୋର ବିଦ୍ୟା ମନ୍ଦିର ହାଇସ୍କୁଲରେ କୃମିନାଶକ ବଟିକା ଖାଇ ଗୁରୁବାର ସପ୍ତମ ଶ୍ରେଣୀର ୭ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ପ୍ରଦୀପ୍ତ କୁମାର ମହାନ୍ତି, ରୋହିତ ବେହେରା, ସନ୍ଧ୍ୟାରାଣୀ ଦାସ, ବିଶ୍ୱଜିତ ପାତ୍ର, ସ୍ୱାତୀରେଖା ପରମାଣିକ,ପୁଷ୍ପଲତା ବେହେରା, ସ୍ନିଗ୍ଧାରାଣୀ ସାହୁ। ସେମାନଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମାହାଙ୍ଗା ବ୍ଲକର ସମସ୍ତ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୃମିନାଶକ ବଟିକା ଦିଆଯାଇଥିଲା। କୁସୁପୁର ହାଇସ୍କୁଲର ମଧ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ଦିଆଯାଇଥିଲା । ଏହି ବଟିକା ଖାଇବା ପରେ ଉପରୋକ୍ତ ଛାତ୍ରୀଛାତ୍ରମାନେ ଅସୁସ୍ଥ ହୋଇ ପଡ଼ିଥିବା ସୂଚନା ମିଳିଛି।



କଟକ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ ପାଳନ ଅବସରରେ ପରିବେଷିତ ଓଡ଼ିଶୀ ନୃତ୍ୟ।

### ଶିଳ୍ପ ସଚେତନତା ଶିବିର

ବାଙ୍କୀ, ୧୦।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ବ୍ଲକ ଅନ୍ତର୍ଗତ ଖଜୁରୀପଦାସ୍ଥିତ ଅନ୍ୱେଷଣ ଟ୍ରଷ୍ଟ ପରିସରରେ ଏକ ଶିଳ୍ପ ସଚେତନତା ଓ ସ୍ୱକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଶିଳ୍ପ କେନ୍ଦ୍ର ଓ ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ର ତରଫରୁ ଆୟୋଜିତ ଏହି ଶିବିରକୁ ଜିଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ଦାଶ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବ୍ଲକ ଶିଳ୍ପ ଅଧିକାରୀ ସତ୍ୟପ୍ରକାଶ ସାହୁ, ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ମୁଖ୍ୟ ଜ୍ୟୋତିରଞ୍ଜନ ବେହେରା, ସାମାଜିକ କର୍ମୀ ରାଜକିଶୋର ରାୟ, ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରଶିକ୍ଷକ ନିହାର ରଞ୍ଜନ ଓଝା , ମାନସ କୁମାର ମାନସିଂହ, ଖବରଦାତା ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ପ୍ରଧାନମନ୍ତ୍ରୀ ସ୍ୱଜନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନ କରାଯାଇଥିଲା। ଶେଷରେ ପ୍ରଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମା'ପୁଅଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି, ୧୦।୮ (ଅଶୋକ କୁମାର ମହାପାତ୍ର) କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ସହଦେବପୁର ଗ୍ରାମରେ ଜଣେ ଯୁବକ ଓ ତାଙ୍କ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ନେମାଳ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବନ୍ଧକାଟିଆ ପଞ୍ଚାୟତ ମନ୍ତ୍ରରାମଠ(ସହଦେବପୁର) ପ୍ରସିଦ୍ଧ ଶ୍ରୀ ବଳଦେବ ଜୀଉ ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ରହିଛି। ପ୍ରତିବର୍ଷ ଦଶହରା ଓ ରଥଯାତ୍ରା ପାଇଁ ଏହି ମନ୍ଦିରକୁ ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ଏହି ଅନୁଦାନର ଦୁରୁପଯୋଗ କରାଯାଉଥିବାର ଅଭିଯୋଗ ହୋଇଛି। କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି ଅର୍ଥକୁ ଦୂରୁପଯୋଗ କରିଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ତଥ୍ୟ ଜାଣିବା ନିମନ୍ତେ ମନ୍ଦିରର ମହନ୍ତ ତଥା ସ୍ଥାନୀୟ ଗ୍ରାମର ବିଚିତ୍ରାନନ୍ଦ ଦାଶଙ୍କ ପୁଅ ଅଶୋକ କୁମାର ଦାଶ ନିକଟରେ ରାଜ୍ୟ ଦେବୋତ୍ତର ବିଭାଗକୁ ସୂଚନା ଅଧିକାରରେ ତଥ୍ୟ ମାଗିଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ସ୍ଥାନୀୟ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ଅଶୋକଙ୍କୁ ଘର ନିକଟସ୍ଥ ନାଳବନ୍ଧ ଉପରେ ଗାଡ଼ି ଉପରେ ବସିଥିବା ବେଳ ଅତର୍କିତ ଆକ୍ରମଣ କରିଥିଲେ । ଅଶୋକଙ୍କ ଚିତ୍କାର ଶୁଣି ତାଙ୍କ ମାଆ ଘଟଣାସ୍ଥଳକୁ ଦୌଡି ଆସି ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ମୁଣ୍ଡକୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା । ମାଆ ପୁଅଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ମାଆ ଶୈଳବାଳା ଓ ପୁଅ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଅଶୋକଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏସମ୍ପର୍କରେ ଶୈଳବାଳା ନେମାଳ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ନେମାଳ ଥାନାରେ ଏକ ମାମଲା(ନଂ.୧୨୭/୨୩) ରୁଜୁ ହୋଇଛି। ଏହି ରିପୋର୍ଟ ପ୍ରସ୍ତୁତ ବେଳକୁ ପୋଲିସ କାହାରିକୁ ଗିରଫ କରିନାହିଁ।

# ଅଗଷ୍ଟ କ୍ରାନ୍ତି ଭାରତୀୟଙ୍କ ହୃଦୟରେ ଉନ୍ମାଦନା ସୃଷ୍ଟି କରେ

ଆଠଗଡ଼, ୧୦।୮ (ସତ୍ୟ ପ୍ରସାଦ ରଥ) : ଭାରତୀୟ ସ୍ୱାଧୀନତା ସଂଗ୍ରାମ ଭାରତ ଛାଡ ଆନ୍ଦୋଳନର ବୈପ୍ଳବିକ ବାର୍ତ୍ତା ବହନ କରୁଥିବା ଅଗଷ୍ଟ କ୍ରାନ୍ତି ଦିବସ, ଗାନ୍ଧୀ ଦର୍ଶନ ଓ ତ୍ରିରଙ୍ଗା ପତାକା ସ୍ୱାଧୀନ ଭାରତୀୟଙ୍କ ହୃଦୟର ସ୍ପନ୍ଦନ। ଏହା ମନରେ ଉନ୍ମାଦନା ସୃଷ୍ଟି କରେ ବୋଲି ବୁଧବାର ସନ୍ଧ୍ୟାରେ ଆଠଗଡ ପୁରୁଣା ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀ ବଜାର ମଣ୍ଡପରେ ଆଠଗଡ ବିଜୁ ଯୁବ-ଛାତ୍ର ଦଳ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଭାଗନେଇ କୃଷି, କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ଆଠଗଡ ବ୍ଲକ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଅଗଷ୍ଟ ୯ କାନ୍ତି ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ସହରର ବିଭିନ୍ନ ସ୍ଥାନରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଆଠଗଡ଼ ସହର ଛାତ୍ର ବିଜେଡି ସଭାପତି ମହମ୍ମଦ ଖଲିଦଙ୍କ ନେତୃତ୍ୱରେ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଛାତ୍ର ବିଜେଡି ପକ୍ଷରୁ ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ରଥଗଡା ଛକରୁ ବାହାରି ସହର ପରିକ୍ରମା କରିଥିଲା। ସନ୍ଧ୍ୟାରେ ଆଠଗଡ ଏନ୍‌ଏସି ଯୁବ ବିଜେଡି ସଭାପତି ଶିବ ଶଙ୍କର ଜେନାଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ଅଧ୍ୟାପକ ରଞ୍ଜନ ମହାପାତ୍ର , ଶିକ୍ଷାବିତ ଶ୍ରୁତିଧର ପ୍ରଧାନ, ଶିଶିର ପ୍ରସାଦ ମାନସିଂହ, ତିଗିରିଆ ବ୍ଲକ ଛାତ୍ର ବିଜେଡି ସଭାପତି ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଆଠଗଡ ଏନଏସି ଛାତ୍ର ବିଜେଡି ସଭାପତି ଖାଲିଦ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।





ଅଗଷ୍ଟ କ୍ରାନ୍ତି ଦିବସ ଉପଲକ୍ଷେ ବାହାରିଥିବା ମଶାଲ ଶୋଭାଯାତ୍ରା ।

### ଗାଡ଼ି ଧକ୍କାରେ ବୃଦ୍ଧଙ୍କ ପରଲୋକ

ମାହାଙ୍ଗା, ୧୦।୮ (ଯଯାତି ସିଂହ) ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ହଂସଦିଆ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ଏକ ଗାଡି ଧକ୍କାରେ ପରଲୋକ ଘଟିଛି। କାର୍ତ୍ତିକ ଏକ ସ୍କୁଟି ଯୋଗେ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଉଥିବା ସମୟରେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପଦ୍ମିନୀ କେୟାର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଗ୍ରାମ ଶ୍ମଶାନରେ କାର୍ତ୍ତିକଙ୍କ ମୃତଦେହ ଦାହ କରାଯାଇଥିବାବେଳେ ନାତି ପ୍ରଣବ ମୁଖାଗ୍ନି ଦେଇଥିଲେ। କାର୍ତ୍ତିକ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଭାବେ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# କିଡ୍‌ନୀ ଆକ୍ରାନ୍ତଙ୍କୁ ଆର୍ଥିକ ସହାୟତା

ସାଲେପୁର, ୧୦।୮ (ଅରବିନ୍ଦ ଭୂୟାଁ) ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଦେଉଳି ଗ୍ରାମ ନିବାସୀ ସେକ୍ ଅକ୍ତାରଙ୍କ ପୁତ୍ର ସେକ୍ ଅସଲମ୍(୧୮) ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ୨ଟି କିଡ୍‌ନୀ ଖରାପ ହୋଇଯାଇଛି। ଏହି ଗରିବ ପରିବାରର କିଡ୍‌ନୀ ପ୍ରତିରୋପଣ ପାଇଁ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ହେଉଥିବାବେଳେ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ଆର୍ଥିକ ସହାୟତା ଦିଆଯାଇନାହିଁ। ଏଭଳି ପରିସ୍ଥିତିରେ କେନ୍ଦ୍ରାପଡ଼ା ଋଣ ସମବାୟ ସମିତି ସାଲେପୁର ଶାଖା ପକ୍ଷରୁ ଅସଲମ୍‌ଙ୍କ ପରିବାରକୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ସଭାପତି ପ୍ରମୋଦ ସାହୁ ଦେଉଳି ଗ୍ରାମରେ ପହଞ୍ଚି ଏହି ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡ଼ା ଋଣ ସମବାୟ ସମିତିର ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ, ସାଲେପୁର ଶାଖା ପରିଚାଳକ ଦେବାଶିଷ ସାହୁ, ଚିନ୍ମୟ ସେନାପତି, ମହମ୍ମଦ ଜଲାଲ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରାପଡ଼ା ଋଣ ସମବାୟ ସମିତି ପକ୍ଷରୁ ସେକ୍ ଅସଲମଙ୍କୁ ସହାୟତା ରାଶି ଦିଆଯାଉଛି ।

# ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ପାଳନ ପାଇଁ ଚେତାବନୀ

**ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଟେଣ୍ଡର ଆଲର୍ଟ ପ୍ରସଙ୍ଗ**
- କମିଶନରଙ୍କୁ ଭେଟିଲେ ବିରୋଧୀ କର୍ପୋରେଟର

କଟକ, ୧୦।୮ (ସୁପ୍ରିୟା ପ୍ରିୟଦର୍ଶିନୀ) କଟକ ମହାନଗର ନିଗମ (ସିଏମ୍‌ସି)ରେ ସ୍ୱାମୀ କର୍ମଚାରୀ ଥିବାବେଳେ ସ୍ତ୍ରୀଙ୍କ ନାଁରେ ଥିବା ଏଜେନ୍ସିକୁ ଲକ୍ଷାଧିକ ଟଙ୍କାର ଟେଣ୍ଡର ଆର୍ଲଟ ହେଉଛି। ଏହାକୁ ନେଇ ସିଏମ୍‌ସିର ଗତ ଦୁଇଟି କାଉନ୍‌ସିଲ ବୈଠକରେ ତମ୍ବିତୋଫାନ ଦେଖିବାକୁ ମିଳିଥିଲା। ବିରୋଧୀ କର୍ପୋରେଟରମାନେ ଧାରଣାରେ ବସିଥିଲେ। ଏପରି କି ଗୃହ ମୁଲତବୀ ମଧ୍ୟ ହୋଇଥିଲା। ଏଥିପାଇଁ ସିଏମ୍‌ସି ପକ୍ଷରୁ କୁହାଯାଇଥିଲା କି ୭ ଦିନ ମଧ୍ୟରେ ଏହି ଦିଗରେ ପଦକ୍ଷେପ ନିଆଯିବ। ହେଲେ ଇତିମଧ୍ୟରେ ୭ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ଗୁରୁବାର ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କୁ ଭେଟି ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏଦିଗରେ ପଦକ୍ଷପ ନେବାକୁ ଦାବି ସେମାନେ ଦାବି କରିଥିଲେ।

ଏ ସମ୍ପର୍କରେ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି, ଦୁଇ ଥର କାଉନ୍‌ସିଲ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲେ ମଧ୍ୟ ସିଏମ୍‌ସି ପଦକ୍ଷେପ ନେଉନାହିଁ। ଏବେ ଯଦି ଏ ଦିଗରେ ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ କାଉନ୍‌ସିଲ ବୈଠକକୁ ଅଚଳ କରାଯିବା ସହ ସ୍ୱାୟତ ଶାସନ ଦିବସକୁ କଳା ଦିବସ ଭାବେ ପାଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଭାଜପା କର୍ପୋରେଟର ଗଗନ ଓଝା କହିଛନ୍ତି, ଏହି ପ୍ରସଙ୍ଗରେ ସିଏମ୍‌ସିର ନୀରବତା ଅନ୍ୟକିଛି ଦିଗ ସୂଚାଉଛି। ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆ ନ ଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି କମିଶନରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆନ୍ତଃ ବିଦ୍ୟାଳୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

## ଡିପିଏସ୍ କଳିଙ୍ଗ ପ୍ରଥମ





ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡିପିଏସ୍ କଳିଙ୍ଗର ଛାତ୍ରୀଛାତ୍ର ।

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ) ବକ୍ସିଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଆନ୍ତଃ ବିଦ୍ୟାଳୟ ଦଳଗତ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୧୫ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ଦିଲ୍ଲୀ ପବ୍ଲିକ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଓ ବିଜେଇଏମ୍ ସ୍କୁଲ ଦ୍ୱିତୀୟ ଏବଂ ପୋଖରିପୁଟ ଡିଏଭି ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଶାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି। ପ୍ରତିଯୋଗିତାରେ ବିଚାରକ ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓଡ଼ିଶୀ ଭୋକାଲ୍ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପି. କେ. ଦାସ ଏବଂ ହିନ୍ଦୁସ୍ଥାନୀ ଭୋକାଲ୍ ସଙ୍ଗୀତ ବିଷାରଦ ଚନ୍ଦନ କୁମାର ଜେନା ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର ଯୋଗଦେଇ ପିଲାଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବନା ଜାଗ୍ରତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ପରିଚାଳକ ପ୍ରତାପ କୁମାର ଜେନା ପିଲାଙ୍କ ଆନୁଷଙ୍ଗିକ ଗୁଣର ବିକାଶ ନିମନ୍ତେ ତଥା ଜାତୀୟତାବୋଧରେ ଉଦ୍‌ବୋଧିତ ହେବାକୁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟ ଉପାଧକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ଶିବାନୀ ପଟ୍ଟନାୟକ, ସ୍ମିତା ମହାନ୍ତି, ସୁଚରିତା ଦାସ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

# ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ

**ଆସିଷ୍ଟାଣ୍ଟ ଡିଭିଜନାଲ ରେଳବାଇ ଯନ୍ତ୍ରୀଙ୍କୁ ଭେଟିଲେ ମୋକିମ**

କଟକ, ୧୦।୮ (ସୁପ୍ରିୟା ପ୍ରିୟଦର୍ଶିନୀ) ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଆସିଷ୍ଟାଣ୍ଟ ଡିଭିଜିନାଲ ରେଲୱେ ଯନ୍ତ୍ରୀ-୧ଙ୍କୁ ଭେଟିଛନ୍ତି। ସେଠାରେ ଶିଖରପୁର, ଯୋବ୍ରା, ଷ୍ଟେଶନ ବଜାର ଓ କଲେଜ ଛକ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସାମାନ୍ୟ ବର୍ଷା ହେଲେ ଶିଖରପୁର ରେଲୱେ ଗଳା ପୋଲ ଜଳମଗ୍ନ ହୋଇଯାଉଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଦୀର୍ଘଦିନ ଧରି ସେଠାରେ ପାରି ଜମି ରହୁଛି। ଫଳରେ ରେଳବାଇ ସେଟେଲମେଣ୍ଟ ବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ବିପଦସଙ୍କୁଳ ଭାବେ ରେଳଧାରଣା ପାର ହୋଇଯାଉଛନ୍ତି। ଶିଖରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଯୋବ୍ରା ସମ୍ପକୁ ଯାଇଥିବା ନାଳ ରେଲୱେ ଜାଗାରେ ହୋଇଥିବାରୁ କଟକ ମହାନଗର ନିଗମ କୌଣସି ହସ୍ତକ୍ଷେପ କରୁନାହିଁ। ଫଳରେ ଏହି ନାଳରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ। ଏହାଦ୍ୱାରା ଶିଖରପୁର ଉପର ସାହି, କୋରପୋଖରୀ, ସୁଷମା ଭବନ ଏବଂ ରେଲୱେ ଗୁଡସେଡ଼ ଅଞ୍ଚଳ ପ୍ରଭାବିତ ହେଉଥିବା ନେଇ ବିଧାୟକ ମୋକିମ ଆସିଷ୍ଟାଣ୍ଟ ଡିଭିଜିନାଲ ରେଲୱେ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଦାବିଗୁଡିକ ଉପରେ ପଦକ୍ଷେପ ନିଆଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ସନ୍ତୋଷ ଭୋଳ, ବଟକୃଷ୍ଣ ସାହୁ, ଶୁଭାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଲିଜାରାଣୀ ରାଉତ, ଶିଖରପୁର ଉପରସାହି ଅଧିକାରୀ ଗଣେଶ ଚନ୍ଦ୍ର ରାଉତ, ବରିଷ୍ଠ କଂଗ୍ରେସ ନେତା ଅଶ୍ୱିନୀ ମହାରଣା ଓ ପ୍ରତାପ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ସ୍ୱାବଲମ୍ବୀ କ୍ଷେତ୍ରରେ ବିଡିଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୧୦।୮(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାର ସଫଳ ରୂପାୟନ ଓ ମହିଳାଙ୍କୁ ଆଗକୁ ନେବାରେ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋପ ବ୍ଲକ ବୈଠକ ଗୃହରେ ମହିଳାଙ୍କ ଏକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଯୋଗଦେଇ ଏହା କହିଥିଲେ। ଗ୍ରାମାଞ୍ଚଳରେ ରହିଥିବା ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହେବା ପରେ ବ୍ଲକ ଜୀବିକା ମିଶନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଛି ବୋଲି କହିଥିଲେ। ବିଡିଓ ଦାସଙ୍କୁ ଗୋପ ବ୍ଲକ ମହିଳା ମହାସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ଚିନ୍ମୟ କୋଠାରୀ, ରୁବିଲତା ଓଝା, ମଞ୍ଜୁଲତା ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### କାକଟପୁର ସ୍ୱର୍ଣ୍ଣକାର ସଂଘର ସଂହତି ଦିବସ ପାଳିତ

କାକଟପୁର,୧୦।୮(ଶୁଭଦର୍ଶନ ମିଶ୍ର)

କାକଟପୁର ଥାନା ସ୍ୱର୍ଣ୍ଣକାର ସଂଘର ସଂହତି ଦିବସ କୁଣ୍ଢେଇହାଟସ୍ଥିତ ମା' କୁଣ୍ଢେଇସୁଣୀ ପୀଠରେ ପାଳିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ଶ୍ରୀଧର ସାହୁଙ୍କ ଅନୁରୋଧକ୍ରମେ ପୂର୍ବତନ ସଭାପତି ନିତ୍ୟାନନ୍ଦ ସାହୁ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ, ସ୍ୱର୍ଣ୍ଣକାର ସଙ୍ଘର ସଂହତି ଦିବସ ଉପରେ ବକ୍ତବ୍ୟ ଦେବା ସହ ସ୍ୱର୍ଣ୍ଣକାର କାରିଗରମାନଙ୍କର ବର୍ତ୍ତମାନର ସାମ୍ପ୍ରତିକ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ କଲ୍ୟାଣ କୁମାର ସାହୁ, ଗଗନ ବିହାରୀ ସାହୁ, ଅଜିତ ସାହୁ, ସଞ୍ଜୟ ସାହୁ, ଲିଙ୍ଗରାଜ ସାହୁ, ବାଞ୍ଛାନିଧି ସାହୁ, ଚିତ୍ତରଞ୍ଜନ ସାହୁ, ପଦ୍ମଚରଣ ସାହୁ ପ୍ରମୁଖ ଶତାଧିକ ସ୍ୱର୍ଣ୍ଣକାର କାରିଗମାନେ ଯୋଗଦେଇ ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ସଭାପତି ଶ୍ରୀଧର ସାହୁ ଧନ୍ୟବାଦ ଦେବା ପରେ ବୈଠକ ଶେଷ ହୋଇଥିଲା।

### ମଙ୍ଗଳାଙ୍କ ଶ୍ରୀମୁଖ ଶୃଙ୍ଗାର ଅବସରରେ ଯଜ୍ଞ

ପୁରୀ,୧୦।୮(ଅଜିତ ମହାନ୍ତି)

ପୁରୀସ୍ଥିତ ସେନାପତି ବଗିଚାର ପ୍ରାଚୀନ ମା'ମଙ୍ଗଳାଙ୍କ ନବନିର୍ମିତ ମନ୍ଦିରରେ ମା'ଙ୍କ ଶ୍ରୀମୁଖ ଶୃଙ୍ଗାର ଅବସରରେ ବୁଧବାର ହୋମ ପୂଜାପାଠ ଆଦି କରାଯାଇଛି। ପଣ୍ଡିତ ଦେବୀପ୍ରସାଦ ତ୍ରିପାଠୀ ମୁଖ୍ୟ ପୁରୋହିତ ଭାବେ ଦେବମନ୍ତ୍ର ଓ ଯଜ୍ଞ ସମ୍ପନ୍ନ କରିଥିଲେ। ମନ୍ଦିର ପୂଜାରୀ ନିରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ସାହି ସଭାପତି ନାରାୟଣ ଜେନା ଓ ତାଙ୍କ ସହଧର୍ମିଣୀ ପ୍ରସାଦିନୀ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସମ୍ପାଦକ ଦମୋଦର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେନାପତି ବଗିଚାର ଅଧିବାସୀ, ଅତିଥି ଏବଂ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ସିଦ୍ଧପୀଠ ପରିସରରେ ଚତୁର୍ଦ୍ଧାବିଗ୍ରହ, ମା' ଲକ୍ଷ୍ମୀ, ସ୍ୱୟମ୍ଭୁ ସିଦ୍ଧବେଲଶ୍ୱର ଖରାଖାଇ, ଏବଂ ପାର୍ଶ୍ୱ ଦେବଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

# ନିଅଣ୍ଟିଆ ବର୍ଷା: ଚିନ୍ତାରେ ଚାଷୀକୁଳ

ସାକ୍ଷୀଗୋପାଳ,୧୦।୮(ଭରତ ରାଉତ)



ଆଷାଢ଼ ସରି ଶ୍ରାବଣ ମାସ ଅଧା ହେଲାଣି। ହେଲେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ଘୋର ବାଧାପ୍ରାପ୍ତ ହୋଇଛି। ମୌସୁମୀ ଦୁର୍ବଳ ହେତୁ ବର୍ଷାର ପରିମାଣ କମ୍ ରହିଛି। ଧାରା ଶ୍ରାବଣରେ ନିଅଣ୍ଟିଆ ବର୍ଷା ଯୋଗୁ ଆଗେଇ ପାରୁନି ଚାଷକାର୍ଯ୍ୟ। ବର୍ଷାର ଆଗମନ ଦେଖି ଚାଷୀ ଧାନ ବିହନ ସଂଗ୍ରହ କରି ତଳି ପକାଇଥିଲା। କିନ୍ତୁ ବର୍ଷା ହୋଇ ନ ଥିବାରୁ ଏବେ ସେ ସବୁ ତଳି ମରିବାକୁ ବସିଲାଣି। ବୁଣା ଯାଇଥିବା ତଳି ବିଲ ମଧ ଫାଟି ଆଁ କଲାଣି। ତେଣୁ ତଳିକୁ ବଞ୍ଚାଇବା ପାଇଁ ଚାଷୀ ଚୁଆ ଓ ଖାଲ ଜମିରୁ ପାଣି ସଂଗ୍ରହ କରି ବିଲରେ ଛିଞ୍ଚୁଛି। ପୁରୀ ଜିଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକରେ ଏବର୍ଷ ଖରିଫ ଚାଷ ହେବକି ନାହିଁ ଚାଷୀ ସନ୍ଦେହରେ, ଏକ ରକମର ମରୁଡି ଅବସ୍ଥାକୁ ଆସିଗଲାଣି। ମୌସୁମୀ ଚାଷୀଙ୍କ ଉପରେ ଦାଉ ସାଧୁଛି। ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି ଜିଲାରେ ୨୭ ପ୍ରତିଶତ କମ୍ ବର୍ଷା। ଆଗାମୀ ୫ ଦିନ ପର୍ଯ୍ୟନ୍ତ ବଡ଼ ଧରଣର ବର୍ଷା ନ ଥିବା ପାଣିପାଗ ବିଭାଗରୁ ସୂଚନା ମିଳିଛି। ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ଅଧିକାରୀଙ୍କର ପାଣି ପାଇଁ କାହାରି ଚିନ୍ତା ନାହିଁ ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଗଡିଆ, ଚୁଆ, ନୟନଜୋରୀରେ ଥିବା ଅଳ୍ପ ପାଣିକୁ ଚାଷୀମାନେ ତଳିକୁ ପାଣି ବୋହି ସୁଖାଇ ସାରିଲେଣି, ତଥାପି ଧାନ ତଳି ବଞ୍ଚାଇ ରଖିବା ବହୁ କଷ୍ଟକର ହୋଇପଡିଛି। ସତ୍ୟବାଦୀ ବ୍ରାଞ୍ଚ କେନାଲରେ ଟୋପାଏ ପାଣି ନାହିଁ। ନରେନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର, ଶୁକଳ, ପେଣ୍ଟପଡା, ଜୟପୁର, ସାଣ୍ଡରା, ଆଳିସ, ନୂଆ ସୋମେଶ୍ୱର ପୁର, ବିଦ୍ୟାଧରପୁର, ମହୁରା ପରଜାପଡା, ରାୟଖଣ୍ଡି, ବଳପୁର, ବଳରାମପୁର ଗଡ଼ ଆଦି ପଞ୍ଚାୟତରେ ହଜାର ହଜାର ଚାଷଜମି ଶୁଖି ମାଟି ଫାଟି ଆଁକଲାଣି। ଯଦି ଦୁଇ ତିନି ଦିନ ମଧରେ ଲଗାଣ ବର୍ଷା ସହିତ କେନାଲରେ ପାଣି ନ ଆସିଲେ ଚଳିତବର୍ଷର ଖରିଫ ଧାନ ଫସଲ ଉଜୁଡି ଯିବ ବୋଲି ଚାଷୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ନବକିଶୋର ମହାପାତ୍ର, ଦେବତିକ୍ତ ମିଶ୍ର, ମହନ୍ତ ବିଶାଳ, ପ୍ରଭାକର ମହାପାତ୍ର, ନବକିଶୋର ନାଲି, ରାମଚନ୍ଦ୍ର ମିଶ୍ର କହିଛନ୍ତି। ଏ ସମ୍ପର୍କରେ ସାକ୍ଷୀଗୋପାଳ ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ତାହା ସମ୍ଭବ ହୋଇପାରି ନ ଥିଲା।



ପୁରୀ ଟାଉନହଲ୍‌ରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଗୋ-ସେବକ ଗୋବିନ୍ଦ ମହାନ୍ତିଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଉଛି ।

### ସ୍ମୃତିସଭା, ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ସମ୍ବର୍ଦ୍ଧନା

ପୁରୀ ୧୦।୮( ଅଜିତ୍ ମହାନ୍ତି)

ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କ ପରିଚୟ ପାଇଁ ତାଙ୍କ ନାମ ହିଁ ଯଥେଷ୍ଟ। ସେ ମଣିଷ ନ ଥିଲେ ବରଂ ଏକ ଅନୁଷ୍ଠାନ ଥିଲେ। ଗୋ ସେବା ଓ ସ୍ୱେଚ୍ଛାସେବୀ କାର୍ଯ୍ୟ ପାଇଁ ସେ ପୁରୀରେ ଚିର ସ୍ମରଣୀୟ ହୋଇ ରହିଥିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଟାଉନ ହଲରେ ସ୍ୱେଚ୍ଛାସେବୀ ତଥା ଗୋସେବକ ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କ ସ୍ମୃତିଚାରଣ ଓ ଚଳିତ ରଥଯାତ୍ରାରେ ବିଭିନ୍ନ ସେବା ଯୋଗାଇ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରଥଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ସେବାର ପ୍ରଶଂସା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାରତ ବିକାଶ ପରିଷଦର ପ୍ରାନ୍ତ ସଂଗଠନ ସଙ୍ଗାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ କନ୍ୟା କ୍ରିଷ୍ଟା ପ୍ରିୟଦର୍ଶିନୀଙ୍କୁ ଫଟୋଚିତ୍ର ଓ ପ୍ରଶସ୍ତିପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରଥଯାତ୍ରାରେ ବିଭିନ୍ନ ସହଯୋଗ ଓ ସେବା ଯୋଗାଇ ଦେଇଥିବା ଅନୁଷ୍ଠାନମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଡକାୟତିବେଳେ ଦୁର୍ବୃତ୍ତଙ୍କୁ କାବୁକଲେ ଗ୍ରାମବାସୀ

କଣାସ,୧୦।୮(ବିଭୂତି ଭୂଷଣ ତ୍ରିପାଠୀ)

ମନ୍ଦାରବସ୍ତ ଫାଣ୍ଡି ଅଧୀନ ଛୋଟିଯୋଡ଼ି ଗ୍ରାମରେ ବୁଧବାର ରାତି ୧ଟାରେ କିଛି ଦୁର୍ବୃତ୍ତ ଡକାୟତି କରୁଥିବାବେଳେ ଗ୍ରାମର କିଛି ଯୁବକ କାର୍ ସହ ୪ ଯୁବକଙ୍କୁ ମାଡ଼ି ବସିଥିଲେ। ହେଲେ ଜଣେ ଖସି ପଳାଇଥିଲେ। ସେମାନେ ହେଲେ କେନ୍ଦ୍ରାପଡ଼ା ପଙ୍ଗାମୁଣ୍ଡାଇର ଚନ୍ଦ୍ରଶେଖର ମହାନ୍ତି (୩୮), ନାଲୁ ଦାସ(୨୧), ରଞ୍ଜନ ଦାସ (୩୫) ଓ ରକି ଦାସ(୨୦)।

ଘଟଣାରୁ ପ୍ରକାଶ, ୫ଜଣ ଡକାୟତ ମନ୍ଦାରବସ୍ତ ବଜାରରେ ଏକ ଢାବାରୁ ମିଲ୍ ଖାଇବା ସଙ୍ଗେ ସଙ୍ଗେ ମଦ୍ୟପାନ କରି ବିଭିନ୍ନ ଆଡ଼େ କାରରେ ବୁଲାବୁଲି କରୁଥିଲେ। ରାତି ବଢ଼ିବା ସହ ସେମାନେ ଡକାୟତି କରିବାକୁ ଯୋଜନା କରି ପ୍ରଥମେ ଝାଡ଼କଟା ମଙ୍ଗଳା ମନ୍ଦିର ନିକଟରେ ଥିବା କୁମର ବେହେରାଙ୍କ ଘରୁ ଡକାୟତି କରିଥିଲେ। ପରେ ସେହି ଗ୍ରାମର ସୁକାନ୍ତ ପାଟ୍ଟଶାଣୀଙ୍କ ଘରକୁ ଡକାୟତି କରିବାକୁ ପଶିଥିଲେ। ଜିନିଷପତ୍ର ଚୋରି କରି ଧଳାରଙ୍ଗର ଇଣ୍ଡିଗୋ କାର୍ (ନଂ. ଓଆର୍ ୦୫ ଏଏସ୍ ୩୩୧୫)ରେ


ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିବା ଦୁର୍ବୃତ୍ତମାନେ ।

### କାର୍, ଖଣ୍ଡା, ଲୁହାରଡ୍, ମୋବାଇଲ୍ ଜବତ

ପଳାଇ ଯାଉଥିବାବେଳେ ଗ୍ରାମର ଲୋକେ ଚାରିଆଡ଼ୁ ଘେରିଯିବା ଫଳରେ ଗାଡିଟି କ୍ଷିପ୍ରଗତିରେ ଯାଉଥିବାରୁ ଏକ ଖଣି ତଳକୁ ଖସିଯାଇଥିଲା। ଫଳରେ ସେମାନେ ଗୁରୁତର ହୋଇପଡିଥିଲେ। ଏଣୁ ଗ୍ରାମବାସୀ ସେମାନଙ୍କୁ କାବୁ କରି ମନ୍ଦାରବସ୍ତ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ତୁଷାରକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ୪ଜଣ ଡକାୟତଙ୍କୁ କାର୍ ସହିତ କଣାସ ଥାନାକୁ ନେଇଥିଲେ। ସେମାନଙ୍କଠାରୁ ପୋଲିସ୍ ଖଣ୍ଡା, ଲୁହାରଡ଼, ହଳେ କାନରିଂ ଓ ୬ଟି ମୋବାଇଲ୍ ଜବତ କରିଛି। ୪ଜଣଙ୍କ ମଧରୁ ୨ଜଣ ଗୁରୁତର ହୋଇଥିବାରୁ ସେମାନଙ୍କୁ ପୁରୀ ବଡ଼ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟ ୨ଜଣ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ କଣାସ ଥାନାରେ ସୁକାନ୍ତ ପାଟ୍ଟଶାଣୀ ଏତେଲା ଦେଇଛନ୍ତି।

## ଶିଳ୍ପୀ ଉମେଶଙ୍କ ଚାନ୍ଦୁଆ ତିଆରି ଲୋଗୋ ଉଦ୍‌ଘାଟିତ



ଲୋଗୋ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ପିପିଲି,୧୦।୮(ପ୍ରଭାତ ମହାପାତ୍ର)

ପିପିଲିଠାରେ ଓଡ଼ିଶା ଶିଳ୍ପୀ ମହାସଂଘ ଜିଲାସ୍ତରୀୟ ହସ୍ତଶିଳ୍ପୀ କାରିଗର ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଶିଳ୍ପୀ ମହାସଙ୍ଘର ହାତ ତିଆରି ଲୋଗୋ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଉଦୀୟମାନ ବିଶିଷ୍ଟ ଚାନ୍ଦୁଆ କାରିଗର ଉମେଶ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳା କାରିଗର ସତ୍ୟଭାମା ବରାଳ ଓ ଲକ୍ଷ୍ମୀପ୍ରିୟା ବରାଳ ଏହାକୁ ଏକ ମାସ ଧରି ପ୍ରସ୍ତୁତ କରିଥିଲେ। ସାରା ଅଞ୍ଚଳ ତଥା କାରିଗର ମହଲରେ ଏପରି ହାତ ତିଆରି ଲୋଗୋ ଓ ବ୍ୟାନରର ଭୂରି ଭୂରି ପ୍ରଶଂସା କରାଯାଉଛି। ସୁନ୍ଦର କପଡ଼ାରେ ସଂଗଠନର ନାମ ସହିତ କଳାତ୍ମକ ସୂକ୍ଷ୍ମ ଲୋଗୋଟିର କାରିଗରି କୌଶଳ ରୁଚିପୂର୍ଣ୍ଣ ହୋଇଛି। ପ୍ରକାଶଥାଉ

### ଆକର୍ଷିତ ହେଲେ ଓଡ଼ିଶାର ବିଶିଷ୍ଟ ଖ୍ୟାତନାମା ଶିଳ୍ପୀ

କି, କମ୍ ମଜୁରି ଏବଂ ପ୍ରତ୍ୟକ୍ଷ ସରକାରୀ ପ୍ରୋତ୍ସାହନ ଅଭାବ କାରଣରୁ ପ୍ରକୃତ ହାତ ତିଆରି କାରିଗରି ଚାନ୍ଦୁଆ କଳା ଲୁପ୍ତ ହେବାକୁ ଲାଗିଛି। ଆଉ ପେଟପାଟଣା ପାଇଁ କେବଳ ମେଶିନ ତିଆରି ଚାନ୍ଦୁଆ କରିବାକୁ ପଡୁଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ, ସରକାରଙ୍କ ବିଭିନ୍ନ ସଂସ୍ଥା ଆନ୍ତରିକତାର ସହିତ ଧ୍ୟାନ ଦେବା ପାଇଁ କାରିଗର ଅନୁରୋଧ କରିଛନ୍ତି। ଫଳରେ କାରିଗରି ଛାଡ଼ି ଅନ୍ୟ ବୃତ୍ତି କରୁଥିବା ଅନେକ କାରିଗର ପୁରୁଣା ଅବଲୁପ୍ତ କାରିଗରି କଳାକୁ ପୁନଃ ଉଜ୍ଜୀବିତ କରାଇବାକୁ ପ୍ରେରଣା ପାଇ ଆଗେଇ ଆସିବେ ବୋଲି କାରିଗର ଦୃଢ଼ ଆଶାବାଦୀ ଅଛନ୍ତି।

## କ୍ରାନ୍ତିବୀରଙ୍କ ବଳିଦାନ ସମ୍ପର୍କରେ ଆଲୋଚନା

ପୁରୀ,୧୦।୮(ଅଜିତ ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଷ୍ଟଡିଜ୍ ଆଣ୍ଡ ମିନିଷ୍ଟ୍ରି ଅଫ୍ କଲଚର, ଭାରତ ସରକାରଙ୍କ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ କ୍ରାନ୍ତି ତୀର୍ଥ ଶୀର୍ଷକ ଏକ ଦିବାସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ କୁଳପତି ପ୍ରଫେସର ରବୀନ୍ଦ୍ର ପଣ୍ଡା ସଭାପତିତ୍ୱ କରି ସମସ୍ତ ଯୁବପିଢିକୁ କିପରି ଦେଶାତ୍ମବୋଧକ କର୍ତ୍ତବ୍ୟବୋଧର ପଥିକ ହେବେ ସେ ଦିଗରେ ଆଲୋଚନା ରଖିଥିଲେ। ରାଧାକାନ୍ତ ପଣ୍ଡା ବାଚିକ ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଯୁବ ସଙ୍ଗଠକ ପ୍ରଭାତ ପାଣିଗ୍ରାହୀ ଆମ୍ଭର ଅଗଣିତ ବୀର ଶହୀଦ୍ ତଥା କ୍ରାନ୍ତିବୀରମାନଙ୍କ ଦେଶ ମାତୃକା ପ୍ରତି ଅଦମ୍ୟ ପରାକାଷ୍ଠାର ବିଷୟକୁ ବିସ୍ତୃତ ଭାବେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ନେହେରୁ ଯୁବ କେନ୍ଦ୍ରର ଜିଲା ଅଧିକାରୀ ଯୋଗଦେଇଥିଲେ। ସାରସ୍ୱତ ଅତିଥି ରୂପରେ ସ୍ନାତକୋର ପରିଷଦର ଅଧକ୍ଷ ଶତ୍ରୁଘ୍ନ ପାଣିଗ୍ରାହୀ କ୍ରାନ୍ତିବୀରଙ୍କ ବଳିଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ହୋଇଥିବା ବକ୍ତୃତା ଏବଂ ନିବନ୍ଧ ଲିଖନରେ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶହୀଦ ଦେବାଶିଷ ବିଶ୍ୱାଳଙ୍କ ପତ୍ନୀ ଏବଂ ୬ ମାସର କନ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦର୍ଶନ ବିଭାଗର ସସ୍ମିତା ବନ୍ଦର ନାୟକ ଏବଂ ବେଦ ବିଭାଗର ଚନ୍ଦନ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଅଗଷ୍ଟ କ୍ରାନ୍ତି, ନାଗାସାକି ଦିବସ ପାଳିତ

ପୁରୀ,୧୦।୮(ଅଜିତ ମହାନ୍ତି)

କ୍ରାନ୍ତିଦର୍ଶୀ ସାହିତ୍ୟ ମଞ୍ଚ ଓ ସର୍ବୋଦୟ ମେଳା କମିଟି ଆନୁକୂଲ୍ୟରେ ଅଗଷ୍ଟ କ୍ରାନ୍ତି ଦିବସ ସ୍ଥାନୀୟ ଗାନ୍ଧୀ ସ୍ମୃତିପୀଠ ପରିସର ମଧରେ ବୁଧବାର 'ଅଗଷ୍ଟ କ୍ରାନ୍ତି ଦିବସ' ଓ 'ନାଗାସାକି ଦିବସ ' ପାଳିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ବରିଷ୍ଠ ଅଧିବକ୍ତା ଉମାବଲ୍ଲଭ ମହାପାତ୍ର ଅଧକ୍ଷତା କରିଥିଲେ। ଅଧ୍ୟାପକ ଜନ୍ମେଜୟ ଦ୍ୱିବେଦୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଯୁଦ୍ଧ ବିରୋଧରେ ମାନବବାଦୀମାନେ ଏକାଠି ହେଲେ ବିଶ୍ୱଶାନ୍ତି ସମ୍ଭବପର ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବୋଧିଚକ୍ରର ସଭାପତି ଗିରିଜା ଶଙ୍କର ପାଢ଼ୀ କହିଥିଲେ, ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ସାହିତ୍ୟ 'ବସୁଧୈବ କୁଟୁମ୍ବକମ୍' ଓ ଭାରତୀୟ ଆଧ୍ୟାତ୍ମିକତାର ସନ୍ଦେଶ ସମଗ୍ର ଜଗତରେ ଉପସ୍ଥାପିତ କରିପାରିଛି। ମେଳା କମିଟିର ସମ୍ପାଦକ ଅଧିବକ୍ତା ଶିବପ୍ରସାଦ ମିଶ୍ର, କ୍ରାନ୍ତିଦର୍ଶୀ ସାହିତ୍ୟ ମଞ୍ଚର ସମ୍ପାଦକ ବଳରାମ ଦାଶ ପ୍ରଫେସର ଚିତ୍ତ ରଞ୍ଜନ ଦାସଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ମାୟାଧର ମହାରଣା, ସରୋଜ କୁମାର ହାତୀ, ପ୍ରଫେସର ଶରତ ସାହୁ, ରାଧାକାନ୍ତ ଦାଶ, ପଣ୍ଡିତ ଦୟାନିଧି ପଣ୍ଡା, ରାଧେଶ୍ୟାମ ରଥ, ନବକିଶୋର ରଥ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ବିଭୂତି ଭୂଷଣ କର ଧନ୍ୟବାଦ ଦେଇଥିଲେ।

## ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ପୁରୀ, ୧୦।୮(ଅଜିତ ମହାନ୍ତି):

ଦେଶର ୪୪ଟି ଶ୍ରମ ଆଇନକୁ କେନ୍ଦ୍ର ସରକାର ବଦଳାଇ ୪ଟି ଶ୍ରମ କୋଡ୍ କରି କର୍ପୋରେଟ ମାଲିକମାନଙ୍କ ସପକ୍ଷରେ ୧୨ଘଣ୍ଟିଆ କାର୍ଯ୍ୟଦିବସ କରିବେ। ମଜୁରି, ସାମାଜିକ ନିରାପତ୍ତା ଓ ମୌଳିକ ଅଧିକାର ପାଇଁ ଶ୍ରମିକମାନେ ହନ୍ତସନ୍ତ ହେବେ। ବେକାରି, ଦରବୃଦ୍ଧି, ବେରୋଜଗାର ଆଜି ଦେଶବାସୀଙ୍କୁ କନ୍ଦାଇଲାଣି। ଦେଶର ଧର୍ମ ନିରପେକ୍ଷ ନୀତି ଓ ସମ୍ବିଧାନ ଉପରେ ଆକ୍ରମଣ ବଢ଼ିଛି। ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ଦରଦାମ୍ ବଢ଼ି ଚାଲିଛି। ମୋଦି ସରକାର ଦେଶକୁ ଓ ଦେଶର ସମ୍ପଦକୁ ବିକି ଭାଙ୍ଗି ପୁଞ୍ଜିପତିଙ୍କ ହାତରେ ସମର୍ପି ଦେଲେଣି। ଜାତି ଓ ଧର୍ମ ଭିତ୍ତିରେ ଦେଶତ୍କୁ ବିଭାଜନ କରି ଭୋଟ ହାତେଇବାର ଚକ୍ରାନ୍ତ ଚାଲିଛି। ମଣିପୁର ଓ ହରିୟାଣାରେ ଭାଜପା ହିଂସା ରାଜନୀତି କରୁଛି। ତେଣୁ ବଞ୍ଚିବା ପାଇଁ ଲଢେଇ ଏକମାତ୍ର ରାସ୍ତା ବୋଲି ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କୁହାଯାଇଛି। ଏ ନେଇ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁ, ଏଆଇଟିୟୁସି, ଏଆଇଏଫ୍‌ଟିୟୁ (ନିଉ) ପ୍ରଭୃତି ଶ୍ରମିକ ସଂଗଠନ ପକ୍ଷରୁ ହୋଇଥିବା ଏହି ବିକ୍ଷୋଭରେ ଶରତ ରାୟଗୁରୁ, ଜଗନ୍ନାଥ ଦେଓ, ବ୍ରଜବନ୍ଧୁ ପ୍ରଧାନ, ମୋହନ ନାଇଡୁ, ପ୍ରଦୀପ୍ତ ମହାନ୍ତି, ଭୀମସେନ ସ୍ୱାଇଁ, ଅଜୟ କୁମାର ମିଶ୍ର, ପୀତବାସ ବେହେରା, ଭାସ୍କର ମହାପାତ୍ର, ପ୍ରତାପ ଚିନାରା, ମନୋରଞ୍ଜନ ମହାରଣା, ଜ୍ୟୋତି ପ୍ରକାଶ ନାୟକ, କୃପାସିନ୍ଧୁ ପଣ୍ଡା, ବିଭୂତି ରାଉତରାୟ, ଦୀନବନ୍ଧୁ ପ୍ରଧାନ, ବାହନ ପରିଡ଼ା ସବିତା ସାହୁ ଏବଂ ଟୁନା ନାୟକ ପ୍ରମୁଖ ସାମିଲ ଥିଲେ।



ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## 'ସ୍ୱାଭିମାନୀ ନିମାପଡ଼ା ମାଟି ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି'

ନିମାପଡ଼ା,୧୦।୮(ବିଚିତ୍ରାନନ୍ଦ ସାହୁ)

ସ୍ୱାଭିମାନୀ ନିମାପଡ଼ା ମାଟି ଏବେ ଦୁର୍ନୀତି, ଭ୍ରଷ୍ଟାଚାରର ଗନ୍ତାଘର ପାଲଟିଛି। ନିମାପଡ଼ାରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି, ଜାଲିଆତି ଚରମ ସୀମାରେ ପହଞ୍ଚିଛି। ବିଧାୟକ, ଯନ୍ତ୍ରୀ, ଠିକାଦାରଙ୍କ ମଧୁଚନ୍ଦ୍ରିକା, ସଲାସୁତରାରେ ବିକାଶ ଆଳରେ କୋଟି କୋଟି ଟଙ୍କା ସରକାରୀ ଅନୁଦାନ ହରିଲୁଟ୍ ହେଉଥିବା ବରିଷ୍ଠ ଭାଜପା ନେତା ପ୍ରଭାତୀ ପରିଡ଼ା ଓ ଦିଲୀପ ନାୟକ କହିଛନ୍ତି। ଭାଜପା ପକ୍ଷରୁ ନିମାପଡ଼ା ମେଡିକାଲଠାରେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଆୟୋଜିତ ହୋଇଯାଇଛି। ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ହେଲା ନିମାପଡ଼ା ମେଡିକାଲଠାରେ କୋଟି କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ୫-ଟି ଯୋଜନାରେ 'ଆମ ହସ୍ପିଟାଲ' ନିର୍ମିତ ହେଉଛି। ହେଲେ ଏହି କାର୍ଯ୍ୟ ପାଇଁ ପ୍ଲାନ, ଇଷ୍ଟିମେଟ୍, ଡିଜାଇନ, ଡ୍ରଇଂ ଆଦି ଅନୁମୋଦନ କରା ନ ଯାଇ, କାର୍ଯ୍ୟସ୍ଥଳରେ ସୂଚନାଫଳକ ମରା ନ ଯାଇ ମନମୁଖି, ବେଆଇନ ଭାବେ ନିର୍ମାଣ କାର୍ଯ୍ୟ କରାଯାଉଥିବା ଭାଜପା ନେତା ନାୟକ ଓ ପରିଡ଼ା ଅଭିଯୋଗ କରିଛନ୍ତି। ଏହି 'ଆମ ହସ୍ପିଟାଲ' ନିର୍ମାଣ କାର୍ଯ୍ୟ ମଧ ଅତି ନିମ୍ନମାନର କରାଯାଇ ୫-ଟି ଯୋଜନାର ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯିବାକୁ ମସୁଧା ଚାଲିଥିବା ନେତୃବୃନ୍ଦମାନେ କହିଛନ୍ତି। ଏହି ଦୁର୍ନୀତି, ଜାଲିଆତି, ନିମ୍ନମାନର କାର୍ଯ୍ୟର ସମସ୍ତ କାଗଜପତ୍ର ନିମାପଡ଼ାଗସ୍ତରେ ଆସୁଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସମ୍ମିଳନୀରେ ଭାଜପା ନେତାମାନେ କହିଛନ୍ତି। ନିମାପଡ଼ାରେ ୫-ଟି ଯୋଜନାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ନାମରେ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଅନିୟମିତତା, ଜାଲିଆତି, ହରିଲୁଟ୍ କରାଯାଉଥିବା ଘଟଣାକୁ ଭାଜପା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ନିମାପଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ଦଳର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଓଝା, ଜାନକୀ ନାଥ ଜେନା, ଭାଜପା ନଗର ସଭାପତି ନିରଞ୍ଜନ ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନଲତା ମହାନ୍ତି, ସସ୍ମିତା ସାମନ୍ତରାୟ, ବିଜୟ ପଣ୍ଡା, ଯତିନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଭାଜପା ନେତୃବୃନ୍ଦମାନେ 'ଆମ ହସ୍ପିଟାଲ' କାର୍ଯ୍ୟ ପରିଦର୍ଶନ କରିଥିଲେ।



ଖବରଦାତା ସମ୍ମିଳନୀରେ ଭାଜପାର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

## ସଂକ୍ଷେପରେ

### ଚୋରା ମାଙ୍କଡ଼ା ଖଣିରେ ଚଢ଼ାଉ, ୨ ଗାଡ଼ି ଜବତ

ନିରାକାରପୁର,୧୦।୮(ମାନସଚନ୍ଦ୍ର ପଟ୍ଟନାୟକ)

ମାଙ୍କଡ଼ା ପଥର ଚୋରା ଚାଲାଣକୁ ରୋକିବା ପାଇଁ ଜଙ୍କିଆ ପୋଲିସ ପକ୍ଷରୁ ଏବେ ଚଢ଼ାଉ ଜୋର ଚାଲିଛି। ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଓ କଞ୍ଚିଲୋ ଅଞ୍ଚଳରେ ଅଧିକାଂଶ ଚୋରା ମାଙ୍କଡା ପଥର ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ଗୁରୁବାର ପୋଲିସ ପକ୍ଷରୁ ସିକୋ ଓ କଞ୍ଚିଲୋ ମାଙ୍କଡ଼ା ଖଣିରେ ଚଢ଼ାଉ କରାଯାଇଥିଲା। ପୋଲିସ ଆସିବାର ଖବର ପାଇ କେତେଜଣ ମାଫିଆ ଫେରାର ହୋଇଯାଇଥିବା ବେଳେ ମାଙ୍କଡା ବୋଝେଇ ଏକ ଟ୍ରାକ୍ଟର ଓ ମିନିଟ୍ରକକୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ୨ଟି ପୃଥକ ମାମଲା(ନଂ. ୨୫୬, ୨୫୭/୨୩) ରୁଜୁ କରି ତଦନ୍ତ କରୁଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରତ୍ନମ୍ବରା କର ସୂଚନା ଦେଇଛନ୍ତି। ଆଗକୁ ଏହି ଚଢ଼ାଉ ଜୋର କରାଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

### ରେଳ ଧାରଣାରୁ କ୍ଷତାକ୍ତ ବ୍ୟକ୍ତି ଉଦ୍ଧାର

ଜଟଣୀ,୧୦।୮(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ଷ୍ଟେସନର ରେଳଧରଣା କଡ଼ରୁ ଗୁରୁବାର ରାତିରେ ଜଣେ କ୍ଷତାକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସେ ହେଲେ ନିରାକାରପୁର ଥାନା ନାନପଡ଼ା ଗ୍ରାମର କୈଳାସ ସେନାପତି। ରାତି ପାଖାପାଖି ୯ଟାରେ ଖୋର୍ଦ୍ଧାରୋଡ୍‌ସ୍ଥିତ ମାଛମାର୍କେଟ ନିକଟ ରେଳଧାରଣାରେ କୈଳାସ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ବ୍ୟବସାୟୀ ଦେଖିଥିଲେ। ସେ ନିରାକାରପୁରରୁ ଭୁବନେଶ୍ୱର କାମ ପାଇଁ ଟ୍ରେନରେ ଯାଉଥିଲେ। ଟ୍ରେନରୁ ପଡ଼ିଯାଇଥିବା ଅନୁମାନ କରାଯାଉଥିବାବେଳେ ବାମ ହାତ କୁହୁଣିଠାରୁ କଟି ଦେହରୁ ଅଲଗା ହୋଇ ଯାଇଥିଲା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗି ଫାଟି ଯାଇଛି। କେତେଜଣ ସାମାଜିକ କର୍ମୀ ଘରୋଇ ଆମ୍ବୁଲାନ୍ସ ସହାୟତାରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ପୁଷ୍ପ ପ୍ରଦର୍ଶନୀ

ବେଗୁନିଆ,୧୦।୮(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭ ଏବଂ ବୋଧ ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରଦର୍ଶନୀ କରାଯାଇଥିଲା। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଓ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁମାମାନେ ସହଯୋଗ କରିଥିଲେ।

### ରାମଲେଙ୍କା ପଞ୍ଚାୟତରେ ଚାରାରୋପଣ

କୃଷ୍ଣପ୍ରସାଦ,୧୦।୮(କୈଳାସଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତ ତରଫରୁ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସବିତା ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅମୃତ ସରୋବର ଯୋଜନାରେ ସାମିଲ ହୋଇଥିବା ଅଣାଅଖା ପୋଖରୀ(ଗଉଡ଼ ବନ୍ଧ)ଚତୁଃପାର୍ଶ୍ୱରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଉସ୍ତ, ବର, ପିଜୁଳି, ପୋଲାଙ୍ଗ, ବେଲ, ଅର୍ଜୁନ, କଇଥ ଆଦି ୧୫୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ସେହିଭଳି ବ୍ରାହ୍ମଣଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ବିଶ୍ୱାଳ, ବରିଷ୍ଠ ଶିକ୍ଷକ ବିଭୂ ନାରାୟଣ ଜେନା, ନନ୍ଦଳା ବନପାଳ ନାରାୟଣ ଆଲତିଆ, ଯୁବନେତା ଅଞ୍ଚଳ ବିଶ୍ୱାଳ, ଗ୍ରାମ ରୋଜଗାର ସେବକ ଅରୁଣ କୁମାର ପଟ୍ଟନାୟକ, ଅନୁଜ କୁମାର ବେହେରାଙ୍କ ଉପସ୍ଥିତିରେ ବେଲ, ପିଜୁଳି, ବଉଳ ଆଦି ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା।

# କଲେଜ ନାମଲେଖା ଅର୍ଥ ବୃଦ୍ଧିକୁ ନେଇ ବିକ୍ଷୋଭ

ଜଟଣୀ,୧୦।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ନାମଲେଖା ଅର୍ଥ ବୃଦ୍ଧିକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସକାଳେ ମହାବିଦ୍ୟାଳୟ ଫାଟକ ଆଗରେ ଶହ ଶହ ଛାତ୍ରୀଛାତ୍ର କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରବାଜି ଦେଇ ଧାରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ କହିବା ମୁତାବକ, ଖୋର୍ଦ୍ଧା ଜିଲାର କିଛି ବଡ଼ ବଡ଼ ମହାବିଦ୍ୟାଳୟରେ ନାମ ଲେଖା ଅର୍ଥ କମ୍ ହୋଇଥିଲା ବେଳେ ଜଟଣୀ ମହାବିଦ୍ୟାଳୟରେ ଅନ୍ୟ ମହାବିଦ୍ୟାଳୟ ତୁଳନାରେ ଅଧିକ ଅର୍ଥ ନେଉଛନ୍ତି। ଫଳରେ ଅନେକ ଗରିବ ଛାତ୍ରୀଛାତ୍ର ନାମ ଲେଖିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏ ନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ କୌଣସି ସମାଧାନ କରୁନାହାନ୍ତି। ତେଣୁ ଗୁରୁବାର ଛାତ୍ରୀଛାତ୍ରମାନେ ଉତ୍ତ୍ୟକ୍ତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିସ୍ଥିତି ସଙ୍ଗିନ ହେବାରୁ ଘଟଣାସ୍ଥଳରେ ଜଟଣୀ ପୋଲିସର ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହିତ ବିକ୍ଷୋଭ ବନ୍ଦ କରିବା ପାଇଁ ଅନୁରୋଧ କରିବାରୁ ବିକ୍ଷୋଭ ବନ୍ଦ କରିଥିଲେ। ଏ ନେଇ


ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ପୋଲିସ ବୁଝାଶୁଝା କରୁଛନ୍ତି।

### ଦରମା ପ୍ରଦାନ ପାଇଁ ସରକାରୀ ସୁବିଧା ମିଳୁନି: ଅଧ୍ୟକ୍ଷ

ଜଟଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରାଜୀବ କର କହିଛନ୍ତି, କଲେଜର ଆୟ ତୁଳନାରେ ବ୍ୟୟ ଅଧିକ ଏବଂ ଆବଶ୍ୟକତା ମୁତାବକ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅଭାବ ରହିଛି। ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ପାଇଁ ଠିକ୍‌ରେ ଅଧ୍ୟାପକ ନିଯୁକ୍ତି କରାଯାଉଛି। ଫଳରେ ଅଧ୍ୟାପକମାନଙ୍କ ଦରମା ଦେବା ଏବଂ ଅନ୍ୟାନ୍ୟ ସୁବିଧା ପାଇଁ କୌଣସି ସରକାରୀ ସୁବିଧା ମିଳୁନାହିଁ, କଲେଜ ପାଣ୍ଠିରୁ ଯାହା ପରିଚାଳନା କରାଯାଉଛି। ଛାତ୍ରୀଛାତ୍ରଙ୍କ ଅନୁଦାନରୁ କଲେଜ ପରିଚାଳନା ସମ୍ଭବ ହୋଇଥାଏ। ତେଣୁ କିଛି ଆଡମିଶନ ଅର୍ଥ ବୃଦ୍ଧି କରିବାକୁ ବାଧ ହୋଇଛୁ ବୋଲି ଅଧ୍ୟକ୍ଷ କହିଛନ୍ତି।

# ପୁରୁଣା ପେନ୍‌ସନ ଲାଗୁ ଦାବିରେ ଶ୍ରମିକ କଂଗ୍ରେସର ବିକ୍ଷୋଭ


ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପକ୍ଷରୁ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜଟଣୀ,୧୦।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପକ୍ଷରୁ ଗୁରୁବାର ନୂତନ ପେନସନ୍ ରଦ୍ଦ ଏବଂ ପୁରୁଣା ପେନସନ ଲାଗୁ ସହିତ ୨୦ ଦଫା ସମ୍ବଳିତ ଦାବିକୁ ନେଇ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ଡାକରାରେ ୨ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳେ ଖୋର୍ଦ୍ଧାରୋଡ୍ ଶ୍ରମିକ କଂଗ୍ରେସର ସମସ୍ତ ଶାଖାରୁ ହଜାର ହଜାର କର୍ମଚାରୀ ପୁରୁଣା ପେନସନ ଦାବିରେ ଏକ ଶୋଭାଯାତ୍ରା ସୀତାରାମ ଛକରୁ ବାହାରି ରେଳ ଷ୍ଟେଶନ ସମ୍ମୁଖ ହୋଇ ମେଡିକାଲ ଛକ ଦେଇ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପେନସନ୍ କର୍ମଚାରୀର ମୌଳିକ ଅଧିକାର, ନୂତନ ପେନସନକୁ ବାତଲ କରି ଯଥାଶୀଘ୍ର ପୁରୁଣା ପେନସନ ଲାଗୁ କରିବା, ରନିଂ ଷ୍ଟାଫଙ୍କୁ ମିନିମମ ମାଇଲିଜ ପ୍ରଦାନ, ସିଗ୍ନାଲ ଷ୍ଟାଫଙ୍କ କ୍ୟାଡର ରିଷ୍ଟ୍ରକ୍ଚର କରିବା, ଟ୍ରାକ ମେଣ୍ଟେନରଙ୍କ ପାଟ୍ରୋଲିଂ ସୀମା କମ୍ କରିବା ଭଳି କର୍ମଚାରୀଙ୍କ ବିଭିନ୍ନ ଦାବି ଉପରେ ସାଧାରଣ ସମ୍ପାଦକ ସାହୁ ଆଲୋକପାତ କରିଥିଲେ। ଅର୍ବାନ ବ୍ୟାଙ୍କ ଲାଭାଂଶ ଅଂଶୀଦାରଙ୍କୁ ମିଳିବା ଚଳିତବର୍ଷର ବଡ଼ ଉପଲବ୍ଧି ବୋଲି ସହସଂଯୋଜକ ସୁନୀଲ କୁମାର ଭଞ୍ଜ କହିଥିଲେ। ଅଗଷ୍ଟ ୯ରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଭାରତ ଛାଡ ଆନ୍ଦୋଳନ ଆରମ୍ଭ ହୋଇଥିଲା ଏବଂ ତାହା ସଫଳ ହୋଇଥିଲା. ଆଜି ଅଗଷ୍ଟ ୧୦ ସାରା ଭାରତ ବର୍ଷରେ ଦେଶର ସମସ୍ତ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ, ୱାର୍କଶପ, ମେଟ୍ରୋ, ଜୋନାଲ ମୁଖ୍ୟ କାର୍ଯ୍ୟାଳୟରେ ଏନ୍‌ଏଫ୍‌ଆଇଆର୍ ସାଧାରଣ ସମ୍ପାଦକ ଏମ୍. ରାଘବେୟାଙ୍କ ଡାକରାରେ ଆନ୍ଦୋଳାନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ସଂଗଠନର ଶାଖା ସମ୍ପାଦକ ଏଲ୍. ଡି. ମହାନ୍ତି କହିଥିଲେ। ସଂଗଠନ ପକ୍ଷରୁ ୨୦ଟି ଦାବି ସମ୍ବଳିତ ଏକ ଦାବିପତ୍ର ମଣ୍ଡଳ ପ୍ରବନ୍ଧକ ହରଭଜନ ସିଂ ବାଜୁଆଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବତନ ମଣ୍ଡଳ ସଂଯୋଜକ ମହେନ୍ଦ୍ର କୁମାର ମହାନ୍ତି, କେନ୍ଦ୍ରୀୟ ପଦାଧିକାରୀ ଏମ୍. ଜି.କେ ରାଓ, ଭି.ଏସ୍. ପ୍ରସାଦ, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଆଶୁତୋଷ ବ୍ରହ୍ମା, ଏ.ଶ୍ରୀନିବାସ, ସି.ଏସ. ସିଂ, ସଞ୍ଜୟ ଦାସ, ନାରୀ ନେତ୍ରୀ ସୁମିତ୍ରା ପଣ୍ଡା, ଦ୍ରୌପଦୀ ମହାରଣା, ଅର୍ପିତା ମହାନ୍ତି, ବି. ଜାନକୀ, ବିଜୟଲକ୍ଷ୍ମୀ ଦାଶ ସମେତ ସମସ୍ତ ଶାଖାର ନେତୃବୃନ୍ଦ ଓ ହଜାର ହଜାର କର୍ମୀ ଆନ୍ଦୋଳନରେ ଭାଗନେଇଥିଲେ।

# ଅଟୋରୁ ଖସିପଡ଼ି ଶ୍ରମିକଙ୍କ ମୃତ୍ୟୁ

ଗମ୍ଭାରୀମୁଣ୍ଡା(ଦିଲୀପ ସ୍ୱାଇଁ)/ବାଣପୁର, ୧୦।୮(ଶଙ୍କର ବସ୍ତିଆ)

ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରେ ଗୁରୁବାର ଏକ ଅଟୋରୁ ଖସିପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ପିତବାସ ଗୌଡ଼(୪୫)। ଘଟଣାରୁ ପ୍ରକାଶ ଯେ, ଗଞ୍ଜାମ ଜିଲା କୋଦଳା ଥାନା ନିକଟସ୍ଥ ଭାବିନିପୁର ଗ୍ରାମରୁ ପିତାବାସଙ୍କ ସମେତ ୮ଜଣ ଶ୍ରମିକ ଏକ ଅଟୋ ଯୋଗେ ଖୋର୍ଦ୍ଧା ଜିଲା ବାଣପୁରକୁ ଧାନ ବିଲ କାମ କରିବାକୁ ଆସୁଥିଲେ। ଅଟୋରେ ପିତବାସ ପଛପଟେ ବସିଥିବା ବେଳେ ଶାଳିଆ ଡ୍ୟାମ ରାସ୍ତା ପ୍ରତାପ ନିକଟରେ ଅସାବଧାନତାବଶତଃ ପଛରୁ ସେ ଖସିପଡ଼ିଥିଲେ। ଫଳରେ ପୀତବାସ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡକୁ ମାଡ଼ ହୋଇଥିଲା। ଅଟୋରେ ଥିବା ଅନ୍ୟ ସାଥିମାନେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ଶ୍ରମିକଙ୍କ ଏଭଳି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ନାଳନ୍ଦା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ବେଗୁନିଆ,୧୦।୮(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମସ୍ଥିତ ଏକ ଯୁବକ ସଂଘ ପରିସରରେ ବୁଧବାର ନାଳନ୍ଦା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ମୁଖ୍ୟବକ୍ତା, ବରିଷ୍ଠ ନାଗରିକ ବିଦ୍ୟାଧର ମହାରଣା, କୋଷାଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା, ସ୍ଥାନୀୟ ପଞ୍ଚାୟତ ଉନ୍ନୟନ ପରିଷଦ ସଭାପତି ଶିଶିର କୁମାର ଆଚାର୍ଯ୍ୟ, ୱାର୍ଡ ମେମ୍ବର ପବିତ୍ର କୁମାର ବେହେରା, ସାମାଜିକକର୍ମୀ ବିଭୂତି ଭୂଷଣ ବଳବନ୍ତରାୟ, ଶ୍ରୀକାନ୍ତ ବାହିନୀପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଯୁବତୀ ଓ ଯୁବକ କମ୍ପ୍ୟୁଟର ଶିକ୍ଷାଦାନ କ୍ଷେତ୍ରରେ ସୁବିଧା ପାଇପାରିବେ। ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ଦୂର ଦୂରାନ୍ତ ଯିବାକୁ ପଡୁଥିଲା ବୋଲି ଶିକ୍ଷାକେନ୍ଦ୍ରର ଉପଦେଷ୍ଟା ବିଭୁତି ଭୂଷଣ ବରାଳ କହିଛନ୍ତି। ସମୀର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ବାରିକ, ସୁଦର୍ଶନ ମହାପାତ୍ର, ତାରାକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ମଦ ଜବତ, ବେପାରୀ ଗିରଫ

ଜଟଣୀ,୧୦।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋଲିସ ଗୁରୁବାର ଜଣେ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ନୁଆଁ ଗାଁ ଭୋଇ ସାହିର କୃଷ୍ଣ ବେହେରା ଓରଫ ଧଣ୍ଡ(୨୮)। ଉକ୍ତ ଅଭିଯୁକ୍ତଙ୍କଠାରୁ ୧୨.୪ ଲିଟର ଦେଶୀ ଆସ୍କା -୪୦କୁ ଜବତ କରିଛି। ଏ ନେଇ ପୋଲିସ ନଂ.୨୯୬/୨୩ ରେ ମାମଲା ରୁଜୁ କରିଛି। ସୂଚନା ମୁତାବକ, ଜଟଣୀ ନୁଆଁ ବସ ଷ୍ଟାଣ୍ଡ ଅଞ୍ଚଳରେ ବେଆଇନ ଭାବେ ସର୍ବସାଧାରଣରେ ଦେଶୀ ମଦ ବିକ୍ରି ହେଉଥିଲା। ଜଟଣୀ ଥାନା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଅଞ୍ଚଳରେ ଚଢ଼ାଉ କରି ଉକ୍ତ ମଦ ଜବତ କରିବା ସହ ବେପାରୀ ଧଣ୍ଡଙ୍କୁ ଗିରଫ କରିଥିଲା। ପଚରାଉଚୁରା ବେଳେ ଅଭିଯୁକ୍ତ କୌଣସି ବୈଧ ସରକାରୀ ଅନୁମତି ପାଇ ନଥିବା ସ୍ୱୀକାର କରିଥିଲା।

## ପରିଷ୍କାର ରହିବା ସହ ସୁଷମ ଖାଦ୍ୟ ଖାଇବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ଅତିଥି ଜଣେ ଛାତ୍ରୀଙ୍କୁ କୃମିନାଶ ଔଷଧ ଦେଉଛନ୍ତି।

### ଜାତୀୟ କୃମିନାଶ ଦିବସ ଉଦ୍‌ଘାଟିତ

ବେଗୁନିଆ,୧୦।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ କୃମି ନାଶ ଦିବସ ଉଦ୍‌ଘାଟିତ ହୋଇଯାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସମାରୋହକୁ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ, ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା, ବିପିଏମ ଦିଲୀପ କୁମାର ସାହୁ, ଏବିଇଓ ଚନ୍ଦ୍ରକାନ୍ତି ନାୟକ, ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃମି ରୋଗର ସଂକ୍ରମଣ ଓ ପ୍ରତିକାର ସମ୍ପର୍କରେ ଡ. ଆଚାର୍ଯ୍ୟ ଅବଗତ କରାଇଥିଲେ। ସାଧାରଣତଃ ଅପରିଷ୍କାର ହାତରେ ଖାଇବା ଓ ଅପରିଷ୍କାର ବସ୍ତ୍ର ପିନ୍ଧିବା ଦ୍ୱାରା ପିଲାମାନଙ୍କ ଶରୀରର କୃମି ରୋଗ ଦେଖାଦେଇଥାଏ। ତେଣୁ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରହିବା ସହ ସୁଷମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ବିଡିଓ ସାହୁ ସର୍ବପ୍ରଥମେ ପିଲାମାନଙ୍କୁ ବଟିକା ଖୁଆଇଥିଲେ। ଏହି ରୋଗର ପ୍ରତିଷେଧକ ପାଇଁ ପିଲାମାନଙ୍କୁ ସିରପ ଓ ବଟିକା ବଣ୍ଟନ କରାଯାଇଥିଲା। ପରେ ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି ଓ ସରକାରୀ ବିଦ୍ୟାଳୟର ୧ବର୍ଷରୁ ଅଧିକ ଏବଂ ୧୯ବର୍ଷରୁ କମ ବୟସର ଛାତ୍ରୀଛାତ୍ରଙ୍କୁ ଏହି ବଟିକା ଏବଂ ସିରପ ବଣ୍ଟନ କରାଯାଇଛି। ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୭ରେ ପୁଣି ବଣ୍ଟନ କରାଯିବ ବୋଲି ପିଏଚ୍‌ଇଓ ପଣ୍ଡା କହିଥିଲେ।

## ଜାତୀୟ କୃମିନାଶ ଦିବସରେ ଦିଆଗଲା କୃମିନାଶ ଔଷଧ


ବୋଲଗଡ଼ର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କୃମିନାଶ ଔଷଧ ଦିଆଯାଉଛି।

ବୋଲଗଡ଼,୧୦।୮(ଦେବବ୍ରତ ହୋତା)

ଜାତୀୟ କୃମିନାଶକ ଦିବସ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା.ଦେବୀଦୂତ ଦାସଙ୍କ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ୨୦ରୁ ୨୪ବର୍ଷ ବୟସର ମହିଳାଙ୍କୁ କୃମିନାଶକ ଔଷଧ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୋଲଗଡ଼ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ଓ ଶିକ୍ଷାର୍ଥୀମାନଙ୍କୁ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣାରେ କୃମି ନାଶକ ଔଷଧ ଦିଆଯାଇଥିଲା। ଉଦ୍‌ଘାଟନ ଅବସରରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଶୁତୋଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବୋଲଗଡ଼ ମଣ୍ଡଳ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ବିଆର୍‌ସିସି ପଦ୍ମଚରଣ ବେହେରା, ପ୍ରଧାନ ଶିକ୍ଷକ ମାଗୁଣି ଚରଣ ପ୍ରଧାନ, ସରପଞ୍ଚ ଗୀତାଞ୍ଜଳି ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ କାଞ୍ଚନବାଳା ମହାରଣା, ମନୀନ୍ଦ୍ର ସିଂହ ଏବଂ ସିଆର୍‌ସିସିମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ମୋଟ ୧୫୭ଟି ଶିକ୍ଷାନୁଷ୍ଠାନ ସମେତ ୨୨୮ଟି ଅଙ୍ଗନୱାଡି କେନ୍ଦ୍ରରେ ୧ରୁ ୧୯ବର୍ଷ ଶିକ୍ଷାର୍ଥୀମାନଙ୍କୁ କୃମିନାଶକ ଔଷଧ ଦିଆଯାଇଥିଲା। ଏଥିରେ ମୋଟ ବ୍ଲକ ଅଞ୍ଚଳରେ ୨୬ହଜାର ୪ଶହ ୨ଜଣଙ୍କୁ ଏହି ଔଷଧ ଦିଆଯିବା ପାଇଁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିପରି ଗର୍ଭବତୀ ଓ ପ୍ରସୂତିଙ୍କ ବ୍ୟତୀତ ୨୦ ରୁ ୨୪ ବର୍ଷର ମୋଟ ୨ହଜାର ୯ଶହ ୭୭ ଜଣ ମହିଳାମାନଙ୍କୁ କୃମିନାଶକ ଔଷଧ ଦିଆଯିବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଶୁଭାରମ୍ଭ ଦିବସରେ ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନଙ୍କୁ ଆଗାମୀ ୧୭ତାରିଖରେ ପୁଣି ଦିଆଯିବ ବୋଲି ସୂଚନା ମିଳିଛି ।

## ବିଧାୟକଙ୍କ ଜନ୍ମଦିନରେ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ

ଜଟଣୀ,୧୦।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନାଗରିକ କମିଟି ତରଫରୁ ଗୁରୁବାର ଜଟଣୀ ଅଗ୍ରୱାଲା ଧର୍ମଶାଳା ପରିସରରେ ବିଧାୟକ ତଥା କଂଗ୍ରେସର ଦଳର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟଙ୍କ ୮୦ତମ ଜନ୍ମ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମ୍ମାନିତ ଅତିଥି ଭାବେ ଓଡିଶା ଲୟାର୍ସ ଆସୋସିଏଶନ ସଭାପତି ବିରେନ୍ଦ୍ର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ତ୍ରିଲୋଚନ ମହାପାତ୍ର, ସୁରେନ୍ଦ୍ର ମିଶ୍ର, ଅଶୋକ ମଙ୍ଗରାଜ, ନିରୁପମା ପାତ୍ର, ସୁନୀଲ ରାଉତରାୟ ଓ ଜଟଣୀ ନାଗରିକ କମିଟିର ସଭାପତି ମନ୍ମଥ ରାଉତରାୟ ଯୋଗଦେଇଥିଲେ। ସୁର ଭାଇ ଲୋକଙ୍କ ସେବା କରିବାପାଇଁ ପସନ୍ଦ କରନ୍ତି। ସବୁଦିନ ସକାଳୁ ସେ କ୍ୟାପିଟାଲ ହସ୍ପିଟାଲ ଯାଇ ରୋଗୀଙ୍କ ଦୁଃଖ ବୁଝନ୍ତି ବୋଲି ଅତିଥିମାନେ କହିଥିଲେ। ଶେଷରେ ଜଟଣୀର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ସହ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରୀମାନଙ୍କୁ ସମ୍ମାନିତ କରୁଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ

ବୋଲଗଡ,୧୦।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡରେ ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟଟି ଜରାଜୀର୍ଣ୍ଣ ହୋଇପଡିରହିଛି। ଆଗରୁ ଏହା ଭଡାଘରେ କାର୍ଯ୍ୟ କରୁଥିଲା ବେଳେ ୨୦୦୦ ମସିହାରେ ବୋଲଗଡର କେନ୍ଦ୍ରସ୍ଥଳରେ ଏକ ସୁଦୃଶ୍ୟ ଅଟ୍ଟାଳିକା ନିର୍ମାଣ କରି ସ୍ଥାନାନ୍ତରିତ ହୋଇଥିଲା। କିନ୍ତୁ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଉକ୍ତ ଅଟ୍ଟାଳିକାଟି ଭୂତକୋଠି ପାଲଟିଗଲାଣି। ଜଣେ ମାତ୍ର ଠିକା କର୍ମଚାରୀ ଏହାର ଦାୟିତ୍ୱରେ ଥିବା ବେଳେ ବ୍ଲକ ଅଞ୍ଚଳର ୧୯ଟି ପଞ୍ଚାୟତର ପ୍ରାୟ ୨୩୬ ଗ୍ରାମକୁ ସେବା ପ୍ରଦାନ କରିଥାଏ। ଆଗରୁ ୭୦୦ ଲ୍ୟାଣ୍ଡ ଲାଇନ ଟେଲିଫୋନ ସଂଯୋଗ ଥିବାବେଳେ ୨୦୧୯/୨୦ ପରଠାରୁ ତାର ଚିହ୍ନବର୍ଣ୍ଣ ନାହିଁ। ଏବେ ମୋବାଇଲ ସେବା ଯୋଗାଇବା ପାଇଁ ଦିଘିରୀ ସଂପୁର ବାଙ୍କୋଇ ସୁନାଖଳା ଓ ବୋଲଗଡଠାରେ ୫ଟି ଟାୱାର କାର୍ଯ୍ୟ କରୁଛି। ଅପରପକ୍ଷେ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଠିକା କର୍ମଚାରୀ ଜଣକ ଭାରତ ଫାଇବର ସଂସ୍ଥା ଦ୍ୱାରା ପ୍ରଦତ୍ତ ଇଣ୍ଟରନେଟ ସେବାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ନିୟୋଜିତ ହୋଇଛନ୍ତି। ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ଇଣ୍ଟରନେଟ ୟୁଜରଙ୍କୁ ସେବା ଅବ୍ୟାହତ ରଖିବାକୁ ସେ ପ୍ରାୟତଃ ବ୍ୟସ୍ତ ରହୁଛନ୍ତି। କାର୍ଯ୍ୟାଳୟର କାନ୍ଥ, ଛାତରୁ ସିମେଣ୍ଟ ଖଣ୍ଡ ଓ ପ୍ଲାଷ୍ଟର ଖସି ମୂଲ୍ୟବାନ ମେଶିନଗୁଡିକ ପ୍ରତି ବିପଦ ସାଜିଛି। କାର୍ଯ୍ୟାଳୟ ପଛପଟ ପାଚେରିଟି ପ୍ରାୟ ୨ବର୍ଷ ହେବ ଭୁଶୁଡିଯାଇ ନିକଟସ୍ଥ ଘର କାନ୍ଥକୁ ଆଉଜିପଡି ବିପଦ ସୃଷ୍ଟି କରିଛି। ଏ ନେଇ ଉକ୍ତ ଘର ମାଲିକ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି। କାର୍ଯ୍ୟାଳୟ ପରିସରରେ ଲଟାବୁଦା ମାଡିଯାଇ ସରୀସୃପଙ୍କ ଅଭୟାରଣ୍ୟ ପାଲଟିଛି। କାର୍ଯ୍ୟାଳୟର ଲୁହା ଗେଟ ଓ ପାଚେରି ଉପରେ ଥିବା ଗ୍ରିଲ କଳଙ୍କି ଲାଗି ଛିଡି ପଡୁଛି। କାର୍ଯ୍ୟାଳୟର ଦୁରାବସ୍ଥା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନ ନେଲେ ଏହା କିଛିଦିନ ମଧ୍ୟରେ ସମ୍ପୂର୍ଣ୍ଣ ଅକାମୀ ହେବାର ଆଶଙ୍କା ଦେଖାଯାଇଛି। ଏ ସମ୍ପର୍କରେ ଖୋର୍ଦ୍ଧା ଟେଲିକମ ଏସ୍‌ଡିଓ ମୃଣ୍ମୟ ରଥ କୁହନ୍ତି, ଏବେ ପ୍ରାୟ ସିଭିଲ ୱାର୍କ ପାଇଁ ଫଣ୍ଡର ବ୍ୟବସ୍ଥା ନାହିଁ, କେବଳ ନିହାତି ଆବଶ୍ୟକ ସ୍ଥଳେ କାର୍ଯ୍ୟ କରାଯାଉଛି। ଜିଲାର ପ୍ରାୟ ଟେଲିଫୋନ ଏକ୍ସଚେଞ୍ଜଗୁଡ଼ିକରେ ଠିକା କର୍ମଚାରୀ ନିଯୁକ୍ତି ଅଛନ୍ତି। ଏପରିକି ଜଣେ ଠିକା କର୍ମଚାରୀ ୨/୩ ଟି ଏକ୍ସଚେଞ୍ଜ ଦାୟିତ୍ୱ ତୁଲାଉଛନ୍ତି। ତେଣୁ ସୁବିଧା ଦେଖି ମରାମତି କରାଯିବ।



# ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଓଡ଼ିଶା ବିଶେଷ ଭୂମିକା ଗ୍ରହଣ କରିଛି: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଇନ୍‌ଫୋସିସ୍‌ଠାରେ ବିପିଏମ୍ ଶାଖା ଉଦ୍‌ଘାଟନ କରୁଛନ୍ତି।

## ଇନ୍‌ଫୋସିସ୍‌ର ବିପିଏମ୍ ଶାଖା ଉଦ୍‌ଘାଟିତ
## ସୃଷ୍ଟି ହେବ ନୂତନ ନିଯୁକ୍ତି

ଭୁବନେଶ୍ୱର,୧୦।୮ (ଅନିଲ ଦାସ)

ବିଶ୍ୱର ସର୍ବବୃହତ୍ ସୂଚନା ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ସଂସ୍ଥା ଇନ୍‌ଫୋସିସ୍ ନୂତନ ବିଜ୍‌ନେସ ପ୍ରୋସେସିଂ ମ୍ୟାନେଜମେଣ୍ଟ ସେଣ୍ଟର(ବିପିଏମ୍) ଶାଖା ଗୁରୁବାର ଭୁବନେଶ୍ୱର ପଟିଆସ୍ଥିତ ଇନ୍‌ଫୋସିସ୍ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଗତ ଦୁଇ ଦଶନ୍ଧି ଧରି ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଦୃଢ଼ ଓ ସ୍ଥିର ଗତିରେ ବିକାଶକରି ଚାଲିଛି। ଇନ୍‌ଫୋସିସ୍ ଜାତୀୟ ସ୍ତରରେ ବିଶେଷକରି ଓଡ଼ିଶାରେ ସୂଚନା ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଛି। ବିଗତ ଅଢ଼େଇ ଦଶନ୍ଧିରୁ ଅଧିକ ସମୟ ଧରି ଏହି ପ୍ରମୁଖ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ରାଜ୍ୟର ବିକାଶ, ରାଜସ୍ୱ ବୃଦ୍ଧି ତଥା ନିଯୁକ୍ତି କ୍ଷେତ୍ରରେ ବହୁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଏହି କେନ୍ଦ୍ରର ସମ୍ପ୍ରସାରଣ ଦ୍ୱାରା ଆମ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପିଲାମାନେ ଏହି କେନ୍ଦ୍ରକୁ ଦେଶର ସର୍ବଶ୍ରେଷ୍ଠ ସେବା କେନ୍ଦ୍ରରେ ପରିଣତ କରିବାରେ ସଫଳ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏଥିନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ମଧ୍ୟ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଏହି ଅବସରରେ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାର କାନ୍ତି ବେହେରା କହିଛନ୍ତି, ଓଡ଼ିଶା ଏବେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ବିଜ୍‌ନେସ ପ୍ରୋସେସିଂ ମ୍ୟାନେଜମେଣ୍ଟ ସେଣ୍ଟର ରାଜ୍ୟର ଉଚ୍ଚଶିକ୍ଷିତ ଯୁବପିଢ଼ିମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।।

ଇନ୍‌ଫୋସିସ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ସହକାରୀ ମୁଖ୍ୟ (ଡେଲିଭରି) ସତୀଶ ଏଚ୍.ସି. ରାଜ୍ୟ ସରକାରଙ୍କ ସହଯୋଗର ଭୂରି ଭୂରି ପ୍ରଶଂସା କରିଛନ୍ତି। ବର୍ତ୍ତମାନ ଭୁବନେଶ୍ୱର ଇନ୍‌ଫୋସିସ୍‌ରେ ପ୍ରାୟ ୧୦ ହଜାର କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଆଗାମୀ ଦିନରେ ଏହାର କ୍ଷମତାକୁ ୨୦ ହଜାରକୁ ବୃଦ୍ଧି କରାଯିବା ଯୋଜନା ରହିଛି। ବିପିଏମ୍ ସେବା କେନ୍ଦ୍ର ମୁଖ୍ୟ ଉପାଧ୍ୟକ୍ଷ ନୀଲ ମୋହନ ଧନ୍ୟବାଦ ଦେଇଥିଲେ। ଏହିଅବସରରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ଏବଂ ଅତିରିକ୍ତ ଶାସନ ସଚିବ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କିଏ କେଉଁଠି ଜାତୀୟ ପତାକା ଉତ୍ତୋଳନ କରିବେ

ଭୁବନେଶ୍ୱର,୧୦।୮ (ଅନିଲ ଦାସ)

ଆସନ୍ତା ଅଗଷ୍ଟ ୧୫ ତାରିଖ ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟମାନେ କେଉଁଠି ଜାତୀୟ ପତାକା ଉତ୍ତୋଳନ କରିବେ ଏ ନେଇ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି। ରାଜ୍ୟର ୨୦ଜଣ ମନ୍ତ୍ରୀ ବିଭିନ୍ନ ଜିଲାରେ, ରାଉରକେଲା ଓ ବ୍ରହ୍ମପୁରରେ ୨ଜଣ ଆର୍‌ଡିସି ଏବଂ ୧୦ଟି ଜିଲାରେ ଜିଲାପାଳମାନେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିବେ।

ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ପତାକା ଉତ୍ତୋଳନ ଓ ପରେଡ ଅଭିବାଦନ ଗ୍ରହଣ କରିବେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କନ୍ଧମାଳରେ ପତାକା ଉତ୍ତୋଳନ କରିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପୁରୀ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୋରାପୁଟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗଞ୍ଜାମ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ବରଗଡ଼, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ସମ୍ବଲପୁର, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କେନ୍ଦୁଝର ଏବଂ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଅନୁଗୋଳ ଜିଲାରେ ପତାକା ଉତ୍ତୋଳନ କରିବେ। ସେହିପରି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ରାୟଗଡ଼ା ଜିଲାରେ ପତାକା ଉତ୍ତୋଳନ କରିବା ବେଳେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଜଗତ୍‌ସିଂହପୁର, ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବଲାଙ୍ଗୀର, ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ସୁନ୍ଦରଗଡ଼, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କଟକ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବାଲେଶ୍ୱର, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଝାରସୁଗୁଡ଼ା, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୟୂରଭଞ୍ଜ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କଳାହାଣ୍ଡି, କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମାଲକାନଗିରି, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ସୋନପୁର ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଢେଙ୍କାନାଳ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ ସହ ପରେଡ୍ ଅଭିବାଦନ ଗ୍ରହଣ କରିବେ। ସେହିପରି ଭଦ୍ରକ, ବୌଦ୍ଧ, ଦେବଗଡ଼,ଗଜପତି, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୂଆପଡ଼ା, ନବରଙ୍ଗପୁର ଓ ନୟାଗଡ଼ ଜିଲାରେ ସମ୍ପୃକ୍ତ ଜିଲାପାଳ ଏବଂ ବ୍ରହ୍ମପୁର ଓ ରାଉରକେଲାରେ ଯଥାକ୍ରମେ ଦକ୍ଷିଣାଞ୍ଚଳ ଆର୍‌ଡିସି ଓ ଉତ୍ତରାଞ୍ଚଳ ଆର୍‌ଡିସି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ଅଭିବାଦନ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

# ମହଙ୍ଗା ପଡ଼ିଲା ଜାଲ୍ ସାର୍ଟିଫିକେଟରେ ଚାକିରି

## ଜେଲଗଲେ ନକଲି ହିନ୍ଦୀ ଶିକ୍ଷୟିତ୍ରୀ

- ଅନ୍ୟ ୩ ଶିକ୍ଷକଙ୍କ ବିରୋଧରେ ଟାଉନ୍ ଥାନାରେ ମାମଲା
- ଅଭିଯୁକ୍ତ ଶିକ୍ଷକଙ୍କୁ ୭ ଦିନିଆ କାରଣ ଦର୍ଶାଅ ନୋଟିସ
- ପୁଣି ଥରେ ଚର୍ଚ୍ଚାରେ ନକଲି ସାର୍ଟିଫିକେଟ କାରବାର

ବଲାଙ୍ଗୀର, ୧୦।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡିଛି। ବଲାଙ୍ଗୀର ଟାଉନ୍ ଥାନା ପୋଲିସ ପୁଇଁତଲା ବ୍ଲକ ରଣ୍ଡାସ୍ଥିତ ହାଇସ୍କୁଲ ହିନ୍ଦୀ ଶିକ୍ଷୟିତ୍ରୀ ମିନ୍‌ମୟୀ ପଣ୍ଡାଙ୍କୁ ଗୁରୁବାର ଗିରଫ କରିଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶିକ୍ଷୟିତ୍ରୀ ପଣ୍ଡା ଜାଲ ସାର୍ଟିଫିକେଟ ଦେଇ ୨୦୧୩ ମସିହାରୁ ଚାକିରି କରୁଥିଲେ। ଏଭଳିକି ସେ ରେଗୁଲାର ମଧ୍ୟ ହୋଇ ଦରମା ପାଉଥିଲେ। ତାଙ୍କ ସାର୍ଟିଫିକେଟ ଭେରିଫିକେଶନ ପାଇଁ ପଠାଯାଇଥିଲା। ଉଭୟ ବୋର୍ଡ ଏବଂ ତାଲିମ ପ୍ରତିଷ୍ଠାନର ରିପୋର୍ଟ ଆଧାରରେ ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପଣ୍ଡାଙ୍କ ସହ ଜିଲାର ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ହାଇସ୍କୁଲ ଟିଜିଟି (କଳା) ଶିକ୍ଷକ ସଞ୍ଜିତ ପାଣି ମହାନନ୍ଦ ୨୦୧୬ ମସିହାରୁ, ବେଲପଡା ବ୍ଲକ ସୁଲେକେଲା ସ୍ଥିତ ଧରମ୍‌ସିଂ ହାଇସ୍କୁଲର ଟିଜିଟି (ବିସିଏମ୍) ଶିକ୍ଷକ ବିରଞ୍ଚି ପ୍ରସାଦ ନାଏକ ଓ ବଙ୍ଗୋମୁଣ୍ଡା ବାଳିକା ହାଇସ୍କୁଲ ଟିଜିଟି (କଳା) ଶିକ୍ଷକ ଆଲ୍‌ମା ଟପୋ ଜାଲ ସାର୍ଟିଫିକେଟ ଦେଇ ୨୦୨୨ ମସିହାରୁ ଚାକିରି କରୁଥିବା ଜଣାପଡିବା ପରେ ସେମାନଙ୍କ ବିରୋଧରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅନ୍ୟ ୩ ଜଣ ନକଲି ଶିକ୍ଷକଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ତୋଫାନ୍ ବାଗ ଟାଉନ୍ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଯେଉଁମାନେ ଫେରାର ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଅଭିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବ ବୋଲି ସୂଚନା ଦେଇଥିଲେ।

ଅନ୍ୟପଟେ ଡିଇଓ ବେହେରା ଘଟଣା ସମ୍ପର୍କରେ ସୂଚନା ଦେଇ ତାଙ୍କ କାର୍ଯ୍ୟାଳୟ ତରଫରୁ ଚାରି ଅଭିଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ୭ ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କହିଥିଲେ। ଥାନାରେ ମାମଲା ରୁଜୁ ହୋଇଥିବାରୁ ସେମାନେ ଖୁବ୍‌ଶୀଘ୍ର ନିଲମ୍ବିତ ହେବେ ବୋଲି ମଧ୍ୟ ସୂଚନା ଦେଇଥିଲେ। ସରକାରୀ ନିୟମାନୁସାରେ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର ଜାଲ ସାର୍ଟିଫିକେଟ ସ୍କାମ୍ ଜଣାପଡିବା ପରେ ବଲାଙ୍ଗୀର ଶିକ୍ଷା ବିଭାଗରୁ କେବଳ ୨ ଶହରୁ ଉର୍ଦ୍ଧ୍ୱ ସାର୍ଟିଫିକେଟ ଯାଞ୍ଚ ପାଇଁ ପଠାଯାଇଥିଲା। ବିଭିନ୍ନ ସମୟରେ ବୋର୍ଡ ଏବଂ ଟ୍ରେନିଂ ଅନୁଷ୍ଠାନ ଗୁଡିକରୁ କେଉଁ ସାର୍ଟିଫିକେଟ ଅସଲି ଏବଂ କେଉଁଟା ନକଲି ସେନେଇ ସୂଚନା ମିଳୁଛି। ସେଇ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଜାଲ ସାର୍ଟିଫିକେଟ କାରବାରରେ ୪ ଜଣ ନକଲି ଶିକ୍ଷକ ଠାବ ହେବା ପରେ ପୁଣି ଥରେ ଜିଲାରେ ଜାଲ ସାର୍ଟିଫିକେଟ ଚର୍ଚ୍ଚା ଜୋର ଧରିଛି। କ୍ରାଇମ୍ ବ୍ରାଞ୍ଚ ତଦନ୍ତକୁ ଲୋକେ ନାପସନ୍ଦ କରିବା ସହ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବା ପାଇଁ ଉଦ୍ୟମ କରାଯାଇଥିବା ପ୍ରମାଣିତ ହୋଇଛି ବୋଲି ଚର୍ଚ୍ଚା ଜୋର ଧରିଛି।


## OFFICE OF THE PRINCIPAL
### PANCHAYAT SAMITI HIGHER SECONDARY SCHOOL, MURIBAHAL
## WALK-IN-INTERVIEW

An Interview for the post of Lecturer-in-Odia (Guest Faculty) along with one Male Peon (Self-Finance) is scheduled to be held in Panchayat Samiti Higher Secondary School, Muribahal on dt.20.08.2023 at 10.00 A.M. to 2.00 P.M. Interested candidates for said lecturer post having at least 55% of Marks in Post Graduation level may attend the interview. Preference will be given to the B.Ed. candidates.

**N.B.- No TA, DA will be given to the applicants.**

**Contact No. 9437367435**

Sd./- Principal-cum-Secretary
P.S.Higher Secondary School,
Muribahal

GOVERNMENT OF ODISHA No. O-594
## OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR
jajpurrwd@yahoo.com
**'E' PROCUREMENT NOTICE No. Tender Online 05 JJPT of 2023-24**

1. Name of Work : Road Works
2. Total No. of Work : 08 Nos. Road Works
3. Estimated Cost (Approx.) : Rs.6.71 Lakhs to 29.40 Lakhs
4. Period of Completion : 02 Months to 04 Months
5. Class of Contractors : B, C & D Class

**Other details as follows:**
a) Procurement Officer : Executive Engineer, Rural Works Division, Jajpur
b) Availability of tender online & submission of bid : 16.08.2023 at 10.00 A.M. to 24.08.2023 upto 5.00 P.M.
c) Last date & time of seeking of tender clarification : 23.08.2023 upto 5.00 P.M.
d) Opening of Technical Bid : 25.08.2023 at 11.30 A.M.

Further details can be seen from the Govt. website **www.tendersodisha.gov.in**.

Sd./- Executive Engineer
Rural Works Division, Jajpur
OIPR-25047/11/0007/2324

GOVERNMENT OF ODISHA No. B-647
## OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE
e-mail ID: supenger_rbjyp@yahoo.co.in, Phone No.: 06854-231528
### INVITATIONS FOR BIDS (IFB)
Bid Identification No. C.C.E.J.C. (R&B) - 16/2023-24
No. 3925 Date: 08.08.2023

1. Nature of the Work : BRIDGE WORKS
2. Total No. of Works : 02 (Two) Nos.
3. Estimated Cost : Rs.5.71 Crs. to 9.89 Crs. as per works
4. Period of Completion : 10 (Ten) to 11 (Eleven) Months
5. Cost of Bid Document : Rs.10,000/-
6. Bid Security (EMD) : As per Column No. - 06 of IFB
7. Class of Contrator : "A" & "Special" Class as per Cl. No. 05 of TCN & according to Financial eligibility
8. Date & time of availability of bid document in the portal : From 11.00 hours of 11.08.2023 to 17.00 hours of 25.08.2023
9. Last date/time for receipt of bids in the portal : 17.00 hours of 25.08.2023
10. Opening date of Bid : 10.00 hours of 28.08.2023
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- Chief Construction Engineer
Jeypore (R&B) Circle, Jeypore
OIPR-34108/11/0018/2324

ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଚିତ୍ରକୋଣ୍ଡା, ଜିଲ୍ଲା-ମାଲକାନଗିରି
## OFFICE OF THE PANCHAYAT SAMITI, CHITRAKONDA, DIST-MALKANGIRI
e-mail:ori-kudumulugumma@nic.in, Mob No.9439781618, 9668310803
TENDER CALL NOTICE NO.03/2022-23 DATED:10.08.2023

Sealed Tenders are invited from eligible contractors for the following work by the undersigned.

| Annexure | Name of Works | Approx. Cost of project in Rs. |
|---|---|---|
| 1 | 2 | 3 |
| I | Boundary wall of Panasput Teacher Complex | 1619008/- |
| II | Boundary wall of Jodambo Teacher Complex | 1082083/- |
| III | Boundary wall of Jantapai Teacher Complex | 1614743/- |
| IV | Boundary wall of SarkubandhaTeacher Complex | 1619008/- |
| V | Boundary wall of Badapada PUPS | 1075394/- |
| VI | Const.of Addl.Classroom at Bezing PS of Panasput GP | 1138493/- |
| VII | Const.of Addl.Classroom at Mandapalli PS of Dhullput GP | 919681/- |
| VIII | Const.of Addl.Classroom at Bihangudi PS of Jodambo GP | 1138493/- |
| IX | Const.of Addl.Classroom at Limatanga PS of Dhullput GP | 919681/- |
| X | Const.of Addl.Classroom at Dhullput PUPS of Dhullput GP | 919681/- |
| XI | Const.of Addl.Classroom at Taberu PS of Jantri GP | 919681/- |
| XII | Const.of Addl.Classroom at Gorasetu PUPS of Panasput GP | 1138493/- |
| XIII | Const.of Addl.Classroom at Bidarpakna PS of Papermetla GP | 1143356/- |
| XIV | Const.of Addl.Classroom at Gandhiguda PS of Papermetla GP | 1143356/- |
| XV | Const.of Addl.Classroom at Tontaguda PS of Papermetla GP | 1143356/- |
| XVI | Const.of Addl.Classroom at Gajalmamudi PUS of Gajal-mamudi GP | 1311664/- |

The detailed terms and conditions is available in the official website http://www.malkangiri.nic.in. Last date of submission of Tender Paper is 31st Aug. 2023. The Authority reserves the right to reject any or all tenders without assigning any reason thereof.

Sd./- Block Development Officer, Chitrakonda

GOVERNMENT OF ODISHA No. B-639
## "e" - PROCUREMENT NOTICE
## WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 11/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Work
3. No. of Work : 06 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 11.08.2023 to 5.00 P.M. of 25.08.2023
7. Date of Opening of Bid : Dt.28.08.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0021/2324

See Career Appointment on every Wednesday & Saturday

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No. RDM-LAA-MBJ-0027-2022-22027 R&DM, Dated 22 JUN 2023

**No. XXI-20**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଚକୁଳିଆ (ଅତିରିକ୍ତ), ଥାନା-ମୋରଡା ନଂ.୧୧୭, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାପୋଇ ମାଇନର ଏବଂ ମୂଷାଗାଡିଆ ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୩୦୪୨, ତା.୧୭.୧୨.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଚକୁଳିଆ (ଅତିରିକ୍ତ)** ଥାନା-ମୋରଡା ନଂ.୧୧୭, ଜିଲ୍ଲା-ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ ତହସିଲ-ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚକୁଳିଆ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୪୨.୯୯ | ଏକର ୭.୩୩ | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ ତହସିଲ-ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୭.୦୩.୨୦୨୩ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ

### ଭୂମି ଅନୁସୂଚୀ
ଭୂ-ଅର୍ଜନ ମାମଲା ସଂଖ୍ୟା-୧୪/୨୦୧୯
ଏ.୭.୩୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାପୋଇ ମାଇନର ଏବଂ ମୂଷାଗାଡିଆ ସବ୍‌ମାଇନର ନିମନ୍ତେ
ମୌଜା-ଚକୁଳିଆ (ଅତିରିକ୍ତ), ଥାନା-ମୋରଡା ନଂ.-୧୧୭, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୦ | ୫୭୬ | ୧.୯୬ | ୦.୬୩ | ଡାହି ଦୁଇ | କନ୍ଦା ମାଝୀ, ପି:ଚରେ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୫୪ | ୫୭୭ | ୧.୬୮ | ୦.୭୦ | ଡାହି ଦୁଇ | ଖେଚଡା ମାଝୀ, ସାନ ବର୍ଷା ମାଝୀ, ବାଢା ମାଝୀ, ପି:ଦୁଃଖିଆ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ ସାମିଲ ସୁଖିଲା ଖାଡି |
| ୫୯ | ୪୮୮ | ୨.୭୬ | ୦.୫୬ | ଡାହି ଦୁଇ | ଗଦାଧର ଦାସ, ପି:ଜଗନ୍ନାଥ ଦାସ, ଜା:ଗୋଲା, ବା:ଝିଙ୍କିରିଆ, ଜବର ଦଖଲ ବନମାଳୀ ଯେନା, ପି:ଶିବ ଯେନା, ଜା:ଗୋଲା, ବା:ଝିଙ୍କିରିଆ |
| ୭୭ | ୭୪୩ | ୦.୮୪ | ୦.୦୭ | ଡାହି ଦୁଇ | ବଡଘାସିଆ ମାଝୀ, ପି:କନ୍ଦା ମାଝୀ, ଜା:ସାନ୍ତାଳ, ବା:ଅଁଳାସୁଳ |
| ୮୨ | ୫୪୭ | ୨.୦୧ | ୦.୩୯ | ଡାହି ଦୁଇ | ଚଣ୍ଡ ଓରଫ ସୁନ୍ଦର ମାଝୀ, କୁଅଁର ମାଝୀ, ସୁନାରାମ ମାଝୀ, ବାଲୁକା ମାଝୀ, ପି:ସାନ ବୁଧରାୟ ମାଝୀ, ଜା:ସାନ୍ତାଳ, ବା:ଠକରା ପାଳ |
| ୯୧ | ୭୪୭ | ୧.୭୨ | ୦.୦୪ | ଡାହି ଦୁଇ | ଚୈତନ ମାଝୀ, ପି:ରିଗାଇ ମାଝୀ, ଜା:ସାନ୍ତାଳ, ବା:ବିରିପାଳ |
| ୧୦୬ | ୫୭୨ | ୦.୭୨ | ୦.୧୪ | ଡାହିଦୁଇ | କୁଝାର ମାଝୀ, ଛକୁ ମାଝୀ, ପି:ସାଗର ମାଝୀ, ଦାକ୍ଷିଣ ମାଝୀ, ପି:ସାଲଖୁ ମାଝୀ,ଜା:ସାନ୍ତାଳ, ବା:ବୈଦାସାହି ସାମିଲ ନିଜଗାଁ |
| ୧୧୮ | ୭୩୩ | ୦.୯୦ | ୦.୨୮ | ଡାହି ଦୁଇ | ଠୁମ୍ପୁ ମାଝୀ, ପି:ବଜନାଥ ମାଝୀ, ଜା:ସାନ୍ତାଳ,ବା:ପଳାଶବଣି |
| ୧୧୯ | ୫୪୨ | ୧.୮୮ | ୦.୩୧ | ଡାହିଦୁଇ | ଡମାନ ମାଝୀ, କରଣ ମାଝୀ, ପି:ନାରଣ ମାଝୀ, ଜା:ସାନ୍ତାଳ,ବା:ଠକରାପାଳ |
| ୧୨୬ | ୫୭୮ | ୧.୩୦ | ୦.୧୩ | ଡାହି ଦୁଇ | ଦଶରଥ ମାଝୀ, ପି:କାନ୍‌ଦାନ୍ ମାଝୀ, ଜା:ସାନ୍ତାଳ, ବା:ଜହରି |
| ୧୯୨ | ୫୧୪ | ୧.୮୬ | ୦.୩୦ | ଡାହିଦୁଇ | ଫୁଲ ମାଝୀ, ସ୍ୱା:ଚାନ୍ଦା ମାଝୀ, ଚାନ୍ଦାରାଏ ମାଝୀ, ପି:ଦୁଃଖିଆ ମାଝୀ, ସନା ମାଝୀ, ସ୍ୱା:ସୁନ୍ଦରା ମାଝୀ, ପାଉଁରା ମାଝୀ, ପି:ସୁନ୍ଦରା ମାଝୀ, ଜା:ସାନ୍ତାଳ, ବା:ଝିଙ୍କିରିଆ |
| ୨୦୫ | ୫୫୯ | ୧.୦୪ | ୦.୦୨ | ଡାହି ଦୁଇ | ବାଣ୍ଡିଆ ମାଝୀ, ପି:ପିଥ ମାଝୀ, ଜା:ସାନ୍ତାଳ, ବା:ଜହରୀ |
| ୨୪୩ | ୪୮୯ | ୧.୧୨ | ୦.୨୧ | ଡାହିଦୁଇ | ଭୂତନାଥ ବହରା, ମୁରଲି ବହରା, ପି:ବିନୋଦ ବହରା, ଜା:ଗୋପାଳ,ବା: ଝିଙ୍କିରିଆ |
| ୨୭୨ | ୫୧୭ | ୧.୪୮ | ୦.୦୬ | ଡାହି ଦୁଇ | ମଲ୍ଲିକା ରାଉତ, ପି:କିଶା ରାଉତ, କୃଷ୍ଣ ରାଉତ, ଗୌର ରାଉତ, ପି:କାଶି ରାଉତ, କଟି ରାଉତ, ପି:ସୁରନ୍ଦ୍ର ରାଉତ, ଶୁମା ରାଉତ, ସ୍ୱା: ସୁରନ୍ଦ୍ର ରାଉତ, ଜା:ଗୋପାଳ, ବା:ଝିଙ୍କିରିଆ |
| ୨୭୭ | ୫୧୨ | ୧.୬୬ | ୦.୦୯ | ଡାହି ଦୁଇ | ମାଇନା ମାଝୀ, ପି:କନ୍ଦା ମାଝୀ, କର୍ମ ମାଝୀ, ସ୍ୱା:କନ୍ଦା ମାଝୀ, ଜା:ସାନ୍ତାଳ,ବା:ଠକରାପାଳ |
| ୨୯୭ | ୫୪୫ | ୨.୫୦ | ୦.୩୮ | ଡାହି ଦୁଇ | ମୁଷ୍ଟୁ ମାଝୀ, ବାଢା ମାଝୀ, ପି:ଜାନୁ ମାଝୀ, ଜା:ସାନ୍ତାଳ, ବା:ସୁନ୍ଦରଯୋଡା |
| ୩୦୨ | ୫୪୬ | ୦.୯୦ | ୦.୦୨ | ଡାହି ଦୁଇ | ସାନରାଗୁଆ ମାଝୀ, କୁବୁ ମାଝୀ, ପି:ମଠ ମାଝୀ, ବଡ ରାଗୁଆ ମାଝୀ, ପି:ଭାଗବତ ମାଝୀ, ଜା:ସାନ୍ତାଳ, ବା:ଠକରାପାଳ |
| | ୫୪୮ | ୩.୦୨ | ୦.୫୯ | ଡାହିଦୁଇ | |
| ୩୨୨ | ୫୬୭ | ୧.୦୮ | ୦.୨୨ | ଡାହି ଦୁଇ | ଲସ ମାଝୀ,ପି:ବାରିଆଳ ମାଝୀ, ଜା:ସାନ୍ତାଳ, ବା:ଜହରୀ |
| ୩୨୩ | ୫୨୮ | ୦.୭୨ | ୦.୨୨ | ଡାହିଦୁଇ | ଲସ ମାଝୀ, ପି:ଭିଲୁ ମାଝୀ, ଜା:ସାନ୍ତାଳ, ବା:ଠକରାପାଳ |
| | ୫୩୬ | ୧.୩୪ | ୦.୧୨ | ଡାହି ଦୁଇ | |
| ୩୫୫ | ୫୨୬ | ୧.୨୦ | ୦.୨୧ | ଡାହି ଦୁଇ | ଜଗତ କିସ୍କୁ, ବାସନ୍ତୀ କିସ୍କୁ, ଲକ୍ଷ୍ମୀ କିସ୍କୁ, ପି:ଶିବ କିସ୍କୁ, ମାଳତୀ କିସ୍କୁ, ସ୍ୱା:ଶିବ କିସ୍କୁ, ଜା:ସାନ୍ତାଳ, ବା:ନିଜଗାଁ |
| ୩୯୦ | ୪୯୨ | ୪.୦୭ | ୦.୪୨ | ଡାହି ଦୁଇ | ସୁରେଶ ଚନ୍ଦ୍ର ଗିରି, ପି:ଅଛୁତା ନନ୍ଦ ଗିରି, ଜା:ଗୋପାଳ, ବା:ଝିଙ୍କିରିଆ |
| ୪୧୧ | ୭୩୨ | ୦.୫୫ | ୦.୧୩ | ଡାହି ଦୁଇ | ହେମଦର ମାଝୀ, ପି:ସାଗରାମ ମାଝୀ, ଜା:ସାନ୍ତାଳ, ବା:ପଳାସବଧା |
| ୪୧୧/୫୪ | ୫୧୪/ ୨୧୦୮ | ୧.୩୮ | ୦.୨୯ | ଡାହି ଦୁଇ | ସୁଖି ମୁର୍ମୁ, ପି:ସୁନ୍ଦର ମୁର୍ମୁ, ଜା:ସାନ୍ତାଳ, ବା:ପଳାସବଧା |
| ୪୧୧/୫୯ | ୭୩୮/ ୨୧୧୩ | ୦.୦୫ | ୦.୦୫ | ଘରବାରି | ମାନ୍ଦ ବେଶ୍ରା, ସ୍ୱା:ବିରୁ ବେଶ୍ରା, ବିରୁ ବେଶ୍ରା, ପି:ଭକ୍ତୁ ବେଶ୍ରା,ଜା:ସାନ୍ତାଳ,ବା:ନିଜଗାଁ |
| ୪୧୧/୬୦ | ୭୩୮/ ୨୧୧୪ | ୦.୦୫ | ୦.୦୫ | ଘରବାରି | ମାନକ ମୁର୍ମୁ, ସ୍ୱା:ଚାନ୍ଦା ମୁର୍ମୁ, ଚାନ୍ଦା ମୁର୍ମୁ, ପି:ଡୁହୁ ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| ୪୧୧/୬୧ | ୭୩୮/ ୨୧୧୫ | ୦.୦୫ | ୦.୦୫ | ଘରବାରି | ମାନକ ହାଁସଦା, ସ୍ୱା:ଆମ୍ବାଇ ହାଁସଦା, ଆମ୍ବାଇ ହାଁସଦା, ପି:ସାଗ୍ରାମ ହାଁସଦା, ଜା:ସାନ୍ତାଳ, ବା:ନିଜଗାଁ |
| ୪୧୧/୬୨ | ୭୩୮/ ୨୧୧୬ | ୦.୦୫ | ୦.୦୫ | ଘରବାରି | ଲୁସକୁ ହେମ୍ବ୍ରମ, ପି:ମଙ୍ଗଲ ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| ୪୧୧/୬୩ | ୭୩୮/ ୨୧୧୭ | ୦.୦୫ | ୦.୦୩ | ଘରବାରି | ଲାଖିଆଁ ଟୁଡୁ, ସ୍ୱା:ଚାନ୍ଦୁ ଟୁଡୁ, ଜା:ସାନ୍ତାଳ, ବା:ନିଜଗାଁ |
| ୪୧୧/୬୪ | ୭୩୮/ ୨୧୧୮ | ୦.୦୫ | ୦.୦୧ | ଘରବାରି | ମଙ୍ଗୁଳି ହେମ୍ବ୍ରମ, ସ୍ୱା:ଧାନ ହେମ୍ବ୍ରମ, ଧାନ ହେମ୍ବ୍ରମ, ପି:ବୁଧରାୟ ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| ୪୧୫/୨ | ୫୬୧/ ୨୦୯୩ | ୧.୦୦ | ୦.୨୪ | ପଡିତ | ଧରା ମାର୍ଣ୍ଡି, ପି:ଲସ ମାର୍ଣ୍ଡି, ଜା:ସାନ୍ତାଳ, ବା:ଉଦାଳିପାଳ |
| ୪୧୫/୩ | ୫୬୧/ ୨୦୯୪ | ୧.୦୦ | ୦.୦୮ | ପଡିତ | ବାରିଆଳ ମାରାଣ୍ଡି, ପି:ଲସ ମାରାଣ୍ଡି, ଜା:ସାନ୍ତାଳ, ବା:ଉଦାଳିପାଳ |
| ୪୧୫/୪ | ୫୬୧/ ୨୦୯୫ | ୧.୦୦ | ୦.୧୭ | ପଡିତ | ବାର୍ଷା ମାରାଣ୍ଡି, ପି:ଲସ ମାରାଣ୍ଡି, ଜା:ସାନ୍ତାଳ, ବା:ଉଦାଳିପାଳ |
| ସମପରିମାଣ ଶ୍ମଶାନ ପ୍ରତିବଦଳ | | | | | |
| ୭୭ | ୭୪୩ | ୦.୮୪ | ୦.୦୭ | ଡାହି ଦୁଇ | ବଡ ଘାଷିଆ ମାଝୀ, ପି:କନ୍ଦା ମାଝୀ, ଜା:ସାନ୍ତାଳ, ବା:ଅଁଳାସୁଳ |
| ମୋଟ | ୨୬ ପ୍ଲଟକୁ | ଏ ୪୨.୯୯ ଡେ.ମି. | ଏ.୭.୩୩ ଡେ.ମି. | | |

Sd./- AMIN
Deuli Zone

Sd./- Revenue Inspector
Deuli Zone

Sd./- Zone Officer-cum-L.A. Collector, S.I.P., Deuli Zone

Sd./- Spl. Land Acquisition Officer, S.I.P. Baripada

OIPR-24001/14/0044/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଶରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

# 'ଯୁବପିଢ଼ି ପରିବର୍ତ୍ତନର ବାର୍ତ୍ତାବହ'

ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର






ଫକୀରମୋହନ ମହାବିଦ୍ୟାଳୟରେ ଗୁରୁବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ,ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚସୀନ ଅତିଥି ଓ ବିଚାରକ ମଣ୍ଡଳୀ। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**ବାଲେଶ୍ୱର, ୧୦।୮ (ମାନସ ବିଶ୍ୱାଳ)**

ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସିଂହଭାଗ ହେଉଛନ୍ତି ଯୁବପିଢ଼ି। ଆମ ଦେଶର ପ୍ରତ୍ୟେକ ନାଗରିକ ଯୁବାବସ୍ଥାରୁ ଗଣତନ୍ତ୍ରର ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ରହିଥାନ୍ତି। ତେଣୁ ଯୁବପିଢ଼ିଙ୍କୁ ଗଣତନ୍ତ୍ରର ଅନ୍ତର୍ଦ୍ଦିଶାଳର ଆଖ୍ୟା ଦିଆଯାଇପାରେ। ଯୁବପିଢ଼ିଙ୍କ ପାଖରେ ରହିଛି ପରିବର୍ତ୍ତନର ଅଜସ୍ର ଶକ୍ତି। ଏମାନେ ହିଁ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଅଗ୍ରଗାମୀ ହୋଇପାରିବେ ବୋଲି ବାଲେଶ୍ୱର ଜିଲା ଫକୀରମୋହନ ମହାବିଦ୍ୟାଳୟରେ ଗୁରୁବାର 'ଧରିତ୍ରୀ'ର ୫୦ ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଫକୀରମୋହନ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ଡ. ଦିଲୀପ କୁମାର ଘୋଷ ଓ ଫକୀରମୋହନ ଜୁନିୟର କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ବିଚାରକ ଭାବେ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ କବି ପ୍ରଶାନ୍ତ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଧରିତ୍ରୀର ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀର ଉପ-ବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ତଥା ଧରିତ୍ରୀର ୫୦ବର୍ଷର ଯାତ୍ରା ଓ ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଉପରେ ବକ୍ତବ୍ୟ ରଖିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ତ୍ରିପାଠୀ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯୁବପିଢ଼ିଙ୍କୁ ସବୁକ୍ଷେତ୍ରରେ ପ୍ରାଧାନ୍ୟ ଦେବା ଉଚିତ୍। ଗଣମାଧ୍ୟମ ହିଁ ପ୍ରତିଟି କ୍ଷେତ୍ରରେ ସଂସ୍କାର ଆଣିଥାଏ ବୋଲି ସେ କହିଥିଲେ। ସେହିପରି କବି ପ୍ରଶାନ୍ତ ଦାସ କହିଥିଲେ, 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ସମସ୍ତଙ୍କୁ ଜ୍ଞାନମୟ କଲା। ନୂଆ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ନୂଆ ମନ ସୃଷ୍ଟି କରିବା। ଯୁବପିଢ଼ି ହେଉଛନ୍ତି ନିର୍ମାଣର ପ୍ରତୀକ। ଗଣତନ୍ତ୍ର ଏକ ଶାସନ ବ୍ୟବସ୍ଥା। ଗଣମାଧ୍ୟମ ହେଉଛି ଜନସଚେତନତା। ଧରିତ୍ରୀର ଏହି ଅଭିଯାନକୁ ସମସ୍ତେ ମିଳିମିଶି ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ।

ବକ୍ତୃତା ପ୍ରତିଯୋଗିତାରେ ୧୭ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର କମଳଜିତ୍ ପଡ଼ିଆରୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ର ଗୌରବ ପାଣିଗ୍ରାହୀ ଦ୍ୱିତୀୟ ଏବଂ ଯୁକ୍ତ୨ କଳା ଦ୍ୱିତୀୟ ବର୍ଷ ଛାତ୍ରୀ ଶୁଭଶ୍ରୀ ଦାସ ଓ ଯୁକ୍ତ୨ କଳା ଦ୍ୱିତୀୟ ବର୍ଷ ଛାତ୍ର ଦେବେନ୍ଦ୍ର ବାରିକ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଫକୀରମୋହନ ଜୁନିୟର କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଧରିତ୍ରୀର ରେମୁଣା ବ୍ଲକ ପ୍ରତିନିଧି ରବୀନ୍ଦ୍ର ମହାକୁଡ଼ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରସାର ପରିଚାଳକ ଆଲୋକ କାନୁନ୍‌ଗୋ, ରୂପ୍‌ସା ପ୍ରତିନିଧି ବାଞ୍ଛାନିଧି ଦେ, ସିମୁଳିଆ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ନାୟକ, ନୀଳଗିରି ବ୍ଲକ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ ଓ ଇନ୍ଦ୍ରଜିତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।


ଅର୍ଘ୍ୟରୂପା ଦାସ


ଅମୃତ କୁମାର ପାତ୍ର


ନିକିତା ବାନାର୍ଜୀ


ସନ୍ତୋଷୀ ବରାଳ


ରୂପାଲୀ ବୈଠା


ସାଇ ଆୟୁଷ୍ମାନ


ଗାୟତ୍ରୀ ରାଉତ


ହରପ୍ରିୟା ରଣା


ବିବେକ କୁମାର ଜେନା


କଲ୍ୟାଣରାୟ ମହାପାତ୍ର


ମଧୁମିତା ବେହେରା


ଆଶୁତୋଷ ପତି


ଭାଗ୍ୟଶ୍ରୀ ଦାସ

## ବିଜେତାଙ୍କ ମୁଖରୁ...



ବହୁ ସଂଘର୍ଷ ଓ ତ୍ୟାଗ ବଳରେ ଭାରତ ସ୍ୱାଧୀନତା ଲାଭ କରିଥିଲା। ଗଣମାଧ୍ୟମର ଉଚ୍ଚତର ଦୃଷ୍ଟିଭଙ୍ଗୀରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଥାଏ। ଗଣତନ୍ତ୍ରର ବିକାଶ ଫଳରେ ଗରିବ ଲୋକ ନ୍ୟାୟ ପାଇଥାନ୍ତି। ଯୁବପିଢ଼ିଙ୍କ ପାଇଁ ଗଣତନ୍ତ୍ର, ଗଣମାଧ୍ୟମ ନିତାନ୍ତ ଜରୁରୀ। ଧରିତ୍ରୀର ଏଭଳି ପ୍ରୟାସ ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି କରିଛି।

**– କମଳଜିତ୍ ପଡ଼ିଆରୀ, ପ୍ରଥମ**



ଗଣମାଧ୍ୟମ ଏବଂ ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ହେଲେ ଗଣତନ୍ତ୍ର ବେଳେ ବେଳେ ଶାସକଙ୍କ ହାତବାରିସି ହୋଇଯାଉଛି। ଧର୍ମନିରପେକ୍ଷ ରାଷ୍ଟ୍ରରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନଙ୍କ ମଧ୍ୟରେ ଏଠାରେ ପାଚେରି ଉଠୁଛି। ଏଭଳିସ୍ଥିତିରେ ଗଣମାଧ୍ୟମ ତାର ଭୂମିକା ଠିକ୍ ଭାବେ ନିର୍ବାହ କରିବା ଆବଶ୍ୟକ। ଆଉ ଏଥିପାଇଁ ଯୁବପିଢ଼ି ସଚେତନ ହେବା ଜରୁରୀ। ଧରିତ୍ରୀ ଆମକୁ କିଛି କହିବାର ସୁଯୋଗ ଦେଇଥିବାରୁ ଆମେ କୃତଜ୍ଞ।

**– ଗୌରବ ପାଣିଗ୍ରାହୀ, ଦ୍ୱିତୀୟ**



ପରିବର୍ତ୍ତନଶୀଳ ପୃଥିବୀର ପ୍ରତି ମୁହୂର୍ତ୍ତରେ ଘଟୁଥିବା ଘଟଣାବଳୀର ପ୍ରଚାର, ପ୍ରସାର ପାଇଁ ଗଣମାଧ୍ୟମର ଭୂମିକା ରହିଛି। ସମାଜର ଦୁଃଖ, ଦୁର୍ଦ୍ଦଶା ଓ ସରକାରଙ୍କ ଦୋଷ, ଦୁର୍ବଳତାକୁ ଲୋକଲୋଚନକୁ ଆଣିଥାଏ ଗଣମାଧ୍ୟମ। ଫଳରେ ଗଣତନ୍ତ୍ର ସୁଦୃଢ଼ ହୋଇଥାଏ। ଦେଶର ଯୁବପିଢ଼ି ହେଉଛନ୍ତି ସର୍ବବୃହତ୍ ଶକ୍ତି। ବାସ୍ତବରେ ଯୁବପିଢ଼ିଙ୍କ ଉନ୍ନତ ଚିନ୍ତାଧାରା ଓ ଇଚ୍ଛାଶକ୍ତି ଦେଶକୁ ଆଗେଇନିଏ।

**– ଶୁଭଶ୍ରୀ ଦାସ, ଯୁଗ୍ମ ତୃତୀୟ**



ଗଣତନ୍ତ୍ର ହେଉଛି ଜନସାଧାରଣଙ୍କ ସରକାର। ଏହା ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା। ଭାରତର ୧୪୦ କୋଟି ଲୋକଙ୍କର ସମସ୍ୟା, ଆବଶ୍ୟକତାକୁ ଗଣମାଧ୍ୟମ ହିଁ ସରକାରଙ୍କ ନିକଟରେ ପହଞ୍ଚାଇଥାଏ। ସ୍ମାର୍ଟଫୋନ୍ ହେଉଛି ଏବେ ସର୍ବବୃହତ୍ ଗଣମାଧ୍ୟମ। ପ୍ରତ୍ୟେକ ଜନସାଧାରଣଙ୍କୁ ଖବରଦାତା କହିଲେ ଭୁଲ୍ ହେବ ନାହିଁ। ଯୁବପିଢ଼ିଙ୍କ ଜ୍ଞାନକୌଶଳ ଓ ଉଦ୍ୟମ ବଳରେ ରାଷ୍ଟ୍ରର ବିକାଶ ଘଟିଛି।

**– ଦେବେନ୍ଦ୍ର ବାରିକ, ଯୁଗ୍ମ ତୃତୀୟ**


# Classified Everyday
0674-2580101, 2549949



REAL ESTATE

**SALE**

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

**3900sqft. plot for sale near Retang Road Square, close to CV Raman Engineering Colleges. 8010470254.** D-1021

ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁର ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ ମିଳୁଛି। 8093465134, 9668194157. D-75201

Duplex sale at Bhubaneswar @57 Lakhs only. Contact-9777433701. D-74898

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

3BHK Apartment Rasulgarh-89,00,000/-, 3BHK Duplex near Tankapani- 79,00,000/-, 4BHK Duplex Balianta-89,00,000/-, 3BHK Duplex near Nandankanan-89,00,000/-, Gangapada 11Acre, Pitapalli 2Acre. Residential Land Patia-2890, Tankapani-2650, Patrapada-2200, Tamando-1500, Hanspal-2500, Mancheswar-1650, Pitapalli-1650, Balianta-1200, Baranga-1200, Sundarpada-900, Jaanla-900, DPSback-900. 8984071303, 8249630501. D-1028

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

**Flat for sale 3BHK Deluxe with parking, price 1.5 cr, Near Kalinga Hospital, Bhubaneswar, New Jivan Bima Nagar. Contact: 9337469627, 6371761144.** D-74560

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022




Spacious Ground Floor with Parking 3BHK in VSS Nagar for Office. 7978059473. D-0989




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75023

Newly opened (One8 Spa)/(Salon Service) with expert therapist, 9938843929. D-75137

All types of professional body massage by professional therapy, contact 7077933109/9556924059/8658803018. D-1000

Newly open SPA positively health benefits with expert therapist. 7849011931. D-75141

Full body massage in homely atmosphere in all therapy. Mob: 8114881641. D-73439

Spa Kerala body massage only best Therapist @699/- Bhubaneswar. 9337672475. D-0965

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Umesh Agarwal, S/o- Late Madan Lal Agarwal, resident of Plot No.- 1266/2308-1266/2309. ADITI CHANDA ROYALE, Canal Road, Bomikhal, Dist.- Khorda, Pin- 751006 Odisha declare by this affidavit No.- 34 dtd.- 25.07.2023 that now onwards I shall be known as UMESH KUMAR AGARWAL for all future purposes. D-1029

I, PRADEEP KUMAR MALLICK, alias PADMANAV MALLICK (43), S/o- Narayan Mallick, Vill- Nuagaon, P.O.- Balibarei, P.S.-Soso, Dist.- Kendujhar, At Present Vill- Bankatira, P.O.- Kadabarang, P.S.- Agarapada, Dist.- Bhadrak. I have Two LIC Policy bearing No.- 363944905 & 363541634 where my name is PRADEEP KUMAR MALLICK. By this affidavit I declare that PRADEEP KUMAR MALLICK and PADMANAV MALLICK same & one person. D-1023

I, Anitarani Naik, W/o- Sushant Kumar Nayak, resident of Dharitri Lane, Baniabahal, P.O.-Hulurisingha, P.S./Dist.-Angul, Odisha, Date of Birth 09.06.1986 declare by this affidavit 63AA 084915 dated 07.08.23 that now onwards I shall be known as ANEETA NAYAK Date of Birth 10.01.1986 for all future purposes. D-71689

I, BHUTU KHAN, alias MUKTAR KHAN (42 yrs), S/o- Rustam Khan, Vill/P.O.- Goladia, P.S.-Chandbali, Dist.- Bhadrak. I have an LIC Policy bearing No.- 589490982 Where my name is BHUTU KHAN. But in my Bank Passbook my name is MUKTAR KHAN as per Aadhaar Card. I declare that BHUTU KHAN and MUKTAR KHAN same & one person. D-1024

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LEGAL NOTICE**

In the Honourable Court of the Civil Judge (Senior Division), Malkangiri
C.S./MAT 36/2019

01. Santosh Kumar Nanda, aged about 43 years, Son of Krushna Chandra Nanda of Durgagudi Street, Malkangiri, working as Sub-staff of C.D.M.O.Office, Malkangiri, PS/District.-Malkangiri, Odisha

....Petitioner

-Versus-

01. Jayashree Nanda, aged about 39 years, Wife of Sri Santosh Kumar Nanda of Durgagudi Street, Malkangiri, At present Care of Bhaskar Dash, Mauligudi Street, Malkangiri, P.S./District-Malkangiri, Odisha

... Respondent

NOTICE
[Under Order-5, Rule-20 of C.P.C.]

To
Jayashree Nanda, aged about 39 years Wife of Sri Santosh Kumar Nanda of Durgagudi Street, Malkangiri, at present Care of Bhaskar Dash, Mauligudi Street, Malkangiri, P.S./District.-Malkangiri, Odisha

WHEREAS the above named Petitioner has filed a suit under section 13 of Hindu Marriage Act 1955 seeking a decree of divorce against you. You have not yet appeared in the suit in spite of repeated summons from this court; however you are hereby summoned to appear in this Court in person or through Pleader on the 14th day of Aug. 2023 at 10.30 AM/PM to answer all material questions relating to the suit.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this 24th day of July 2023.

Sd./- Civil Judge (Senior Division), Malkangiri
D-1030

## ୟୁପିଆଇରେ ଯୋଡ଼ିହେବ ଏଆଇ

**ନୂଆଦିଲ୍ଲୀ:** ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ୟୁପିଆଇ ସିଷ୍ଟମକୁ ଆହୁରି ବିକଶିତ କରିବା ପାଇଁ ଯୋଜନା କରୁଛି। ୟୁପିଆଇ ପେମେଣ୍ଟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ସାମିଲ କରିବାକୁ ଆର୍‌ବିଆଇ ଆକଳନ କରୁଥିବା ଜଣାପଡ଼ିଛି। ଗୁରୁବାର ଆର୍‌ବିଆଇର ଗଭର୍ନର ଶକ୍ତିକାନ୍ତ ଦାସ ଏହାର ମୌଦ୍ରିକ ନୀତି ବୈଠକ ପରେ ୟୁପିଆଇକୁ ନେଇ ରହିଥିବା ଯୋଜନା ବିଷୟରେ ଆଲୋକପାତକରି କହିଛନ୍ତି, ଏଆଇ ଦ୍ୱାରା ୟୁପିଆଇରେ 'ଭଏସ୍ କମାଣ୍ଡ'ସୁବିଧା ଆଣିବାକୁ ଯୋଜନା ରହିଛି। ଏଆଇ ୟୁପିଆଇ ସିଷ୍ଟମକୁ ଉପଭୋକ୍ତାଙ୍କ ସହ ଯୋଡ଼ିବାରେ ସାହାଯ୍ୟ କରିବ ତଥା ଭଏସ୍ କମାଣ୍ଡ ଦ୍ୱାରା ୟୁପିଆଇ ପେମେଣ୍ଟ ପାଇଁ ଗ୍ରାହକଙ୍କୁ ଏକ ଭିନ୍ନ ଅନୁଭବ ଦେବ।



ମୁମ୍ବାଇଠାରେ ଆୟୋଜିତ ୧୮ ତମ ରିଟେଲ ଜୁଏଲର ଇଣ୍ଡିଆ ଆୱାର୍ଡ କାର୍ଯ୍ୟକ୍ରମରେ ଜୟଆଲୁକ୍କାସକୁ 'ଟିଭି କ୍ୟାମ୍ପେନ ଅଫ୍ ଦି ଇୟର ଆୱାର୍ଡ-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସର ପରିଚାଳନା ନିର୍ଦ୍ଦେଶକ (ଇଣ୍ଟରନ୍ୟାଶନାଲ ଅପରେଶନସନ୍ସ) ଜନ୍ ପଲ୍ ଆଲୁକ୍କାସ ବଲିଉଡ୍ ଅଭିନେତ୍ରୀ ନମ୍ରତା ବରୁଆ ଶ୍ରଫ୍‌ଙ୍କଠାରୁ ଉପରୋକ୍ତ ଆୱାର୍ଡ ଗ୍ରହଣ କରୁଛନ୍ତି। ଏହି ଅବସରରେ ୱାଲର୍ଡ ଗୋଲ୍ଡ କାଉନସିଲର ଏମ୍‌ଡି ସୋମା ସୁନ୍ଦରମ ପିଆର ଏବଂ ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଉପସ୍ଥିତ ଅଛନ୍ତି।

## ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର, ୧୦।୮**

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୦୮(୩୦୭.୬୩) ପଏଣ୍ଟ କମି ୬୫,୬୮୮ (୬୫,୬୮୮.୧୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୯ (୮୯.୪୫) ପଏଣ୍ଟ ହ୍ରାସ ଘଟି ୧୯,୫୪୩ (୧୯,୫୪୩.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାରର କାରବାରରେ ପରିବର୍ତ୍ତନ ଦେଖାଦେଇଛି।

## ହିଣ୍ଡାଲ୍‌କୋ ସହ ଟେକ୍ସମାକୋର ଚୁକ୍ତି




**ଭୁବନେଶ୍ୱର, ୧୦।୮**

ବିଶ୍ୱର ସର୍ବବୃହତ୍ ଆଲୁମିନିୟମ ରୋଲିଂ ଏବଂ ରିସାଇକ୍ଲିଂ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ଟେକ୍ସମାକୋ ରେଲ ଆଣ୍ଡ ଇଞ୍ଜିନିୟରିଂ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ବିଶ୍ୱ ଶ୍ରେଣୀର ଆଲୁମିନିୟମ ରେଳ ୱାଗନ ଏବଂ କୋଚ ବିକାଶ ଓ ବିନିର୍ମାଣ ନିମନ୍ତେ ଉଭୟ କମ୍ପାନୀ ଏକ ରଣକୌଶଳାତ୍ମକ ଚୁକ୍ତି କରିଛନ୍ତି, ଯାହା ଭାରତୀୟ ରେଳ ବିଭାଗକୁ ଏହାର ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ଏବଂ ପରିଚାଳନାଗତ ସାମର୍ଥ୍ୟକୁ ଅଧିକ ସୁଦୃଢ଼ କରିବ।

ଏ ସମ୍ପର୍କରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ମ୍ୟାନେଜିଂ ଡାଇରେକ୍ଟର ସତୀଶ ପାଇ କହିଥିଲେ,ଭାରତର ପ୍ରଥମ ଆଲୁମିନିୟମ ରେକ୍ ପ୍ରଚଳନ ସହ ଆମେ ଉଚ୍ଚତର ଭାର ପରିବହନର ଫାଇଦା ଏବଂ ଆଲୁମିନିୟମ ରେକ୍ ବ୍ୟବହାର ଦ୍ୱାରା ହେଉଥିବା ସିଓ୨ ନିର୍ଗମନ ହ୍ରାସର ପ୍ରଦର୍ଶନ କରିଛୁ। ଏହି ସହଭାଗିତା ପଣ୍ୟ ପରିବହନ ସହିତ ଶିଳ୍ପ ଏବଂ ଯାତ୍ରୀ ପରିବହନ ନିମନ୍ତେ ମୂଲ୍ୟ ଗତ ଦିଗ ଉପରେ ବୃଦ୍ଧି ଘଟାଇବା ଆମ ଭୂମିକାକୁ ଅଧିକ ସୁଦୃଢ଼ କରିବ। ସେହି ସମୟରେ ରେଳ ବିଭାଗକୁ ତା'ର ନେଟ୍ ଜିରୋ ଲକ୍ଷ୍ୟ ହାସଲ ଦିଗରେ ଏହା ବେଶ୍ ସହାୟତା କରିବ।

ସେହିଭଳି ଟେକ୍ସମାକୋ ରେଳ ଆଣ୍ଡ ଇଞ୍ଜିନିୟରିଂ ଲିମିଟେଡ୍‌ର ଭାଇସ ଚେୟାରମ୍ୟାନ ଇନ୍ଦ୍ରଜିତ ମୁଖାର୍ଜୀ କହିଛନ୍ତି, ଏହି ମୂଲ୍ୟବାନ୍ ସହଭାଗିତା ନବୋନ୍ମେଷୀ ଏବଂ ଦୀର୍ଘସ୍ଥାୟୀ ଉତ୍ପାଦ ସୃଷ୍ଟି ଦିଗରେ ବିଶେଷ ସହାୟକ ହେବ। ଏହା ସହିତ ଶିଳ୍ପର ଅଙ୍ଗାରକ ନିର୍ଗମନ ହ୍ରାସ ତଥା ଏକ ସକାରାତ୍ମକ ପରିବେଶ ପ୍ରଭାବକୁ ଏହା ଆଗେଇ ନେବା ଦିଗରେ ଆମର ପ୍ରତିବଦ୍ଧତାକୁ ପୁନଃ ମଜଭୁତ କରୁଛି।

## ଜୀ-ସୋନିର ମିଶ୍ରଣକୁ ଏନ୍‌ସିଏଲ୍‌ଟିର ଅନୁମତି

**ଭୁବନେଶ୍ୱର, ୧୦।୮**

ଦେଶର ପ୍ରମୁଖ ଗଣମାଧ୍ୟମ କମ୍ପାନୀ ଜୀ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ଏବଂ ସୋନି ପିକ୍ଚର୍ସ ନେଟ୍‌ୱାର୍କ ଇଣ୍ଡିଆ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଏହା ବିରୋଧରେ ବିଭିନ୍ନ ପରିଚାଳନା ଏବଂ ଆର୍ଥିକ ଋଣଦାତାମାନେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ଜି-ସୋନି ବିଲୟ ଯୋଜନା ଉପରେ ଆପତ୍ତି ଉଠାଇଥିଲେ। କାରଣ କମ୍ପାନୀ ଆଇଡିବିଆଇ ବ୍ୟାଙ୍କ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍ ଏବଂ ଆଇପିଆର୍‌ଏସ୍ ଭଳି ଅନେକ ଆର୍ଥିକ ସଂସ୍ଥା ସହ ବୁଝାମଣା କରିଥିଲା। ଦୀର୍ଘ ଦିନର ନ୍ୟାୟିକ ଲଢ଼େଇ ପରେ ୨୦୨୩ ଅଗଷ୍ଟ ୧୦ରେ ମନୋରଞ୍ଜନ ଜଗତର ୨ ବଡ଼ କମ୍ପାନୀଙ୍କ ମିଶ୍ରଣକୁ ଅନୁମତି ମିଳିଲା। ଏପରିକି ଗୁରୁବାର ଏନ୍‌ସିଏଲ୍‌ଟିର ମୁମ୍ବାଇ ପୀଠ ଜୀ- ସୋନିର ମିଶ୍ରଣକୁ ଅନୁମତି ଦେଇଛନ୍ତି। ଏହା ସହ ଜୀ-ସୋନି ବିଲୟକୁ ନେଇ ଥିବା ସବୁ ଆପତ୍ତିକୁ ମଧ୍ୟ ପୀଠ ଖାରଜ କରିଛନ୍ତି। ନ୍ୟାୟିକ ସଦସ୍ୟ ଏଚ୍.ଭି.ଶୁଭା ରାଓ ଏବଂ ପ୍ରଯୁକ୍ତି ସଦସ୍ୟ ମଧୁ ସିହ୍ନାଙ୍କ ଖଣ୍ଡପୀଠ ବିଲୟ ମାମଲା ସମ୍ପର୍କିତ ଆଦେଶକୁ ସୁରକ୍ଷିତ ରଖିଛନ୍ତି। ଅପରପକ୍ଷରେ ଏହି ଖବର ପ୍ରସାରଣ ପରେ ଜୀ ଏଣ୍ଟରଟେନ୍‌ମେଣ୍ଟର ଶେୟାର ମୂଲ୍ୟରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳିଛି। ସେହିଭଳି ଜୀ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜ ଲିମିଟେଡ୍‌କୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ବାର୍ଷିକ ଆଧାର)ରେ ୫୩.୪୨ କୋଟିର କ୍ଷତି ହୋଇଛି। ଏହାର କାରଣ କଲଭର ମ୍ୟାକ୍ସ ସହ ବିଲୟ ବୋଲି କୁହାଯାଇଛି। ତ୍ରୈମାସିକ ସମୟରେ କଲଭର ମ୍ୟାକ୍ସ ସହ ବିଲୟ ଯୋଗୁ କମ୍ପାନୀକୁ ୭୦.୬୪କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଛି। ଏ ସମ୍ପର୍କରେ ଜୀ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ପକ୍ଷରୁ କୁହାଯାଇଛି, କମ୍ପାନୀ ଗତ ବର୍ଷ ସମାନ ତ୍ରୈମାସିକରେ ୧୦୬.୬୦କୋଟି ଟଙ୍କାର ଲାଭ କରିଥିଲା।

## ପିଏଫ୍‌ଏଲ୍‌ର ଅଏଲ ପାମ୍ ମେଗା ପ୍ଲାଣ୍ଟେଶନ ଡ୍ରାଇଭ

**ଭୁବନେଶ୍ୱର, ୧୦।୮ ( ଅଭୟ ଦାଶ)**

ପତଞ୍ଜଳି ଫୁଡ୍‌ସ ଲିମିଟେଡ୍ (ପିଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ଅଭିଯାନ 'ପାମ୍ ଅଏଲର ମେଗା ରୋପଣ କାର୍ଯ୍ୟକ୍ରମ'(ଅଏଲ ପାମ୍ ମେଗା ପ୍ଲାଣ୍ଟେଶନ ଡ୍ରାଇଭ)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଆସାମ ସରକାରଙ୍କ କୃଷି ବିଭାଗ ସହଯୋଗରେ ଆସାମର ତିନ୍‌ସୁକିଆ ଜିଲାରେ ଉକ୍ତ ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏଫ୍‌ଏଲ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପତଞ୍ଜଳିର ପ୍ରମୁଖ ସ୍ୱାମୀ ରାମଦେବଙ୍କ ସମେତ ଆସାମ ସରକାରଙ୍କ କୃଷିମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ



ଏବଂ ପିଏଫ୍‌ଏଲ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଥିବା ଜାତୀୟ ଖାଇବା ତେଲ ମିଶନ ପାମ୍ ଅଏଲ ଅଧୀନରେ ଜାତୀୟସ୍ତରୀୟ ମେଗା ପାମ୍ ଅଏଲ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୬୪ ହଜାର ହେକ୍ଟର ଜମିରେ ପାମ୍ ଅଏଲ ଚାରା ରୋପଣ କରାଯିବ। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ୪୫୦୦ରୁ ଅଧିକ କୃଷକ ଅଂଶ ଗ୍ରହଣ କରିଥିଲେ। ଏପରିକି ରାଜ୍ୟର ୨୫ଟି ପ୍ରମୁଖ ସ୍ଥାନରେ ୨୮୦୦ ମଞ୍ଜି ବଣ୍ଟନ କରାଯାଇଥିଲା। ବିଶେଷକରି ରାଜ୍ୟର ପ୍ରତ୍ୟେକ ଆଶାୟୀ ଚାଷୀ ଆଗକୁ ଆସିବା ସହ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ। ସେହିପରି ଏହି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ଆସାମ ସରକାର ଓ ପିଏଫ୍‌ଏଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ମଧ୍ୟ ହୋଇଛି। ସୂଚନାଯୋଗ୍ୟ, ଦେଶର ପ୍ରମୁଖ ରାଜ୍ୟ ଯଥା କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ନାଗାଲାଣ୍ଡରେ ପାମ୍ ଅଏଲ ରୋପଣ କରାଯାଉଛି। ଏହି ୬ ରାଜ୍ୟର ୧୩ ଜିଲା ଅନ୍ତର୍ଗତ ୧୪ ବ୍ଲକରେ ଉକ୍ତ ଚାଷ କରାଯାଉଛି।

## ନୂଆ ରୂପରେ ଏୟାର ଇଣ୍ଡିଆ

**ଭୁବନେଶ୍ୱର, ୧୦।୮**

ଏୟାର ଇଣ୍ଡିଆର ନୂଆ ଲୋଗୋ ଏବଂ ରଙ୍ଗକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ନୂଆ ଲୋଗୋ ଓ ରଙ୍ଗକୁ ଉନ୍ମୋଚନ କରାଯାଇଛି। ବିଶେଷକରି ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଆଉ ଏକ ପାଦ ଆଗକୁ ବଢ଼ିବା ସହ ନୂଆ ରୂପରେ ଯାତ୍ରୀ ସେବା ଯୋଗାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏୟାର ଇଣ୍ଡିଆର ଲୋଗୋ ଏବଂ ବିମାନର ରୂପରେଖରେ ଅନେକ ପରିବର୍ତ୍ତନ ହୋଇଛି। ସେହିଭଳି ନୂଆ ଲୋଗୋରେ ପୂର୍ବଭଳି ଲାଲ୍ ଏବଂ ଧଳା ରହିଥିବାବେଳେ ନୂଆକରି ବାଇଗଣୀ ରଙ୍ଗକୁ ମଧ୍ୟ ସେଥିରେ ସ୍ଥାନ ଦିଆଯାଇଛି। ଏ ସମ୍ପର୍କରେ ଟାଟା ସନ୍ସର ଅଧ୍ୟକ୍ଷ ଚନ୍ଦ୍ରଶେଖରନ କହିଛନ୍ତି, ବ୍ରାଣ୍ଡର ନୂଆ ଲୋଗୋ ଏୟାରଲାଇନର ଅସୀମ ସମ୍ଭାବନା ଏବଂ ଆତ୍ମବିଶ୍ୱାସକୁ ଦର୍ଶାଉଛି।

ସୂଚନାଯୋଗ୍ୟ, ୨୦୨୨ ଜାନୁୟାରୀରେ ଟାଟା ସନ୍ସ ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ ଏୟାର ଇଣ୍ଡିଆ ଏବଂ ଭିସ୍ତାରାର ମିଶ୍ରଣ ନେଇ ମଧ୍ୟ କମ୍ପାନୀ ଘୋଷଣା କରିଥିଲା। ଏହି ମିଶ୍ରଣ ୨୦୨୪ ସୁଦ୍ଧା ସାରିବାକୁ ଟାଟା ଗ୍ରୁପ୍ ଲକ୍ଷ୍ୟ ରଖିଛି।

## ଫୁର୍‌ସତ

# ବିନା ବିମାନ ଯାତ୍ରାରେ ୧୯୫ ଦେଶ ଭ୍ରମଣ

**କୋପେନହାଗେନ୍**

ଅନେକ ଲୋକ ବୁଲିବାକୁ ପସନ୍ଦ କରନ୍ତି। ଏମିତି ବି କିଛି ଲୋକ ଅଛନ୍ତି ତାଙ୍କ ସଉକ ପୂରଣ କରିବାକୁ ଯାଇ ଅନେକ ଦେଶ ବୁଲି ସାରିଲେଣି। ଡେନ୍‌ମାର୍କ ବାସିନ୍ଦା ତର୍ବଜୋର୍ନ ପେଡେରସନ୍ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ। ପେଡେରସନ୍ ଏ ପର୍ଯ୍ୟନ୍ତ ୧୯୫ ଦେଶ ବୁଲି ସାରିଲେଣି। ହେଲେ ସେ ବିନା ବିମାନ ଯାତ୍ରାରେ ଅନେକ ଦେଶ ବୁଲିଛନ୍ତି। ସେ ୨୦୧୩ରୁ ତାଙ୍କର ଏହି ଯାତ୍ରା ଆରମ୍ଭ କରିଥିଲେ। ସେ ତାଙ୍କ ସହ ଶାର୍ଟ, ଜ୍ୟାକେଟ୍, ଜୋତା ସହ କିଛି ପ୍ରାଥମିକ ଚିକିତ୍ସା ସାମଗ୍ରୀ ନେଇଥିଲେ। ରିପୋର୍ଟ ମୁତାବକ, ସେ ମୋଟ ୨୬୦ ହଜାର ମାଇଲ ଯାତ୍ରା କରିଛନ୍ତି। ତାଙ୍କର ଏହି ଯାତ୍ରାରେ ସେ କାର୍, ବସ୍, ଟ୍ରେନ୍, ଟାକ୍ସି, ଡଙ୍ଗା ଆଦିର ସହାୟତା ନେଇଥିଲେ। ଏଥିସହ କିଛି ହଜାର କି.ମି. ପାଦରେ ମଧ୍ୟ ଚାଲିଥିଲେ। ତେବେ ପେଡେରସନ୍ ଜଣେ ପର୍ଯ୍ୟଟକଙ୍କ କାହାଣୀ ପଢୁଥିଲେ। ତା' ପରେ ତାଙ୍କର ଇଚ୍ଛା ହେଲା ଦେଶ ଭ୍ରମଣ କରିବାକୁ। ସେ ୨୦୧୩ ଅକ୍ଟୋବର ଡେନ୍‌ମାର୍କରୁ



ଜର୍ମାନୀ ଯାଉଥିବା ଟ୍ରେନରେ ଚଢ଼ିଗଲେ। ସେ ପ୍ରତିଦିନ ୨୦ ଡଲାର ଅର୍ଥାତ୍ ୧୬୦୦ ଟଙ୍କା ଖର୍ଚ୍ଚ କରୁଥିଲେ। ଅଧିକାଂଶ ସ୍ଥାନରେ ସେ ଛାତ୍ରଙ୍କ ସହ ଭଡ଼ାରେ ରହୁଥିଲେ। ସେ ପ୍ରତ୍ୟେକ ଦେଶରେ ଅତିକମ୍‌ରେ ୨୪ ଘଣ୍ଟା ବିତାଇଛନ୍ତି। ୨୦୧୪ରେ ତାଙ୍କୁ ଏକ ସାମୁଦ୍ରିକ ଝଡ଼ର ସାମ୍ନା କରିବାକୁ ପଡ଼ିଥିଲା। ପରେ ୨୦୧୫ରେ ଘାନାରେ ତାଙ୍କୁ ସେରେବ୍ରାଲ ମ୍ୟାଲେରିଆ ହୋଇଥିବା ଡାକ୍ତର କହିଥିଲେ। ୨୦୨୦ରେ ସେ ହଙ୍ଗକଙ୍ଗରେ ପହଞ୍ଚିଥିଲେ। ସେଠାରେ ଏକ ଚର୍ଚ୍ଚରେ କାମ କରିବା ସହ ଆସ୍ଥାୟୀ ଆଶ୍ରୟ ମିଳିଗଲା। ଗତବର୍ଷ ସେ ବିବାହ କରିଥିଲେ ଏବଂ ସେହି ବର୍ଷ ସେ ଶେଷ ଥର ଲାଗି ଡେନ୍‌ମାର୍କ ଯାତ୍ରା ଆରମ୍ଭ କରିଥିଲେ।

# ୨ କୋଟିର କାର୍ କିଣିଲେ ଜ୍ୟାକ୍‌ଲିନ୍


ଜ୍ୟାକଲିନ୍ ଫର୍ନାଣ୍ଡିଜ୍

**ମୁମ୍ବାଇ:** ଗତ କିଛି ବର୍ଷ ମଧ୍ୟରେ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ନାଣ୍ଡିଜ୍ ତାଙ୍କ ଫିଲ୍ମକୁ ନେଇ ବର୍ତ୍ତମାନ ଲୋକପ୍ରିୟ ହୋଇପାରିଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ କାରଣକୁ ନେଇ ଅନେକ ଚର୍ଚ୍ଚାରେ ରହିଛନ୍ତି। ଜ୍ୟାକ୍‌ଲିନ ବିଳାସପୂର୍ଣ୍ଣ କାର୍‌କୁ ଅଧିକ ପସନ୍ଦ କରୁଥିବା ଜଣାଶୁଣା। ତାଙ୍କ ପାଖରେ ଅନେକ ବିଳାସପୂର୍ଣ୍ଣ କାର୍ ଥିବାବେଳେ ସେ ନିକଟରେ ଆଉ ଏକ କାର୍ ବିଏମ୍‌ଡବ୍ଲ୍ୟୁ ଆଇ୭ ଇଲେକ୍ଟ୍ରିକ୍ କିଣିଛନ୍ତି, ଯାହାର ମୂଲ୍ୟ ୨ କୋଟି ଟଙ୍କା। ଜ୍ୟାକ୍‌ଲିନ ଅନେକ ବିଳାସପୂର୍ଣ୍ଣ କାର୍‌ରେ ଯାତ୍ରା କରୁଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳିଥାଏ। ଏହି ବିଏମ୍‌ଡବ୍ଲ୍ୟୁ ଆଇ୭ ଇଲେକ୍ଟ୍ରିକ୍ କାର୍ ଘଣ୍ଟା ପ୍ରତି ୨୩୯ କିମି ଯାଇପାରିବ। ତେବେ ଜ୍ୟାକ୍‌ଲିନ ୨୦୦୯ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ଅନେକ ନାମୀ ଅଭିନେତାଙ୍କ ସହିତ ଅଭିନୟ କରି ଦର୍ଶକଙ୍କ ପସନ୍ଦ ମଧ୍ୟ ହୋଇପାରିଛନ୍ତି। ଶେଷଥର ପାଇଁ ତାଙ୍କୁ ଏକ କମେଡି-ଡ୍ରାମା ଚଳଚ୍ଚିତ୍ର 'ସେଲ୍ଫି'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି। ଯେଉଁଥିରେ ସେ ବ୍ୟସ୍ତ ରହିଛନ୍ତି। ଏହା ବ୍ୟତୀତ ସେ ଟେଲିଭିଜନ୍ ଏବଂ କିଛି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଛନ୍ତି।

# ଅମର ହେବାର ନିଶା



**ୱାଶିଂଟନ୍:** ମଣିଷ ହେଉ ଅବା ପଶୁପକ୍ଷୀ ଜୀବଜଗତରେ ସମସ୍ତ ପ୍ରାଣୀ ମରଣଶୀଳ। ହେଲେ ନିକଟରେ ଆମେରିକାର ଜଣେ ବିଜ୍‌ନେସମ୍ୟାନ ଅମର ହେବାକୁ ତାଙ୍କର ସମସ୍ତ ପ୍ରୟାସ ଚଳାଇଛନ୍ତି। ଏବେ ସେ ପ୍ରତିଦିନ ୧୧୦ଟି ବଟିକା ଖାଉଥିବା କହିଛନ୍ତି। ସେ ପ୍ରତ୍ୟେକ ଦିନ ଗୋଟିଏ ସମୟରେ ଶୋଉଥିବାବେଳେ ପୂର୍ବାହ୍ନ ୧୧ଟା ପୂର୍ବରୁ ଖାଦ୍ୟ ଖାଉନାହାନ୍ତି। ରିପୋର୍ଟ ମୁତାବକ, କାଲିଫର୍ନିଆର କୋଟିପତି ଟେକ୍ ଟାଇକନ୍ ବ୍ରାୟନ ଜନସନ୍ ସବୁବେଳ ପାଇଁ ଜୀବିତ ରହି ପ୍ରକୃତିର ନିୟମକୁ ଭଙ୍ଗ କରିବାକୁ ପ୍ରୟାସ ଚଳାଇଛନ୍ତି। ନିକଟରେ ସେ ତାଙ୍କ ଜୀବନଚର୍ଯ୍ୟା ବାବଦରେ କହିଛନ୍ତି। ୪୫ ବର୍ଷୀୟ ଜନସନ୍‌ଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ସେ ସବୁଦିନ ପାଇଁ ଅମର ହୋଇ ରହିବେ। ସେଥିପାଇଁ ସେ ସମସ୍ତ ପ୍ରକାର କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ସେ ନିକଟରେ ତାଙ୍କ ୧୭ ବର୍ଷୀୟ ପୁଅର ପ୍ଲାଜ୍‌ମାକୁ ନିଜ ଦେହରେ ଇଞ୍ଜେକ୍ଟ କରିଛନ୍ତି। ଦୁନିଆରେ ମଣିଷ ଯେତେ ପର୍ଯ୍ୟନ୍ତ ଚାହିଁବ ସେତେ ପର୍ଯ୍ୟନ୍ତ ବଞ୍ଚିପାରିବ ବୋଲି ସେ କହିଛନ୍ତି। ତାଙ୍କ କହିବା କଥା ସେ ଜୀବନର ସମସ୍ତ ନିଷ୍ପତ୍ତି ମସ୍ତିଷ୍କ ସାହାଯ୍ୟରେ କରନ୍ତିନି। ସେ ସବୁଦିନ ରାତି ୮ଟା ପରେ ଶୋଉଥିବାବେଳେ ସକାଳେ ଉଠିଲେ ସେ କାହା ସହ କଥା ହୁଅନ୍ତିନି। ଏହା ଦ୍ୱାରା ତାଙ୍କର ଭାବିବାର କ୍ଷମତା ବୃଦ୍ଧି ପାଇବ। ସେ ସକାଳ ୬ରୁ ପୂର୍ବାହ୍ନ ୧୧ଟା ଭିତରେ ସମସ୍ତ ଖାଦ୍ୟ ଖାଇଥାନ୍ତି, ତା' ପରେ ଆଉ କିଛି ଖାଆନ୍ତିନି। ସେ ତାଙ୍କ ନିଦ ଅନୁସାରେ ସମସ୍ତ କାର୍ଯ୍ୟ କରିଥାନ୍ତି।

# କୁଏଟ୍‌ରେ 'ବାର୍ବି' ନିଷେଧ




**ମୁମ୍ବାଇ:** ଗ୍ରେଟା ଗରୱିଗ୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ବାର୍ବି' ବିଭିନ୍ନ ଦେଶରେ ଲୋକପ୍ରିୟ ହେବାକୁ ଲାଗିଛି। ଏଥିସହ ନିକଟରେ ଏହି ମୁଭି ୧ ବିଲିୟନ୍ ଡଲାରରୁ ଅଧିକ ରୋଜଗାର ମଧ୍ୟ କରିସାରିଲାଣି। କିନ୍ତୁ କିଛି ଦେଶ ଏଥିରେ ପ୍ରତିବନ୍ଧକ ଲଗାଇଛି। ବର୍ତ୍ତମାନ କୁଏଟ୍‌ରେ 'ବାର୍ବି'କୁ ବ୍ୟାନ କରାଯାଇଛି। କୁହାଯାଉଛି ଯେ ସାର୍ବଜନୀନ ନୈତିକତା ଏବଂ ସାମାଜିକ ପରମ୍ପରା ରକ୍ଷା କରିବାକୁ ଯାଇ ଏମିତି କରାଯାଇଛି। ରିପୋର୍ଟ ମୁତାବକ, କୁଏଟ୍ ସେନ୍ସରଶିପ୍ ଅଧ୍ୟକ୍ଷ ଲାଫି ଅଲ୍-ସୁବାଇ କହିଛନ୍ତି, ସେ ବାର୍ବିର ଏପରି ବିଚାରକୁ ବିରୋଧ କରନ୍ତି, ଯାହା ଅସ୍ୱୀକାର୍ଯ୍ୟ ବ୍ୟବହାରକୁ ପ୍ରୋତ୍ସାହିତ କରିଥାଏ ଏବଂ ସାମାଜିକ ମୂଲ୍ୟବୋଧକୁ ଭାଙ୍ଗେ। ସଂସ୍କୃତି ମନ୍ତ୍ରୀ ମହମ୍ମଦ ମୁର୍ତ୍ତଦା କହିଛନ୍ତି, ଏହି ମୁଭି ସମଲିଙ୍ଗତା, ସେକ୍ସୁଆଲ ଟ୍ରାନ୍ସଫର୍ମେଶନକୁ ପ୍ରୋତ୍ସାହିତ କରେ ଏବଂ ବିଶ୍ୱାସ ଓ ନୈତିକତାର ମୂଲ୍ୟକୁ ଖଣ୍ଡନ କରିଥାଏ। ଚଳଚ୍ଚିତ୍ର ଲେଖକ ମନ୍ତ୍ରୀ ମୁର୍ତ୍ତଦାଙ୍କ କଥାରେ ଲେବାନନ୍‌ର ଗୃହମନ୍ତ୍ରୀ ବାସମ ମୌଲବି ଜେନେରାଲ ସିକ୍ୟୁରିଟିର ସେନ୍ସରଶିପ୍ ସମିତିକୁ ଫିଲ୍ମର ସମୀକ୍ଷା କରିବାକୁ କହିଛନ୍ତି। ତେବେ ଫିଲ୍ମରେ ମାର୍ଗଟ ରୋବି ଏବଂ ଆରୟନ୍ ଗ୍ଲସିଂ ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି।

# ଏସିଆ କପ୍‌ର ହାଇବ୍ରିଡ୍ ମଡେଲ



ନିର୍ମଳ କୁମାର ମିଶ୍ର

**ଏସିଆ କପ୍ କ୍ରିକେଟର ୧୬ଶ ସଂସ୍କରଣ ଅଗଷ୍ଟ ୩୦ରୁ ଆରମ୍ଭ ହେବାକୁ ଯାଉଛି। ଭାରତ ମ୍ୟାଚ ଖେଳିବାକୁ ପାକିସ୍ତାନ ଯିବ ନାହିଁ ବୋଲି ମନାକରିବା ପରେ ପ୍ରତିଯୋଗିତାର ଆୟୋଜନକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଆଇସିସିର ହସ୍ତକ୍ଷେପ ଫଳରେ ଟୁର୍ନାମେଣ୍ଟକୁ ହାଇବ୍ରିଡ୍ ମୋଡରେ ଖେଳାଯିବାକୁ ନିଷ୍ପତ୍ତି ହୋଇଥିଲା। ଫଳସ୍ୱରୂପ ପାକିସ୍ତାନରେ ୪ଟି ଏବଂ ଶ୍ରୀଲଙ୍କାରେ ଫାଇନାଲ ସମେତ ୯ଟି ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଏହାର ମ୍ୟାଚ ଶ୍ରୀଲଙ୍କାରେ ଖେଳିବ।**

ଏସିଆନ କ୍ରିକେଟ କାଉନସିଲ୍ (ଏସିସି) ଦ୍ୱାରା ଆୟୋଜିତ ଏସିଆ କପ୍ କ୍ରିକେଟ ଅଗଷ୍ଟ ୩୦ରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାର ୧୬ ତମ ସଂସ୍କରଣ ଆୟୋଜନ ଅଧିକାର ପାକିସ୍ତାନ ପାଇଥିଲା। ମାତ୍ର ଭାରତ ଏସିଆ କପ୍ ମ୍ୟାଚ ଖେଳିବାକୁ ପାକିସ୍ତାନ ଯିବ ନାହିଁ ବୋଲି ସିଧାସଳଖ ମନାକରିବା ପରେ ବିବାଦ ତୀବ୍ରରୂପ ଧାରଣ କରିଥିଲା। ଏପରିକି ଏସିଆ କପ୍ ବାତିଲ ହୋଇଯିବାର ଯଥେଷ୍ଟ ସମ୍ଭାବନା ଉପୁଜିଥିଲା। ୨୦୨୭ ପର୍ଯ୍ୟନ୍ତ ପାକିସ୍ତାନ ବିପକ୍ଷରେ ଭାରତ କୌଣସି ଦ୍ୱିପାକ୍ଷିକ ସିରିଜ ଖେଳିବ ନାହିଁ, ଏପରିକି ଏସିଆ କପ୍ ଖେଳିବା ପାଇଁ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ଭାରତ ସରକାର କହିବା ପରେ ଏହା ବାତିଲ ହେବାର ବହୁ ସମ୍ଭାବନା ରହିଥିଲା। ମାତ୍ର ଏସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟରେ ଅନେକ ଥର ଆଲୋଚନା ସହିତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି)ର ହସ୍ତକ୍ଷେପ ଫଳରେ ବିଶ୍ୱକପ ପୂର୍ବରୁ ଏହି ଟୁର୍ନାମେଣ୍ଟର ବେଶ୍ ଗୁରୁତ୍ୱ ରହିଛି ବୋଲି ଅନୁମାନ କରାଯାଇଥିଲା। ଫଳରେ ଏହାକୁ ହାଇବ୍ରିଡ୍ ମୋଡରେ ଖେଳାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏପରି ମଡେଲକୁ ପାକିସ୍ତାନ ପ୍ରଥମେ ଗ୍ରହଣ କରିପାରି ନ ଥିଲା। ପାକିସ୍ତାନ ଗସ୍ତରେ ଆସିଲେ ଭାରତକୁ ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରାଯିବା ସହିତ ଏହି ଟୁର୍ନାମେଣ୍ଟକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଭାରତ ତାହାକୁ ଗ୍ରହଣ କରି ନ ଥିଲା। ପାକିସ୍ତାନରେ ରାଜନୈତିକ ଭାଷଣବାଜି ଏବଂ ପୂର୍ବତନ ଖେଳାଳିମାନଙ୍କ ସମାଲୋଚନା ଟୁର୍ନାମେଣ୍ଟକୁ ଅନିଶ୍ଚିତତା ମଧ୍ୟକୁ ନେଇଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇସିସି ଏକଦିବସୀୟ ବିଶ୍ୱକପକୁ ଅକ୍ଟୋବରରେ ଭାରତ ଆୟୋଜନ କରିବ। ଏଥିପାଇଁ ଆଇସିସି ଏବଂ ବିସିସିଆଇ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ କରାଯିବା ପରେ ମଧ୍ୟ ପାକିସ୍ତାନ ତା'ର ଜିଦ୍‌ରେ ଅଟଳ ରହିବା ସହିତ ଏହାକୁ ବର୍ଜନ କରିବା ପାଇଁ ଧମକ ଦେଲା। ମାତ୍ର ଏସିସି ଏକ ହାଇବ୍ରିଡ୍ ମଡେଲ ପ୍ରସ୍ତୁତ କରିବା ସହିତ ପାକିସ୍ତାନ ଆୟୋଜକ ହିସାବରେ ୪ଟି ମ୍ୟାଚ ଆୟୋଜନ କରିବ ଏବଂ ନିରପେକ୍ଷ ଭେନ୍ୟୁ ଶ୍ରୀଲଙ୍କାରେ ୯ଟି ମ୍ୟାଚ ଖେଳାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ପ୍ରଥମେ ୟୁଏଇରେ ଏହି ମ୍ୟାଚ ଖେଳାଯିବାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ମାତ୍ର ସେଠାରେ ଅତ୍ୟଧିକ ଗରମ ଯୋଗୁ ଏହା ଗ୍ରହଣୀୟ ହୋଇ ନ ଥିଲା। ଶ୍ରୀଲଙ୍କାରେ ମ୍ୟାଚ ଆୟୋଜନକୁ ନେଇ ଏସିସିର ସମସ୍ତ ଆସୋସିଏଟ ମେମ୍ବର ଦେଶ ସହମତି ପ୍ରକାଶ କରିବା ପରେ ଏହି ହାଇଡ୍ରାମାର ଅନ୍ତ ଘଟିଥିଲା।

ଏହି ମଡେଲ ଅନୁସାରେ ଭାରତ କୌଣସି ମ୍ୟାଚ ଖେଳିବା ପାଇଁ ପାକିସ୍ତାନ ଯିବ ନାହିଁ। ପାକିସ୍ତାନରେ ଉଦ୍‌ଘାଟନୀ ମ୍ୟାଚ ପାକିସ୍ତାନ ଏବଂ ନେପାଳ ମଧ୍ୟରେ ଖେଳାଯିବାକୁ ଥିବା ବେଳେ ଶ୍ରୀଲଙ୍କାରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ତା'ର ପ୍ରଥମ ମ୍ୟାଚ ପାକିସ୍ତାନ ବିପକ୍ଷରେ ସେପ୍ଟେମ୍ବର ୨ରେ କାଣ୍ଡିରେ ଖେଳିବ। ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏକଦିବସୀୟ ବିଶ୍ୱକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପରସ୍ପରକୁ ଅକ୍ଟୋବର ୧୪ରେ ଅହମଦାବାଦରେ ଭେଟିବେ। ଏସିଆନ ସବ୍‌କଣ୍ଟିନେଣ୍ଟରେ ବିଶ୍ୱକପ ଖେଳାଯାଉଥିବାରୁ ଏସିଆ କପ୍ ଖେଳାଳିମାନଙ୍କ ପାଇଁ ବେଶ୍ ଉପଯୋଗୀ ହେବ।



ଏସିଆ କପ୍‌ର ୧୬ ତମ ସଂସ୍କରଣରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମ ଥର ପାଇଁ ନେପାଳ ଏସିସିର ଆସୋସିଏଟ୍ ମେମ୍ବର ଦେଶ ରୂପେ ଏହି ପ୍ରତିଯୋଗିତା ଖେଳିବ। ଅଂଶଗ୍ରହଣ କରିବାକୁ ଥିବା ୬ଟି ଦଳକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ-ଏ'ରେ ଭାରତ, ପାକିସ୍ତାନ ଓ ନେପାଳ ଏବଂ ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ଆଫଗାନିସ୍ତାନ ଏବଂ ବାଂଲାଦେଶ ରହିଛନ୍ତି। ସମସ୍ତ ୬ଟି ଦଳକୁ ନେଇ ଗ୍ରୁପ୍ ଏବଂ ନକ୍‌ଆଉଟ ପଦ୍ଧତିରେ ମ୍ୟାଚ ଖେଳାଯିବ। ସୁପର ଫୋର ପାଇଁ କ୍ୱାଲିଫାଏ କରିଥିବା ଦଳ ମଧ୍ୟରେ ୬ଟି ମ୍ୟାଚ ଅନୁଷ୍ଠିତ ହେବ। ସୁପର ଫୋରର ୨ଟି ଶ୍ରେଷ୍ଠ ଦଳକୁ ନେଇ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏସିସି ଏହି ଟୁର୍ନାମେଣ୍ଟକୁ ୨୦୨୧ରେ ନେପାଳରେ ଟି୨୦ ଫର୍ମାଟ୍‌ରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ମାତ୍ର ତାହା ବାତିଲ ହେବା ପରେ ୨୦୨୨ରେ ଏହା ପାକସ୍ତାନରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାର ୧୪ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ୧୫ତମ ସଂସ୍କରଣରେ ପାକିସ୍ତାନକୁ ହରାଇ ଶ୍ରୀଲଙ୍କା ୬ଷ୍ଠ ଟାଇଟଲ ହାସଲ କରିଥିଲା। ଭାରତ ସୁପର ଫୋର ପର୍ଯ୍ୟାୟକୁ ମଧ୍ୟ ଉନ୍ନୀତ ହୋଇପାରି ନ ଥିଲା। ଏହି ୧୫ତମ ସଂସ୍କରଣର ଫାଇନାଲରେ ପାକିସ୍ତାନକୁ ୨୩ରନ୍‌ରେ ହରାଇ ଶ୍ରୀଲଙ୍କା ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ପ୍ଲେୟର ଅଫ୍ ଦି ସିରିଜ ହୋଇଥିବା ବେଳେ ପାକିସ୍ତାନର ଷ୍ଟାର ବ୍ୟାଟର ମହମ୍ମଦ ରିଜ୍‌ୱାନ ୨୮୧ ରନ୍ ସଂଗ୍ରହ କରିଥିଲେ ଏବଂ ଭାରତର ଭୁବନେଶ୍ୱର କୁମାର ସର୍ବାଧିକ ୧୧ଟି ଉଇକେଟ ନେଇଥିଲେ।

୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ଉଭୟ ଏକଦିବସୀୟ ଏବଂ ଟି-୨୦ ଫର୍ମାଟରେ ଖେଳାଯାଇ ଆସୁଛି। ଭାରତ ସର୍ବାଧିକ ୭ଥର ଏକଦିବସୀୟ ଫର୍ମାଟରେ ଚାମ୍ପିୟନ ହୋଇଥିବା ବେଳେ ଥରେ ଟି୨୦ ଫର୍ମାଟ୍‌ରେ ଚାମ୍ପିୟନ ହୋଇ ସର୍ବାଧିକ ୭ଥର ଟାଇଟଲ ବିଜୟୀ ହୋଇଛି। ଭାରତ ୧୯୮୪, ୧୯୮୮, ୧୯୯୦, ୧୯୯୫, ୨୦୧୦, ୨୦୧୬ ଓ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଫାଇନାଲରେ ସର୍ବାଧିକ ୪ଥର ଶ୍ରୀଲଙ୍କାକୁ ହରାଇଥିବା ବେଳେ ୨ଥର ବାଂଲାଦେଶକୁ ପରାସ୍ତ କରିଛି। ଶ୍ରୀଲଙ୍କା ୬ଥର ଏବଂ ପାକିସ୍ତାନ ୨ଥର ଏହି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ଶ୍ରୀଲଙ୍କା ସମସ୍ତ ୧୫ଟି ସଂସ୍କରଣରେ ଭାଗ ନେଇଥିବା ବେଳେ ଭାରତ, ପାକିସ୍ତାନ ଏବଂ ବାଂଲାଦେଶ ୧୪ଟି ସଂସ୍କରଣରେ ଅଂଶଗ୍ରହଣ କରିଛନ୍ତି।

ଅଭିଜ୍ଞ ଏବଂ ଯୁବ ଦଳକୁ ନେଇ ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜ ଗସ୍ତରେ ରହିଛି। ୩ଟି ଫର୍ମାଟରେ ଯୁବଖେଳାଳିମାନେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବାକୁ ସୁଯୋଗ ପାଇଛନ୍ତି। ଭାରତ ଏହି ସରିଜରେ ଟେଷ୍ଟ ମ୍ୟାଚକୁ ୧-୦ରେ ଜିତିଥିବା ବେଳେ ଏକଦିବସୀୟ ସିରିଜକୁ ମଧ୍ୟ ୨-୧ରେ ଜିତିଛି। ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ସମ୍ପ୍ରତି ବେଶ୍ ରୋମାଞ୍ଚକର ସ୍ଥିତିରେ ୨-୧ରେ ରହିଛି। ଭାରତୀୟ ସ୍ପିନର କୁଲଦୀପ ଯାଦବ ବୋଲିଂରେ ଏବଂ ଆଇପିଏଲ୍ ଷ୍ଟାର ତିଲକ ବର୍ମା ବ୍ୟାଟିଂରେ ପ୍ରଭାବୀ ରହିଛନ୍ତି। ସୂର୍ଯ୍ୟକୁମାର ଯାଦବ ମଧ୍ୟ ୩ୟ ଟି୨୦ରେ ଏକ ଚମତ୍କାର ଇନିଂସ ଖେଳି ଭାରତକୁ ବିଜୟ ଦେଇଛନ୍ତି। ଶେଷ ଦୁଇଟି ମ୍ୟାଚ ୟୁଏସ୍‌ର ଫ୍ଲୋରିଡାରେ ଅଗଷ୍ଟ ୧୨ ଏବଂ ୧୩ ତାରିଖରେ ଖେଳାଯିବ। କିଏ ସିରିଜ ଜିତିବ ତାହା ଏହି ୨ ମ୍ୟାଚରୁ ଜଣାପଡିବ। ଏନ୍ୟ ପକ୍ଷରେ ଏସିଆ କପ୍ ପାଇଁ ଭାରତୀୟ ଦଳ ଏହି ଟି୨୦ ସିରିଜ ପରେ ଘୋଷଣା ହେବ। ଏକ ଶକ୍ତିଶାଳୀ ଯୁବ ଏବଂ ଅଭିଜ୍ଞ ଦଳ ଚୟନ ଉପରେ ବିସିସିଆଇର ନଜର ରହିବ। ଦଳରେ ଯେପରି ସନ୍ତୁଳନ ବଜାୟ ରହିବ ତାହାକୁ ନିଶ୍ଚିତ ପ୍ରାଥମିକତା ଦିଆଯିବ। ସମ୍ପୂର୍ଣ୍ଣ ରୂପେ ବାତିଲ ହୋଇଯିବା ଅପେକ୍ଷା ଏହି ଟୁର୍ନାମେଣ୍ଟର ଆୟୋଜନ ହାଇବ୍ରିଡ୍ ମଡେଲ୍‌ରେ ହେବା ନିଶ୍ଚିତ ଶୁଭ ସୂଚନା।



## ମହିଳା ଫିଫା ବିଶ୍ୱକପ୍

# 'ସକ୍କର ମମ୍'

**ସମାଜରେ ଅନେକ ମହିଳା ଏଭଳି ରହିଛନ୍ତି ଯେଉଁମାନେ ମାତୃତ୍ୱ ଏବଂ କ୍ୟାରିୟର ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିଥାନ୍ତି। ଏପରିକି କ୍ରୀଡ଼ା ସହିତ ଜଡିତ ମହିଳାମାନେ ମଧ୍ୟ ଏଥିରେ ବ୍ୟତିକ୍ରମ ନୁହନ୍ତି। ଏମ.ସି. ମେରିକମ୍‌ଙ୍କ ପରି ଖେଳାଳି ମା' ହେବା ପରେ ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମା' ମାନେ ସାଧାରଣତଃ ଘର ଓ ଶିଶୁଙ୍କ ଯତ୍ନ ନିଅନ୍ତି। ମହିଳା ଫୁଟବଲରେ ମଧ୍ୟ ସମାନ ୱାର୍କିଂ ଓମେନ୍ କନସେପ୍ଟ ରହିଆସିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଚାଲିଥିବା ମହିଳା ଫୁଟବଲ ବିଶ୍ୱକପରେ ଏକାଧିକ ମା' ଫୁଟବଲ ପଡ଼ିଆରେ ନଜର ଆସିଛନ୍ତି। ଏହି ସକ୍କର ମମ୍‌ମାନଙ୍କୁ ନେଇ ଆଜିର ଉପସ୍ଥାପନା....**



ଆମେଲ ମକ୍ରି

ଆଲେକ୍ସ ମୋର୍ଗାନ

ଆମେରିକା ଫୁଟବଲ ଦଳର ଅଧିନାୟିକା ଆଲେକ୍ସ ମୋର୍ଗାନ, କ୍ରିଷ୍ଟେଲ ଡୁନ୍,ଜୁଲି ଏର୍ଟ୍‌ଜଙ୍କ ପରି ଖେଳାଳି ରହିଛନ୍ତି, ଯେଉଁମାନେ ନିକଟ ଅତୀତରେ ମା' ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାମାଇକାର ଚେନ୍ୟା ମାଥ୍ୟୁସ୍, କୋୟନା ପ୍ଲମର୍, ଫ୍ରାନ୍ସର ଆମେଲ ମକ୍ରି, ଆର୍ଜେଣ୍ଟିନାର ଭାନିନା କୋରେଆ, ଆୟୋଜକ ଅଷ୍ଟ୍ରେଲିଆର କାଟ୍ରିନା ଗୋରୀ ଓ ଜର୍ମାନୀର ମେଲାନି ଲିଉପୋଲ୍‌ଜ ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ଫୁଟବଲରେ ପୁରୁଷ ଦଳ ପରି ମହିଳା ଦଳକୁ ପରିବାରକୁ ସାଙ୍ଗରେ ଆଣିବାର ଅଧିକାର କେବଳ ଆମେରିକା ଖେଳାଳିଙ୍କର ରହିଛି। ଫ୍ରାନ୍ସ ଦଳ ଏହି ନିୟମ ଲାଗୁ କରିବାକୁ ଯାଉଛି।

୨୦୧୯ ଫୁଟବଲ ବିଶ୍ୱକପ ଶେଷ ହେବା ପରେ ଆଲେକ୍ସ ମୋର୍ଗାନ୍ ଗର୍ଭଧାରଣ କରିଥିଲେ। ବିଗତ ବିଶ୍ୱକପ୍ ସମୟରେ ଝିଅ ଚାର୍ଲି ଜନ୍ମ ନେଇ ନ ଥିବା ବେଳେ ବର୍ତ୍ତମାନ ଜଣେ ମା' ଓ ଆମେରିକା ଅଧିନାୟିକା ଭାବରେ ତାଙ୍କର ଦାୟିତ୍ୱ ବଢିଯାଇଛି। ତେବେ ମାତୃତ୍ୱ ପରେ ସେ ଅଧିକ ଧୈର୍ଯ୍ୟବାନ ହୋଇଥିବା କହିଛନ୍ତି ମୋର୍ଗାନ। ୨୦୨୨ରେ ଆମେରିକା ଫୁଟବଲରେ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଗଲା। ଏହା ବ୍ୟକ୍ତିଗତ ଭାବରେ ଆମେରିକୀୟ ଖେଳାଳିଙ୍କ ପାଇଁ ସହାୟକ ହୋଇଛି ବୋଲି କହିଛନ୍ତି ମୋର୍ଗାନ। ଏହା ସହିତ ବିଭିନ୍ନ ଟୁର୍‌ରେ ଝିଅ ରହିବା ସହିତ ଭବିଷ୍ୟତରେ ସେ ମଧ୍ୟ ନିଜକୁ ପରିଚାଳନା କରିବାର କୌଶଳ ଶିଖିପାରିବ ଓ ଅଧିକ ଆତ୍ମବିଶ୍ୱାସୀ ହୋଇପାରିବ। ମୋର୍ଗାନଙ୍କ ସହିତ କ୍ରିଷ୍ଟେଲ ଡୁନ୍ ଓ ଜୁଲି ଏର୍ଟ୍‌ଜଙ୍କ ପରି ଖେଳାଳି ୨୦୧୯ ବିଶ୍ୱକପ୍ ପରେ ମା' ହୋଇଥିଲେ। ଏର୍ଟ୍‌ଜ ନିଜ ଶିଶୁକୁ ସାଙ୍ଗରେ ନ ଆଣିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଡୁନ୍‌ଙ୍କ ଶିଶୁ ଆମେରିକା ଦଳ ସହିତ ରହୁଛି। ୨୦୨୧ରେ ଶିଶୁପୁତ୍ର ମାଡେନ୍‌କୁ ଜନ୍ମ ଦେଇଥିଲେ ଏର୍ଟ୍‌ଜ। ଏହା ପୂର୍ବରୁ ଆହତ ସମସ୍ୟା କାରଣରୁ ସେ ଆମେରିକୀୟ ଦଳରୁ ବାଦ୍ ପଡ଼ିଥିଲେ। ମାଡେନ୍ ବର୍ତ୍ତମାନ ନିଜ ପିତା ଓ ଆରିଜୋନାରେ ନିଜ ମାଉସୀମାନଙ୍କ ସହିତ ରହୁଛି। ତେବେ ଶିଶୁପୁତ୍ରର ଜନ୍ମ ପରେ ସେ ମାନସିକ ଭାବରେ ବେଶ୍ ଦୃଢ଼ ହୋଇଥିଲେ। ଏହା ଟିମ୍‌କୁ ଫେରିବାରେ ତାଙ୍କୁ ସାହାଯ୍ୟ କରିଥିଲା ବୋଲି ଏର୍ଟ୍‌ଜ କହିଛନ୍ତି।

ଫ୍ରାନ୍ସ ଦଳର ଖେଳାଳି ଆମେଲ ମକ୍ରି ବିଶ୍ୱକପକୁ ନିଜ ଶିଶୁକୁ ଆଣିଥିଲେ ମଧ୍ୟ ସେ ଦଳ ସହିତ ଯାତ୍ରା କରୁ ନାହିଁ। ହୋଟେଲରେ ଜଣେ ଆୟା ଶିଶୁର ଯତ୍ନ ନେଉଛି। ମକ୍ରିଙ୍କ ୧ ବର୍ଷର ଝିଅ ମରିୟମଙ୍କୁ ସାଙ୍ଗରେ ଆଣିବା ପାଇଁ ଫ୍ରାନ୍ସ ଦଳର କୋଚ୍ ହର୍ଭ ରେନାର୍ଡ ଅନୁମତି ଦେଇଥିଲେ। ଅନ୍ୟ ପକ୍ଷରେ ଖେଳାଳିଙ୍କ ମାନସିକ ସ୍ଥିତି ଭଲ ରହୁଥିବାରୁ ଏହା ଦଳର ପ୍ରଦର୍ଶନକୁ ମଧ୍ୟ ପ୍ରଭାବିତ କରିଥାଏ। ଆମେରିକା ଭଳି ଆଗାମୀ ଦିନରେ ଆମେ ମଧ୍ୟ ଶିଶୁମାନଙ୍କୁ ଦଳ ସହିତ ଯୋଗଦେବାକୁ ଅନୁମତି ଦେବୁ ବୋଲି ମକ୍ରି କହିଛନ୍ତି।

ଆର୍ଜେଣ୍ଟିନା ଦଳର ଗୋଲକିପର ଭାନିନା କୋରେଆ ୨୦୧୧ରେ ମାତୃତ୍ୱ ପାଇଁ ଫୁଟବଲରୁ ବିରତି ନେଇଥିଲେ। ୨୦୧୪ରେ ମା' ହେବା ପରେ ୨୦୧୭ରେ ପୁନର୍ବାର ଫୁଟବଲ ପଡିଆକୁ ଫେରିଥିଲେ। ଯାଆଁଳା ସନ୍ତାନ ଆର୍ଜେଣ୍ଟିନାରେ ରହିଛନ୍ତି। ଉଭୟ ଆସିବାକୁ ରାଜି ନ ଥିବା ବେଳେ ଆର୍ଜେଣ୍ଟିନାରେ ମ୍ୟାଚ୍ ଉପଭୋଗ କରିଥିଲେ।

ଅଷ୍ଟ୍ରେଲିଆର କାଟ୍ରିନା ଗୋରୀ ଆଇଭିଏଫ୍ ଜରିଆରେ ସନ୍ତାନ ଜନ୍ମ ଦେବା ପରେ ଏହାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ତେବେ ଏସବୁ ସମାଲୋଚନାକୁ ପଛରେ ପକାଇ ଫୁଟବଲ ଉପରେ ଧ୍ୟାନ ଦେଇଥିଲେ। ଗୋରୀଙ୍କ ଫୁଟବଲ ତାଙ୍କୁ ପ୍ରସିଦ୍ଧି ଦେଇଥିବା ବେଳେ ଘରୋଇ ଦର୍ଶକଙ୍କ ମଧ୍ୟରେ ଦୁଇ ବର୍ଷର ପୁଅ ହାର୍ପର ମଧ୍ୟ ତାଙ୍କୁ ଷ୍ଟାଡିୟମରେ ରହି ଉତ୍ସାହିତ କରୁଛି।

## ସଫଳତା

ମିଡ୍ ଫିଲ୍ଡରରୁ ୱିଙ୍ଗର
ଷ୍ଟ୍ରାଇକର ପରେ
ଦଳ ମୁଖ୍ୟ ଷ୍ଟ୍ରାଇକର
ପେନାଲ୍ଟି କିକ୍ ଷ୍ଟ୍ରୋକ୍ ରଣନୀତି
କରିବାରେ ଧୂରନ୍ଧର
ଏବେ ସେ ଆମ୍ବାସାଡର
ବ୍ରାଜିଲ ମହିଳା ଫୁଟବଲ ଟିମ୍‌ର
'ମାର୍ଟା' ନାମ ପପୁଲାର।



ଭାରତର ଫାଷ୍ଟ ଲେଡି କୁସ୍ତିଯୋଦ୍ଧା
କବିତାଙ୍କୁ ନେଇ ସାଥୀ
ବାୟୋପିକ ମୁଭି ନିର୍ମାଣ କରିବ
ଏବେ ପ୍ରଯୋଜିକା ପ୍ରୀତି
ଡବ୍ଲ୍ୟୁଡବ୍ଲ୍ୟୁଇରେ ମାତି
ସଂଗ୍ରାମରୁ ସଫଳତା ଯାତ୍ରାକରି
ରଚିଅଛି ବହୁ କୀର୍ତ୍ତି।

ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପରେ
ଆନ୍ଦ୍ରିଆ'ଠି ମାରି ଦ୍ରୁନ
ଅଦିତି ସିନିୟର ବିଶ୍ୱ ଚାମ୍ପିୟନ
କଙ୍ଗ୍ରାଚୁଲେଶନ ଘେନ
ନାରୀ ସଫଳତା ମାନ
ହାଣ୍ଡିଶାଳଠାରୁ ଏରୋପ୍ଲେନ ଯାଏ
ସର୍ଭେକରି ଜାଣ ଘନ।

-ସୁବାସ ଚନ୍ଦ୍ର ପ୍ରଧାନ

# ସ୍ମୃତିରେ ହକି ତାରକା ରାଜୀବ

ଜାତୀୟ ଦଳରେ ଥରେ ଜଣେ ଖେଳାଳି ସ୍ଥାନ ପାଇଲେ ସେ ଦେଶର କ୍ରୀଡ଼ା ସମ୍ବଳ ରୂପେ ବିବେଚିତ ହୁଅନ୍ତି। ତେବେ କ୍ରୀଡ଼ାପଥରେ ଥିବା ବାଧା ଅତିକ୍ରମ କରିବାକୁ ଖେଳାଳି ସକ୍ଷମ ହେଲେ ତାଙ୍କ ଯାତ୍ରାପଥ ସୁଦୀର୍ଘ ହୁଏ। ମାତ୍ର ଆଘାତ ଜନିତ ସମସ୍ୟା ହକି ତାରକା ରାଜୀବ ମିଶ୍ରାଙ୍କ ଯାତ୍ରାପଥକୁ ଶେଷ କରିଦେଇଛି। ସେ ଜୀବନ ସଂଗ୍ରାମରେ ହାରିଯାଇଛନ୍ତି। ରାଜୀବ ନର୍ଦ୍ଦର୍ନ ରେଲୱେର ଲକ୍ଷ୍ନୌ ଡିଭିଜନରେ ମୁଖ୍ୟ ଟିକେଟ ନିରୀକ୍ଷକ ଭାବେ ଚାକିରି କରୁଥିଲେ। ହକି କ୍ୟାରିୟର ପ୍ରାରମ୍ଭରେ ସେ ନର୍ଦ୍ଦର୍ନ ରେଲୱେ ଦଳ ପକ୍ଷରୁ ଜାତୀୟ ହକି ଚାମ୍ପିୟନଶିପ୍ ଖେଳିଥିଲେ। ତାଙ୍କ ପ୍ରତିଭା ଦେଖି ରେଳ ବିଭାଗ ତାଙ୍କୁ ଚାକିରିରେ ନିଯୁକ୍ତି ଦେଇଥିଲା। ଭାରତର ଜାତୀୟ ଦଳରେ ସେ ସେଣ୍ଟର ଫର୍‌ୱାର୍ଡ ଖେଳାଳି ଥିଲେ। କୁଶଳୀ ଖେଳ ପାଇଁ ସେ ଲୋକଲୋଚନକୁ ଆସିଥିଲେ।

ରାଜୀବ ନିଜେ ହକି ଖେଳକୁ ଆସି ନ ଥିଲେ, ବରଂ ତାଙ୍କୁ ହକି ଖେଳାଳି ରୂପେ ଗଢ଼ାଯାଇଥିଲା। ଏହା ସେ ୧୩ ବର୍ଷରେ ଥିଲାବେଳର ଘଟଣା। ହକି କୋଚ୍ ପ୍ରେମ ଶଙ୍କର ଶୁକ୍ଳା ତାଙ୍କୁ କୋଲକାତାରୁ ୟୁପିର ବାରାଣସୀକୁ ଆଣିଥିଲେ। ବାରାଣସୀର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଶିକ୍ଷାକେନ୍ଦ୍ରରେ ତାଙ୍କର ହକି ଶିକ୍ଷା ଆରମ୍ଭ ହୋଇ ଥିଲା।

ବିହାର ହାଜିପୁର ଜିଲାର ଲିଲୁଦାବୈଦ୍ ଗାଁରେ ୧୯୭୭ରେ ରାଜୀବ ଭୂମିଷ୍ଠ ହୋଇଥିଲେ। ତାଙ୍କର ସ୍ତ୍ରୀ ଓ ୨ ପିଲା ଅଛନ୍ତି। ଏବେ ସେମାନେ ତାଙ୍କ ଅବର୍ତ୍ତମାନରେ ଦିନ ବିତାଉଛନ୍ତି। ରାଜୀବଙ୍କ ଉଚ୍ଚ ମାନର ହକି ଦକ୍ଷତା ୧୯୯୭ ଓ ୧୯୯୮ରେ ଦେଖିବାକୁ ମିଳିଥିଲା। ୧୯୯୭ ଜୁନିୟର ବିଶ୍ୱକପ୍ ତାଙ୍କୁ ହକି ତାରକା ରୂପେ ପ୍ରତିଷ୍ଠା ଆଣି ଦେଇଥିଲା। ଇଂଲଣ୍ଡର ମିଲ୍‌ଟନ କେନ୍ସ ସହରରେ ଅନୁଷ୍ଠିତ ହୋଇଥିଲା ଏହି ବିଶ୍ୱ ପ୍ରତିଯୋଗିତା। ଜୁନିୟର ବିଶ୍ୱକପ୍‌ରେ ଭାରତର ରେକର୍ଡ ଭଲ ନ ଥିଲା। ଏଣୁ ଏହି ବିଶ୍ୱକପ୍ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଜର୍ମାନୀ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ରାଜୀବଙ୍କର ଚମକ ଦେଖିବାକୁ ମିଳିଥିଲା। ତାଙ୍କର ଏକ ଡାଇଭିଂ ଶଟ୍ ସ୍ମରଣୀୟ ହୋଇଯାଇଥିଲା। ଏଇ ଗୋଟିଏ ଗୋଲରେ ଭାରତ ଜିତ୍ ହାସଲ କରି ଚୂଡ଼ାନ୍ତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିଥିଲା। ଶଟ୍‌ଟି ରାଜୀବଙ୍କୁ ହକି ଦୁନିଆରେ ଚର୍ଚ୍ଚିତ କରିଥିଲା। ଫାଇନାଲରେ ଅଷ୍ଟ୍ରେଲିଆର ମୁକାବିଲା କରିଥିଲେ ମଧ୍ୟ ଭାରତ ୨-୩ ଗୋଲରେ ହାରିଯାଇ ବିଶ୍ୱକପ୍ ଟ୍ରଫି ମିସ୍ କରିଥିଲା। ତେବେ ଏହି ଟୁର୍ନାମେଣ୍ଟରେ ରାଜୀବ ୯ଟି ଗୋଲ ସ୍କୋରକରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିରେ ତାଙ୍କ ସାଥୀ ଖେଳାଳି ଥିଲେ ଓଡ଼ିଶାର ଦିଲୀପ ତିର୍କୀ। ୧୯୯୮ ସିନିୟର ହକି ବିଶ୍ୱକପ୍ ନେଦରଲାଣ୍ଡ୍ସର ଉଟ୍ରେଚ୍ ସହରରେ ହୋଇଥିଲା। ଭାରତର ଏକ ଅଭ୍ୟାସ ମ୍ୟାଚ୍ ବେଳେ ଗୋଲକିପର ଏ.ବି. ସୁବାୟାଙ୍କ ସହ ରାଜୀବଙ୍କର ଶାରୀରିକ ଧକ୍କା ହୋଇଥିଲା। ତାଙ୍କ ଆଣ୍ଠୁଗଣ୍ଠିରେ ଆଘାତ ଲାଗିବାରୁ ସେ ଆହତ ହୋଇଥିଲେ। ଆଘାତ ଭଲ ନ ହେବାରୁ ରାଜୀବ ଆଉ ଖେଳିପାରି ନ ଥିଲେ। ହକି ଗ୍ଲାନିରେ ରହି ସେ ବାରାଣସୀର ସସୌଲି ନାମକ ସ୍ଥାନରେ ଭଡ଼ାଘରେ ସମୟ ବିତାଉଥିଲେ। ଦିନ କେଇଟା ତଳେ ଉକ୍ତ ଭଡ଼ାଘରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀ ଲୋକମାନେ ସନ୍ଦେହ କରିଥିଲେ। ପୋଲିସ ତାଙ୍କ ମୃତଦେହ ଜବତ କରିବା ପରେ ରାଜୀବଙ୍କ ମୃତ୍ୟୁ ଏକାଧିକ ଦିନ ପୂର୍ବରୁ ଘଟିଥିବା ଜଣାପଡ଼ିଥିଲା। ଆହତ ଅବସ୍ଥା ରାଜୀବଙ୍କ ହକି ଖେଳରେ ବ୍ରେକ୍ ପକାଇଦେଇଥିଲା। ରାଜୀବ ମିଶ୍ରାଙ୍କ ପରି ଜଣେ ପ୍ରତିବଦ୍ଧ ଖେଳାଳି ଆଣ୍ଠୁ ଯନ୍ତ୍ରଣାରୁ ମୁକୁଳି ନ ପାରିବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟରେ ପକାଇଦେଇଛି। ଅନ୍ତର୍ଜାତୀୟ ସ୍ତରୀୟ ଖେଳାଳି ସୃଷ୍ଟି କଠିନ କାର୍ଯ୍ୟ ହୋଇଥିଲା ବେଳେ ହାତ ପାଆନ୍ତାରେ ଥିବା ଜଣେ ପ୍ରତିଭା ଉପଯୁକ୍ତ ସହାୟତା ପାଇ ନ ଥିଲେ। ହକିରୁ ଦୂରେଇରହିବା ରାଜୀବଙ୍କ ପାଇଁ କଷ୍ଟକର ଥିଲା। ତେଣୁ ସେ ମଦ୍ୟାସକ୍ତ ହୋଇ ପଡ଼ିଥିଲେ। ନିଶାକୁ ମାଧ୍ୟମ କରି ମନକୁ ଜିଣୁଥିଲେ। ଏହି ଧାରା ଜାରି ରହିବା ସମ୍ଭବ ନ ଥିଲା। ୪୬ବର୍ଷ ବୟସରେ ସେ ନିଜ ଭଡ଼ାଘରେ ପ୍ରାଣ ହରାଇଥିଲେ। ତାଙ୍କୁ ହକିର 'ସଚିନ ତେନ୍ଦୁଲକର' କୁହାଯାଉଥିଲା।

-ଇଭାନ୍ କୁମାର





# ରାଣୀ, ସର୍ଦ୍ଦାର ସବ୍‌ଜୁନିୟର ଦଳ କୋଚ୍

ଚେନ୍ନାଇ,୧୦।୮(ପି.ଟି.)

ସବ୍ ଜୁନିୟର ସ୍ତରରେ ହକିର ଉନ୍ନତି ପାଇଁ ଦୁଇ ଜଣ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ୧୭ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍ ଭାବରେ ଗୁରୁବାର ନିଯୁକ୍ତ କରାଯାଇଛି। ସର୍ଦ୍ଦାର ସିଂଙ୍କୁ ପୁରୁଷ ସବ୍ ଜୁନିୟର ଦଳ ଓ ରାଣୀ ରାମପାଲଙ୍କୁ ମହିଳା ସବ୍ ଜୁନିୟର ଦଳର ଦାୟିତ୍ୱ ପ୍ରଦାନ କରାଯାଇଛି। ଗୁରୁବାର ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତୀର୍କି ଏହି ଘୋଷଣା କରିଛନ୍ତି। ଚେନ୍ନାଇରେ ଏସିଆନ୍ ହକି ଚାମ୍ପିୟନ୍ସ ଟ୍ରଫି ଜାରି ରହିଥିବା ବେଳେ ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ତୀର୍କି ଏହି ଘୋଷଣା କରିଛନ୍ତି।

ଭାରତୀୟ ହକି ଦଳ ଏହାର କୋଚିଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଚାହୁଁଛି। ତୃଣମୂଳ ସ୍ତରରୁ ଏହି ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବା ପାଇଁ ସର୍ଦ୍ଦାର ଓ ରାଣୀଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ସାମିଲ କରାଯାଇଛି। ଆମେ ୨୧ ବର୍ଷରୁ କମ୍ ଦଳକୁ ଶକ୍ତିଶାଳୀ କରିବା ପାଇଁ ପ୍ରୟାସ ଜାରି ରଖିଛୁ। ତେବେ ବର୍ତ୍ତମାନ ୧୭ ବର୍ଷରୁ କମ ଦଳକୁ ଶକ୍ତିଶାଳୀ କରିବାର ସମୟ ଉପନୀତ ବୋଲି କହିଛନ୍ତି ତୀର୍କି।



ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ବେଳେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ମହିଳା ହକି ଅଧିନାୟିକା ରାଣୀ ରାମପାଲ, ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ସଭାପତି ଦିଲୀପ ତିର୍କୀ, ପୂର୍ବତନ ପୁରୁଷ ହକି ଅଧିନାୟକ ସର୍ଦ୍ଦାର ସିଂ।

ସର୍ଦ୍ଦାର ଓ ରାଣୀଙ୍କ ଦିଗ୍‌ଦର୍ଶନରେ ଉଭୟ ଦଳର ଖେଳାଳି ମାନେ ନିଜକୁ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ପ୍ରସ୍ତୁତ କରିପାରିବେ। ଅଗଷ୍ଟ ୨୧ରେ ଉଭୟ ଦଳର ପ୍ରଥମ କ୍ୟାମ୍ପ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆୟୋଜିତ ହେବ ବୋଲି ତୀର୍କି ସୂଚନା ଦେଇଛନ୍ତି। ୪୫ ଜଣ ଖେଳାଳିଙ୍କୁ

## ରାଉରକେଲାରେ ହେବ ପ୍ରଥମ କ୍ୟାମ୍ପ

ନେଇ ଏହି କ୍ୟାମ୍ପ ଅନୁଷ୍ଠିତ ହେବ।

ତେବେ ୧୩-୧୭ ବର୍ଷ ବୟସର ଖେଳାଳି ମାନଙ୍କୁ ବିଦେଶୀ କୋଚ୍‌ଙ୍କ ଅପେକ୍ଷା ଜାତୀୟ ଦଳର ପୂର୍ବତନ ଖେଳାଳି ମାନେ ସଠିକ ଦିଗରେ ନେଇ ପାରିବେ ବୋଲି ହକି ଇଣ୍ଡିଆର ବିଶ୍ୱାସ ରହିଛି। ଜୁନିୟର ଓ ସବ୍ ଜୁନିୟର ସ୍ତରରେ ଖେଳାଳିଙ୍କ ଏକ ପୁଲ୍ ବନେଇବା ପ୍ରାଥମିକ ଲକ୍ଷ୍ୟ ରହିବ ବୋଲି କହିଛନ୍ତି ସର୍ଦ୍ଦାର ସିଂ। ଏହା ସହିତ ଏପରି ସୁଯୋଗ ମିଳିଥିବାରୁ ହକି ଇଣ୍ଡିଆ ଓ ଦିଲ୍ଲୀପ ତୀର୍କିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହିଳା ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପାଲ ମଧ୍ୟ ଭାରତୀୟ ସବ୍‌ଜୁନିୟର ଦଳକୁ କୋଚ୍ ଭାବରେ ଫେରୁଛନ୍ତି। ତେବେ ରାଣୀ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ହକିରୁ ଅବସର ଗ୍ରହଣ କରିନାହାନ୍ତି। ତେବେ ଏହି ସୁଯୋଗକୁ ସେ ହାତଛଡା କରିବେ ନାହିଁ ବୋଲି ରାଣୀ କହିଛନ୍ତି।

## କୋଚ୍‌ଙ୍କୁ ଜବାବ ମାଗିଲେ ରାଣୀ

ସବ୍ ଜୁନିୟର ମହିଳା ହକି ଦଳର କୋଚ୍ ଭାବରେ ନିଯୁକ୍ତ ହେବା ପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ରାଣୀ ରାମପାଲ୍। ଅନ୍ତର୍ଜାତୀୟ ହକିରୁ ଅବସର ନେଇ ନ ଥିଲେ ମଧ୍ୟ ତାଙ୍କୁ କାହିଁକି ଦଳରୁ ବାଦ ଦିଆଗଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଭାରତୀୟ ମହିଳା ସିନିୟର ଦଳର କୋଚ୍ ରହିଥିବା ଜାନେକ୍ ଶପମାନଙ୍କ ଠାରୁ ଉତ୍ତର ଦାବି କରିଛନ୍ତି ୨୮ ବର୍ଷୀୟା ରାଣୀ। ରାଣୀଙ୍କ ନେତୃତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ହାସଲ କରିଥିଲା। ଏହାପରେ ରାଣୀଙ୍କୁ ଭାରତୀୟ ଦଳରୁ ସାଇଡ ଲାଇନ୍ କରାଯାଇଥିଲା।ଏହାର କାରଣ କଣ ଥିଲା ମୁଁ ଆଜି ପର୍ଯ୍ୟନ୍ତ ଜାଣି ପାରି ନାହିଁ। କେବଳ କୋଚ୍ ହିଁ ଏହାର ଉତ୍ତର ରଖି ପାରିବେ ବୋଲି ରାଣୀ କହିଛନ୍ତି। ତେବେ ଏପର୍ଯ୍ୟନ୍ତ ସେ ଅବସର ସମ୍ପର୍କରେ ଚିନ୍ତା କରି ନାହାନ୍ତି ବୋଲି ରାଣୀ କହିଛନ୍ତି।

# ଆରଡୋର୍‌ର ତୃତୀୟ ବିଜୟ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ସାହେବ ରାଉତ।

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୧୦।୮

(ବିଜୟ ରଣା)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ର ଗୁରୁବାର ୭ମ ଦିବସରେ ଆରଡୋର ଫୁଟ୍‌ବଲ ଏକାଡେମୀ (ସିନିୟର) ୨-୦ ଗୋଲ୍‌ରେ ଲିଙ୍ଗରାଜ କ୍ଲବକୁ ପରାସ୍ତ କରିଛି। ଦଳ ପକ୍ଷରୁ ସାହେବ ରାଉତ (୫୧ତମ ମିନିଟ୍) ଓ ଅଙ୍କିତ ଯାଦବ (୬୨ତମ) ଗୋଲ୍ ସ୍କୋର କରିଥିଲେ। ଦଳର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ଲିଙ୍ଗରାଜ କ୍ଲବର ଏହାଥିଲା କିନ୍ତୁ ପ୍ରଥମ ମ୍ୟାଚ। ମ୍ୟାଚ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ବିଜୟୀ ଦଳର ସାହେବ ରାଉତ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସମିତି ସଦସ୍ୟା ତଥା ବିଶିଷ୍ଟ ଫୁଟ୍‌ବଲ ରେଫରି ସୁଦୀପ୍ତା ଦାଶଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଆଲୋକ ଦେହୁରୀ ଖେଳ ପରିଚାଳନା କରିଥିଲେ। ସକାଓତ ଖାନ୍ ଓ ଶିବ ସାମନ୍ତରାୟ ତାଙ୍କୁ ସହାୟତା କରିଥିଲେ। ଶିବ ଦେହୁରୀ ଚତୁର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ମ୍ୟାଚ ଝାରପଡ଼ା ଫୁଟ୍‌ବଲ କ୍ଲବ ବନାମ ଗ୍ଲୋବାଲ ଫୁଟ୍‌ବଲ କ୍ଲବ ମଧ୍ୟରେ ହେବ।

# ମୁଲ୍ୟୋ ସିଙ୍ଗଲ୍ସ ମୁଖ୍ୟ କୋଚ୍ ନିଯୁକ୍ତ

ନୂଆଦିଲ୍ଲୀ, ୧୦।୮(ପି.ଟି.)

ଗୁଆହାଟୀଠାରେ ନବନିର୍ମିତ ନ୍ୟାଶନାଲ ସେଣ୍ଟର ଫର୍ ଏକ୍ସଲେନ୍ସ (ଏନ୍‌ସିଇ) ପାଇଁ ଇଣ୍ଡୋନେସିଆର ମୁଲ୍ୟୋ ହାଣ୍ଡୋୟୋଙ୍କୁ ସିଙ୍ଗଲ୍ସ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟ ଦୁଇ ବିଦେଶୀ କୋଚ୍‌ଙ୍କୁ ମଧ୍ୟ ନିଯୁକ୍ତି ମିଳିଥିବା ବ୍ୟାଡମିଣ୍ଟନ ଆସୋସିଏଶନ ଅଫ ଇଣ୍ଡିଆ (ବାଇ) ପ୍ରକାଶ କରିଛି। ପୂର୍ବତନ ଅଲ ଇଂଲଣ୍ଡ ଚାମ୍ପିୟନ ରୁଷିଆର ଇଭାନ ସୋଜୋନୋଭଙ୍କୁ ଡବଲ୍ସ କୋଚ୍ ଏବଂ କୋରିଆର ପାର୍କ ତାଏ-ସାଙ୍ଗ୍ ତୃତୀୟ ବିଦେଶୀ କୋଚ୍ ଭାବେ ଏହି ସେଣ୍ଟର ପାଇଁ ନିଯୁକ୍ତି ପାଇବେ। ତାଏ-ସାଙ୍ଗ୍‌ଙ୍କଠାରୁ



ମୁଲ୍ୟୋ ହାଣ୍ଡୋୟୋ

କୋଚିଂ ନେଇ ପି.ଭି. ସିନ୍ଧୁ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିଥିଲେ। ବିଦେଶୀ କୋଚ୍‌ମାନଙ୍କ ସହ କେତେଜଣ ଭାରତୀୟ କୋଚ୍ ମଧ୍ୟ କାର୍ଯ୍ୟ କରିବେ। ଏନ୍‌ସିଇ ହେଉଛି ଆସାମ ସରକାର ଓ ବାଇର ଏକ ମିଳିତ ଉଦ୍ୟମ। ଶୁକ୍ରବାର ଗୁଆହାଟୀରେ ଏହାର ଉଦ୍‌ଘାଟନ ହେବ। ଏଥିରେ ହଷ୍ଟେଲ ସୁବିଧା ସହ ୨୪ଟି ବ୍ୟାଡମିଣ୍ଟନ କୋର୍ଟ ରହିଛି। ୩୦୦୦ ଦର୍ଶକଙ୍କ ପାଇଁ ଆସନ ବ୍ୟବସ୍ଥା ରହିଛି। ଏଥିରେ ଗୋଟିଏ ଜିମ୍ ଏବଂ ଯୋଗ ସେଣ୍ଟର ମଧ୍ୟ ରହିଛି। ଏହି ଏକ୍ସଲେନ୍ସ ସେଣ୍ଟର ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ୩ଜଣ କୋଚ୍ ମୁଲ୍ୟୋ, ସୋଜୋନୋଭ ଓ ପାର୍କଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ବାଇର ଆହୁରି ବଡ଼ବଡ଼ ଯୋଜନା ମାନ ରହିଛି ବୋଲି ଏହାର ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି।

# ୧୯୯ ଆଥଲେଟ୍‌ଙ୍କଠାରୁ ସାମ୍ପଲ ସଂଗ୍ରହ

ନୂଆଦିଲ୍ଲୀ, ୧୦।୮ (ପି.ଟି.): ଆଗାମୀ ଏସିଆନ ଗେମ୍ସ ପୂର୍ବରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ୧୯୯ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟଙ୍କଠାରୁ ଜୁନ୍ ୧ରୁ ଓ ଜୁଲାଇ ୩୧ ପର୍ଯ୍ୟନ୍ତ ୯୦୦ରୁ ଊର୍ଦ୍ଧ୍ୱ ସାମ୍ପଲ ସଂଗ୍ରହ କରିଛି। ନାଡା ସଂଗ୍ରହ କରିଥିବା ୯୧୪ ସାମ୍ପଲ ମଧ୍ୟରେ ଅଧିକାଂଶ ମୂତ୍ର ନମୁନା ରହିଥିବା ବେଳେ ସ୍ୱଳ୍ପ ରକ୍ତ ନମୁନା ରହିଛି। ଦୁଇ ମାସ ମଧ୍ୟରେ ବକ୍ସିଂରେ ୭୧, ଆକ୍ୱାଟିକ୍‌ରେ ୬୫, ୱେଟ୍‌ଲିଫ୍ଟିଂରେ ୫୬, ସାଇକ୍ଲିଂରେ ୫୫, କବାଡ଼ିରେ ୫୨, ରେସ୍‌ଲିଂରେ ୪୬ ଏବଂ ଶୁଟିଂରେ ୪୩ ସାମ୍ପଲ ସଂଗୃହୀତ ହୋଇଛି। ସେହିପରି ଉଶୁରୁ ୩୫, ଫେନ୍‌ସିଂରୁ ୩୩, କାନୋଇରୁ ୩୨, ବ୍ୟାଡମିଣ୍ଟନର ୨୪, ହକିରୁ ୨୩, ରୋଇଂରୁ ୨୦, ଆର୍ଚେରୀରୁ ୧୫, ଫୁଟ୍‌ବଲରୁ ୧୧, ଜୁଡୋରୁ ୧୧, ସଫ୍ଟବଲ୍‌ରୁ୧୦, ଇଲେକ୍ଟ୍ରୋନିକ୍ ସ୍ପୋର୍ଟ୍ସରୁ ୮, ସ୍ପୋର୍ଟ କ୍ଲାଇମ୍ବିଂରୁ ୭ ଏବଂ କ୍ରିକେଟରୁ ୨ ସାମ୍ପଲ ସଂଗ୍ରହ କରାଯାଇଛି। ଦେଶରେ ଟ୍ରେନିଂ ବେଳେ କିମ୍ବା ଘରୋଇ ଇଭେଣ୍ଟ ବେଳେ ଟପ୍ ଦୌଡ଼କୁଦ ଆଥ୍‌ଲେଟମାନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ସେମାନଙ୍କ ମଧ୍ୟରେ ମୁରଲୀ ଶ୍ରୀଶଙ୍କର, ଶାଇଲି ସିଂ, ଏଲ୍‌ଧୋସ୍ ପଲ୍, ଅବ୍‌ଦୁଲା ଅବୁବାରକର, ଜ୍ୟୋତି ଆରାଜୀ, ତେଜସ୍ୱିନ ଶଙ୍କର, ପ୍ରବୀଣ ଚିତ୍ରାଭେଲ୍, ତେଜିନ୍ଦର ପାଲ୍ ସିଂ ଅନ୍ୟତମ।

## ଭବାନୀପାଟଣାରେ ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର, ୧୦।୮

(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ୧୫ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ପ୍ରତିଯୋଗିତା ଚଳିତମାସ ୧୧ରୁ ୧୩ ପର୍ଯ୍ୟନ୍ତ ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନରେ ଅନୁଷ୍ଠିତ ହେବ। କଳାହାଣ୍ଡି ଜିଲ୍ଲା ଚେସ୍ ଆସୋସିଏଶନ୍ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ହେବାକୁ ଯାଉଛି। ୨୦୦୮ ଜାନୁଆରୀ ୧ କିମ୍ବା ତା'ପରେ ଜନ୍ମିତ ଖେଳାଳି ଉପରୋକ୍ତ ଇଭେଣ୍ଟରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ୬୦ ମିନିଟ୍ + ୩୦ ସେକେଣ୍ଡ୍ ସମୟ ନିୟନ୍ତ୍ରଣରେ ଏହି ପ୍ରତିଯୋଗିତା ଖେଳାଯିବ। ଉଭୟ ଓପନ୍ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୧୦ଙ୍କ ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ଖେଳାଳି ଏବଂ କଳାହାଣ୍ଡିର ଶ୍ରେଷ୍ଠ ଖେଳାଳିଙ୍କୁ ମୋଟ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି। ଉଭୟ ଓପନ୍ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ୧୫ ବର୍ଷରୁ କମ୍ ଜାତୀୟ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ୨୦୨୩ରେ ଅଂଶଗ୍ରହଣ କରିବେ। ଜାତୀୟ ପ୍ରତିଯୋଗିତା ମହାରାଷ୍ଟ୍ରର ଜଲଗାଓଁଠାରେ ୨୭ ଡିସେମ୍ବରରୁ ୪ ଜାନୁଆରୀ ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ